


ଆଜି କଳିଙ୍ଗରେ ହକି ଇଣ୍ଡିଆ ଲିଗ୍

▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-202 ♦SATURDAY ♦17 JANUARY 2026 ♦PAGE-12 ♦₹ 7.00

BHUBANESWAR

♦ବର୍ଷ-୪୩ ♦ସଂଖ୍ୟା-୨୦୨ ♦ଶନିବାର ♦୧୭ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପ୍ରତିବର୍ଷ ବଢୁଛି ବିଜୁଳି ଆବଶ୍ୟକତା

# ଆଗକୁ ଅସମ୍ଭାଳ

## ୨୦୩୦ ବେଳକୁ ଲୋଡ଼୍ ୯୫୦୦ ମେଗାୱାଟ

■ ଭୁବନେଶ୍ୱର, ୧୬।୧ (ସମିସ): ଓଡ଼ିଶାରେ ପ୍ରତିବର୍ଷ ବଢ଼ିବଢ଼ି ଚାଲିଛି ବିଜୁଳି ଚାହିଦା। ୨୦୦୭-୦୮ ବର୍ଷରେ ରାଜ୍ୟର ବିଜୁଳି ଚାହିଦା ୧୮୮୪୬ ମେଗା ୟୁନିଟ୍ ଥିବାବେଳେ ୨୦୨୪ରେ ଏହା ପାଖାପାଖି ଅଢ଼େଇଗୁଣ ବୃଦ୍ଧି ପାଇ ୪୬ ହଜାର ମେଗା ୟୁନିଟ୍‌ରେ ଛୁଇଁଛି । ମାତ୍ର ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟର ଶକ୍ତି ଚାହିଦା ଦୁଇଗୁଣ ବୃଦ୍ଧି ପାଇବ ଓ ୨୦୩୦ ବେଳକୁ ପିକ୍ ସମୟରେ ଏହା ୯୪୫୬ ମେଗା ୟୁନିଟ୍ ଅତିକ୍ରମ କରିବ । ଓଡ଼ିଶା ରାଜ୍ୟ ପାଇଁ କେନ୍ଦ୍ର ସରକାରଙ୍କ ଆର୍‌ଏପି ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇବା ପରେ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ସ୍ଥିତି ଓ ଭବିଷ୍ୟତ ଆବଶ୍ୟକତାକୁ ମଧ୍ୟରେ ବିପୁଳ ପାର୍ଥକ୍ୟ ସୃଷ୍ଟି ହେବା ଆଶଙ୍କା କରାଯାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରେ ରାଜ୍ୟରେ ବିଜୁଳି ସମସ୍ୟା ନାହିଁ। ଆବଶ୍ୟକ ତୁଳନାରେ ବିଜୁଳି ଉପଲବ୍ଧ ହେଉଛି। ମାତ୍ର ଭବିଷ୍ୟତରେ ବିଜୁଳି ଚାହିଦା ଢ଼େର ବୃଦ୍ଧି ପାଇବାର ଆଶଙ୍କା ରହିଛି। ୨୦୧୫-୧୬ରେ ରାଜ୍ୟରେ ୨୨୧୨୧ ମେଗା ୟୁନିଟ୍ ବିଜୁଳିର ଆବଶ୍ୟକତା ଥିବାବେଳେ ୨୧୯୫୯ ମେଗା ୟୁନିଟ୍ ବିଜୁଳି ଉପଲବ୍ଧ ହେଉଥିଲା। ମାତ୍ର ଘରୋଇ ସଂସ୍ଥାଗୁଡ଼ିକର ତାପଜ ବିଦ୍ୟୁତ କେନ୍ଦ୍ରରୁ ବିଦ୍ୟୁତ କିଣି ସରକାର ଆବଶ୍ୟକତାକୁ ଭରଣା କରୁଥିଲେ। ବର୍ତ୍ତମାନ ମଧ୍ୟ ରାଜ୍ୟରେ ସମାନ ସ୍ଥିତି ରହିଛି। ସରକାରଙ୍କ ଅଧୀନସ୍ଥ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ବିଜୁଳି ରାଜ୍ୟର ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ



ହେଉନାହିଁ। ଅଧିକାଂଶ ସମୟରେ ଗ୍ରୀଡ୍‌କୋ ଅନ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବିଦ୍ୟୁତ୍ କ୍ରୟ କରି ବିତରଣକାରୀ କମ୍ପାନୀମାନଙ୍କୁ ଯୋଗାଉଛି।

ବର୍ତ୍ତମାନ ସମୟରେ ରାଜ୍ୟରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଅର୍ଥାତ୍ ପ୍ରାୟ ୫୭ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ପ୍ରସ୍ତୁତ ହେଉଛି। ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ହେଉଛି ମୋଟ ୩୦ ପ୍ରତିଶତ। ଅଣପାରମ୍ପରିକ ସୂତ୍ରରୁ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଯାବତୀୟ ଉଦ୍ୟମ ସତ୍ତ୍ୱେ ତାହା ଏଯାଏ ଉତ୍ସାହଜନକ ହୋଇପାରି ନାହିଁ। ରିପୋର୍ଟ ଅନୁସାରେ ଉଭୟ ସୌର ଓ ପବନରୁ ବିଦ୍ୟୁତ୍ ଉତ୍ପାଦନ ପରିମାଣ ୧୩ ପ୍ରତିଶତ ବି ଅତିକ୍ରମ କରିନାହିଁ। ବାୟୋମାସରୁ ମାତ୍ର ୨୦ ମେଗାୱାଟ୍ ବିଦ୍ୟୁତ୍ ▶ପୃଷ୍ଠା-୭

# ନବୀନଙ୍କୁ ଭେଟିଲେ ଅଖିଳେଶ

## ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ଦୃଶ୍ୟମାନ



■ ଭୁବନେଶ୍ୱର, ୧୬।୧ (ସମିସ): ଓଡ଼ିଶା ଗସ୍ତରେ ଥିବା ଉତ୍ତରପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱରରେ ପହଞ୍ଚିବା ପରେ ନବୀନ ନିବାସ ଯାଇ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ ବେଳେ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ସାକ୍ଷାତ ସମ୍ପର୍କରେ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିବା ସହ ଅଖିଳେଶଙ୍କୁ ଭେଟି ଖୁସି ଲାଗିଲା ବୋଲି କହିଛନ୍ତି। ଅନେକ ସମସାମୟିକ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ନବୀନ କହିବା ସହ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଅଖିଳେଶଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବୀନ ନିବାସରୁ ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଅଖିଳେଶ ଯାଦବ କହିଛନ୍ତି ଯେ ▶ପୃଷ୍ଠା-୭

# ନିତିନ ନବୀନ ହେବେ ବିଜେପି ଅଧ୍ୟକ୍ଷ



**ଦଳ ତରଫରୁ ଜାରି ହେଲା ବିଜ୍ଞପ୍ତି**

**୨୦ ତାରିଖରେ ବିଧିବଦ୍ଧ ଘୋଷଣା**

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ଜାନୁଆରୀ ୨୦ ତାରିଖରେ ଶାସକ ଦଳ ବିଜେପିକୁ ନୂଆ ଜାତୀୟ ସଭାପତି ମିଳିବ। ଦଳ ଶୁକ୍ରବାର ଏଥିପାଇଁ ବିଜ୍ଞପ୍ତି ଜାରି କରିଛି। ଏହା ଅନୁସାରେ, ଜାନୁଆରୀ ୧୯ରେ ନାମାଙ୍କନ ଦାଖଲ ହେବ ଓ ୨୦ରେ ଦଳର ନୂଆ ସଭାପତିଙ୍କ ନାମ ଘୋଷଣା କରାଯିବ। ଏବେ ନୀତିନ ନବୀନ ଦଳର କାର୍ଯ୍ୟକାରୀ ସଭାପତି ଅଛନ୍ତି ଓ ଦଳ ତାଙ୍କୁ ନିର୍ବିରୋଧରେ ଅର୍ଥାତ ବିନା ପ୍ରତିଦ୍ୱନ୍ଦ୍ୱୀତାରେ ନିର୍ବାଚିତ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ନୀତିନ ୧୯ରେ ତାଙ୍କର ନାମାଙ୍କନ ଦାଖଲ କରିବେ। ପୂର୍ବରୁ ତାଙ୍କୁ ଡିସେମ୍ବର ୧୪ରେ ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଥିଲା। ବିଜେପି ୨୦୨୦ରେ ଜେପି ନଡ୍ଡାଙ୍କୁ ଜାତୀୟ ସଭାପତି ଭାବେ ନିଯୁକ୍ତ କରିଥିଲା। ତାଙ୍କ କାର୍ଯ୍ୟକାଳ ୨୦୨୪ରେ ଶେଷ ହୋଇଥିଲା। ସେବେଠାରୁ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି ଓ ସେ ବିସ୍ତାରିତ କାର୍ଯ୍ୟକାଳରେ ଅଛନ୍ତି। ନଡ୍ଡା ଏବେ କେନ୍ଦ୍ର ସରକାରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦାୟିତ୍ୱରେ ରହିଛନ୍ତି। ▶ପୃଷ୍ଠା-୭

## ମହାରାଷ୍ଟ୍ର ପୌର ନିର୍ବାଚନ

# ୩ ଦଶନ୍ଧି ପରେ ଠାକ୍‌ରେ ପରିବାର ହରାଇବ ମୁମ୍ବାଇ

**୨୩ ନିଗମରେ ବିଜେପି ମେଣ୍ଟ ଆଗରେ**

**ଲାତୁରରେ କଂଗ୍ରେସ ବିଜୟୀ**

■ ମୁମ୍ବାଇ, ୧୬।୧ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାୟୁତି ମେଣ୍ଟକୁ ବଡ଼ ସଫଳତା ମିଳିଛି। ବିଜେପି ନେତୃତ୍ୱାଧୀନ ଏହି ମେଣ୍ଟ ଏକପାଖିଆ ବିଜୟ ଅଭିମୁଖେ ଅଗ୍ରସର ହେଉଛି। ୧୯ରୁ ୨୩ ପୌର ନିଗମରେ ବିଜେପି ନେତୃତ୍ୱାଧୀନ ମେଣ୍ଟ ଆଗରେ ରହିଛି। ମୁମ୍ବାଇର ବୃହନମୁମ୍ବାଇ ନଗରପାଳିକା (ବିଏମସି)ରେ ବିଜେପି ଏବଂ ଶିବେସନା (ସିନ୍ଦେ) ମେଣ୍ଟ ମୋଟ ୨୨୭ ଆସନରୁ ୧୧୫ଟି ଆଗରେ ରହିଛି। ୯୦ ଆସନରେ ବିଜେପି ଏବଂ ୨୮ ଆସନରେ ଏକନାଥ ସିନ୍ଦେଙ୍କ ଶିବସେନା ଆଗରେ ଚାଲିଛି। ଏପରି ସ୍ଥିତିରେ ଦୀର୍ଘ ତିନି ଦଶନ୍ଧି ପରେ ଠାକରେ ପରିବାର ହାତରୁ ମୁମ୍ବାଇ ଖସି ଯାଇଛି। ସ୍ୱାଧୀନତା ପରେ ୭୭ ବର୍ଷ ହେଲା ବିଏମସି କଂଗ୍ରେସ ଏବଂ ଶିବସେନା ନିୟନ୍ତ୍ରଣରେ ରହିଥିଲା। ୧୯୪୭ରୁ ୧୯୬୭ ଯାଏଁ କଂଗ୍ରେସ ଏବଂ ୧୯୯୦ରୁ ୨୦୨୨ ପର୍ଯ୍ୟନ୍ତ ଅର୍ଥାତ ୩୦ ବର୍ଷ ହେଲା ମେୟର ଆସନ ଶିବସେନା ପାଖରେ ଥିଲା। ପ୍ରଥମ ଥର ପାଇଁ ମୁମ୍ବାଇ ମେୟର ପଦବୀ ବିଜେପି ହାତକୁ ଯାଇପାରେ। ୧୯୮୦ରେ ବିଜେପି ଗଠନ ପରେ ୧୯୯୨ରୁ ୨୦୧୭ ପର୍ଯ୍ୟନ୍ତ ଶିବସେନାକୁ ବିଜେପି ସମର୍ଥନ ଦେଇଥିଲା।

ଶିବସେନାର କିଶୋରୀ ପେଦନେକର ଶେଷ ଥର ପାଇଁ ମୁମ୍ବାଇ ମେୟର ପଦରେ ଥିଲେ। ସେ ୨୦୧୯ ନଭେମ୍ବର ୨୨ ରୁ ୨୦୨୨ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ମାତ୍ର ସେତେବେଳେ ଶିବସେନା ଭାଗ ଭାଗ ହୋଇ ନ ଥିଲା। ଦଳ ବିଭାଜନ ପରେ ମେୟର ପଦ ଖାଲି ରହିଥିଲା। ସେହି ଦିନଠାରୁ ବିଏମସି ପ୍ରଶାସନର ଦାୟିତ୍ୱ ନଗର ଆୟୁକ୍ତ ସମ୍ଭାଳୁ ଥିଲେ। ବିଏମସି ଏସିଆର ସବୁଠାରୁ ବଡ଼ ପୌର ନିଗମ। ଏହାର ବଜେଟ ପ୍ରାୟ ୭୪ ହଜାର କୋଟି। ବିଏମସି ବଜେଟ ଗୋଆ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ ଏବଂ ▶ପୃଷ୍ଠା-୭

# ବାଂଲାଦେଶ ସେନା ଦୁଇ ଫାଳ

## ଲାଗିଛି କ୍ଷମତା ଅକ୍ତିଆର ମୋହ; ଗୃହଯୁଦ୍ଧ ଆଶଙ୍କା

■ ଢାକା, ୧୬।୧ (ଏଜେନ୍ସି): ଛାତ୍ର ନେତା ତଥା ଇନ୍‌କିଲାବ ମଞ୍ଚର ଉସମାନ ହାଦିଙ୍କ ହତ୍ୟା ପରଠୁ ବାଂଲାଦେଶ ଅଶାନ୍ତ ରହିଛି। ହିନ୍ଦୁଙ୍କୁ ନିଶାଣ କରି ହତ୍ୟା କରାଯାଉଛି। ଗତ ୧୮ ତାରିଖରୁ ଏ ପର୍ଯ୍ୟନ୍ତ ୭ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ଛାତ୍ର ନେତା ଏହି ହିଂସା ପାଇଁ ସେନା ଏବଂ ପୁଲିସକୁ ଦାୟୀ କରୁଛନ୍ତି। ଆଉ ଏହା ପଛରେ ଏକ ବଡ଼ କାରଣ ରହିଥିବା ଦାବି କରିଛନ୍ତି। ଏପରି ସମୟରେ ବଡ଼ ସୂଚନା ସାମ୍ନାକୁ ଆସିଛି। ବାଂଲାଦେଶ ସେନାରେ ବିଦ୍ରୋହ ସୃଷ୍ଟି ହୋଇଛି। ଏଥିଯୋଗୁଁ ସେନା ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ସରକାରକୁ ସମର୍ଥନ କରୁଥିବାବେଳେ ଅନ୍ୟ ଗୋଟିଏ ଜମାତ-ଇ-ଇସଲାମୀ ସପକ୍ଷରେ ରହି କ୍ଷମତା ଅକ୍ତିଆର କରିବାକୁ ପ୍ରୟାସ କରୁଛି। ବାଂଲାଦେଶ ସେନା ଖାଲି ▶ପୃଷ୍ଠା-୭

# ବିଦାୟ ନେବାକୁ ଶୀତର ସଜବାଜ

## ଏଥର ଶୀତ ଲହରୀ ୩ ଗୁଣାରୁ ଅଧିକ

**ଝାରସୁଗୁଡ଼ାରେ ଭାଙ୍ଗିଛି ୭୩ ବର୍ଷର ରେକର୍ଡ**

■ ଭୁବନେଶ୍ୱର, ୧୬।୧ (ସମିସ): ରାଜ୍ୟରୁ ବିଦାୟ ନେବ ଶୀତ। ମକର ସଂକ୍ରାନ୍ତି ପରେ ଉତ୍ତରାୟଣ ଗତି ସହ ଧୀରେ ଧୀରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବାରେ ଲାଗିଛି। ଏହାସହ ଆଗକୁ ଏକାଧିକ ପଶ୍ଚିମା ଝଡ଼ ପ୍ରଭାବ ହେତୁ କାଁ ଭାଁ ବର୍ଷା ଆଶଙ୍କା ମଧ୍ୟ ରହୁଛି। ତେଣୁ ରାଜ୍ୟରେ ଅପେକ୍ଷାକୃତ ଥଣ୍ଡାର ପରିମାଣ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ଚଳିତ ବର୍ଷ ରାଜ୍ୟରେ ହୋଇଥିବା ଅନୁଭୂତ ହୋଇଥିବା ଶୀତ ଅନେକ ରେକର୍ଡ ଭାଙ୍ଗିଛି। ପ୍ରାୟ ୮-୧୦ ବର୍ଷ ମଧ୍ୟରେ ଏଭଳି ଶୀତ ଅନୁଭୂତ ହୋଇ ନ ଥିବା ବେଳେ ଚଳିତ ବର୍ଷ ଶୀତ ଏକ ନିଆରା ଅନୁଭୂତି ଦେଇଛି। ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡ଼ା ଓ ଅନ୍ୟ କିଛି ସହରର ଶୀତର ସର୍ବକାଳୀନ ରେକର୍ଡ କରିଛି। ଝାରସୁଗୁଡ଼ାରେ ଏଥର ଅନୁଭୂତ ହୋଇଥିବା ଶୀତ ୭୩ ବର୍ଷର ରେକର୍ଡ ଭାଙ୍ଗିଛି। ପୂର୍ବର ସର୍ବକାଳୀନ ରେକର୍ଡ ୫.୬ ଡିଗ୍ରୀ (୭ ଜାନୁଆରୀ ୨୦୨୩) କୁ ଚଳିତ ବର୍ଷର ଶୀତ ପାଞ୍ଚ ଥର ଭାଙ୍ଗିବା ସହ ସର୍ବକାଳୀନ ରେକର୍ଡର ପ୍ରଥମ ୭ଟି ସ୍ଥାନରେ କେବଳ ଷଷ୍ଠ ସ୍ଥାନକୁ ଛାଡ଼ି ଅବଶିଷ୍ଟ ସ୍ଥାନକୁ ଚଳିତ ବର୍ଷର ତାପମାତ୍ରା ଦଖଲ କରିଛି। ଏବର୍ଷ ୧୦ ଜାନୁଆରୀରେ ଝାରସୁଗୁଡ଼ା ୪.୫ ଡିଗ୍ରୀ ପାରଦ ସହ ଏହା ସର୍ବକାଳୀନ ଶୀତ ରେକର୍ଡରେ ପରିଣତ ହୋଇଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ୨୨ ବର୍ଷର ଓ କଟକର ୨୧ ବର୍ଷର ରେକର୍ଡ ଭାଙ୍ଗିଛି। ଅନ୍ୟପଟେ ଚଳିତ ବର୍ଷ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିଥିବା ▶ପୃଷ୍ଠା-୭

# ବିଦାହେବେ ଅପାରଗ ଅଧ୍ୟାପକ

**କାର୍ଯ୍ୟଦକ୍ଷତା ଓ ସାଧୁତା ସ୍ଥିତି ଯାଞ୍ଚ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୬।୧ (ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପକ/ଅଧ୍ୟାପିକାଙ୍କ ଦକ୍ଷତା ପରଖିବେ ସରକାର। ଦକ୍ଷତା ବିହୀନ ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରିବେ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ପାଇଁ ଅଧ୍ୟାପକ ଅଧ୍ୟାପିକାଙ୍କର ପ୍ରଦର୍ଶନର ସମୀକ୍ଷା କରାଯିବ। ନିରନ୍ତର ଭାବେ ନିମ୍ନ-ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ପ୍ରଦର୍ଶନ ଓ ଆଚରଣକୁ ବିଚାର କରାଯିବ। ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ସରକାରୀ ଡିଗ୍ରୀ କଲେଜର ଅଧ୍ୟକ୍ଷ, ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ସେମାନଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରଦର୍ଶନକୁ ଯାଞ୍ଚ କରିବେ। ସେମାନଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଆସନ୍ତା ୩୧ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧ୍ୟାପକଙ୍କ ଉପରେ ରାଜ୍ୟ ସରକାରଙ୍କ ବାଧ୍ୟତାମୂଳକ ଅବସର ▶ପୃଷ୍ଠା-୭




## ଋଣ କରି ଘିଅ ଖିଆ

# ଇଏମ୍‌ଆଇ ଜାଲରେ ଚାକିରିଆ

## ଆୟର ଅଧା ଋଣ ପରିଶୋଧରେ ଯାଉଛି

■ ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି): ସମ୍ପ୍ରତି ଭାରତୀୟ ପରିବାଗୁଡିକରେ ସଞ୍ଚୟ କମୁଥିବାବେଳେ ଋଣ ଭାର ବଢ଼ି ଚାଲିଛି। ଗତ ଏକ ଦଶକ ମଧ୍ୟରେ ଦେଶରେ ପରିବାର ଗୁଡିକର କରଜ ପରିମାଣ ପାଖାପାଖି ଦୁଇ ଗୁଣ ବୃଦ୍ଧି ପାଇଥିବା ନେଇ ରିଜର୍ଭବ୍ୟାଙ୍କ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ବଜାରରେ ସହଜଲବ୍ଧ ବାଏ ନାଓଁ, ପେ ଲ୍ୟାଟର (ଆଗ ସାମଗ୍ରୀ ନିଅ, ପଛରେ ପରିଶୋଧ କର) ଯୋଜନା ଏବଂ ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଲୋକଙ୍କୁ ସହରରେ ଋଣଗ୍ରସ୍ତ କରାଉଛି। ଇଏମ୍‌ଆଇ ମାଧ୍ୟମରେ ପରିଶୋଧ କରିବା ଲକ୍ଷ୍ୟରେ ଲୋକେ ଅଧିକ ମାତ୍ରାରେ ଋଣ କରିବାରେ ଲାଗିଛନ୍ତି। ବିଶେଷ କରି ଚାକିରିଆ ବର୍ଗ ଏହି ଇଏମ୍‌ଆଇ ଋଣ ଜାଲରେ ପଡୁଛନ୍ତି। ଏପରିକି



**ଦରମାର ୪୦% ଖାଇଯାଉଛି ଇଏମ୍‌ଆଇ**

**ଚାଳିଶି ଭାଗ ଋଣକାରୀ ଗୋଟିଏ କ୍ରେଡିଟ୍ କାର୍ଡର ବିଲ୍ ଅନ୍ୟ ଏକ କାର୍ଡରୁ ସୁଝୁଛନ୍ତି**

ଚାକିରିଆଙ୍କୁ ସେମାନଙ୍କ ଆୟର ଅଧା ଅର୍ଥ ଋଣ ପରିଶୋଧ ବାବଦରେ ବ୍ୟୟ ହେଉଛି। ପ୍ରାୟ ୮୫ ପ୍ରତିଶତ ଋଣଗ୍ରହୀତାଙ୍କ ରୋଜଗାରର ୪୦ ଭାଗ ଟଙ୍କା ଇଏମ୍‌ଆଇ ଖାଇଯାଉଛି। ଏମିତିକି ୪୦% ଋଣକାରୀ ଗୋଟିଏ କ୍ରେଡ଼ିଟ୍ କାଡର୍ ବିଲ୍ ପରିଶୋଧ ପାଇଁ ଅନ୍ୟ ଏକ କ୍ରେଡ଼ିଟ୍ କାଡର୍‌ର ଉପଯୋଗ କରୁଛନ୍ତି। ଋଣ କରି ଘିଅ ଖିଆ ଚାକିରିଆମାନଙ୍କ ସଉକରେ ପରିଣତ ହୋଇଛି ଓ ଏହା ଭବିଷ୍ୟତରେ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ଇରେଜୋଲ୍ୟୁସନ୍ କନସଲ୍ଟାନ୍ସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁସାରେ ବାଏ ନାଓଁ, ପେ ଲ୍ୟାଟର ଯୋଜନା, ଇନ୍‌ଷ୍ଟାଣ୍ଟ ଋଣ ଆପ୍ ଏବଂ ବ୍ୟକ୍ତିଗତ ଋଣ ହଜାର ହଜାର ଲୋକଙ୍କୁ ଏକ ବିପଦପୂର୍ଣ୍ଣ ଋଣ ଜାଲରେ ଫସାଇ ଦେଉଛି। ଏହି ସର୍ଭେରେ ଋଣ ଖିଲାପ, ଚେକ୍ ବାଉନ୍ସ ଏବଂ ରିକଭରୀ ଏଜେଣ୍ଟଙ୍କ ସହିତ ଜଡିତ ସମସ୍ୟା ଉପରେ ଆଚମ୍ବିତ କରିବା ଭଳି ଖବର ଆସିଛି। ୨୦୨୫ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ଦେଶବ୍ୟାପୀ ୧୦,୦୦୦ ଆର୍ଥିକ ▶ପୃଷ୍ଠା-୭

● ବାଲେଶ୍ୱରରେ ଭିଡ଼ ହିଂସାରେ ଯୁବକଙ୍କ ମୃତ୍ୟୁ

## ଧର୍ମାନ୍ଧ ଏବେ ସରକାରଙ୍କ ଗେହ୍ଲାପୁଅ: ଭକ୍ତ

**କାର୍ଯ୍ୟାନୁଷ୍ଠାନ ଦାବିରେ ବର୍ଷିଲା ଏଆଇସିସି**

ଭୁବନେଶ୍ୱର,୧୬ ।୧(ସମିସ): ବାଲେଶ୍ୱରରେ ଏସ୍‌କେ ମକନ୍ଦର ମହମ୍ମଦ ନାମକ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛି ଏଆଇସିସି। ଶୁକ୍ରବାର ଏଆଇସିସି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏଆଇସିସି ପୋଷ୍ଟରେ ଉଲ୍ଲେଖ କରିଛି ଯେ ଓଡ଼ିଶାର ବାଲେଶ୍ୱରରେ ଏସ୍‌କେ ମକନ୍ଦର ମହମ୍ମଦଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏଭଳି ଘଟଣା ସଭ୍ୟ ସମାଜ ପାଇଁ ଏକ ଅପମାନ। ଏଭଳି ଘଟଣା ମାନବ ଜାତିକୁ ଲଜ୍ଜିତ କରୁଛି। ଦେଶରେ ସଂଖ୍ୟାଲଘୁଙ୍କ ବିରୋଧରେ ଏଭଳି ଅପରାଧ କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୧୪ ମସିହାରୁ ଦେଶରେ ଭିଡ଼ହିଂସାକୁ ପ୍ରୋତ୍ସାହିତ କରାଯାଉଛି। ଏହା ବିଜେପିର ଘୃଣା ରାଜନୀତିର ପରିଣାମ। ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦଳ ଦାବି କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରାଯାଇଛି।

ଅନ୍ୟପଟେ ଶୁକ୍ରବାର ସନ୍ଧ୍ୟାରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ଦାସ କହିଛନ୍ତି, ବାଲେଶ୍ୱରରେ ଜଣେ ସଂଖ୍ୟାଲଘୁ ଯୁବକକୁ ସଂଘବଦ୍ଧ ହତ୍ୟା କରାଯାଇଛି। ହିନ୍ଦୁ ଧର୍ମର ମହାନ ଗୁଣକୁ ଏହି ଧର୍ମାନ୍ଧମାନେ ତିଳତିଳ କରି ହତ୍ୟା କରୁଛନ୍ତି। ବିଜେପି ସରକାର ଆସିଲା ଦିନଠୁ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ସଂଖ୍ୟାଲଘୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଛି। ଶେଖ ମକନ୍ଦର ମହମ୍ମଦଙ୍କ ହତ୍ୟାକାରୀଙ୍କୁ ପୁଲିସ ଏପର୍ଯ୍ୟନ୍ତ ଧରିପାରିନାହିଁ। ଯେହେତୁ ସରକାର ଏଭଳି ଅପରାଧୀଙ୍କୁ ପ୍ରଶ୍ରୟ ଦେଉଛି, ପୁଲିସ ନିଜ ଚାକିରି ଯିବା ଭୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଶେଖ ମକରନ୍ଦ ମହମ୍ମଦଙ୍କ ସ୍ତ୍ରୀ ଓ ତିନୋଟି ଛୁଆ ଅଛନ୍ତି। ବର୍ତ୍ତମାନ ସେମାନେ କିଭଳି ଚଳିବେ? ତାଙ୍କ ଅବସ୍ଥା କେମିତି ହେବ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ସମ୍ବଲପୁରରେ ବଙ୍ଗାଳୀ ମୁସଲମାନ ଶ୍ରମିକଙ୍କୁ ହତ୍ୟା କରାଗଲା। ଗଞ୍ଜାମରେ ଦଳିତଙ୍କ ଉପରେ ଅମାନବୀୟ ଅତ୍ୟାଚାର ହେଲା। କିନ୍ତୁ, ସରକାରଙ୍କ ସାମାନ୍ୟତମ ମାନବୀୟତା ନାହିଁ। କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଭଳି ଧର୍ମାନ୍ଧ ଅପରାଧୀ ବିଜେପି ସରକାରଙ୍କ ଗେହ୍ଲାପୁଅ ହୋଇଛନ୍ତି ବୋଲି କଂଗ୍ରେସ କହିଛି। ତେଣୁ ବାଲେଶ୍ୱର ଘଟଣାରେ ଜଡିତ ସମସ୍ତ ଅପରାଧୀଙ୍କୁ ଅବିଳମ୍ବେ ଗିରଫ କରି ଉଚିତ ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଉ ବୋଲି ସଭାପତି ଶ୍ରୀ ଦାସ ଦାବି କରିଛନ୍ତି।

## ୧୮ ରେ ବାଲେଶ୍ୱର ବନଖଣ୍ଡରେ ପକ୍ଷୀ ଗଣନା

ବାଲେଶ୍ୱର, ୧୬।୧(ସମିସ)



● ୫ଟି ରେଞ୍ଜ୍‌ର ୧୦ ସେକ୍ସନରେ ହେବ ଗଣନା
● ୧୩ ଟିମ୍ କରିବେ ୨୧ ନିର୍ଦ୍ଦିଷ୍ଟ ସ୍ଥାନରେ ପକ୍ଷୀ ଗଣନା

ଆସନ୍ତା ୧୮ ତାରିଖ ରବିବାର ବାଲେଶ୍ୱର ବନଖଣ୍ଡରେ ମଧ୍ୟ-ଶୀତକାଳୀନ ଜଳପକ୍ଷୀ ଗଣନା ୨୦୨୬ ହେବ। ଏଥିପାଇଁ ଏକ ଶିବିର ମଧ୍ୟ ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବନଖଣ୍ଡ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ୫ଟି ରେଞ୍ଜ୍‌ରେ ପକ୍ଷୀମାନଙ୍କ ଗଣନା କରାଯିବ। ଏଥିପାଇଁ ୧୩ ଟିମ୍ ଗଠିତ ହୋଇଛି। ମଧ୍ୟ-ଶୀତକାଳୀନ ଜଳପକ୍ଷୀ ଗଣନା ପାଇଁ ନିର୍ଦ୍ଦିଷ୍ଟ ୨୧ଟି ସ୍ଥାନ ଚିହ୍ନଟ କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଚଳିତବର୍ଷ ଶୀତଦିନିଆ ଜଳପ୍ରପାତ ପକ୍ଷୀ ଗଣନା ବାଲେଶ୍ୱରର ୫ଟି ରେଞ୍ଜ୍ ତଥା ଜଳେଶ୍ୱର, ଚାନ୍ଦିପୁର, ନୀଳଗିରି, କୁଲଡ଼ିହା ଓ ସୋରରେ ହେବ। ଜଳେଶ୍ୱର ରେଞ୍ଜ୍‌ର ଉଦୟପୁର ସେକ୍ସନର ମୂରଲିଛଡା, ସୁବର୍ଣ୍ଣରେଖା ରିଭର୍ ମାଉଥ୍ ଓ ତାଳସାରି କ୍ରିକ୍, ଚାନ୍ଦିପୁର ରେଞ୍ଜ୍‌ର ଚାନ୍ଦିପୁର, ଲଙ୍ଗଳେଶ୍ୱର ଓ ତାଳପଦା ସେକ୍ସନର ଆଇଟିଆର କ୍ୟାମ୍ପସ, ଚାନ୍ଦିପୁର ବେଳାଭୂମିରୁ ବୁଢାବଳଙ୍ଗ ନଦୀ, କଷାଫଳ, ଚୌମୁଖ, ଚାଳପଦାରୁ ଇଞ୍ଚୁଡି, ରୂପଖଣ୍ଡ, କଣ୍ଠିଆଚିରା ରିଭର୍ ମାଉଥ୍, ବୁଢାବଳଙ୍ଗ ରିଭର୍ ମାଉଥ୍‌ରୁ ବାହାବଳପୁର ରିଭର୍ ମାଉଥ୍, ନୀଳଗିରି ରେଞ୍ଜ୍‌ର ମିତ୍ରପୁର ସେକ୍ସନର ପଦ୍ମତୋଳା ଲେକ୍, କୁଲଡ଼ିହା ରେଞ୍ଜର ଯୋଡାଛୁଆ ଓ ପଞ୍ଚଲିଙ୍ଗେଶ୍ୱର ସେକ୍ସନର ରିସିଆ, ଖୁମକୁଟ ଓ ବଗାଳିବନ୍ଧ, ସାତଘଟି ଡ୍ୟାମ୍ ଏବଂ ସୋର ରେଞ୍ଜର ଖୁଣ୍ଟାପାଟଣା, କୁପାରି ଓ ଔପଦା ସେକ୍ସନ୍‌ର ସିନ୍ଧୁଆ ଡ୍ୟାମ୍ ଓ ହଦ, ବଣପାରିଆ ପଣ୍ଡ ଓ ଶୋଳଭଉଣୀ ଡ୍ୟାମ ଓ ଦେଶବନ୍ଧରେ ପକ୍ଷୀ ଗଣନା କରାଯିବ। ୧୩ ଟିମ୍‌ରେ ୧୩ ଜଣ ଟିମ୍ ଲିଡର୍ ରହିବେ। ପ୍ରାୟ ୫୦ ଜଣ କର୍ମଚାରୀ ତଥା ପକ୍ଷୀ ବିଶେଷଜ୍ଞ ପ୍ରତି ସ୍ଥାନରେ ପକ୍ଷୀ ଗଣନା ପାଇଁ ସାମିଲ ହେବେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଟିମ୍ ପକ୍ଷରୁ ପକ୍ଷୀ ଗଣନା କରାଯିବ। ଗଣନା ପାଇଁ ଡ଼ଙ୍ଗା ଓ ବାଇନାକୁଲର ଆଦି ସାମଗ୍ରୀ ବ୍ୟବହୃତ କରାଯିବ।

ପ୍ରକାଶ ଥାଉ କି, ପକ୍ଷୀ ଗଣନା ରିପୋର୍ଟ ଅନୁସାରେ ୨୦୧୯ ରେ ବାଲେଶ୍ୱରକୁ ୨୩ ହଜାର ୭୮୭ ପକ୍ଷୀ ଆସିଥିବା ବେଳେ ୨୦୨୦ରେ ୧୧ ହଜାର ୫୩୩ ପକ୍ଷୀ ଆସିଥିଲେ। ସେହିପରି ୨୦୨୧ରେ ୧୪ ହଜାର ୧୫୫ଟି ପକ୍ଷୀ, ୨୦୨୨ରେ ୨୩ ହଜାର ୧୨୦ଟି ପକ୍ଷୀ, ୨୦୨୩ ମସିହାରେ ୨୯ ହଜାର ୮୫୬ଟି ପକ୍ଷୀ, ୨୦୨୪ରେ ୩୭ ହଜାର ୫୭୭ ପକ୍ଷୀ ଆସିଛନ୍ତି। ଏଥିସହ ୨୦୨୫ରେ ୨୯ ହଜାର ୮୧୨ଟି ପକ୍ଷୀ ଆସିଥିଲେ। ଗତବର୍ଷ ପକ୍ଷୀଙ୍କ ଆଗମନ ସଂଖ୍ୟା କମିଯାଇଥିଲା। ପକ୍ଷୀଙ୍କ ପ୍ରଜାତି ସହ ପକ୍ଷୀ ସଂଖ୍ୟା ବି କମିଯାଇଥିଲା। ସବୁ ରେଞ୍ଜ ଅପେକ୍ଷା ଚାନ୍ଦିପୁରକୁ ପ୍ରତିବର୍ଷ ଅଧିକ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ତେବେ ବିଗତ ୭ ବର୍ଷ ଭିତରେ ୨୦୨୪ରେ ଚାନ୍ଦିପୁରରୁ ସର୍ବାଧିକ ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଥିଲା। ଯାହା ୨୦୨୩ ବର୍ଷର ରେକର୍ଡ ଭାଙ୍ଗିଥିଲା। ମାତ୍ର ୨୦୨୫ରେ ଚାନ୍ଦିପୁରକୁ ପକ୍ଷୀଙ୍କ ଆଗମନ ସଂଖ୍ୟା କମିଯାଇଛି। ଚଳିତବର୍ଷ କେତେ ପକ୍ଷୀମାନଙ୍କ ଆଗମନ ହେଉଛି ତାହା ଗଣନା ପରେ ଜଣାପଡ଼ିବ।

## ଓଡ଼ିଶା ପ୍ରବେଶ ଦ୍ୱାର ପୁତିଗନ୍ଧମୟ

**ଅବୈଧ ଡମ୍ପିଂୟାର୍ଡ ଯୋଗୁଁ ଜଳେଶ୍ୱର ଭାବମୂର୍ତ୍ତି କ୍ଷୁଣ୍ଣ**

ଜଳେଶ୍ୱର, ୧୬।୧(ସମିସ): ୬୦ ନଂ ଜାତୀୟ ରାଜପଥ ପଶ୍ଚିମବଙ୍ଗ ସୀମାରୁ ମାତ୍ର ୩ କିମି ଭିତର, ଜଳେଶ୍ୱର ସହର ସନ୍ନିକଟ ସାନ୍ତିଆ ପୋଲଠାରେ ଅବୈଧ ଶବ ଓ ମଲା ଗୋରୁଗାଈ ଫିଙ୍ଗିବାରୁ ଅଞ୍ଚଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଜାତୀୟ ରାଜପଥ ନିର୍ମାଣ ପରେ ଏହି ସ୍ଥାନ ନିର୍ଜନ ହୋଇଯାଇଥିବାରୁ ସହଜରେ ମଲା ଗୃହପାଳିତ ପଶୁ, ଚାଲାଣ ହେଉଥିବା ମୃତ ଗୋରୁଗାଈ, ଅଜଣା ଶବକୁ ଫିଙ୍ଗି ଅସାମାଜିକ ତତ୍ତ୍ୱ ସହଜରେ ଚମ୍ପଟ ମାରୁଛନ୍ତି। ଦୀର୍ଘଦିନ ଧରି ସୀମାନ୍ତ ପ୍ରବେଶ ପଥରେ ଏହି ଭଳି ଅପରାଧିକ କାର୍ଯ୍ୟ ହେଉଥିବା ବେଳେ ନାକଫଟା ଗନ୍ଧ ଯୋଗୁଁ ଅନ୍ଧାରରେ ସହଜରେ ସ୍ଥାନ ଚିହ୍ନଟ ହୋଇପାରୁଛି। ଓଡ଼ିଶାକୁ ଆସୁଥିବା ଶହଶହ ତୀର୍ଥଯାତ୍ରୀ ଯାଉଥିବା ବେଳେ କଟୁ ଗନ୍ଧ ଦ୍ୱାରା ଜଳେଶ୍ୱର ଆସିଗଲା ବୋଲି ଜାଣି ନାକ ଟେକୁଛନ୍ତି। ଏହାର ଗୋଟିଏ କିମି ଆଗକୁ ସହର ଓ ବିଭିନ୍ନ ଅଞ୍ଚଳରୁ ପାଇଖାନା ସଫାକରି ଗାଡ଼ିରେ ଆଣୁଥିବା ଆବର୍ଜନା ପାଣିକୁ ଜାତୀୟ ରାଜପଥ ମଧ୍ୟ ସ୍ଥଳରେ ଢାଳୁଥିବା ମଧ୍ୟ ଦେଖାଯାଉଛି। ଆଉ ୨କିମି, ଆଗକୁ ଗଲେ ନୂଆ ବଜାର ବାଇପାସ୍ ଉପରେ କୁକୁଡ଼ା, ଛେଳି, ମାଛ ମାଂସ ଦୋକାନର ଆବର୍ଜନା, ପଚା ଆମ୍ବ, ଫଳ ମୂଳ ସଢିଥିବା ଅଣ୍ଡା ଓ ମଇଳା ଦୀର୍ଘଦିନ ଧରି ଅବାଧରେ ଫିଙ୍ଗା ଯାଉଛି। ସେଠାରୁ ପ୍ରାୟ ୫କିମି ଦୂର ନନ୍ଦିକା ଜମାଲପୁର ମଧ୍ୟସ୍ଥଳ ବାଇପାସ୍ ପାର୍ଶ୍ୱରେ ଥିବା ଗ୍ରୀନରେ କମ୍ପାନୀର ପରିତ୍ୟକ୍ତ ସ୍ଥାନରେ ସହର କୁଢ଼ କୁଢ଼ ମଇଳା ଆବର୍ଜନା ଠୁଳ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। କେତେକ ବ୍ୟକ୍ତି ଓ ବ୍ୟବସାୟୀ ଦୋକାନରୁ ବାହାରୁଥିବା ଆବର୍ଜନା, ବିବାହ



ବ୍ରତ ମାନଙ୍କରେ ବଳକା ଖାଦ୍ୟ, ପଚା ସଢା ପଦାର୍ଥ ମଧ୍ୟ ଏଣେତେଣେ ପକାଉଛନ୍ତି। କେତେକ ଲୋକଙ୍କ ଗୃହପାଳିତ ପଶୁ, ଗାଈ, ଗୋରୁ, ଛେଳି, ମଇଁଷି, ବିଲେଇ, କୁକୁର ଆଦିକୁ ମୃତ୍ୟୁ ପରେ ଜାତୀୟ ରାଜପଥ କଡରେ ପକାଇବାକୁ ସହଜ ମଣୁଛନ୍ତି। ପୌରପାଳିକାର ଡମ୍ପିଂ ସ୍ଥାନ ନ ଥିବାରୁ ଆବର୍ଜନା ଓ ବ୍ୟର୍ଜ ବସ୍ତୁ ସବୁ ରାସ୍ତାକଡ ଗ୍ରୀନରେ ସ୍ଥାନରେ ଠୁଳ କରି ରହୁଛି। ସେଥିରେ ବେଳେ ବେଳେ ନିଆଁ ଲାଗି ଥିବାରୁ ବିଷାକ୍ତ ଧୂଆଁ ଓ ଦୁର୍ଗନ୍ଧରେ ସହରାଞ୍ଚଳ ପରିବେଶ ଦୂଷିତ ହେଉଛି। ବିଶେଷ କରି ଓଡ଼ିଶାରୁ ପଶ୍ଚିମବଂଗକୁ ବ୍ୟାପକ ପରିମାଣରେ ଅମାନୁଷିକ ଭାବେ ଥାକ ଥାକ କରି ଝୁଲାଇ ଗୋ ଚାଲାଣ ହେଉଥିବା ବେଳେ ବହୁ ଗୋ-ଧନ ମୃତ୍ୟୁମୁଖରେ ପଡୁଛନ୍ତି। ଯାନଗୁଡ଼ିକ ବଞ୍ଚିଥିବା ଗାଈ ଗୋରୁଗୁଡ଼ିକୁ ସୀମାନ୍ତ ସୋନା କଣିଆରେ ଛାଡ଼ିବା ପରେ ମଲା ଗୋରୁଗାଈଗୁଡ଼ିକୁ ଫେରାଇ ଆଣି ସାନ୍ତିଆ ପୋଲ ତଳକୁ ସହଜରେ ଫିଙ୍ଗି ସହଜରେ ଚମ୍ପଟ ମାରୁଛନ୍ତି। ଫଳରେ ଉଭୟ ରାସ୍ତା ପାର୍ଶ୍ୱର ପ୍ରାୟ ୨ କିମି. ପର୍ଯ୍ୟନ୍ତ ଦୁର୍ଗନ୍ଧ ରେ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ବୁଧବାର ସେହି ସ୍ଥାନରେ ୬ଟି ମଲା ଗୋରୁ ଗଦାହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା। ଖୁନ୍ଦା ଖୁନ୍ଦି କରି ଛେଳି ଚାଲାଣ ହେଉଥିବା ବେଳେ ସେଗୁଡିକର ମୃତ୍ୟୁ ହେଲେ ନପକାଇ ସନ୍ତର୍ପଣରେ ସକାଳେ ମାଂସ ଦୋକାନରେ ସହଜରେ ବିକ୍ରି ହୋଇପାରୁଛି। କେତେକ ସଚେତନ ନାଗରିକ ଓ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ କହିବା ଅନୁସାରେ, ପ୍ରଶାସନରେ ଜ୍ଞାତ ସାରରେ ଜାତୀୟ ରାଜପଥରେ ପ୍ରତ୍ୟହ ପ୍ରତିଦିନ ଶହ ଶହ ଛୋଟ ବଡ଼ ଯାନରେ ପଶ୍ଚିମବଂଗକୁ ଗୋ ଚାଲାଣ ହେଉଛି। ତେବେ ପୌରପାଳିକା ଓ ପ୍ରଶାସନ ଏହି ସମସ୍ୟାର ଆଶୁ ସମାଧାନ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ସଂକ୍ରାନ୍ତି ପୁରୁଷଙ୍କ ପୀଠରେ ଛାତ୍ର ଓ ଯୁବପିଢ଼ିଙ୍କୁ ସମର୍ପିତ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୬।୧(ସମିସ): ଛାତ୍ର ଓ ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ। ଭାଷା ସାହିତ୍ୟର ରାଜ୍ୟ ଓଡ଼ିଶାରେ ଓଡ଼ିଆ ଅସ୍ମିତାର ମହତ୍ତ୍ୱ ପ୍ରତିପାଦନ ପାଇଁ ଚାରି ଦିନର ଫକୀରମୋହନ ଜୟନ୍ତୀ ପାଳନ ଗୋଟିଏ ନିର୍ଦ୍ଦିଷ୍ଟ ଦିନକୁ ଯୁବପିଢ଼ିଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା। ଏହି ଉତ୍ସବର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଦୀନେଶ କୁମାର ଦାଶ ମୁଖ୍ୟଅତିଥି, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ସମ୍ମାନିତ ଅତିଥି, ଆଇଆଇଟି ଚେନ୍ନାଇର ଡ. ଉମାଶଙ୍କର ପାତ୍ର ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ।



ଚରମ୍ପା ମହାବିଦ୍ୟାଳୟ ଅଧ୍ୟାପିକା ଡ.ସୁକାନ୍ତି ମହାପାତ୍ର ଓୟୁଏଟି ଭୁବନେଶ୍ୱରର ସହକାରୀ ପ୍ରଫେସର ଡ.ଧର୍ମପଦ ଜେନା, ଅମର୍ଦ୍ଦା ମହାବିଦ୍ୟାଳୟ ଅଧ୍ୟାପକ ସିଦ୍ଧାର୍ଥ ବରାଳ, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଡ. ପ୍ରତୀଚୀ ନନ୍ଦ ଫକୀରମୋହନ ଜୀବନ ଓ ସାହିତ୍ୟ ଉପରେ ଅନୁଭବ ବାଣ୍ଟିଥିଲେ। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ.ସୁବାସଚନ୍ଦ୍ର ପାତ୍ର ପୌରୋହିତ୍ୟ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ପ୍ରାକ୍ ସୂଚନା ରଖିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ ଡ. ସୁକାନ୍ତ ଗିରି ମଞ୍ଚ ଆହ୍ୱାନ କରିଥିବା ସ୍ଥଳେ ଅନ୍ୟତମ କାର୍ଯ୍ୟନିର୍ବାହୀ ସଦସ୍ୟ ବିଷ୍ଣୁ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିସ୍ନାତକ ଛାତ୍ର ବବୁଲ କୁମାର କବିଙ୍କୁ ଫକୀରମୋହନ ଗଳ୍ପ ପୁରସ୍କାର ଏବଂ କମର୍ଦ୍ଦା ଡ଼ିଗ୍ରୀ ମହାବିଦ୍ୟାଳୟ ସୁନୟନା ଶ୍ରୀ ଦେ ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବିଏଡ ଛାତ୍ର ମନୋଜ କୁମାର ମଲିକଙ୍କୁ ଦ୍ୱିତୀୟ ବିଜେତା ରୂପେ ପୁରସ୍କୃତ କରାଯାଇଥିଲା। ଗ୍ରନ୍ଥାଗାରିକ ବିଦ୍ୟୁଲତା ପତିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧ୍ୟକ୍ଷ ତପନ ରାୟ, ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ଡ. ସାରଙ୍ଗଧର ତ୍ରିପାଠୀ, ଗାଳ୍ପିକା ସ୍ମୃତିଲତା ଦାସ ସହଯୋଗ କରିଥିଲେ। ଫକୀରମୋହନ ମହାବିଦ୍ୟାଳୟ, କେକେଏସ ମହାବିଦ୍ୟାଳୟ, ବଳାଙ୍ଗୀ ମହାବିଦ୍ୟାଳୟ ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ 'କଳାକାର' ଅନୁଷ୍ଠାନ କଳାକାରମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଏହାକୁ ଉଦଘାଟନ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶ ଉଦ୍‌ଘାଟିତ

ବାଲେଶ୍ୱର/ନୀଳଗିରି, ୧୬।୧(ସମିସ): ଆଞ୍ଚଳିକ ଶ୍ରୀଜଗନ୍ନାଥ ଚେତନା ପରିଷଦର 'ଭାବ ନୈବେଦ୍ୟ'ରେ ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶ, ଦଶାବତାର, ବିଶ୍ୱ ଶାନ୍ତି ମହାଯଜ୍ଞ, ବାଣିଜ୍ୟ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଶାନ୍ତନୁ ଦାସଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି। ପୂର୍ବାହ୍ନରେ ପାଞ୍ଚ ଶହରୁ ଅଧିକ ମହିଳା ଗଙ୍ଗାଧର ବିଶ୍ୱାଳ, ଶୁଭାଶିଷ ଆଚାର୍ଯ୍ୟ, ଗୋପଲକ୍ଷ୍ମୀ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ନଗର ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟାରେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ, ପୂର୍ବତନ ଏବିଓ ବିକର୍ତ୍ତନ ନାୟକ, ପଣ୍ଡିତ ମନ୍ମଥ ମିଶ୍ର ସମ୍ବର୍ଦ୍ଧିତ ପ୍ରତିଭା ଓ ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ମୁରଲୀଧର ନାୟକ ମଞ୍ଚ ପରିଚାଳନା ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ଆଗାମୀ ଚାରି ଦିନର କାର୍ଯ୍ୟକ୍ରମ ବିଷୟରେ ସୂଚନା, ମାନସ ରଞ୍ଜନ ଦାସ ଅତିଥି ପରିଚୟ କରିଥିଲେ। ନିରଞ୍ଜନ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ରାଜେନ୍ଦ୍ର ପ୍ରଧାନ, ଅଶୋକ ସାହୁ, ହରିହର ଖଟୁଆ, କରୁଣା କର ମହାନ୍ତି, ମଞ୍ଜୁଶ୍ରୀ ପଣ୍ଡା, ଶାନ୍ତିଲତା ମହାନ୍ତି, ନୟନା ପୃଷ୍ଟି, ରମାକାନ୍ତ ନାୟକ, ଲକ୍ଷ୍ମୀ ଧର ବିଶ୍ୱାଳ, ଶଶଧର ସାହୁ, ମହେନ୍ଦ୍ର ସାହୁ, ହରିମୋହନ ଦାସ, ଚନ୍ଦନ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଭରତ ମହାଲିକ, ବିନାୟକ ଦାଶ, ଦାମୋଦର ପଣ୍ଡା, ରବୀନ୍ଦ୍ର ନାୟକ, ସନାତନ ପୃଷ୍ଟି, ହେମନ୍ତ ସାହୁ, ଗୋବିନ୍ଦ ମହାଲିକ ସରୋଜ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ମା' ଅନ୍ଧାରୀ ମଙ୍ଗଳା ଭଜନ ଦଳ, ଅମ୍ବିକା ବାଳିକା ଉଚ୍ଚଙ୍ଗରାଜୀ ବିଦ୍ୟାଳୟ, ଦୀକ୍ଷିତା, ଶୁଭମ, ମାଳବିକା ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ନିହାରିକା ଏଜୁକେସନାଲ ଏଣ୍ଡ ରିସର୍ଚ୍ଚ ସେଣ୍ଟର ମୁଖ୍ୟ ରୀତିକଜୀ ଓ ମୀତା ପଟ୍ଟନାୟକ ସମ୍ବର୍ଦ୍ଧିତ ପ୍ରତିଭା, ଜଗନ୍ନାଥପ୍ରେମୀ ଚନ୍ଦ୍ରବିନ୍ଦୁ ଦାସ ଓ ତପନ ମହାନ୍ତି ଯୋଗ ଦେଇଥିଲେ। ନୃତ୍ୟଶ୍ରୀ କଳା ନିକେତନ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ।

## ସୋର ରେଳ ଷ୍ଟେସନ୍ ଦ୍ୱିତୀୟ ଫୁଟ୍ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ

ସୋର, ୧୬।୧(ସମିସ): ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନ ଅନ୍ତର୍ଗତ ସୋର ରେଳ ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ ଦ୍ୱିତୀୟ ଫୁଟ ଓଭରବ୍ରିଜ ଓ ଲିଫ୍ଟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଦୀର୍ଘଦିନର ଦାବି ପରେ ରେଳ ବିଭାଗ ଗତ ୨୦୨୪ ଜାନୁଆରୀରେ ଏହି ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କେତୋଟି ପିଲାର ଛିଡା କରାଇ ଚୁପ୍ ବସିଥିବା କାରଣରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ସବିରା, ମାର୍କଣା, ବାହାନଗା, ବେଲଦା, ବସ୍ତା ଭଳି ଛୋଟଛୋଟ ରେଳ ଷ୍ଟେସନଗୁଡ଼ିକରେ ଦ୍ୱିତୀୟ ଫୁଟ ଓଭରବ୍ରିଜ୍ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ସୋରରେ ଏହା ଦୀର୍ଘ ଦୁଇବର୍ଷ ହେଲା ନିର୍ମାଣକାର୍ଯ୍ୟ ଶେଷ ହୋଇପାରି ନାହିଁ। ଫଳରେ ଯାତ୍ରୀମାନେ ଟ୍ରେନ୍ ଚଢ଼ିବା ବେଳେ ୧ ନମ୍ବର ୨-୩ ଏବଂ ୪-୫ ନମ୍ବର ପ୍ଲାଟଫର୍ମକୁ ଯିବା ପାଇଁ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଦ୍ୱିତୀୟ ଫୁଟ୍ ଓଭରବ୍ରିଜ୍ ମାର୍କଣା ଏବଂ ସବିରା ଭଳି ଷ୍ଟେସନରେ କାର୍ଯ୍ୟ ଶେଷ ହୋଇଯାଇଥିବା ବେଳେ ସୋରରେ ୧ରୁ ୨କୁ ବିମ୍ ଗାର୍ଡର ଉଠିଛି। ୩ରୁ ୪ ଏବଂ ୪ରୁ ୫ ପ୍ଲାଟଫର୍ମର ଗାର୍ଡର ବିମ ନ ଉଠାଇବାରୁ ଏହି କାର୍ଯ୍ୟ ଅଧପନ୍ତରିଆ ହୋଇ ଶେଷ ହୋଇପାରି ନାହିଁ। ଫଳରେ ଲିଫଟ ବ୍ୟବସ୍ଥା ନଥିବାରୁ ବରିଷ୍ଠ ନାଗରିକ, ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ରୋଗୀମାନେ ଯିବା ଆସିବାରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛି। ସେହିପରି ନବନିର୍ମିତ ୫ ନମ୍ବର ପ୍ଲାଟକୁ ପୂର୍ବ ତରଫରୁ ପାରି ହେବା ପାଇଁ ବ୍ରିଜ କିମ୍ବା ରାସ୍ତାର ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ଘୋର ଅସୁବିଧାରେ



ପଡୁଛନ୍ତି। ଦୁଇ, ତିନି, ଚାରି ଏବଂ ପାଞ୍ଚ ନମ୍ବର ପ୍ଲାଟଫର୍ମ ପାଇଁ କୌଣସି ଗୋଟିଏ ହେଲ ଶୌଚାଳୟ ନଥିବାରୁ ମହିଳା ଏବଂ ଅନ୍ୟ ଯାତ୍ରୀମାନେ ଘୋର ଅସୁବିଧାରେ ପଡୁଛନ୍ତି। ଏହିସବୁ ଅବ୍ୟବସ୍ଥା ସମ୍ପର୍କରେ ସୋର ନାଗରିକ ମଞ୍ଚ ତରଫରୁ ବାରମ୍ବାର ଦାବି ଏବଂ ଆଲୋଚନା ହେଉଥିଲେ ସୁଦ୍ଧା ରେଳ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛି।

## ଚେନ୍ନାଇରେ ଓଡ଼ିଆ ଶ୍ରମିକ ମୃତ

ସୋର, ୧୬।୧(ସମିସ): ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଯୁଧିଷ୍ଠିର ବାରିକ(୫୬) ଦୀର୍ଘବର୍ଷ ଧରି ଚେନ୍ନାଇର ଏକ ଦୋକନରେ କାମ କରୁଥିଲେ। ଆଜି ସକାଳେ ଟ୍ରେନ ଯୋଗେ ଘରକୁ ଫେରିବା ପାଇଁ ଚେନ୍ନାଇ ସେଣ୍ଟ୍ରାଲ ରେଳ ଷ୍ଟେସନକୁ ଆସିଥିବା ବେଳେ ସେଠାରେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ସେ ଷ୍ଟେସନ ନିକଟରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ରାଜୀବଗାନ୍ଧୀ ସରକାରୀ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁନାୱାଲା ପୁଲିସ ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁଧିଷ୍ଠିରଙ୍କର ଦୁଇ ଝିଅ ବିବାହ କରିଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଏକାକୀ ରୁହନ୍ତି। ସେ ଯୁଧିଷ୍ଠିରଙ୍କ ଶବ ଓଡ଼ିଶାକୁ ଆଣିବା ପାଇଁ ଅସହାୟତା ପ୍ରକାଶ କରି ଓଡ଼ିଶା ସରକାରଙ୍କୁ ଶବ ଫେରାଇ ଆଣିବାକୁ ନିବେଦନ କରିଛନ୍ତି।

## ୨୧ରୁ ଆଇଟିଆଇ ପଡ଼ିଆରେ ୬ ଦିନିଆ ଏକ୍ସପୋ ଓଡ଼ିଶା-୨୦୨୬

**ଭାଗନେବେ ୩୬୦ଟି ଷ୍ଟଲ, ୨୩ ତାରିଖ ମହିଳାଙ୍କ ଉଦ୍ଦେଶ୍ୟରେ ହେବ ଉତ୍ସର୍ଗୀକୃତ**

ବାଲେଶ୍ୱର, ୧୬।୧(ସମିସ)

ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ, ଭାରତ ସରକାରଙ୍କ ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି)ର ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଆସନ୍ତା ୨୧ରୁ ୨୬ତାରିଖ ପର୍ଯ୍ୟନ୍ତ ଆଇଟିଆଇ ପଡ଼ିଆରେ ହେବାକୁ ଥିବା ଜାତୀୟ ସ୍ତରର ଶିଳ୍ପ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା-୨୦୨୬' ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ବହୁ ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଶିକ୍ଷାନୁଷ୍ଠାନ, କୁଟୀର ଶିଳ୍ପ, ଅଟୋମୋବାଇଲ ସଂସ୍ଥା, ହୋଟେଲ ଶିଳ୍ପ ନିଜ ନିଜର ଉତ୍ପାଦ ପ୍ରଦର୍ଶନ କରିବେ। ସ୍ଥାନୀୟ ଉଦ୍ୟୋଗ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବିସିଆଇସିର ସଭାପତି ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୟ ଦାସ ଯୋଗଦେଇ ୬ଦିନିଆ 'ଏକ୍ସପୋ ଓଡ଼ିଶା'ର ରୂପରେଖ ସମ୍ପର୍କରେ ଅବଗତ କରିଥିଲେ। ଏହି ଜାତୀୟସ୍ତରୀୟ




ଶିଳ୍ପ ମେଳାରେ ଆଇଟିଆଇ ପଡ଼ିଆର କ୍ଷମତାକୁ ଦୃଷ୍ଟିରେ ରଖି ୩୬୦ଟି ଷ୍ଟଲ ସ୍ଥାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଏଥିରେ ୨୫ଟି କୁଟୀର ଶିଳ୍ପ, ୨୫ଟି ଜିଲ୍ଲା ଶିଳ୍ପ କେନ୍ଦ୍ରର ଓ ୫ଟି ଓରମାସର ଷ୍ଟଲ ରହିବ। ଚାନ୍ଦିପୁର ସ୍ଥିତ ଆଇଟିଆର ଓ ପିଏକ୍ସଇ ପକ୍ଷରୁ ମଧ୍ୟ ଷ୍ଟଲ ଲଗାଯିବ। ବିଗତ ୫ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଅଟୋ ଏକ୍ସପୋ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପଲଟିବ। ଏଥିରେ ଇଭି ସ୍କୁଟର ଓ କାରକୁ ପ୍ରାଧାନ୍ୟ ଦିଆଯିବ। ଏହି ଷ୍ଟଲଗୁଡିକରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବାଣିଜ୍ୟିକ ସଂସ୍ଥାମାନେ ସେମାନଙ୍କର ସାମଗ୍ରୀ ପ୍ରଦର୍ଶନ କରିବେ। ଏଥର ନୂଆ ଖାଦ୍ୟ ଷ୍ଟଲ ଭାବେ ବିଭିନ୍ନ ପ୍ରକାରର ପିଠା, ବିହାରର ପ୍ରସିଦ୍ଧ ଲିଟି ଚୋଖା, ଚମ୍ପାରନ ଖାସି ମାଂସ, ନୟାଗଡ଼ ଛେନାପୋଡ଼, ବାଉଁଶ ଚିକେନ, ବାଉଁଶ ମଟନ, ପତ୍ରପୋଡା ଚିକେନ ପ୍ରଭୃତି ସମସ୍ତଙ୍କୁ ଆନନ୍ଦ ଦେବ। ଏକ୍ସପୋରେ ମହିଳା ଉଦ୍‌ଯୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ପାଭିଲିଅନ ରହିବ। ୨୩ ତାରିଖ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବ। ବାଲେଶ୍ୱର ଜିଲ୍ଲାର ମହିଳା ଉଦ୍ୟୋଗୀଙ୍କ ସହିତ ଜିଲ୍ଲା ପ୍ରଶାସନର ମହିଳା ଅଧିକାରୀମାନେ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେବେ। ଏତଦବ୍ୟତୀତ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳା, ସଙ୍ଗୀତ ଓ ନୃତ୍ୟ କଳାକାରଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ଖ୍ୟାତନାମା କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ। ୨୨ତମ ବର୍ଷରେ ପଦାର୍ପଣ ସହ ବାଲେଶ୍ୱର ଜିଲ୍ଲା ପାଇଁ ପରମ୍ପରା ସୃଷ୍ଟି କରିଥିବା ଏହି ଶିଳ୍ପ ମେଳା 'ଏକ୍ସପୋ ଓଡ଼ିଶା'ରେ ଅଧିକରୁ ଅଧିକ ସଂଖ୍ୟକ ଯୋଗଦାନ ସହ ଏହାକୁ ସଫଳ କରିବାକୁ ଶ୍ରୀ ଦାସ ସମସ୍ତଙ୍କୁ ନିବେଦନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିଆଇସି ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା, ଉପସଭାପତି (ଟ୍ରେଡସ) ଭଗବାନ ଗୁପ୍ତା, ସମ୍ପାଦକ (ଏମଏସଏମଇ) ରାଜେନ୍ଦ୍ର ଗୁପ୍ତା, ସମ୍ପାଦକ (ଟ୍ରେଡସ) ଶିବୁ ପୋଦାର, ସାଂସ୍କୃତିକ କମିଟି ସଦସ୍ୟ ଚିନ୍ମୟ ବିଶ୍ୱାଳ, ୱିମେନ ବିସିଆଇସିର ଆବାହିକା ସୁପ୍ରିୟା ମିଶ୍ର ପ୍ରମୁଖ ମତ ରଖିଥିଲେ। ବିସିଆଇସିର ସାଧାରଣ ସମ୍ପାଦକ ସୁନୀଲ ମୋଦି ଧନ୍ୟବାଦ ଦେଇଥିଲେ।

## ସିଧୁ କାହ୍ନୁ ହରିଣବନ୍ଧ କ୍ଲବ୍ ଫୁଟ୍‌ବଲ ପ୍ରତିଯୋଗିତା



ଜଳେଶ୍ୱର ବ୍ଲକ, ୧୬।୧(ସମିସ): ଜଳେଶ୍ୱର ନିର୍ବାଚନୀମଣ୍ଡଳୀର ଖୁଆର୍ଡ ଗ୍ରାମପଞ୍ଚାୟତର ହରିଣାବନ୍ଧ ଗ୍ରାମରେ ଶିଧୁ କାହ୍ନୁ କ୍ଲବ ପକ୍ଷରୁ ୨୫ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ, ଯୁବନେତା କାଳୀଚରଣ ଦାସ, ମଣ୍ଡଳ ସଭାପତି ସଞ୍ଜୀବ ଜେନା, ତରୁଣ ପଟ୍ଟନାୟକ, ସୁଜିତ ଦାସ, ଅଜିତ ଘୋଷ, ଅଜିତ ବେହେରା ତାପସ ପାଣଗ୍ରାହୀ, ସନତ ସାହୁ, ନିହାର ରଞ୍ଜନ ଦାସ, ବ୍ରଜକିଶୋର ଗିରି, ମହେନ୍ଦ୍ର ମାରାଣ୍ଡି, ତପନ ସାହୁ, କମଳାକାନ୍ତ ପାତ୍ର ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରୟାଲ ଟାଇଗର ହରିଣବନ୍ଧ ସରକାର ଫୁଟବଲ ଟିମ୍ ରୂପସା ମଧ୍ୟରେ ରୂପସା ଦଳ ଚାମ୍ପିଅନ ହୋଇଛି। ଏଥିରେ ହରିଣବନ୍ଧ କ୍ଲବର ସଦସ୍ୟ ଦୁଲା ବେସ୍ରା, ଜଗନ୍ନାଥ ବେସ୍ରାନବୀନ ହାଁସଦା, ଅନନ୍ତ ସିଂ, ଗଙ୍ଗାଧର କୀସ୍କୁ, ବସ୍ତା କିସ୍କି, ରଞ୍ଜନ ସିଂ, କାହ୍ନୁରୁ ମୁର୍ମୁ, ଗଣେଶ ସିଂ, ବିଷ୍ଣୁ ହେମ୍ରମ୍, ପ୍ରକାଶ ସିଂ, ବିଦ୍ୟାଧର ହାଁସଦା, ଜିତେନ୍ଦ୍ର ହାଁସଦା, ଜିତେନ୍ଦ୍ର ମୁର୍ମୁ, ପ୍ରମୁଖ ଉପସ୍ଥିତ ଥିଲେ।

# ଇଫକୋ ଡିଏଭିରେ ପୁଷ୍ପକଳା ପ୍ରଦର୍ଶନୀ



ପାରାଦୀପ,୧୪।୧(ସମିସ): ଇଫ୍‌କୋ ଡିଏଭି ସ୍କୁଲ ପରିସରରେ ବିଦ୍ୟାଳୟର ଅଧକ୍ଷ ସମ୍ବିତ ସୁକୁମାର ଚିନ୍ନରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ କଳାତ୍ମକ ଭାବନାରେ ଅଭିଭାବକଙ୍କ ପୁଷ୍ପକଳା ଓ କୁଣ୍ଡରେ ବୃକ୍ଷ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସପତ୍ନୀଙ୍କ ସହ ବିଜୟ କୁମାର ପରିଜା, ସମ୍ମାନିତ ଅତିଥି ଭାବେ ଇଫ୍‌କୋ ମହାପ୍ରବନ୍ଧକ (ଯୋଜନା ଓ ବିକାଶ) ଜୟନ୍ତ କୁମାର ଜେନା, ବରିଷ୍ଠ ସହାୟକ ଇଫକୋ ମହାପ୍ରବନ୍ଧକ (ଯୋଜନା ଓ ବିକାଶ) ବିଜୟ କୁମାର ପରିଜା ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡିଏଭି ଇଫକୋର ଅଧକ୍ଷ ସମ୍ବିତ ସୁକୁମାର ଚିନ୍ନରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏଥିରେ ପୁଷ୍ପକଳା ପ୍ରଦର୍ଶନୀ ପାଇଁ ପ୍ରାୟ ୨୨ ଜଣ ଯୋଗଦାନ କରିଥିଲେ। କୁଣ୍ଡରେ ବୃକ୍ଷର ଯତ୍ନ ପ୍ରତିଯୋଗିତାରେ ପ୍ରାୟ ୪୪ ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ନିଜ ହାତଲଗା ବୃକ୍ଷର ଯତ୍ନ ଓ ଉପକାରିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବୃକ୍ଷରୋପଣ ଉପରେ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ରତ୍ନପନ୍ନା ସିଂହ ନିଜର ଅଭିବ୍ୟକ୍ତି ରଖିଥିଲେ ଓ ଚତୁର୍ଥ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସାଧନା ସଦଗତି ବେହେରା ବୃକ୍ଷ ଉପରେ ଏକ ସୁନ୍ଦର କବିତା ଅଭିନୟ କରିଥଲେ। ପୁଷ୍ପକଳା ପ୍ରଦର୍ଶନୀ ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାତୀ ସୁଚରିତା ଜେନା ଓ ସୌମି ଚକ୍ରବର୍ତ୍ତୀ ଓ କୁଣ୍ଡରେ ବୃକ୍ଷର ପ୍ରଦର୍ଶନୀ ଶୁଭସ୍ମିତା ମହାନ୍ତି, ଶର୍ମିଳା ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ନାୟକ ତତ୍ତ୍ୱାବଧାନ କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସଫଳତାରେ ଇଫକୋ, ପାରାଦୀପ ବିଭାଗର ବିଭାଗୀୟ ମୁଖ୍ୟ ପିକେ ମହାପାତ୍ର, ଓଡିଶା ଜୋନ୍ ଡିଏଭି ସମୂହର ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଏବଂ ନିର୍ବାହିକା ଡ. ସୁଜାତା ସାହୁ ପ୍ରଶଂସା କରିଥିଲେ।

# କଣ୍ଟୁଣିଆରେ ବ୍ୟାସକବି ଜୟନ୍ତୀ

ନାଉଗାଁ,୧୬।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଟୁଣିଆ ସ୍ଥିତ ଫକୀରମୋହନ ସେନାପତି ସ୍ମୃତି ପାଠାଗାର ପକ୍ଷରୁ ବ୍ୟାସକବି ଫକୀରମୋହନ ଜୟନ୍ତୀ ଓ ମକର ଉତ୍ସବ ପାଳିତ ହୋଇଯାଇଛି। ପାଠାଗାର ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ସଭାରେ ମୁଖ୍ୟଅତିଥି ଭାବେ ଡ.ସୁରେନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟବକ୍ତା ଡ. ଦିଲ୍ଲୀପ କୁମାର ସେନାପତି, ସମ୍ମାନିତ ଅତିଥି ଭାବରେ ନଳିନୀକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ କବୟିତ୍ରୀ କଳ୍ପନା ବିଶ୍ୱାଳ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ସାଧାରଣ ସଭାରେ ଉଦ୍‌ଘାଟକ ଭାବରେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ମୁଖ୍ୟବକ୍ତା ଭାବରେ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଜଗତସିଂହପୁରର ଅଧକ୍ଷା ଡ. ସୁଜାତା ଓଡ୍ରା ଓ ପାଠାଗାରର ସଭାପତି ରୁଦ୍ରପ୍ରସନ୍ନ ପ୍ରଧାନ ଯୋଗ ଦେଇଥିଲେ। ପାଠାଗାରର ସମ୍ପାଦକ ହିମାଂଶୁ କୁମାର ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଶିକ୍ଷକ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପାଠାଗାରର ମୁଖ୍ୟ ଉପଦେଷ୍ଟା ଅଜିତ୍ ରାୟ, ଉପସଭାପତି ପ୍ରଦୀପ୍ତ କୁମାର ରାୟ, ଶିକ୍ଷକ ବୁଲାକି ସେଠୀ, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ପରିଡ଼ା, ସୁଧିର କୁମାର ବିଶ୍ୱାଳ, ସାଂସଦ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାରର ସହ ସଂପାଦକ ପ୍ରସନ୍ନଜିତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଖଣ୍ଡତରି ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଉଦ୍‌ଘାଟିତ

ରଘୁନାଥପୁର,୧୬।୧(ସମିସ): ଓରମାସ ଦ୍ୱାରା ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡତରି ଠାରେ ଗ୍ରାମ୍ୟ ଶିଳ୍ପ ଉଦ୍ୟାନକୁ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ର. ରମାକାନ୍ତ ଭୋଇ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଓ ବିଜେପି ନେତା ରାଜକିଶୋର ବେହେରା ଯୋଗଦେଇଥିଲେ। ରଘୁନାଥପୁର ବ୍ଲକ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅପରାହ୍ନରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ଛପଡା ସରପଞ୍ଚ ଅମିତା ଖୁଣ୍ଟିଆ, ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓରମାସ ପକ୍ଷରୁ ୨ ମହିଳା ଗୋଷ୍ଠୀ ଯଥା ସାଦେଇପୁର ସ୍ଥିତ ଠାକୁର ଅଭିରାମ ଏସ୍‌ଏଚ୍‌ଜିଙ୍କୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ (କାଫେ) ଓ ଜଇପୁର ବୟନ ଗ୍ରାମ ମହିଳା ଉତ୍ପାଦକ ଗୋଷ୍ଠୀ ଶ୍ରୀରାମ ହ୍ୟାଣ୍ଡଲୁମ ଏଣ୍ଟରପ୍ରାଇସଙ୍କୁ ହସ୍ତତନ୍ତ ଉତ୍ପାଦକ ସାମଗ୍ରୀ ବିପଣ ନିମନ୍ତେ ସୁଯୋଗ ଦିଆଯାଇଛି। ଉତ୍ସବରେ ବିଶେଷ କରି ଜଗତସିଂହପୁର ସୂତା ବ୍ରାଣ୍ଡକୁ ସାର୍ବଜନୀନ କରାଯିବା ସହ ଏହି ଶିଳ୍ପ ଉଦ୍ୟାନରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଓର୍ମାସ ଡେପୁଟି ସିଇଓ ମଧୁସ୍ମିତା ସାହୁ ପ୍ରକାଶ କରିଥିଲେ। ସେହିପରି ପଥଚାରିମାନଙ୍କ ପାଇଁ ସୁଲଭ ମୂଲ୍ୟରେ ମହିଳାଙ୍କ ଦ୍ୱାରା ହାତ ତିଆରି ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇପାରିବ ବୋଲି ଡେପୁଟି ସିଇଓ ସାହୁ ପ୍ରକାଶ କରିଥିଲେ। ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ତହସିଲଦାର ରାଜଲକ୍ଷ୍ମୀ ନାୟକ, ସିଡିପିଓ ତୃପ୍ତିଲତା ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ଓଏଲଏମ ବିପିଏମ୍ ଲିପିକା ଷଡ଼ଙ୍ଗୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ, ଭବେଶ କୁମାର ବେହେରା, ସରୋଜ କୁମାର ଦାସ, ଶେଷଦେବ ସେଠୀଙ୍କ ସହ ସମସ୍ତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।




# ମାଲଣ୍ଡ ଭାରତୀ ବିଦ୍ୟାଳୟ କ୍ରୀଡ଼ା ଉତ୍ସବ



ତିର୍ତ୍ତୋଲ,୧୬।୧(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ କୋଷ୍ଟିମଲ୍ଲିକାପୁର ପଞ୍ଚାୟତ ଭାରତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଲଣ୍ଡର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ୟାପନ ଉତ୍ସବରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ବିଭୁପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ବିଜୟ କୁମାର ନନ୍ଦୀ, ବିଶିଷ୍ଟ ଅତିଥି କଟରା ରାଧାକାନ୍ତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାଥ ବିଶ୍ୱାଳ, ସମ୍ମାନୀତ ଅତିଥି ନରେନ୍ଦ୍ର ବେହେରା ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇ ଦିନ ଧରି ୧୨ଟି ବିଭାଗରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ବରିଷ୍ଠ ଶିକ୍ଷକ କୈଳାଶ ନନ୍ଦ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଅଭୟ କୁମାର ସ୍ୱାଇଁ, କିରଣବାଳା ରାଉତ, ସାରଦା ପ୍ରସାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟତରଫରୁ ୮୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ କପ୍ ପ୍ରଦାନ କରାଯାଇଥିବା ବେଳେ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱେଚ୍ଛାସେବକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପୁସ୍ତକମେଳାର ୨ୟ ଦିବସ 'ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ' ଆଲୋଚନା

ଜଗତସିଂହପୁର,୧୬।୧(ସମିସ):

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଚାଲିଥିବା ପୁସ୍ତକମେଳାର ଆଜିଥିଲା ୨ୟ ଦିବସ। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଶିଷ୍ଟ ଭାଷାବିତ ପ୍ରଫେସର ଡ.ସନ୍ତୋଷ ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ଡ.ଜୟକୃଷ୍ଣ ଦାସ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ମନୋଜ କୁମାର ମହାପାତ୍ର ଏବଂ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ




ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଆଜିର ଆସରକୁ ଶିକ୍ଷାବିତ ଗୋଲେଖ ସିଂଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅନ୍ୟତମ ସଦସ୍ୟ ଅବନିକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ କବିତା ଆସର ଏବଂ ଅପରାହ୍ନରେ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସାହିତ୍ୟ ଆସର ପୂର୍ବରୁ ଏବଂ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

ପାରାଦୀପ,୧୬।୧(ସମିସ): ପାରାଦୀପ କଲେଜରେ ରାଜ୍ୟର ପ୍ରଥମ ଦକ୍ଷତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଏବେକାର ଚାକିରି ବଜାର ଦକ୍ଷତା, ଯୋଗାଯୋଗ, ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ପାରାଦୀପ କଲେଜରେ ନବ ଉଦ୍‌ଘାଟିତ ଦକ୍ଷତା କେନ୍ଦ୍ରରେ ବିଏଫ୍‌ଏସଆଇ କ୍ଷେତ୍ରରେ ଆକାଉଣ୍ଟ ଏକଜିକ୍ୟୁଟିଭ ପାଠ୍ୟକ୍ରମ ପ୍ରଦାନ କରାଯିବ ବୋଲି କହିଥିଲେ। ଏଠାରେ ବାର୍ଷିକ ୨୦୦ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। କେନ୍ଦ୍ରଟି ନୂଆ ଓଡ଼ିଶା ଯୋଜନା ଅଧୀନ ବିଏଫଏସଆଇ ସେକ୍ଟର ସ୍କିଲ କାଉନସିଲ୍ ଦ୍ୱାରା ପରିଚାଳିତ ହେବ। କେନ୍ଦ୍ରରେ ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ ତାଲିମ ମାନଦଣ୍ଡ, ଶିଳ୍ପ-ଭିତ୍ତିକ ପାଠ୍ୟକ୍ରମ ଏବଂ ନିଯୁକ୍ତି ଅନୁକୂଳ ପରିବେଶ ସୁନିଶ୍ଚିତ କରାଯିବ। ଦକ୍ଷତା କେନ୍ଦ୍ର, ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ସେତୁ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ନାନୋ ୟୁନିକର୍ନ ଯୋଜନାରେ ପ୍ରଶିକ୍ଷଣ ନେଇଥିବା ୧୩ ଜଣଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ପାରାଦୀପ କଲେଜ ଅଧକ୍ଷା ସସ୍ମିତା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଏବିଭିପି ପକ୍ଷରୁ ରାଷ୍ଟ୍ରୀୟ ଯୁବା ଦିବସ




ଜଗତସିଂହପୁର,୧୬।୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) କୁଜଙ୍ଗ ନଗର ତରଫରୁ କୁଜଙ୍ଗ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବା ଦିବସ ପାଳନ କରାଯାଇଛି।। ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ଏବିଭିପିର ଜିଲ୍ଲା ସଂଯୋଜକ ଓ ରାଜ୍ୟ ଏସ୍‌ଏଫ୍‌ଡିର ସହ ସଂଯୋଜକ ସତ୍ୟପ୍ରକାଶ ମହାନ୍ତି ଯୋଗଦେଇଥିଲେ। କୁଜଙ୍ଗ ନଗରର ସମ୍ପାଦକ ଅମିତ୍ ବାରିକ୍ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି କାର୍ଯକ୍ରମରେ କଲେଜର ଛାତ୍ରଛାତ୍ରୀ ବିଶ୍ୱରଂଜନ ସାମନ୍ତରାୟ, ଶିବ ପ୍ରସାଦ ବାରିକ୍, ସରସ୍ୱତୀ ପରିଡ଼ା ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ସାମନ୍ତରାୟ ଧନ୍ୟବାଦ ଜ୍ଞାପନ କରିଥିଲେ।।

# କୁତାମଚଣ୍ଡି କଲେଜର କ୍ରୀଡ଼ା ଉତ୍ସବ

ନାଉଗାଁ,୧୬।୧(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଦେବିଦୋଳ ସ୍ଥିତ ମା' କୁତାମଚଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବାରିକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବିଦ୍ୟାଳୟ ନିମନ୍ତେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସମ୍ମାନିତ ଅତିଥି ଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର କ୍ରୀଡ଼ାରେ ବିଦ୍ୟାଳୟର ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ଅନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମହିମା ଅଲେଖ ଆଶ୍ରମର ପ୍ରତିଷ୍ଠା ଉତ୍ସବ

ନାଉଗାଁ,୧୬।୧(ସମିସ): ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ବାୟାଁପଡ଼ା ନୂତନ ମହିମା ଅଲେଖ ଆଶ୍ରମର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଧୁନୀ ବହୁ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଏକତ୍ରିତ ହୋଇ ବ୍ରହ୍ମଧୁନୀ ଦେଖିବାରେ ସୌଭାଗ୍ୟ ଅର୍ଜନ କରିଥିଲେ। ଅନ୍ୟପଟେ ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ରୂପେ ପ୍ରକାଶ ଚନ୍ଦ୍ର ପରିଡ଼ା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ପବିତ୍ର କୁମାର ରାଉତରାୟ, ଚିତ୍ତରଞ୍ଜନ ପରିଡା, ଜ୍ଞାନ ରଞ୍ଜନ ସାହୁ, ଉପେନ୍ଦ୍ରନାଥ ବିଶ୍ୱାଳ, ପ୍ରସନ ଚନ୍ଦ୍ର ସ୍ୱାଇଁ, ସତ୍ୟରଞ୍ଜନ ଛଟଇ ଓ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ମୟ ତରେଇ ଜାତୀୟ ସୁରକ୍ଷା ଆଇନରେ ଅଟକ



ଜଗତସିଂହପୁର,୧୬।୧(ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ବିଶ୍ୱାଳି (ତରେଇ ସାହି) ଅଞ୍ଚଳର ପେଷାଦାର ଅପରାଧୀ ଚିନ୍ମୟ ତରେଇ (ଚିଙ୍କୁ)କୁ ଜାତୀୟ ସୁରକ୍ଷା ଆଇନ-୧୯୮୦ରେ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି। ଚିଙ୍କୁ ଏକ ଅପରାଧୀ ସିଣ୍ଡିକେଟ ତିଆରି କରି ଏଥିରେ ଗ୍ୟାଙ୍ଗ ଲିଡ଼ର ଥିଲା। ଚୋରି ଡକାୟତି ସହିତ ନିୟମିତ ଭାବେ ଅପରାଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲା ଏହି ଗ୍ୟାଙ୍ଗ। ବିଶେଷ କରି ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥରେ ଲୁଟପାଟ ଚଳାଇ ଆସିଥିଲା ଚିଙ୍କୁର ଅପରାଧୀ ଗ୍ୟାଙ୍ଗ। ଗତବର୍ଷ ମେ'ରୁ ଅକ୍ଟୋବର ମାସ ମଧ୍ୟରେ ଅନେକ ଅପରାଧ ଘଟାଇଥିବା ଏହି ଗ୍ୟାଙ୍ଗକୁ ଧରିଥିଲା ଜଗତସିଂହପୁର ପୁଲିସ। ଏସ୍‌ପି ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱତନ୍ତ୍ର ପୁଲିସ ଟିମ ଚିଙ୍କୁ ସମେତ ଗ୍ୟାଙ୍ଗର ଅନ୍ୟ ସଦସ୍ୟ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚିଙ୍କୁ ୩୫ଟି ଜଘନ୍ୟ ଅପରାଧରେ ଜଡ଼ିତ ଥିବାବେଳେ ବାରମ୍ବାର ଜେଲଯାଇଛି। ତେବେ ତାର ଅପରାଧିକ କାର୍ଯ୍ୟକଳାପରେ କୌଣସି ପରିବର୍ତ୍ତନ ଆସିଲାନାହିଁ। ସାଧାରଣ ଜନତାଙ୍କ ଧନଜୀବନ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଜଗତସିଂହପୁର ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ସୂଚନା ଆଧାରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଚିଙ୍କୁ ଓରଫ ଚିନ୍ମୟ ତରେଇ ବିରୋଧରେ ଜାତୀୟ ସୁରକ୍ଷା ଆଇନ-୧୯୮୦ ଲାଗୁ କରିବା ପାଇଁ ଅନୁମତି ଦେଇଥିଲେ। ସେହିପରି ଅନ୍ୟ ଅପରାଧୀମାନଙ୍କ ଉପରେ ନଜର ରଖାଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ସେମାନଙ୍କ ବିରୋଧରେ ମଧ୍ୟ ଏହି ଆଇନ ଲାଗୁ କରାଯିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅସହାୟଙ୍କୁ କମ୍ବଳ ଦେଲା ଆଦର୍ଶ ପ୍ରୟାସ

ପାରାଦୀପ,୧୬।୧(ସମିସ): ପାରାଦୀପ ଅଞ୍ଚଳରେ ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଯେହେତୁ ଏବେ ପାରାଦୀପ ଉପକୂଳ ଅଞ୍ଚଳରେ ଶୀତର ଲହରୀ ପ୍ରବଳରୁ ପ୍ରବଳ ଅନୁଭୂତ ହେଉଛି। ଏହାକୁ ଆଖି ଆଗରେ ରଖି ଶୀତ ପ୍ରବାହରୁ ରକ୍ଷା ପାଇବା ପାଇଁ ଅସହାୟ ବୃଦ୍ଧ ବୃଦ୍ଧା ଏବଂ ମାନସିକ ବିକାରଗ୍ରସ୍ତ ମାନଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ବନ୍ଦର ସହର ପାରାଦୀପର ବଡପଡ଼ିଆ, ମଧୁବନ, ନୂଆବଜାର, ଅଠରବାଙ୍କୀ, ନେହୁରୁବଙ୍ଗଳା, ତାରିଣୀଗଡା ଏବଂ ଦୋଛକି ଅଞ୍ଚଳରେ ବୁଲା ବୁଲି କରୁଥିବା ଅସହାୟମାନଙ୍କୁ ସଂଗଠନର ସଦସ୍ୟମାନେ ସେମାନଙ୍କ ନିକଟକୁ ଯାଇ ପ୍ରତ୍ୟକଙ୍କୁ କମ୍ବଳ ପ୍ରଦାନ କରିଥିଲେ। ପାରାଦୀପ ତଥା ରାଜ୍ୟରେ ପ୍ରବଳ ଶୀତର ଲହରୀ ଚାଲୁଥିବାରୁ ଅସହାୟ ମାନେ



ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଶୀତ ପ୍ରବାହ ସରିବା ପର୍ଯ୍ୟନ୍ତ ଏବଂ ଆଗକୁ ମଧ୍ୟ ଅସହାୟ ମାନଙ୍କୁ ଖୋଜି ଚିହ୍ନଟ କରାଯିବା ସହିତ ଶୀତରୁ ରକ୍ଷା ନିମନ୍ତେ କମ୍ବଳ ପ୍ରଦାନ କରାଯିବ ବୋଲି ସଂଗଠନର ସଭାପତି ଓ ସମ୍ପାଦକ ଜଣାଇଛନ୍ତି।

# ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ

ଜଗତସିଂହପୁର/ପରାଦୀପ, ୧୬।୧ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ଫକୀର ମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବିଜୟ କୁମାର ପତି ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ବିଭୁତି ଭୂଷଣ ଲେଙ୍କା, ସତ୍ୟବାଦୀ ଦାସ ଏବଂ ସତ୍ୟବାଦୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାରାଦୀପ ଉତ୍କଳ ସମ୍ମିଳନୀ ଓ ସୂର୍ଯ୍ୟମୁଖୀର ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକିର ମୋହନଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଉତ୍କଳ ସମ୍ମିଳନୀର ସଭାପତି ଧ୍ରୁବଚରଣ ମହାପାତ୍ର ଏବଂ ସୂର୍ଯ୍ୟମୁଖୀର ସମ୍ପାଦକ ହାରାମଣି ମହାପାତ୍ର ଫକିର ମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମାଧ୍ୟମରେ ସଂଘମିତ୍ରା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ସନ୍ତୋଷ କୁମାର ସାମଲ ଫକୀର ମୋହନ ସେନାପତିଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ ପ୍ରେମଲତା ମହାପାତ୍ର କବିତା ପାଠୋତ୍ସବ ସଂଯୋଜନା ଏବଂ ସଭା ପରିଚାଳନା କରିଥିଲେ। ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ପୁଷ୍ପଲତା ଦାସ।

# ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

ବାଲିକୁଦା,୧୬।୧(ସମିସ): ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସୁକିଦା ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ଅଦ୍ୱୈତ୍ୟ ଚରଣ ମହାନ୍ତି (୯୧) ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଅକ୍ଷୟ କୁମାର ମହାନ୍ତି, ଦିଲ୍ଲୀପ ମହାନ୍ତି, ପୁତୁରା ଅରୁଣ କୁମାର ମହାନ୍ତି, ସନ୍ତୋଷ ମହାନ୍ତି, ଅମୀୟ ମହାନ୍ତିଙ୍କ ସହ ପରିବାର ଲୋକ, ଆତ୍ମୀୟ ସ୍ୱଜନ ଉପସ୍ଥି ଥିଲେ। ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିବା ବେଳେ ଅନ୍ତିମ ଦର୍ଶନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସମିତିସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ଜିଲ୍ଲାପରିଷଦ ଶୁଭେନ୍ଦୁ ଶେଖର ଦାସ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ପାଳ, ବିକାଶ ମହାନ୍ତି ଜ୍ଞାନ ରଞ୍ଜନ ମହାନ୍ତି, ଦେବବ୍ରତ ମହାନ୍ତି, ଦିଲ୍ଲୀପ ଦାସ, ସମ୍ପଦ ଦାସ, ତପନ ମହାନ୍ତି, ଶରତ ମହାନ୍ତି, ବୁଲୁ ବିଶ୍ୱାଳ, ଉଲ୍ଲାସ ବିଶ୍ୱାଳ, ନରେନ୍ଦ୍ର ଦାସ, ରିଙ୍କୁ ମହାନ୍ତି, ଦିପୁନା ମହାନ୍ତି କରିଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ଶାରଦା ପ୍ରସନ୍ନ ଜେନା, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବିଜେପି ନେତା ସତ୍ୟସାରଥୀ ମହାନ୍ତି, ବିଜେପି ନେତା ସଞ୍ଜୟ ମହାନ୍ତି, ବରିଷ୍ଠ ସୁପ୍ରିମକୋର୍ଟ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ, ଯୁବନେତା ସଂଜୀବ ବିଶ୍ୱାଳ, ଜିଲ୍ଲାପରିଷଦ ରୁନୀଲତା ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



# ବିଜେଡି ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା

ଜଗତସିଂହପୁର,୧୬।୧(ସମିସ):

ଜଗତସିଂହପୁର ଜିଲ୍ଲାର ସମସ୍ତ ୮ଟି ବ୍ଲକ ଓ ୨ ପୌରାଞ୍ଚଳ ପାଇଁ ବିଜୁ ଜନତା ଦଳ ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି। ଜଗତସିଂହପୁର ସଦର ବ୍ଲକ ବିଜେଡି ସଭାପତି ଭାବେ କାଳନ୍ଦୀ ପତି, ନାଉଗାଁ ବ୍ଲକ ସଭାପତି ଭାବେ ନିରଞ୍ଜନ ବେଉରା, ବାଲିକୁଦା ବ୍ଲକ ସଭାପତି ଭାବେ ରତ୍ନାକର ନାୟକ, ଏରସମା ବ୍ଲକ ସଭାପତି ଭାବେ ପୀତବାସ ଗୋଛାୟତ, ତିର୍ତ୍ତୋଲ ବ୍ଲକ ସଭାପତି ଭାବେ ଦେବଦତ୍ତ ଖଣ୍ଡୁଆଳ, ବିରିଡି ବ୍ଲକ ସଭାପତି ଭାବେ ରବୀନ୍ଦ୍ର କୁମାର ରାଉଳ, ରଘୁନାଥପୁର ବ୍ଲକ ସଭାପତି ଭାବେ ଦେବାଶିଷ ତ୍ରିପାଠୀ ଏବଂ କୁଜଙ୍ଗ ବ୍ଲକ ସଭାପତି ଭାବେ ମନୀନ୍ଦ୍ର ଗୁରୁଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଜଗତସିଂହପୁର ପୌରାଞ୍ଚଳ ସଭାପତି ଭାବେ ପ୍ରିୟବ୍ରତ ମହାପାତ୍ର ଏବଂ ପାରାଦୀପ ପୌରାଞ୍ଚଳ ସଭାପତି ଭାବେ କୁମରବର ନାୟକଙ୍କୁ ଦାୟିତ୍ୱ ମିଳିଛି।

## କୁମରବର ପାରାଦୀପ ନଗର ସଭାପତି

ପାରାଦୀପ,୧୬।୧(ସମିସ): ବିଜୁ ଜନତା ଦଳର ପାରାଦୀପ ନଗର ସଭାପତି ଭାବେ ପାରାଦୀପ ଅଞ୍ଚଳର ଜଣାଶୁଣା ବରିଷ୍ଠ ବିଜେଡି ନେତା କୁମରବର ନାୟକଙ୍କୁ ନିଯୁକ୍ତି ମିଳିଛି। ଏଥିପାଇଁ ସେ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ସହ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଓ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶାସକ ଦଳର ଅରାଜକତା ବିରୋଧରେ



ସ୍ୱର ଉତ୍ତୋଳନ କରାଯିବା ସହ ରାଜରାସ୍ତାକୁ ବିଜେଡି ଓହ୍ଲାଇବ ବୋଲି ସେ କହିଛନ୍ତି।

# ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ



ଜଗତସିଂହପୁର,୧୬।୧(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ କାଦୁଆପଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବର ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଦିଲ୍ଲୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇନଜୀବୀ ନରେଶ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବରେ ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ସିଂ ସଭାପତିତ୍ୱ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୁଦୁପୁର କ୍ଲଷ୍ଟର୍ ସିଆର୍‌ସିସି ସୁଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସ ଓ ପଞ୍ଚସଖା ସେତୁ ସଂଗଠନର ସଭାନେତ୍ରୀ ସଂଯୁକ୍ତା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି, ରୁବିନା ବିଶ୍ୱାଳ, ମମତା ପରିଜା, ସୋନାଲୀ ଖୁଣ୍ଟିଆ, ରାଜଶ୍ରୀ ମହାନ୍ତି, ସୌମ୍ୟା ସୁଚରିତା ପଣ୍ଡା, ମିନର୍ଭା ମଲ୍ଲିକ, କ୍ରୀଡା ଶିକ୍ଷୟତ୍ରୀ ବୈଦେହୀ ସାମଲ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। କର୍ମଚାରୀ ଦେବଦତ୍ତ ମହାନ୍ତି, ରମେଶ ଚନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ରୀଡାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଦରୁଆଁ ଦଳିତ ସାହିରେ କମ୍ବଳ ବଣ୍ଟନ

ବାଲିକୁଦା,୧୭।୧(ସମିସ): ଫାଦର ମଦର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୋଦରୁଆଁ ଦଳିତ ସାହିରେ ଆଲୋକୀକରଣ ବ୍ୟବସ୍ଥା ସହ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ପ୍ରଦୀପ୍ତ ମହାନ୍ତି, ଅଧକ୍ଷା ମାନିନୀ ଦାସ, ଉପଦେଷ୍ଟା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଉପସଭାପତି ପ୍ରକାଶ ମହାନ୍ତି, ସହ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସ୍ମିତାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିବା ସହ ଉଜ୍ଜ୍ୱଳ ଆଲୋକୀକରଣର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଦଳିତ ସାହିର ମା' ବୁଢ଼ୀ ସାହାରେଇ ମନ୍ଦିର ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଅର୍ଦ୍ଧନିର୍ମିତ ହୋଇଥିବା ବେଳେ ସମସ୍ତ ପରିବାରଙ୍କ ଅନୁରୋଧ କ୍ରମେ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ପ୍ରତିଷ୍ଠାତା ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ।



## ରାସ୍ତା କଡ଼ରେ ବସୁଛି ସାପ୍ତାହିକ ହାଟ

# ବିପଦପୂର୍ଣ୍ଣ ଭାବେ ହାଟରେ ଚାଲିଛି କିଣାବିକା

**ରାଇରଙ୍ଗପୁର, ୧୬।୧(ସମିସ)**



ଦିନେ କି ଦୁଇଦିନ ନୁହେଁ, ବର୍ଷ ବର୍ଷ ଧରି ରାଇରଙ୍ଗପୁର ସହରର ରାସ୍ତା କଡ଼ରେ ଚାଲିଛି ସାପ୍ତାହିକ ହାଟ। ଜାତୀୟ ରାଜପଥ କଡ଼ରେ ବିପଦପୂର୍ଣ୍ଣ ଭାବେ ହାଟରେ ବେପାର ଚାଲିଛି। କିନ୍ତୁ ଏଥିପ୍ରତି ପ୍ରଶାସନର ତିଳେ ହେଲେ ନିଘା ନାହିଁ। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଗାଡ଼ି ଚୋରି ହେଉଛି। ହାଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ହେଉଛି।

ମହୁଲଡିହାସ୍ଥ ବଡ଼ବନ୍ଧ ସମ୍ମୁଖରେ ସପ୍ତାହକରେ ଥରେ ଶୁକ୍ରବାର ରାଇରଙ୍ଗପୁର ସାପ୍ତାହିକ ହାଟ ବସିଥାଏ। ଉକ୍ତ ହାଟକୁ ରାଇରଙ୍ଗପୁର ସମେତ ଆଖପାଖ ଅଞ୍ଚଳର ଅନେକ ଗ୍ରାମର ଲୋକେ ସଉଦା, ପନିପରିବା ଆଦି ନେବାକୁ ଆସିଥା'ନ୍ତି। ରାଞ୍ଚିରୁ ବିଜୟୱାଡାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନମ୍ବର ୨୨୦ କଡ଼ରେ ଉକ୍ତ ହାଟ ବସିଥାଏ। ବହୁ ସଂଖ୍ୟକ ଭାରୀଯାନ ଚଳାଚଳ କରୁଥିବାବେଳେ ବିପଦକୁ ଆମନ୍ତ୍ରଣ କରି ଏଠାରେ ହାଟ ବସୁଛି। ରାଇରଙ୍ଗପୁର ସହରରେ ଭାରୀଯାନ ଚଳାଚଳ କଟକଣା ଜାରି ନିମନ୍ତେ ପ୍ରତିଦିନ ସକାଳ ୬ରୁ ପୂର୍ବାହ୍ନ ୧୧ ଓ ଅପରାହ୍ନ ୩:୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳରେ କଟକଣା କରି ନୋଏଣ୍ଟ୍ରି ଲଗାଯାଇଛି। ଭାରୀଯାନଗୁଡ଼ିକ ଉଭୟ ପାର୍ଶ୍ୱରେ ଯଥା ଦାଣ୍ଡବୋଷର ପୁରୁଣାପାଣି ଓ ପୁରୁଣା ଘାଟି ଅଞ୍ଚଳରେ ଅଟକି ରହିଥାଏ। ଉକ୍ତ ସମୟ ପରେ ଭାରୀଯାନ ଚଳାଚଳ କରିଥାଏ। ହାଟ, ଦୋକାନ ରାସ୍ତା ଉପରେ ଅବରୋଧ କରି ବସିଥିବା ଗାଡି ମୋଟର ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ରାସ୍ତାରେ ଜନସମାଗମ ସହ ଗାଡ଼ି ର୍କିଂ ହୋଇଥାଏ। ଯାହାଫଳରେ ରାସ୍ତା ସଂକୁଚିତ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଯଦ୍ୱାରା ଭାରୀଯାନ ଚଳାଚଳ କରୁଥିବାବେଳେ ଦୁର୍ଘଟଣା ଘଟି ପ୍ରାଣହାନି ହେବାର ସମ୍ଭାବନା ରହିଛି। ଉକ୍ତ ଜାତୀୟ ରାଜପଥ ଦେଇ ବାଦାମପାହାଡ଼, କେନ୍ଦୁଝର, ଯୋଡ଼ା, ବଡ଼ବିଲ, ସୁନ୍ଦରଗଡ଼ ଆଦି ଅଞ୍ଚଳରୁ ଲୁହା ପଥର ବୋଝେଇ ଟ୍ରକ ଟାଟା, ରାଞ୍ଚି, ବୋକାରୋ, ଦୁର୍ଗାପୁର ଆଦିକୁ ନିୟମିତ ଯାତାୟାତ କରିଥା'ନ୍ତି। ହାଟ ଯୋଗୁଁ ଜାତୀୟ ରାଜପଥ ଉପରେ ଦିନତମାମ ଭିଡ଼ ଲାଗି ରହୁଥିବାବେଳେ ବିପଦକୁ ଆମନ୍ତ୍ରଣ କରୁଛି। ଏହାସହିତ ହାଟ ଅଞ୍ଚଳରୁ ନିୟମିତ ବାଇକ ଚୋରି ନେଇ ଥାନାରେ ଅଭିଯୋଗ ହେଉଛି। ବିପଦପୂର୍ଣ୍ଣ ଭାବେ ରାସ୍ତା କଡ଼ରେ ହାଟ ଚାଲିଥିବାବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପ୍ରଶାସନ ପକ୍ଷରୁ ମନନିବେଶ କରାଯାଉନି। ଜାତୀୟ ରାଜପଥର ବାଇପାସ ରାସ୍ତା ନିର୍ମାଣ କାମ ଜାରି ରହିଥିବାବେଳେ ତାହା ସମ୍ପୂର୍ଣ୍ଣ ହେବାକୁ ଆହୁରି ସମୟ ଲାଗିବ। କିନ୍ତୁ ଉକ୍ତ ହାଟ ସେ ସମୟ ମଧ୍ୟରେ ଜନସାଧାରଣଙ୍କ ବିପଦର କାରଣ ସାଜିବାର ସମ୍ଭାବନା ରହିଛି। ରାଇରଙ୍ଗପୁର ସହରର ରୂପରେଖ ପରିବର୍ତ୍ତନ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

- ବାରମ୍ବାର ଘଟୁଛି ଦୁର୍ଘଟଣା, ହେଉଛି ଗାଡ଼ି ଚୋରି
- ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

## ସଡ଼କ ସୁରକ୍ଷା ସଚେତନତା



**ଉଦଳା, ୧୬।୧(ସମିସ):** କପ୍ତିପଦା ଉପଖଣ୍ଡ ଉଦଳାଠାରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ୧୯ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ଉଦଳା କଲେଜ ରାସ୍ତାରେ ଉଦଳା କଲେଜ ଛାତ୍ରଛାତ୍ରୀ ଓ ଉଦଳା ଘରୋଇ ବସ ମାଲିକ ସଙ୍ଘ ମିଳିତ ଭାବେ ପାଳନ କରିଛନ୍ତି। ଉଦଳା କଲେଜ ଛାତ୍ରଛାତ୍ରୀ, ଆଞ୍ଜେଲ ଟ୍ୟୁଟୋରିଆଲର ଅନ୍ତେବାସୀ, ଘରୋଇ ବସ ମାଲିକ ସଙ୍ଘ କାର୍ଯ୍ୟକର୍ତ୍ତା, ଉଦଳା ପୁଲିସ ଓ ବୁଦ୍ଧିଜୀବୀ ସଚେତନତା ବାର୍ତ୍ତା ନେଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଉଦଳା ବଜାର ମୁଖ୍ୟ ରାସ୍ତା ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଞ୍ଚଳିକ ମଟର ଯାନ ବିଭାଗ ଏମଭିଆଇ ଜ୍ୟୋତି ପ୍ରକାଶ ସେଠୀ ଓ କର୍ମଚାରୀ ଯୋଗ ଦେଇଥିବାବେଳେ ବସ ସଂଘ ସଭାପତି ରମେଶ ଚନ୍ଦ୍ର ବେହେରା, ସମ୍ପାଦକ କମଳାକାନ୍ତ ରଣା, ସଦସ୍ୟ, ଆଞ୍ଜେଲ ଟ୍ୟୁଟୋରିଆଲର ନିର୍ଦ୍ଦେଶକ ସତ୍ୟଜିତ ବେହେରା, ମଟର କର୍ମଚାରୀ ମାନଭଞ୍ଜନ ମହାନ୍ତି, ଉଦଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପକ ଯୋଗ ଦେଇଥିଲେ। ଏ ଅବସରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଚେତନ ବାର୍ତ୍ତା ଲେଖା ପୋଷାକ ବିତରଣ କରାଯାଇଥିଲା। ଶେଷରେ ବସ୍‌ଷ୍ଟାଣ୍ଡରେ ସଭା ଅନୁଷ୍ଠିତ ହୋଇଥିଲା। ବସ୍ ସଙ୍ଘ ସଭାପତି ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଜନସାଧାରଣଙ୍କୁ ଜୀବନ ମୂଲ୍ୟବାନ ଓ ଦୁର୍ଘଟଣାର ଶିକାର ଲୋକଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ରେଳ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରାସଗୋବିନ୍ଦପୁର, ୧୬।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଟିକପଦା ଗାଁ ନିବାସୀ ମଙ୍ଗଳ ଟୁଡୁ (୨୪)ଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ସେ ଗୋକୁଲ ଟୁଡୁ ଓ ଗୁରୁବାରୀ ଟୁଡୁଙ୍କ ପୁଅ ବୋଲି ଜଣାପଡ଼ିଛି। ମଙ୍ଗଳ ଟୁଡୁ ୧୪ ତାରିଖରେ ବିଶାଖାପାଟଣା ରେଳ ଷ୍ଟେସନରୁ ବାଲେଶ୍ୱର ଆସୁଥିବା ସମୟରେ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ରେଳ ଷ୍ଟେସନ ନିକଟରେ ରାତି ପ୍ରାୟ ମଧ୍ୟରାତ୍ରିରେ ଅଚାନକ ରେଳ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଘଟଣା ପରେ ରେଳବାଇ ପୁଲିସ ଓ ସ୍ଥାନୀୟ ପ୍ରଶାସନ ମୃତଦେହକୁ ଉଦ୍ଧାର କରି ଶ୍ରୀକାକୁଲମ ସରକାରୀ ହସ୍ପିଟାଲରେ ରଖିଛନ୍ତି। ଘଟଣା ସମ୍ପର୍କରେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି। ଏହି ଦୁଃଖଦ ଘଟଣାରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାର ଲୋକେ ତୁରନ୍ତ ମୃତଦେହ ଆଣିବା ପାଇଁ ପ୍ରଶାସନର ସହାୟତା ଲୋଡି ଥିବାବେଳେ ଏଏଲଓ ମୋନିକା ମିଶ୍ର, ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ଏକ ଆମ୍ବୁଲାନ୍ସ ଯୋଗାଡ଼ କରି ମୃତଦେହ କେମିତି ଶୀଘ୍ର ତାଙ୍କ ପରିବାରବର୍ଗଙ୍କ ପାଖରେ ପହଞ୍ଚାଇବେ, ସେନେଇ ଯୋଜନା କରୁଛନ୍ତି।

## ଦିବ୍ୟାଙ୍ଗ ସାର୍ଟିଫିକେଟ୍ କରାଇଦେବା ନାଁରେ ଟଙ୍କା ହଡ଼ପ ଅଭିଯୋଗ



**ରାସଗୋବିନ୍ଦପୁର, ୧୬।୧(ସମିସ):** ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବଶୋଳ ପଞ୍ଚାୟତର ଜଣେ ୱାର୍ଡ ମେମ୍ବର ବିକଳାଙ୍ଗ ସାର୍ଟିଫିକେଟ କରାଇଦେବ କହି ଏକରୁ ଅଧିକ ଦିବ୍ୟାଙ୍ଗଠାରୁ ଟଙ୍କା ଠକି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଦେବଶୋଳ ପଞ୍ଚାୟତସ୍ଥ ବାଛୁରିପାଳ ଗ୍ରାମର ବଂଶୀଧର ସିଙ୍କ ପତ୍ନୀ ସରୋଜିନୀ ସି ଜନ୍ମରୁ ଦିବ୍ୟାଙ୍ଗ। ଏଯାବତ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇପାରିନଥିଲେ। ୱାର୍ଡ ମେମ୍ବର ଭଦ୍ରା ହାଁସଦା ଉକ୍ତ ସରୋଜିନୀଙ୍କ ପାଖକୁ ଯାଇ ଦିବ୍ୟାଙ୍ଗ ସାର୍ଟିଫିକେଟ କରାଇ ଦେବାର ପ୍ରତିଶ୍ରୁତି ଦେବା ସହ ବିଭିନ୍ନ ଆଳଦେଖାଇ ପ୍ରଥମେ ଚାରି ହଜାର ନେଇଥିଲେ। ପରବର୍ତୀ ସମୟରେ କ୍ରମଶଃ ୧୪ ହଜାର ୫ ଶହ ଟଙ୍କା ନେଇଥିଲେ। ତେବେ ଏଯାବତ ଅସହାୟ ସରୋଜିନୀଙ୍କୁ ନା ଦେଇପାରିଛନ୍ତି ଦିବ୍ୟାଙ୍ଗ ସାର୍ଟିଫିକେଟ ନା ଫେରାଇଛନ୍ତି ନେଇଥିବା ଟଙ୍କା। ଶେଷରେ ସରୋଜିନୀ ଉକ୍ତ ଟଙ୍କାକୁ ନେଇ ଥାନାର ଦ୍ୱାରସ୍ଥ ହେବା ସହ ଭଦ୍ରା ହାଁସଦାଙ୍କ ନାମରେ ଅଭିଯୋଗ ଦେଇଛନ୍ତି।

ସେହିପରି ବାଛୁରିପାଳ ଗ୍ରାମର ଅନ୍ୟଜଣେ ଦିବ୍ୟାଙ୍ଗ ମମତା ଡାକୁଆଙ୍କୁ ଦିବ୍ୟାଙ୍ଗ ସାର୍ଟିଫିକେଟ କରାଇ ଦେବା ଓ ପକ୍ଷାଘାତ ରୋଗରେ ପଡ଼ିଥିବା ତାଙ୍କ ଶଶୁର ସନ୍ତୋଷ ମହାନାୟକ ପାଉଥିବା ହଜାରେ ଟଙ୍କା ଭତ୍ତାକୁ ବଢ଼ାଇ ତିନି ହଜାର ଟଙ୍କା କରାଇ ଦେବ କହି ମମତାଙ୍କ ସ୍ୱାମୀ କୃତିବାସଙ୍କଠାରୁ ସମୁଦାୟ ୧୬ ହଜାର ଟଙ୍କା ନେଇଥିବା ନେଇ ଅଭିଯୋଗ ହୋଇଛି। ସରକାର ଅସହାୟ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଭତ୍ତା ପ୍ରଦାନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଅଭିପ୍ରାୟ ରଖିଥିବାବେଳେ ଗ୍ରାମରେ ବୁଲୁଥିବା କିଛି ଠକ, ଦଲାଲ ଅସହାୟ ଦିବ୍ୟାଙ୍ଗ ଓ ବୃଦ୍ଧବୃଦ୍ଧାଙ୍କୁ ଏହି ଯୋଜନା ମାଧ୍ୟମରେ ସାମିଲ କରାଇବାର ମିଛ ପ୍ରତିଶ୍ରୁତି ଦେଇ ଟଙ୍କା ହଡ଼ପ କରୁଥିବାରୁ ଅସହାୟ ଲୋକ ନାହିଁ ନ ଥିବା ଅସୁବିଧାର ପଡ଼ି ଥାନାର ଦ୍ୱାରସ୍ଥ ହେଉଛନ୍ତି। ଏଭଳି ଲୋକଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଯୁବଛାତ୍ର ମଞ୍ଚର ପ୍ରତିଷ୍ଠା ଦିବସ



**ଶୁଳିଆପଦା, ୧୬।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଯୁବଛାତ୍ର ସଂଗଠନ ଯୁବଛାତ୍ର ମଞ୍ଚର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଯୁବ ଦିବସ ଓ ଯୁବଛାତ୍ର ମଞ୍ଚର ପଞ୍ଚମ ପ୍ରତିଷ୍ଠା ଦିବସ ଶୁଳିଆପଦା ବ୍ଲକ ବଡ଼ଭାଲିଆ ପଞ୍ଚାୟତ କୁଲାଧୂଆଣୀଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ କାର୍ଯ୍ୟକର୍ତ୍ତା ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପାଠ କରାଯାଇଥିଲା। ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପରେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା। ଉକ୍ତ ଦିବସରେ ଯୁବଛାତ୍ର ମଞ୍ଚ ସଭାପତି ସମୀର ମହାନ୍ତ, କାର୍ଯ୍ୟକାରୀ ସଦସ୍ୟ ରମା ନାଏକ, ଦିବ୍ୟରଞ୍ଜନ ସାସମଲ, ସମାଜସେବୀ ଦିଲ୍ଲୀପ ତୁଙ୍ଗ, ଲକ୍ଷ୍ମଣ ନାଏକ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ପାନୀୟଜଳ ଭଳି ସମସ୍ୟାକୁ ନେଇ ପ୍ରଶାସନ ପାଖକୁ ପହଞ୍ଚାଇବା ସହ ସମସ୍ତ ଲୋକେ କିଭଳି ସମସ୍ତ ସରକାରୀ ସୁବିଧା ପାଇପାରିବ ସେ ନେଇ ଯୁବ ଛାତ୍ର ମଞ୍ଚ କାର୍ଯ୍ୟ କରିବ।

## ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ



**ବାରିପଦା/ମୋରଡା, ୧୬।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକସ୍ଥ ଏକମାତ୍ର ହକି କେନ୍ଦ୍ର ଭାବେ ସରକାରୀ ଉଚ୍ଚବିଦ୍ୟାଳୟ, ଚଡ଼େଇଗାଁରେ ଚାଲୁଥିବା ନାଭାଲ ଟାଟା ଗ୍ରାସରୁଟ ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରେସେନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟାଟା ନାଭାଲର ସଂଯୋଜକ ଶେଖର ବେହେରା ଉପସ୍ଥିତ ରହି ଜିଲ୍ଲାରେ ହକି ପ୍ରତିଭାଙ୍କ ବିକାଶ କ୍ଷେତ୍ରରେ ହକି କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ଏ ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ୧୧ ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ହକି ଷ୍ଟିକ୍ ଓ ବଲ୍ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଦିତ୍ୟ ରାଜ, ଜଗନ୍ନାଥ ଦାସ, ସବ୍ୟସାଚୀ ନାୟକ, ବାପୁନ ଧଳ, କର୍ମରଞ୍ଜନ ଧଳ, ଅମ୍ବିକା ଧଳ, ସସ୍ମିତା ସୋରେନ, ଲିପ୍ସା ଦଣ୍ଡସେନା, ପ୍ରିୟା ସି ଓ ଅନୀତା ହାଁସଦା ଓ ତତସହିତ ଶୃଙ୍ଖଳା, ଭଲ ବ୍ୟବହାର, ନିୟମିତ ଉପସ୍ଥାନ ଓ କ୍ରୀଡ଼ା କୌଶଳ ଆଧାରରେ ୧୦ ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ଶୁଭାଶିଷ ନାୟକ, ଚଡେଇଗାଁ କ୍ଲଷ୍ଟରର ସିଆରସିସି ଶୁଭେନ୍ଦୁ ଶେଖର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ତଥା ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮ ରୁ ରାଜ୍ୟସ୍ତରୀୟ ଆନ୍ତଃକଲେଜ ସାଂସ୍କୃତିକ ମହୋତ୍ସବ



**ବାରିପଦା, ୧୬।୧(ସମିସ):** ୨୭ତମ ରାଜ୍ୟସ୍ତରୀୟ ଆନ୍ତଃକଲେଜ ସାଂସ୍କୃତିକ ମହୋତ୍ସବ ଇଉଫରିୟା ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ। ଏହାର ରୂପରେଖକୁ ନେଇ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସଭାପତି ତାପସ ପାଢ଼ୀଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୮ରୁ ୩୧ ତାରିଖ ୪ଦିନ ଧରି ସ୍ଥାନୀୟ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ପୂର୍ବ ବର୍ଷ ଭଳି ରାଜ୍ୟ ତମାମ ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ସହମତି ପ୍ରଦାନ କରିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ୨୬ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବୁ ବର୍ଷ ଭଳି ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ରଙ୍କୁ ଏହି ମଞ୍ଚରେ ଦେଖିବାକୁ ମିଳିବ।

ତତ୍‌ସହିତ ଓଲିଉଡ଼ ଚକୋଲେଟ ହିରୋ ସ୍ୱରାଜ ବାରିକ, ଇଣ୍ଟରନ୍ୟାସନାଲ ୟୁଟୁବର ଲବ ହାଁସଦା ମଧ୍ୟ ଉପସ୍ଥିତ ରହିବେ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ କେଶରୀ ଜେନା, ଅସିତ ଗିରି, ପଙ୍କଜ ସାହୁ, ସ୍ନିଗ୍ଧ ଚନ୍ଦନ, ସତ୍ୟସ୍ୱରୂପ ଦାସ, ଅଙ୍କୁର ଖୁରାନା, ସିଦ୍ଧାର୍ଥ ପଟ୍ଟନାୟକ, ପୁରୁଷୋତ୍ତମ ଅଗ୍ରୱାଲ, ପିଣ୍ଟୁ ମାଇତି, ରାକେଶ ମହାନ୍ତି, ଜିତ ପଟନାୟକ, ଜୟଶ ପାତ୍ର, ମହେଶ ସାହୁ, ଆଭାସ ଦେ, ରାଜ ଗୁପ୍ତା, ଧନଞ୍ଜୟ ସାହୁ, ଚନ୍ଦନ ପାଣି, ସିଦ୍ଧାର୍ଥ ଟୁଡ଼ିଡ, ବିଶ୍ୱାସ ମହାନ୍ତି, ଦେବବ୍ରତ ଦେ, ଆୟୁଷ ପ୍ରିୟଦର୍ଶୀ ଓ ମୁକ୍ତି ପରିଡ଼ା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପୁସ୍ତିକା ଉନ୍ମୋଚନ କରିଥିଲେ।

## ବଳଭଦ୍ରପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବଡ଼ସାହି, ୧୬।୧(ସମିସ):** ବଡ଼ସାହି ବ୍ଲକ ଅଧୀନ ବଳଭଦ୍ରପୁର ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି। ସମାଜସେବୀ ତଥା ରଣଜୀ ଖେଳାଳି ଲଲାଟେନ୍ଦୁ ବେହେରା ଓ ସମିତିସଭ୍ୟ ସନତ ସେଠୀ ଅତିଥି ଭାବେ ଯୋଗ ଦେଇ ଫିତା କାଟି ଏହାକୁ ଉଦଘାଟନ କରିଛନ୍ତି। ଉଦଘାଟନୀ ମ୍ୟାଚ ସୋନି ୱାରିଅର୍ସ ଓ ମହାଦେବ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ସୋନି ୱାରିଅର୍ସ ଟସ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ମହାଦେବ ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ୱିକେଟ ହରାଇ ୧୩୬ ରନ କରିଥିଲା। ଜବାବରେ ମହାଦେବ ଷ୍ଟ୍ରାଇକର ୭ ଓଭରରେ ଗୋଟିଏ ୱିକେଟ ହରାଇ ୧୩୭ ରନ କରି ବିଜୟୀ ହୋଇଥିଲା। କ୍ଲବ୍‌ର ସଦସ୍ୟ ରଣଜିତ ଆଚାର୍ଯ୍ୟ, ଦୀପକ ମହାନ୍ତ, ତପନ ମହାନ୍ତ, ମହେନ୍ଦ୍ର ସିଂ, ସାଇସ୍ୱରୂପ ଗିରି, ଅଭିଳାଷ ଆଚାର୍ଯ୍ୟ, ରଞ୍ଜନ ସେଠୀ ଓ ସତ୍ୟଜିତ ଆଚାର୍ଯ୍ୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର 'ଭାରତକୁ ବୁଝିବା' କାର୍ଯ୍ୟକ୍ରମ



**ବାରିପଦା, ୧୬।୧(ସମିସ):** ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ 'ଭାରତକୁ ବୁଝିବା' ପାଠ୍ୟକ୍ରମ ଆଧାରରେ ଏକ ଶୈକ୍ଷିକ ପରିଦର୍ଶନ ଆୟୋଜିତ ହୋଇଛି। ଏହି କ୍ରମରେ ଛାତ୍ରଛାତ୍ରୀ ବାରିପଦା ସହରରେ ଅବସ୍ଥିତ ବେଲଗାଡ଼ିଆ ରାଜପ୍ରସାଦ ଭ୍ରମଣ କରି ଏହାର ଐତିହାସିକ ମହତ୍ୱ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ପ୍ରାସାଦ ପ୍ରାଙ୍ଗଣରେ ପ୍ରଫେସର ଓ ଛାତ୍ରଛାତ୍ରୀଙ୍କ ଏକ ସ୍ୱଳ୍ପକାଳୀନ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆଲୋଚକ ଭାବେ ଡ. ସରୋଜ ନାୟକ ଯୋଗଦେଇ ପ୍ରାସାଦର ନିର୍ମାଣ ବିକାଶ ସହିତ ରାଜବଂଶର ଅଭ୍ୟୁଦୟ, ମୟୂରଭଞ୍ଜର ସମ୍ୟକ ଇତିହାସ, ବୈଶିଷ୍ଟ ଛାତ୍ରଛାତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ଦିଲ୍ଲୀପ କୁମାର ଦଳେଇ, ଡକ୍ଟର ନିରୁପମା ନାୟକ, ସୁଶାନ୍ତ କୁମାର ରଣା, ସବିତା ପ୍ରଧାନ, ସୁଶ୍ରୀ ସଙ୍ଗୀତା ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିବା ସହ ଛାତ୍ରଛାତ୍ରୀଙ୍କ ମନରେ ଜାତୀୟତା ମନୋଭାବର ବିକାଶ ପାଇଁ ପ୍ରୟାସ କରିଥିଲେ।

## ବାଇପାସ୍ ରାସ୍ତା କାମ ଅନୁଧ୍ୟାନ କଲେ ଜିଲ୍ଲାପାଳ

**ରାଇରଙ୍ଗପୁର, ୧୬।୧(ସମିସ)**

ରାଇରଙ୍ଗପୁର ସହରବାସୀଙ୍କ ବହୁ ପ୍ରତିକ୍ଷୀତ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବା ବାଧକ ସମାଧାନ ହେବା ପରେ ନିର୍ମାଣ କାମ ଜାରି ରହିଛି। ଉକ୍ତ ନିର୍ମାଣ ସ୍ଥଳକୁ ଶୁକ୍ରବାର ଜିଲ୍ଲାପାଳ ହେମକାନ୍ତ ସୟ ପରିଦର୍ଶନ କରିଛନ୍ତି। ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିଜମା ବିବାଦର ସମାଧାନ କରି ନିର୍ମାଣ କାର୍ଯ୍ୟ ନିମନ୍ତେ ଜମି ହସ୍ତାନ୍ତର କରିଛନ୍ତି।

**କାମ ତ୍ୱରାନ୍ୱିତ କରିବାକୁ ଦେଲେ ନିର୍ଦ୍ଦେଶ**

ରାଞ୍ଚି-ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥର ଇପିସି ମୋଡ଼ରେ ୨୦୨୨-୨୦୨୩ ବାର୍ଷିକ ଯୋଜନାରେ ଦୁଇ ଲେନ ବିଶିଷ୍ଟ ବାଇପାସ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଯାହାକୁ ନେଇ ନିର୍ମାଣ କାମ ଜାରି ରହିଛି। ଜିଲ୍ଲାପାଳ ଶ୍ରୀ ସୟ ପରିଦର୍ଶନ ସମୟରେ ପୁରୁଣାପାଣିଠାରୁ ନୂଆଗାଁ ପର୍ଯ୍ୟନ୍ତ ୭ କିମିରୁ ଉର୍ଦ୍ଧ୍ୱ ରାସ୍ତା ଓ ୮୦୦ ମିଟର ପୋଲ ନିର୍ମାଣ କାମକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାସ୍ତାରେ ମାଟି ପଡ଼ି ସମତୁଲ ହେଉଥିବାବେଳେ ତାହାକୁ ମଧ୍ୟ ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଶ୍ରୀ ସୟ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଆସନ୍ତା ଫେବୃଆରୀ ମାସରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ମିଶ୍ରା କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଜମି ଅଧିଗ୍ରହଣ ନେଇ ନିର୍ମାଣ ପାଇଁ ମଝିରେ ସମସ୍ୟା ସୃଷ୍ଟି ହୋଇଥିଲା। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏହାର ସମାଧାନ କରି ଜମି ଅଧିଗ୍ରହଣ ହେଉଥିବା ସମସ୍ୟାର ସମାଧାନ କରିଛନ୍ତି। ଯାହାକୁ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉକ୍ତ ବାଇପାସ ରାସ୍ତାଟି ଯଶିପୁର ଜାତୀୟ ରାଜପଥକୁ ସଂଯୋଗ କରିବ। ଜିଲ୍ଲାପାଳଙ୍କ ଅନୁଧ୍ୟାନ ସମୟରେ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଗୋଷ୍ଠୀ ସଂଘର୍ଷ ଘଟଣା: ବସିଲା ଶାନ୍ତି କମିଟି ବୈଠକ; ୧୬୩ ଧାରା ପ୍ରତ୍ୟାହୃତ





**ରାଉରକେଲା, ୧୬ା୧(ସମିସ)**

ଗୋମାଂସ ମହଜୁଦ ଗୁଜବକୁ ନେଇ ଗତକାଲି ସୁନ୍ଦରଗଡ଼ ସହରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଆଜି ଶାନ୍ତ ରହିଥିବା ବେଳେ ଆଜି ସଂଧ୍ୟା ୬ଟାରେ ସହରରେ ଲାଗୁ କରାଯାଇଥିବା ୧୬୩ ଧାରାକୁ ପ୍ରତ୍ୟାହାର କରି ନିଆଯାଇଛି। ଏତଦବ୍ୟତୀତ ସହରରେ ଗତକାଲି ସନ୍ଧ୍ୟା ୬ଟାରୁ ବନ୍ଦ ରଖାଯାଇଥିବା ଇଣ୍ଟରନେଟ ସେବାକୁ ମଧ୍ୟ ସ୍ୱାଭାବିକ କରି ଦିଆଯାଇଥିଲା। ସହରରେ ଶାନ୍ତି ଫେରାଇ ଆଣିବା ଏବଂ ଭବିଷ୍ୟତରେ କୌଣସି ଅଶାନ୍ତ ପରିବେଶ ସୃଷ୍ଟି ନ କରାଇବା ନିମନ୍ତେ ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାଏ, ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ସମେତ ଉପଜିଲ୍ଲାପାଳ ବିଭିନ୍ନ ଥାନାର ଇନ୍ସପେକ୍ଟରମାନେ ଉପସ୍ଥିତ ଥିଲେ। ଏହି ଶାନ୍ତି କମିଟି ବୈଠକରେ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ସହରରେ କିପରି ବିଭିନ୍ନ ଜାତିଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରହିବ, ଶାନ୍ତ ବାତାବରଣ ସୃଷ୍ଟି ହେବ ସେନେଇ ସହଯୋଗ କରିବାକୁ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ସମସ୍ତ ସମ୍ପ୍ରଦାୟର ନେତୃ ବୃନ୍ଦଙ୍କୁ ନିବେଦନ କରିଥିଲେ। ଅନ୍ୟପଟେ ଗତ କାଲି ଗୋଷ୍ଠୀ ସଂଘର୍ଷ ବେଳେ ଗୋଟିଏ ଗୋଷ୍ଠୀର ଯୁବକମାନେ ସହରରେ ବ୍ୟାପକ ଭଙ୍ଗାରୁଜା କରିବା ସହ ସହରକୁ ଅଶାନ୍ତ କରି ଦେଇଥିଲେ। ଗୋଷ୍ଠୀ ରୋକିବାକୁ ଯାଇ କିଛି ପୁଲିସ କର୍ମଚାରୀ ଆହତ ହୋଇଥିଲେ। ତେବେ ପୁଲିସ ଗଣ୍ଡଗୋଳ କରିଥିବା ଯୁବକମାନଙ୍କୁ ଚିହ୍ନଟ କରିବା ପାଇଁ

▶▶ **ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା**

▶▶ **ଅଭିଯୁକ୍ତଙ୍କୁ ବାନ୍ଧିବାକୁ ସିସିଟିଭି ଅଣ୍ଡାଳୁଛି ପୁଲିସ**

ଏବେ ସିସିଟିଭି ଫୁଟେଜର ତନ୍ନ ତନ୍ନ କରି ଯାଞ୍ଚ କରୁଛି। ଖୁବଶୀଘ୍ର ଉଭୟ ଗୋଷ୍ଠୀର ଗଣ୍ଡଗୋଳ ସୃଷ୍ଟିକାରୀଙ୍କୁ ଗିରଫ କରାଯିବ ବୋଲି ଏସପି ଅମ୍ରିତପାଲ କୌର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ କାଲି ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ରିଜେଣ୍ଟ ମାର୍କେଟରେ କୌଣସି ଏକ ନିର୍ଦ୍ଦିଷ୍ଟ ଘରେ ଗୋ ମାଂସ ମହଜୁଦ ରଖାଯାଇଥିବା ନେଇ ବଜରଙ୍ଗ ଦଳ ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା। ଏହି ଖବର ପାଇ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ସମ୍ପୃକ୍ତ ଘରେ ସର୍ଚ୍ଚ ଅପରେସନ କରିଥିଲା। ହେଲେ ସେଠାରେ କୌଣସି ଗୋମାଂସ ନ ମିଳିବାରୁ ଏସଡିପିଓ ନିର୍ମଳ କୁମାର ମହାପାତ୍ର ଏବଂ ଟାଉନ ଥାନା ପୁଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରି ଯାଇଥିଲା। ତେବେ ପୁଲିସକୁ କାହିଁକି ମିଥ୍ୟା ସୂଚନା ଦିଆଗଲା ବୋଲି ପ୍ରସଙ୍ଗକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ, ଉଚ୍ଚବାଚ ଆରମ୍ଭ ହୋଇଥିଲା। ପରେ ତାହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ପକ୍ଷରୁ ପଥର ମାଡ ହେବାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇ ଯାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ତୁରନ୍ତ ଏସପି ଅମ୍ରିତପାଲ କୌର, ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ମହେନ୍ଦ୍ର କୁମାର ମୁର୍ମୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପରେ ଖବର ପାଇ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସହରରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲାଗୁ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗତକାଲି ସଂଧ୍ୟାରୁ ସହରରେ ସମସ୍ତ ଦୋକାନ ବଜାର, ବସ ଚଳାଚଳ, ଯାତାୟାତକୁ ବନ୍ଦ ରଖାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗତକାଲି ସଂଧ୍ୟା ୬ଟାରୁ ଆଜି ସଂଧ୍ୟା ୬ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ସହରରେ ଇଣ୍ଟରନେଟ ସେବାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା।

## ଆର୍‌ଏସ୍‌ପିରେ ୧୨ ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୧୬ା୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମରାମତ ଭବନରେ ଆୟୋଜିତ ଏକ ପୁରସ୍କାର ବିତରଣ ସମାରୋହରେ ମେସର୍ସ ଥେଜୋ ଇଞ୍ଜିନିୟରିଂ ଲିମିଟେଡର ୧୨ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କ ଅନୁକରଣୀୟ କାର୍ଯ୍ୟଦକ୍ଷତା ପାଇଁ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମଏମ ବିଭାଗର ଜିଏମ୍ ଇନ୍‌ଚାର୍ଜ ଏସ୍‌କେ ପଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପଙ୍କ ସିଏମଏମ ବିଭାଗର ଜିଏମଏସ୍‌ପି ପଟେଲ, ଏବଂ ସିଏଲସି ବିଭାଗର ସିନିୟର ମ୍ୟାନେଜର ଶୁଭେନ୍ଦୁ ଗରୁଡଙ୍କ ସହ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସିଏମଏମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ପଙ୍କ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ଆହ୍ୱାନକୁ ଦୂର କରିବାରେ ସେମାନଙ୍କର ଉତ୍ସର୍ଗ, ପ୍ରତିବଦ୍ଧତା ଏବଂ ଦଳଗତ ମନୋଭାବକୁ ପ୍ରଶଂସା କରିଥିଲେ। କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମଏଚପି) ବିଭାଗର ବିସି-୨୨୩ କନଭେୟରକୁ ପୁନରୁଦ୍ଧାର କରିବାରେ ସେମାନଙ୍କର ଅନୁକରଣୀୟ ସମର୍ପଣ ଏବଂ ସମୟୋଚିତ ପ୍ରୟାସ ପାଇଁ ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଆରଏମଏଚପି ବିଭାଗର ବିସି-୨୨୩ କନଭେୟର ଗତ ୨୦୨୫ ସେପ୍ଟେମ୍ବର ୨୩ ତାରିଖରେ ଏକ ବଡ଼ ଧରଣର ବ୍ରେକଡାଉନର ସମ୍ମୁଖୀନ ହୋଇଥିଲା। ଏଥିରେ ଠିକା ଶ୍ରମିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ସେପ୍ଟେମ୍ବର ୨୩ ଓ ୨୪ ତାରିଖ ଲଗାତାର ଦୁଇ ଦିନ ଧରି ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରି ସର୍ବନିମ୍ନ ସମୟ ମଧ୍ୟରେ କନଭେୟରର ପୁନରୁଦ୍ଧାର ସୁନିଶ୍ଚିତ କରିଥିଲେ। ଏହି ସମାରୋହକୁ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଆଇପିଲ୍ ଭେଙ୍ଗ୍ରା ସଂଯୋଜନା କରିଥିଲେ।

## ବିଜେଡିର ବ୍ଲକ୍ ଓ ନଗର ସଭାପତି ଘୋଷିତ

**ରାଉରକେଲା, ୧୬ା୧(ସମିସ):** ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି କ୍ରମେ ରାଉରକେଲା ସାଂଗଠନିକ ଜିଲ୍ଲାର ବିଭିନ୍ନ ବ୍ଲକରେ ବିଜେଡି ବ୍ଲକ ସଭାପତିଙ୍କ ନାମ ଆଜି ଘୋଷଣା କରାଯାଇଛି। ସେହି କ୍ରମରେ ବୀରମିତ୍ରପୁର ପୌରପାଳିକାର ନଗର ସଭାପତି ଭାବେ ମାନଭଞ୍ଜନ ଦେଓ ନିଯୁକ୍ତ ହୋଇଥିବା ବେଳେ ନୂଆଗାଁ ବ୍ଲକ ସଭାପତି ଭାବେ ପ୍ରକାଶ ସାହୁ, କୁଆଁରମୁଣ୍ଡା ବ୍ଲକ ସଭାପତି ଭାବେ ଉମାକାନ୍ତ ଦାସ, ବିସ୍ରା ବ୍ଲକ ସଭାପତି ଭାବେ ଫିଙ୍କୁ ତିର୍କୀ, ବଣେଇଁ ବ୍ଲକ ସଭାପତି ଭାବେ ବାଣେଶ୍ୱର ସାହୁ, ନୂଆଗାଁ ବ୍ଲକ ସଭାପତି ଭାବେ ଗୁରୁଚରଣ ସ୍ୱାଇଁ, ଗୁରୁଣ୍ଡିଆ ବ୍ଲକ ସଭାପତି ଭାବେ ରସୁଆଲ ଓରାମ, କୋଇଡା ବ୍ଲକ ସଭାପତି ଭାବେ କରୁଣାକର ପାତ୍ର ନିଯୁକ୍ତ ହୋଇଥିବା ଜଣାପଡ଼ିଛି।

**ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା**

ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱୀକୃତି କ୍ରମେ ସୁନ୍ଦରଗଡ଼ ବିଜୁ ଜନତା ଦଳ ସାଂଗଠନିକ ଜିଲ୍ଲାର ବିଭିନ୍ନ ବ୍ଲକରେ ବିଜେଡି ବ୍ଲକ ସଭାପତିଙ୍କ ନାମ ଆଜି ଘୋଷଣା କରାଯାଇଛି। ସେହି କ୍ରମରେ ବଡଗାଁ ବିଜେଡି ବ୍ଲକ ସଭାପତି ଭାବେ ଯୋଗେନ୍ଦ୍ର କିଷାନ ନିଯୁକ୍ତ ହୋଇଥିଲା ବେଳେ ସବଡେଗା ବ୍ଲକ ସଭାପତି ଭାବେ ମହମ୍ମଦ ଜମିଲ ଉଦ୍ଦିନ୍, ବାଲିଶଙ୍କରା ବ୍ଲକ ସଭାପତି ଭାବେ ରାଜକୁମାର ଶତପଥି, ହେମଗିରି ବ୍ଲକ ସଭାପତି ଭାବେ ସୁକାନ୍ତ କୁମାର ପତି, ଲେଫ୍ରିପଡ଼ା ବ୍ଲକ ସଭାପତି ଭାବେ ମନୋଜ କୁମାର ପଟେଲ, ଟାଙ୍ଗରପାଲ୍ଲୀ ବ୍ଲକ ସଭାପତି ଭାବେ ଶୋଭନ ଦାଶ, ସୁନ୍ଦରଗଡ଼ ସଦର ବ୍ଲକ ସଭାପତି ଭାବେ ଅଶ୍ୱିନୀ କୁମାର ନାୟକ, ସୁନ୍ଦରଗଡ଼ ପୌରପାଳିକାର ଅମିତାଭ ଯୋଶୀ, କୁତ୍ରା ବ୍ଲକ ସଭାପତି ଭାବେ ଦେବାନନ୍ଦ ଲାକ୍ରା, ରାଜଗାଙ୍ଗପୁର ବ୍ଲକ ସଭାପତି ଭାବେ ବିଷ୍ଣୁ ଲାକ୍ରା, ରାଜଗାଙ୍ଗପୁର ପୌରପାଳିକାର ସଭାପତି ଭାବେ ସୁଶ୍ରୀତା ପାଇକରାୟ, ଲାଠିକଟା ବ୍ଲକ ସଭାପତି ଭାବେ ଅଜୟ କୁମାର ଟପ୍ପୋ ନିଯୁକ୍ତ ହୋଇଥିବା ଜଣାପଡ଼ିଛି।

## ବୃଦ୍ଧାଙ୍କୁ ପଥରରେ ଛେଚି ହତ୍ୟା ଘଟଣା; ଅଭିଯୁକ୍ତ ଗିରଫ

**ରାଉରକେଲା, ୧୬ା୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଟାଉନ ଥାନା ଶଙ୍କରା ଗୌଡ଼ପଡ଼ା ଅମଲିପାଲି ଅଞ୍ଚଳରେ ଗତକାଲି ଜଣେ ବୃଦ୍ଧାଙ୍କୁ ପଥରରେ ଛେଚି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ପୁଲିସ ଅଭିଯୁକ୍ତ ପ୍ରଦିପ କୁମାର ପ୍ରଧାନ (୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ନିଶାଶକ୍ତ ଅବସ୍ଥାରେ ପାଟିତୁଣ୍ଡ ହେବା ପରେ ସେ ଗୁରୁବାରୀ ମାଝୀ (୫୯)ଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅଭିଯୁକ୍ତ ପ୍ରଦିପ ପୁଲିସ ଆଗରେ ସ୍ୱୀକାର କରିଥିବା ଜଣାପଡ଼ିଛି। ସୁଚନାଯୋଗ୍ୟ, ଅମଲିପାଲି ନିକଟ ବାଇପାସ୍ ନିକଟରେ ଗୋପାଳ ଲାକ୍ରାଙ୍କ ସହ ଏକ ଭଡା ଘରେ ରହୁଥିବା ଗୁରୁବାରୀ ମାଝୀ ଗୁରୁବାର ଅପରାହ୍ନରେ ଶଙ୍କରାରେ ବାସ କରୁଥିବା ତାଙ୍କ ଭଣଜାଙ୍କୁ ଘରକୁ ଟଙ୍କା ମାଗିବାକୁ ଯାଉଥିଲେ। ଅମଲିପାଲି ମଝି ପୋଖରୀ ନିକଟସ୍ଥ ଏକ ବିଲ ନିକଟରେ ପ୍ରଦିପ ସହ ତାଙ୍କର ଭେଟ ହୋଇଥିଲା। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଗୁରୁବାରିଙ୍କୁ ପ୍ରଦୀପ ନିଶାଶକ୍ତ ଅବସ୍ଥାରେ ପଥରରେ ମୁଣ୍ଡ ଓ ମୁହଁକୁ ଛେଚି ହତ୍ୟା କରିଥିଲା। ପରେ ଶବକୁ ବିଲରେ ଛାଡି ପ୍ରଦୀପ ଫେରାର ହୋଇଯାଇଥିଲା। ସେପଟେ ଗତକାଲି ସକାଳେ ଗୋପାଳ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଲୋକେ ଶୌଚ ପାଇଁ ପୋଖରୀକୁ ଯାଇଥିବା ବେଳେ ବୃଦ୍ଧାଙ୍କର ରକ୍ତ ଜୁଡୁବୁଡୁ ଶବ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଟାଉନ ଥାନା ପୁଲିସ ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହ ପହଞ୍ଚି ହତ୍ୟାକାଣ୍ଡର ତଦନ୍ତ କରିଥିଲେ। ପରେ ଏସପି ଅମ୍ରିତପାଲ କୌର, ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ, ଏସଡିପିଓ ନିର୍ମଳ କୁମାର ମହାପାତ୍ର ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ପ୍ରଦୀପ କୁମାର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ରାଉରକେଲାରେ 'ଆମ ବସ୍' ସେବା ଠପ୍

**ଇଣ୍ଟରନେଟ୍ ନା ତେଲ; କାରଣ ଅସ୍ପଷ୍ଟ**



**ରାଉରକେଲା, ୧୬ା୧(ସମିସ):** ପ୍ରାୟ ସମୟରେ ବିଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ ଥିବା ଆମ ବସ୍ ପୁଣି ଶୁକ୍ରବାର ଚର୍ଚ୍ଚାରେ ଆସିଛି। ଏଥର କେଉଁ କାରଣରୁ ଚର୍ଚ୍ଚାରେ ଆସିଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ସୂଚନା ମୁତାବକ, ସକାଳେ ଆରଏମସି ଛକ ଠାରୁ ଆମ୍ବେଦକର ଛକ ଯାଏଁ ଯାଇଥିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ପ୍ରାୟ ୧୦ଟି ବସ୍ ଧାଡ଼ି ହୋଇ ଛିଡା ହୋଇଥିଲା। ଏଥିରେ ଉଭୟ ଏସି ଓ ନନ୍ ଏସି ବସ୍ ଥିଲା। ସମସ୍ତ ଗାଡ଼ିରେ କର୍ମଚାରୀମାନେ ଥିଲେ। ଘଣ୍ଟା ଘଣ୍ଟା ଧରି ବସ୍ ଛିଡା ହୋଇଥିଲା। କର୍ମଚାରୀମାନଙ୍କୁ ଗଣମାଧ୍ୟମ ପ୍ରତିନିଧି କାରଣ ନେଇ ଯେତେ ପଚାରି ଥିଲେ ହେଁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ଅପରପକ୍ଷେ ସୁନ୍ଦରଗଡ଼ରେ ଗୋଷ୍ଠୀ ବିବାଦକୁ ନେଇ ଇଣ୍ଟରନେଟ ସେବା ବନ୍ଦ ହୋଇଥିଲା। ତେଣୁ ତେଲ ପକାଇବାକୁ ବାଧା ସୃଷ୍ଟି ହୋଇଥିଲା। ଫଳରେ ଯେଉଁ ସବୁ ଗାଡ଼ିରେ ତେଲ ନଥିଲା ସେସବୁ ଗାଡ଼ି ଛିଡା ହୋଇଥିବା ଚର୍ଚ୍ଚା ଚାଲିଛି। ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜାରି ରହିଛି। ତେବେ ଡିଜେଲ ଦିଆ ନଯିବା ଯୋଗୁଁ ଆମ ବସ ସେବା ଠପ୍ ହୋଇଥିଲା ନା ଏହା ପଛରେ ଅନ୍ୟ କାରଣ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି।

## ଆର୍‌ଏସ୍‌ପି ରୋଲ୍ ସପ୍ ବିଭାଗର ବିପୁଳ ସଞ୍ଚୟ

**ରାଉରକେଲା, ୧୬ା୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ରୋଲ୍ ସପ୍ ବିଭାଗର 'ପାଥ୍‌ଫାଇଣ୍ଡର୍' କ୍ୱାଲିଟି ସର୍କଲ୍ ଟିମ୍ ଦ୍ୱାରା ଏକ ଅଭିନବ ସମାଧାନ କାର୍ଯ୍ୟକାରୀ ଫଳରେ ବାର୍ଷିକ ୧.୪୭ କୋଟି ଟଙ୍କା ସଞ୍ଚୟ ହୋଇଛି। ଏହା ଦ୍ୱାରା କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ଉତ୍ପାଦକତା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏହି ଦଳ ସିଲିକନ୍ ଷ୍ଟିଲ୍ ମିଲ୍ (ଏସଏସଏମ) ରେ 'ଗ୍ୟୁଷ୍ଟିନା ଫାରେଲ୍ ରୋଲ୍ ଗ୍ରାଇଣ୍ଡର୍‌ର ଡାଉନ୍‌ଟାଇମ୍‌ରେ ହ୍ରାସ' ଶୀର୍ଷକ ଏକ ପ୍ରକଳ୍ପକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୮୦ ମସିହାରେ ଏସଏସଏମ କମ୍ପ୍ଲେକ୍ସରେ କମିଶନ ହୋଇଥିବା ଗ୍ୟୁଷ୍ଟିନା ଫାରେଲ୍ ରୋଲ୍ ଗ୍ରାଇଣ୍ଡିଂ ମେସିନ୍ ହେଉଛି ମିଲ୍‌ର ସମସ୍ତ କାର୍ଯ୍ୟ ରୋଲ୍ ଗ୍ରାଇଣ୍ଡିଂ ଆବଶ୍ୟକତା ପୂରଣ କରୁଥିବା ଏକମାତ୍ର ସୁବିଧା। ଏହା ନିଜର ଉଚ୍ଚ ସଠିକତା ପାଇଁ ଜଣାଶୁଣା ହୋଇଥିବା ବେଳେ ଏହା ୨୦୦ ମିମିରୁ ୫୦୦ ମିମି ବ୍ୟାସର ରୋଲ୍ ପାଇଁ ୦.୦୨ ମିମିରୁ ୦.୧୮ ମିମି ପର୍ଯ୍ୟନ୍ତ କ୍ୟାମ୍ବର୍ ଏବଂ କ୍ରାଉନ୍ ପ୍ରଦାନ କରେ, ଯାହା ଏହାର ଅବସ୍ଥା ଏବଂ ବିନ୍ୟାସକୁ ସ୍ଥିର ରୋଲ୍ ଗୁଣବତ୍ତା ପାଇଁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ତେବେ ଅସମାନ ରୋଲ୍ ପ୍ରୋଫାଇଲ୍‌ର ନିରନ୍ତର ସମସ୍ୟା ଯୋଗୁଁ ବାରମ୍ବାର ରିଗ୍ରାଇଣ୍ଡିଂ, ବିଳମ୍ବ ରୋଲ୍ ଯୋଗାଣ, ଡାଉନ୍‌ଟାଇମ୍ ବୃଦ୍ଧି ଏବଂ ଅଧିକ ରୋଲ୍ ବ୍ୟବହାର ହେଉଥିଲା। ବେସଲାଇନ୍ ଅବଧି ମଧ୍ୟରେ ୩୨୦ ରୋଲ୍ ମଧ୍ୟରୁ ୪୮ ଟିକୁ ପୁନଃଗ୍ରାଇଣ୍ଡିଂ ଆବଶ୍ୟକ ହେଉଥିଲା, ଯାହା ଉତ୍ପାଦକତା ଏବଂ ମିଲ୍ ଉପଲବ୍ଧତାକୁ ପ୍ରଭାବିତ କରୁଥିଲା। ଏହି ସମସ୍ୟାର ସମାଧାନ ପାଇଁ ଉକ୍ତ ଗୁଣବତ୍ତା ମଣ୍ଡଳୀ ଡିଫାଇନ୍‌ମାପ ବିଶ୍ଳେଷଣ ଉନ୍ନତି ନିୟନ୍ତ୍ରଣ



ପଦ୍ଧତି ଗ୍ରହଣ କରିଥିଲେ, ଯାହା ବଲ୍ ସ୍କ୍ରୁର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଏବଂ ଫେସପ୍ଲେଟ ଆସେମ୍ବଲିରେ ତ୍ରୁଟିକୁ ପ୍ରମୁଖ କାରଣ ଭାବରେ ଚିହ୍ନଟ କରିଥିଲା। ଯାହା ପ୍ରାୟ ୭୫ ପ୍ରତିଶତ ସମସ୍ୟା ପାଇଁ ଦାୟୀ ଥିଲା। ବଲ୍ ସ୍କ୍ରୁକୁ ଏକ ଥ୍ରେଡେଡ୍ ସ୍ପିଣ୍ଡଲ୍ ଏବଂ ମେଳ ଖାଉଥିବା ନଟ୍ ସହିତ ବଦଳାଇ ଏବଂ ଫେସ୍‌ପ୍ଲେଟ୍ କପ୍ ସ୍ପ୍ରିଙ୍ଗ୍‌କୁ ଏକ ହେଲିକାଲ୍ ସ୍ପ୍ରିଙ୍ଗ୍ ସହିତ ପ୍ରତିସ୍ଥାପିତ କରି ଅଭିନବ ଏବଂ ମୂଲ୍ୟ-ପ୍ରଭାବଶାଳୀ ସମାଧାନ କାର୍ଯ୍ୟକାରୀ କରାଯାଇଥିଲା। ପରୀକ୍ଷା ରନ୍ ଅସମାନ ପ୍ରୋଫାଇଲ୍ ଦୂର କରିବା ଏବଂ ଡାଉନ୍‌ଟାଇମ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ନିଶ୍ଚିତ କରିଥିଲା। ଏହା କାର୍ଯ୍ୟକାରୀ ହେବା ପରେ ରୋଲ୍ ରିଗ୍ରାଇଣ୍ଡିଂ ୯୪ ପ୍ରତିଶତ ହ୍ରାସ ପାଇଥିଲା ଏବଂ ମେସିନ୍ ଉପଲବ୍ଧତାରେ ଉଲ୍ଲେଖନୀୟ ଉନ୍ନତି ହୋଇଥିଲା, ଯାହା ଦ୍ୱାରା କୌଣସି ରୋଲ୍-ସମ୍ବନ୍ଧୀୟ ମିଲ୍ ବିଳମ୍ବ ରିପୋର୍ଟ କରାଯାଇ ନଥିଲା। ମାନକୀକରଣ, ତାଲିମ, ପ୍ରତିରୋଧକ ରକ୍ଷଣାବେକ୍ଷଣ ଏବଂ ନିୟମିତ ତଦାରଖ ମାଧ୍ୟମରେ ଲାଭ ବଜାୟ ରହିଥିଲା। ଏହି ଦଳରେ ଜୁନିୟର ଇଞ୍ଜିନିୟର ପି ପି ଚୌଧୁରୀ, ଜୁନିୟର ଇଞ୍ଜିନିୟର ପିକେ ମହାନ୍ତି ଏବଂ ଜୁନିୟର ଇଞ୍ଜିନିୟର ଆସୋସିୟେଟ କୁନ୍ଦନ କୁମାର ରାମ ରହିଥିଲେ। ଏଜିଏମ ଏସକେ ଜେନା ଦଳର ଫେସିଲିଟେଟର ଥିବା ବେଳେ ରୋଲ୍ ସପ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ସମୀର ରଞ୍ଜନ ମହାପାତ୍ରଙ୍କ ସକ୍ରିୟ ମାର୍ଗଦର୍ଶନରେ ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇଥିଲା। ସୂଚନା ଯୋଗ୍ୟ, ନିକଟରେ ଗ୍ରେଟର ନୋଏଡାରେ ଅନୁଷ୍ଠିତ ୪୬ତମ ଜାତୀୟ ଗୁଣବତ୍ତା ଧାରଣା ସମ୍ମିଳନୀରେ ଏହି ଦଳ ସମ୍ମାନଜନକ ପାରଏକ୍ସଲେନ୍ସ ପୁରସ୍କାର ଜିତିଥିଲା।

## ନାଗରା ପିଢ଼ି କୁଡୁମି ସମାଜର ମକର ମିଳନ

**ବିସ୍ରା, ୧୬ା୧(ସମିସ):** ନାଗରା ପିଢ଼ି କୁଡୁମି ସମାଜ ସଭାପତି ଧ୍ରୁବ ଚରଣ ମାହାତଙ୍କ ସଭାପତିତ୍ୱରେ ୩୪ ତମ ମକର ମିଳନ ସମାରୋହ ଡରେଇକେଲା ସ୍ଥିତ ଟୁସୁ ଭବନ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିରମିତ୍ରପୁରର ପୂର୍ବତନ ବିଧାୟକ ଶଙ୍କର ଓରାମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିସ୍ରା ତହସିଲଦାର ପ୍ରେମାନନ୍ଦ ଉରମା, ବିସ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, ଅତିରିକ୍ତ ତହସିଲଦାର ବିଶ୍ୱନାଥ କିସାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ସିଂହଭୂମି ଜିଲ୍ଲା କମିଟିର ସଭାପତି ଲକ୍ଷ୍ମୀନାରାୟଣ ମାହାତ, ଆଦିବାସୀ କୁଡ଼ମୀ ସମାଜ ସମାଜସେବୀ କୈଳାଶ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଟୁସୁ ପର୍ବର ସାମାଜିକ ଓ ସଂସ୍କୃତିକ ମହତ୍ତ୍ୱ ବିଷୟରେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ଲୋକ ନୃତ୍ୟ ପରିବେଷିତ ହୋଇଥିଲା। ଝୁମେର ନାଚ ପ୍ରତିଯୋଗିତାରେ ମଞ୍ଜୁ କୁଡ଼ମାଳୀ ସଂସ୍କୃତିକ ଦଳଉଡୁସୁ ପ୍ରଥମ, ମିଷ୍ଟି ଦଳ ଝାରବେଡା ଦ୍ୱିତୀୟ ଏବଂ ଅର୍ପିତା ଦଳ ଆରଏସ କଲୋନୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଟୁସୁ ଚୌଡଲ/ପାଲକି ପ୍ରତିଯୋଗିତାରେ କପରଣ୍ଡା ଟୁଙ୍ଗରି ଟୋଲା ପ୍ରଥମ, ତେତେରକେଲା ଦ୍ୱିତୀୟ ଓ ବରସୁଆଁ ଗ୍ରାମ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅକ୍ଷୟ କୁମାର ତ୍ରିପାଠୀ, ସୁବାଷ ମାହାତ ମହେନ୍ଦ୍ର ମାହାତୋ, ସୀତାରାମ ମାହାତୋ, ହୃଦାନନ୍ଦ ମାହାତ, ଈଶ୍ୱର ମାହାତୋ, ଚନ୍ଦ୍ରମଣି ମାହାତୋ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ଦ୍ୱାରା ଗୋଷ୍ଠୀ କେନ୍ଦ୍ର ପାଇଁ ଭୂମିପୂଜନ



**ରାଉରକେଲା, ୧୬ା୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ଜାନୁଆରୀ ୧୩ ତାରିଖରେ ବିସ୍ରା ବ୍ଲକର ଉଡସୁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଦମଟୋଲା ଗ୍ରାମରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏହି ସିଏସଆର ପ୍ରୟାସ ପାର୍ଶ୍ୱାଞ୍ଚଳର ସମାବେଶୀ ବିକାଶ ତଥା ସାଧାରଣ ସୁବିଧାଗୁଡ଼ିକ ନିମନ୍ତେ ଗୋଷ୍ଠୀ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅବସରରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ ମିତ୍ର, ଜିଏମ୍ ବିଭାବାସୁ ମଲ୍ଲିକ, ଡିଜିଏମ୍ ଆର୍‌ଏସ୍ ବାରା, ଏଜିଏମ୍ ବିନାୟକ ଜେନା, ବିସ୍ରା ବ୍ଲକର ଅଧ୍ୟକ୍ଷା ଫୁଲମଣି କେରକେଟ୍ଟା, ଉଡସୁ ଗ୍ରାମ ପଞ୍ଚାୟତର ସରପଞ୍ଚ, ଆରଏସପିର ଅଧିକାରୀମାନଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ଏବଂ ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପ୍ରସ୍ତାବିତ ଗୋଷ୍ଠୀ କେନ୍ଦ୍ରଟି ଦୁଇଟି କୋଠରୀ, ଗୋଟିଏ ପ୍ରଶସ୍ତ ହଲ୍ ଏବଂ ଏକ ସମ୍ମୁଖ ବାରଣ୍ଡା ସହିତ ଆଭ୍ୟନ୍ତରୀଣ ବିଦ୍ୟୁତୀକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସହିତ ସଜ୍ଜିତ ହେବ। ଏହି ଗୋଷ୍ଠୀ କେନ୍ଦ୍ରଟି ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଗ୍ରାମବାସୀଙ୍କ ଦୀର୍ଘକାଳୀନ ଦାବି ଉପରେ ଆଧାର କରି ଏହି ସୁବିଧା ହାତକୁ ନିଆଯାଇଛି। ଏହି ଗୋଷ୍ଠୀ କେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏହା ବିଭିନ୍ନ ସମ୍ପ୍ରଦାୟର ଆବଶ୍ୟକତା ଯେପରିକି ବୈଠକ, ତାଲିମ କାର୍ଯ୍ୟକ୍ରମ, ସାମାଜିକ ସମାବେଶ, କଲ୍ୟାଣମୂଳକ କାର୍ଯ୍ୟକଳାପ ପୂରଣ କରିବ। ଯାହା ସାମ୍ପ୍ରଦାୟିକତା ବନ୍ଧନକୁ ସୁଦୃଢ଼ କରିବ ଏବଂ ଗ୍ରାମ୍ୟ ଜୀବନର ଗୁଣବତ୍ତା ଉନ୍ନତ କରିବ।

## ସେନା ଶାଖାର ବାର୍ଷିକ ସାଂସ୍କୃତିକ ଉତ୍ସବ 'କାମୋ କାର୍ନିଭାଲ ୩.୦'

**ରାଉରକେଲା, ୧୬ା୧(ସମିସ)**




ସେନା ଦିବସର ପୂର୍ବ ସନ୍ଧ୍ୟାରେ ରାଉରକେଲା ଏନ୍‌ଆଇଟି ପରିସରରେ ଏନଆଇଟି ରାଉରକେଲା ସେନା ଶାଖାର ବାର୍ଷିକ ସାଂସ୍କୃତିକ ଉତ୍ସବ କାମୋ କାର୍ନିଭାଲ ୩.୦ ପାଳିତ ହୋଇଯାଇଛି। ଏନଆଇଟି ରାଉରକେଲାର ଭୁବନେଶ୍ୱର ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସେନାର ବୀରତ୍ୱ, ଶୃଙ୍ଖଳା ଏବଂ ନିଃସ୍ୱାର୍ଥପର ସେବାକୁ ସ୍ମରଣ କରାଯାଇଥିଲା। ଏହି ଉତ୍ସବରେ ୯ ଓଡ଼ିଶା ବାଟାଲିୟନ, ରାଉରକେଲାର ଏନସିସି କ୍ୟାଡେଟ୍, ଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସମେତ ୮୦୦ରୁ ଅଧିକ ଅଂଶଗ୍ରହଣ କରିଥିଲେ। ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି)ର ବିଭିନ୍ନ କ୍ଲବ ସହାୟତାରେ ଏନ୍‌ଆଇଟି ରାଉରକେଲାର ସେନା ଶାଖାର ପ୍ରଭାରୀ ପ୍ରଫେସର ମୟଙ୍କ ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେନା ପଦକ ପ୍ରାପ୍ତ ଅବସରପ୍ରାପ୍ତ ମେଜର ଜେନେରାଲ ଡ. ଯଶପାଲ ସିଂହ ମୋର୍ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ନିରଞ୍ଜନ କୁମାର ପଣ୍ଡା ଏବଂ ଏସଏସି ସଭାପତି ପ୍ରଫେସର ରାଜୀବ କୁମାର ପଣ୍ଡା ଉପସ୍ଥିତ ଥିଲେ। ଏନସିସି ସେନା ଶାଖାର ପ୍ରଫେସର ବିକ୍ରମାଦିତ୍ୟ ସାହୁ ଏବଂ ପ୍ରଫେସର ଆଶୀର୍ବାଦ ଜାନା ମଧ୍ୟ କାର୍ଯ୍ର୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମେଜର ଜେନେରାଲ ଡ. ଯଶପାଲ ସିଂହ ମୋର୍ ସେନା ଜୀବନକୁ ପରିବର୍ତ୍ତନ କରିବା ସହ ଆତ୍ମବିଶ୍ୱାସ ଏବଂ ସାହସର ସହିତ ବିଶ୍ୱର ସାମ୍ନା କରିବାକୁ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଭାରତର ସାଂସ୍କୃତିକ ସମୃଦ୍ଧିକୁ ଅନୁଭବ କରିବା ଏବଂ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଅଞ୍ଚଳ, ସମ୍ପ୍ରଦାୟ ଏବଂ ଦେଶରୁ ବନ୍ଧୁତା ସ୍ଥାପନ କରିବା ପାଇଁ ଦେଶ ବ୍ୟାପୀ ଭ୍ରମଣ କରିବାକୁ ସେ ଉତ୍ସାହିତ କରିଥିଲେ। ବିଭିନ୍ନ କ୍ଲବର ଛାତ୍ରଛାତ୍ରୀମାନେ ସାଂସ୍କୃତିକ ବିଭାଗରେ ଅଂଶଗ୍ରହଣ କରିଥିବା ବେଳେ ନୃତୁଞ୍ଜୟ କ୍ଲବ ଦେଶାତ୍ମବୋଧକ ନୃତ୍ୟ ପ୍ରଦର୍ଶନ କରିଥିଲେ। କଲାମ କ୍ଲବ ଦେଶାତ୍ମବୋଧକ ହିନ୍ଦୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଏକ ସେନା ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ ଏବଂ ମୁଖ୍ୟ ଅତିଥିଙ୍କ ସହିତ ଏକ ଇଣ୍ଟରାକ୍ଟିଭ୍ ପଡକାଷ୍ଟ ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ପରେ ହାର୍ଟବିଟ୍ସ କ୍ଲବ ଦ୍ୱାରା ଏକ ସଙ୍ଗୀତ ପରିବେଷଣ ଏବଂ ସମ୍ମାନିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱଦେଶୀ ପଦଯାତ୍ରା

**ବଣାଇଁ, ୧୬ା୧(ସମିସ):** ବଣାଇଁ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆଜି ସ୍ୱଦେଶୀ ପଦଯାତ୍ରା ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଓ ଯୁବ ଦିବସ ଅବସରରେ ଆୟୋଜିତ ଏହି ପଦଯାତ୍ରାରେ ଯୁବ ସମାଜକୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବା, ନିଜ ପରିବାର ସହ ନିଜ ପରିବାର ପାଖ ପଡୋଶୀ ଏବଂ ନିଜ ସମାଜରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ପଦଯାତ୍ରା ବଣାଇଁ ବାବା ବାଣେଶ୍ୱର ମନ୍ଦିର ଠାରୁ ଆରମ୍ଭ ହୋଇ କଚେରି ଛକଠାରେ ଶେଷ ହୋଇଥିଲା। ପୂର୍ବତନ ବଣାଇଁ ବିଜେପି ସଭାପତି ମନୋଜ ପ୍ରଧାନ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, କେ ବଲାଙ୍ଗ ମଣ୍ଡଳ ସଭାପତି ହେମ୍ବ୍ର ଓରାମ, ବରିଷ୍ଠ କାର୍ଯ୍ୟକର୍ତ୍ତା ବାସୁଦେବ ସାହୁ, ହେମନ୍ତ କୁମାର ସାହୁ, ଗୋବିନ୍ଦ ସାହୁ, ଭିକି ବ୍ରହ୍ମ, ଯୁବମୋର୍ଚ୍ଚା ବିଜୟ ଠାକୁର, ଡିଲେଶ୍ୱର୍ ରଣା, ରକି ଦାସ, ବୈକୁଣ୍ଠ ଗଡ଼ତିଆ, ବିକି ମହାନ୍ତ, ଟିକୁ ରାଜପୁତ, ରୋହିତ ଗୋଛାୟତ, ରୋହିତ ଜୟସ୍ୱାଲ, ଅମିତ୍ ସାହୁ, ଲିଟୁ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

**ବରଗଡ଼ରେ ଜାତୀୟ ସମ୍ମାନ**

# ସ୍ୱାଧୀନତା ସଂଗ୍ରାମରେ ପାର୍ବତୀ ଗିରିଙ୍କ ଭୂମିକା ସ୍ୱତନ୍ତ୍ର

ବରଗଡ଼, ୧୬ ।୧(ସମିସ)



ବରଗଡ଼ସ୍ଥିତ ଯଦୁମଣି ପଧାନ ପେକ୍ଷାଳୟରେ ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ଉପରେ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମରେ ପାର୍ବତୀ ଗିରିଙ୍କ ଭୂମିକା ସ୍ୱତନ୍ତ୍ର ବୋଲି ଏଥିରେ ମତ ପ୍ରକାଶ ପାଇଛି । ତାଙ୍କ ଅବଦାନକୁ ଆଦୌ ଭୁଲି ହେବନି ବୋଲି ଅତିଥିଗଣ ମତ ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଜିଲ୍ଲା ପରିଷଦ ଅଧକ୍ଷା ମାନିନି ଭୋଇ, ପୌରାଧକ୍ଷା କଳ୍ପନା ମାଝି, ବରଗଡ଼ ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ପର୍ବତୀ ଗିରିଙ୍କ ନାତି ନୀଲେଶ ଗିରି, ପୁତୁରା ଭରତ ଗିରି, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧିକ୍ଷକ ପ୍ରହଲାଦ ସହାୟ ମିନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲାଦ ଖୋସ୍ଲା, ସଂସ୍କୃତି ଅଧିକାରୀ ତାହିର ହୁସେନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ଡ. ନକୁଳ ସେଠ, ଟିଏଫ ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ ଦେବତା ଏବଂ ପର୍ବତୀ ଗିରି ମହିଳା ମହା ବିଦ୍ୟାଳୟର ଅଧକ୍ଷା ରଞ୍ଜିତା ନାୟକମଧ ମଞ୍ଚାସୀନ ଥିଲେ। ସ୍ୱାଧୀନତା ସଂଗ୍ରାମରେ ପର୍ବତୀ ଗିରିଙ୍କ ଅବଦାନକୁ ସମସ୍ତେ ସ୍ମରଣ କରିଥିଲେ। ତାଙ୍କ ଜନ୍ମସ୍ଥାନ ସମଲାଇପଦର ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରିବା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତି, ସ୍ୱାଗତ ତୋରଣ ସ୍ଥାପନ କରିବା, ତାଙ୍କ ଅବଦାନ ଓ ସଂଘର୍ଷ କାହାଣୀକୁ ପାଠ୍ୟ ପୁସ୍ତକରେ ସାମିଲ କରିବା ଆଦି ବିଷୟରେ ଅତିଥବଗଣ ମତ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ତେବେ ସ୍ୱାଧୀନତା ସଂଗ୍ରାମ ଏବଂ ସମାଜ ସେବାରେ ତାଙ୍କର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ବରଗଡ଼ ଜିଲ୍ଲା ପ୍ରଶାସନ, ପର୍ବତୀ ଗିରି ଜନ୍ମ ଶତ ବାର୍ଷିକୀ କମିଟି ଏବଂ ସମଲାଇପଦର ପର୍ବତୀ ଗିରି ବୃଦ୍ଧାଶ୍ରମ କମିଟି ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନଭଙ୍ଗ ଡ୍ୟାମ୍‌ରେ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟକ୍ରମ



**ପାଇକମାଳ, ୧୬ ।୧(ସମିସ):** ମନଭଙ୍ଗ ଡ୍ୟାମରେ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭୂତି ଭୂଷଣ ମୁଣ୍ଡଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ରେଞ୍ଜର ହୃଦାନନ୍ଦ ମିଶ, ବରିଷ୍ଠ ସାମ୍ବାଦିକ ଧିରେନ୍ ମହାନ୍ତି, ମନଭଙ୍ଗ ବନ ସୁରକ୍ଷା ସମିତି ସଭାପତି ନକୁଲ ମଲ୍ଲିକ, ପାଇକମାଳ ବଣିକ ସଂଘ ସଭାପତି କୁନ୍ଦନ, ପ୍ରଧାନ ଶିକ୍ଷୟିତ୍ରୀ ରୀନା ଭୋଇ, ପ୍ରଧାନ ଶିକ୍ଷକ ଦୟାସାଗର ପ୍ରମୁଖ ଯୋଗ ଦେଇଥିଲେ। ମନଭଙ୍ଗ ଗାଁ ସମେତ ଡ୍ୟାମ ପରିସର ଅଞ୍ଚଳକୁ ସଫେଇ କରାଯାଇଥିଲା। ନୃସିଂହନାଥ ବନଖଣ୍ଡ ସମସ୍ତ ବିଭାଗୀୟ ଅଧିକାରୀ, ମନଭଙ୍ଗ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇ ଶପଥ ପାଠ କରିଥିଲେ।

ଡୁଙ୍ଗୁରିପାଲି ହାଇସ୍କୁଲ ଛାତ୍ରୀ ଜୟଶ୍ରୀ ନାୟକ ପରିବେଶ ସୁରକ୍ଷା ଓ ପଲିଥିନ ମୁକ୍ତ ବଣଭୋଜି ନେଇ ବକ୍ତବ୍ୟ ରଖିଥିଲେ। ବନପାଳ ରମେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବିଜେଡି ବ୍ଲକ, ନଗର ସଭାପତିଙ୍କ ନାମ ଘୋଷଣା

**ବରଗଡ଼ ୧୬ ।୧(ସମିସ):** ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ବରଗଡ଼ ସାଂଗଠନିକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ବରଗଡ଼ ବ୍ଲକ ବିଜେଡି ସଭାପତି ଭାବେ ପ୍ରଫୁଲ୍ଲ କୁମାର ନାଏକ, ଟାଉନ ସଭାପତି ଭାବେ ଅନୁପ ଶତପଥୀ, ଝାର୍‌ବନ୍ଧ ବ୍ଲକ ପାଇଁ ଯତୀନ୍ଦ୍ର ହାତୀ, ପାଇକମାଳ ବ୍ଲକ ଲାଗି ବିଜୟ ସ୍ୱାଇଁ, ରାଜ୍ ବୋଡା ସମ୍ବର ପାଇଁ ଦୁଷ୍ମନ୍ତ ପଟେଲ, ପଦ୍ମପୁର ଏନ୍‌ଏସି ପାଇଁ ନବକିଶୋର ସାହୁ, ଗାଇସିଲେଟ ବ୍ଲକ ଲାଗି ନାରଦ ବରିହା, ବିଜେପୁର ବ୍ଲକ ପାଇଁ ସୁରେନ୍ଦ୍ର ପ୍ରଧାନ, ବିଜେପୁର ଏନ୍‌ଏସି ପାଇଁ ସଞ୍ଜୟ ପ୍ରଧାନ, ବରପାଲି ଏନ୍‌ଏସି ପାଇଁ ସୁବ୍ରତ ଚିନ୍ଦ୍ରା, ବରପାଲି ବ୍ଲକ ପାଇଁ ତରଣୀ ଦେବତା, ଅତାବିରା ଏନ୍‌ଏସି ପାଇଁ ଯତୀନ କୁମାର ଦାସ, ଅତାବିରା ବ୍ଲକ ପାଇଁ ସୁଦାମ ଜାଲ, ଭେଡେନ ବ୍ଲକ ପାଇଁ ହରିଶଙ୍କର ବେହେରା, ଭଟଲୀ ବ୍ଲକ ପାଇଁ ହୃଦାନନ୍ଦ ଖମାରୀ, ସୋହେଲା ବ୍ଲକ ଲାଗି ଗଣତନ୍ତ୍ର ପ୍ରଧାନ, ଆମ୍ବାଭୋନା ବ୍ଲକ ଲାଗି ବିଷ୍ଣୁ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି।

## ଜାମସେଠ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ପାଇକମାଳ, ୧୬ ।୧(ସମିସ):** ଜାମସେଠ କଟାପଡ଼ାସ୍ଥିତ କାଳୀ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୋଖରୀରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାଳୁ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଦାମୋଦର ରଣା ଏବଂ ତାଙ୍କ ପତ୍ନୀ ସତ୍ୟବତୀ ରଣା, ହେମନ୍ତ ପ୍ରଧାନ ଏବଂ ତାଙ୍କ ପତ୍ନୀ ଗୋପେଶ୍ୱରୀ ପ୍ରଧାନ କର୍ତ୍ତା ଥିଲେ। ମାନଭଞ୍ଜନ ତ୍ରିପାଠୀ, ଘନଶ୍ୟାମ ମହାପାତ୍ର, ଶେଷାନ ରଣା, ଗଣେଶ ରାମ, ଜ୍ୟୋତିଷ୍କ ଦେବାର୍ଚ୍ଚନ ଶଗଡ଼ିଆ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

## ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ବରଗଡ଼, ୧୬ ।୧(ସମିସ):** ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯୁବ ନେତା ନିପନ ଦାସ ଯୋଗ ଦେଇଥିଲେ। ପପୁ କୁମ୍ଭାର, ଅଭିଳାଷ ପତି, ଅଜାତି ପତି, ଅନନ୍ତ ତାଣ୍ଡି, ଆଶିଷ ବେହେରା, ବିକାଶ ବହିଦାର, ମୁଜାଫର ହୁସେନ, ଉମା ଭୋଇ, ଅମରକାନ୍ତ ବେଦୀ, ସଞ୍ଜୟ ବରଗର୍ତ୍ତା, ଉମାଶଙ୍କର ଭୋସାଗର, ଖିରେଶ୍ୱର ସେଠ, ସଞ୍ଜୟ ସାଇନୀ, ତନଜ ବାରିକ, ପ୍ରେମରାଜ ଭୁଏ, ପିକୁନ ନାଏକ, ରାଜାକିଶୋର କର, ଆନନ୍ଦ ମେହେର, ଗୋବିନ୍ଦ ମେହେର, ମନୋରଞ୍ଜନ ମେହେର, ଗଣେଶ ନାଏଡୁ, ମନୋଜ ପଧାନ, ପ୍ରମୋଦ ନନ୍ଦ, ସାଧୁ ଭୁଏ, ଆଶୁତୋଷ ପଣ୍ଡା, ବିଜୁ ସେଟ୍, ଆଜାତ ଭୋଇ, ମାନସରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

● ମେଲଛାମୁଣ୍ଡା ଚେଲେଞ୍ଜର୍ସ କପ୍

## ବାତଟେର୍ମାକୁ ହରାଇ ସେମିରେ ମେଲଛାମୁଣ୍ଡା




**ବରଗଡ଼, ୧୬ ।୧(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ସବଡିଭିଜନ ମେଲଛାମୁଣ୍ଡା ଚ୍ୟାଲେଞ୍ଜର୍ସ କପ୍ ତୃତୀୟ ଦିନରେ କ୍ୱାର୍ଟର ଫାଇନାଲ ସମେତ ୪ଟି ମ୍ୟାଚ ଖେଳା ଯାଇଛି। ବାତଟେର୍ମା ଓ ମେଲଛାମୁଣ୍ଡା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ମେଲଛାମୁଣ୍ଡା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଥିଲା। ପଦ୍ମଲୋଚନ ବିଶି, କିଶୋର ପାତ୍ର, ସ୍ୱରାଜ ଭୋଇ ଓ ଶୁଭମ ଭୋଇ ଅମ୍ପାୟାର ଥିଲେ। ଅଭିମନ୍ୟୁ ବାରିକ ଓ ଲିବନ ସାହୁ ସ୍କୋରର ଥିବା ବେଳେ କିଶୋର ବାଗ, ନାଗେଶ ବାରିକ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଡ. ସୁବ୍ରତ ନାୟକ ଓ ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଦେବତା, ସରୋଜ ପଣ୍ଡା, ସଞ୍ଜୀବ ନାୟକ, ଅମୀୟ ଆଚାର୍ଯ୍ୟ ଯୋଗ ଦେଇଥିଲେ।

## ମହୁଲପାଲି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକୋତ୍ସବ




**ପାଇକମାଳ, ୧୬ ।୧(ସମିସ):** ମହୁଲପାଲି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୧୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ର, ମୁଖ୍ୟ ବକ୍ତା ଭାବେ ତାଳପାଲି ମହାବିଦ୍ୟାଳୟର ଅଧ୍ୟାପକ ଧନପତି ଦେବତା ଓ ସମ୍ମାନିତ ଅତିଥି ଭାବେ ଟେମେରୀ ସରପଞ୍ଚ ଦିଲ୍ଲୀପ କୁମାର ବେହେରା, ବୁକୁରାମୁଣ୍ଡା ସରପଞ୍ଚ ଅନିତା ଭୋଇ, ସମିତି ସଭ୍ୟା ସସ୍ମିତା ବାରିକ, ଜିଲ୍ଲା ପରିଷଦ ସୁରେନ୍ଦ୍ର ସିଂ ବରିହା, ଡ. ଧନଞ୍ଜୟ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। ଅଧକ୍ଷ ପଞ୍ଚାନନ ବିଶି ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ଲିଙ୍ଗରାଜ ପ୍ରଧାନ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି ଯୁବରାଜ ପ୍ରଧାନ, କୋଷାଧକ୍ଷ ରଙ୍କମଣି ବାରିକ, ଭୂମିଦାତା ଟିକେଲାଲ ଭୋଇ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପେନ୍ଦ୍ର ସାହୁ, ମନୋଜ ସାହୁ, ଯାଜ୍ଞସେନୀ ପ୍ରଧାନ, ଅମୂଲ୍ୟ ନାୟକ, ସବିତା ନାଏକ, ରୋଜି ସେଠ, ରୋଜି ବାରିକ, ଭାଗ୍ୟଶ୍ରୀ ପ୍ରଧାନ, ଅନିତା ଦେବତା, ଜୟନ୍ତୀ ବାରିକ, ରୋଦନା ବରିହା, ଗୋପବନ୍ଧୁ ସେଠ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ରୀରେ ଲିଜେଣ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଝାରବନ୍ଧ, ୧୬ ।୧ (ସମିସ):** ଝାରବନ୍ଧ ବ୍ଲକ ସଂକ୍ରୀରେ ଜ୍ୟୋତି ସ୍ପୋର୍ଟିଂ ଦ୍ୱାରା ଲିଜେଣ୍ଡ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆଢିପା, ବରଭଟା, ଦହିତା, ସଂକ୍ରୀ, ଘନାମାଳ, ପାଟଣାଗଡ଼, ଡଙ୍ଗାଘାଟ, ସରାଇପାଲି ଦଳ ଅଂଶ ଗ୍ରହଣ କରିଥିଲେ। ଅମଠି ସରପଞ୍ଚ ଲକ୍ଷେ ସିଂ ଥପା ଏବଂ ସମିତି ସଭ୍ୟ ପ୍ରେମାନନ୍ଦ ଚୌଧୁରୀ ପତକା ଉତ୍ତୋଳନ କରି ଆରମ୍ଭ କରିଥିଲେ। ଦହିତା ଦଳ ବରଭଟା ଦଳକୁ ଗୋଟିଏ ଗୋଲ ଦେଇ ଫାଇନାଲ ଯାଇଥିଲା। ଅନ୍ୟପଟରେ ଘନାମାଳ ଟାଇପ ରେକର୍ଡ ଜରିଆରେ ଫାଇନାଲ ଯାଇଥିଲା। ଫାଇନାଲ ମ୍ୟାଚ୍ ଦହିତା ଓ ଘନାମାଲ ମଧ୍ୟରେ ଖେଳା ଯାଇଥିଲା। ଟାଇପ ରେକର୍ଡ ମାଧ୍ୟମରେ ଦହିତା ଦଳ ୩ ଗୋଲ୍‌ରେ ବିଜୟୀ ହୋଇଥିଲା। ଦୁର୍ଗାପ୍ରସାଦ ଅଗ୍ରୱାଲ, ଛୋଟଅନକି ସମିତି ସଭ୍ୟ ସତ୍ୟମ୍ ପ୍ରଧାନ, ଅମଠୀର ପୂର୍ବତନ ସରପଞ୍ଚ ଲମ୍ବୋଦର ପଣ୍ଡା, ଗୋବିନ୍ଦ ପଟେଲ, ମହେନ୍ଦ୍ର ବାରିକ, ମହାଦେବ ବେହେରା, ଦିବସ ସାହୁ, ଲଳିତ ମଲ୍ଲିକ, ମିନୋଜ ବିହାରି ପାଣ୍ଡେ, ଦିଗାମ୍ବର ସାହୁ, ଗଣେଶ୍ୱର ପଟେଲ, ବୈବ ରଣା, ରାଜେନ୍ଦ୍ର ପଟେଲ, କିଶୋର ପ୍ରଧାନ, ଶୁକଦେବ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରି ଭାବରେ ଭବାନୀ ଶଙ୍କର ମାଝୀ, ଚିତ୍ତରଞ୍ଜନ ପାଣ୍ଡେ, ଗୋପାଳ ଗୀଙ୍ଗୀରା, ମୁକେଶ ସେଠ୍ ଦାୟିତ୍ୱ ତୁଲାଇଥିଲେ। ତୁଲାରାମ ପଟେଲ ଧନ୍ୟବାଦ ଦେଇଥିଲେ।



## ଭେଙ୍ଗରାଜପୁରରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ପାଇକମାଳ, ୧୬ ।୧(ସମିସ):** ମାର୍ଜାରକେଶରୀ କୃଷକ ଉତ୍ପାଦକ କମ୍ପାନୀ ଓ ଅହିଂସା କ୍ଲବ୍ ସହଯୋଗରେ ଭେଙ୍ଗରାଜପୁର ଗାଁରେ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମରେ ମାଣ୍ଡିଆ ଉଦଘାଟିତ ହୋଇଯାଇଛି। ଏଥିରେ ପଦ୍ମପୁର ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରଭାସ ପଣ୍ଡା, ସମ୍ବଲପୁର ଟି ଡି ସି ସି ବି ଏ ମ ଅଧିକାରୀ ବ୍ରହ୍ମାନନ୍ଦ ମାଝୀ, ପାଇକମାଳ ଆରଏମସି କୃପା ଦିଶ୍ରୀ, ଜିଲ୍ଲା ସଂଯୋଜକ ଶ୍ରୀଅନ୍ନ ଅଭିଯାନ ଅଭିଷେକ ସିଂ ଓ ଯୁବକ ମାଝୀ, ମାର୍ଜାର କେଶରୀ କୃଷକ ଉତ୍ପାଦକ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ନୀଳମଣି ପୁରୋହିତ, ପାଇକମାଳ ବ୍ଲକ ସଂଯୋଜକ ଶ୍ରୀଅନ୍ନ ଅଭିଯାନ ଗୌର ଚରଣ ସାହୁ ଓ ଅହିଂସା କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୦୨୫-୨୬ ଖରିଫ ବର୍ଷରେ ପାଇକମାଳ ବ୍ଲକ ପାଇ ୩୫୦୦ କ୍ୱିଣ୍ଟାଲ କ୍ରୟ କରିବା ଲକ୍ଷ୍ୟ ରହିଛି। ଛିଦେଇକେଲା, କେର୍ମେଲାବାହାଲ ଓ ଭେଙ୍ଗରାଜପୁର ମଣ୍ଡିଆ କ୍ରୟ କେନ୍ଦ୍ରରେ ଚାଷୀଙ୍କ ଉତ୍ପାଦିତ ମାଣ୍ଡିଆ କ୍ରୟ କରିବା ଲକ୍ଷ୍ୟ ରହିଛି। ମାଣ୍ଡିଆ କୁଇଣ୍ଟାଲ ପ୍ରତି ୪୮୮୬ ଟଙ୍କା ଦରରେ ସରକାର ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରିବେ। ଏହି ଉତ୍ସବରେ ଭେଙ୍ଗରାଜପୁର ଟେମେରି, ସରାଇକେଲା, ମିଠାପାଲି ପଞ୍ଚାୟତର ଚାଷୀ ଉପସ୍ଥିତ ଥିଲେ। ଅହିଂସା କ୍ଲବର ରାକେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।



## ଭାରସାମ୍ୟ ହରାଇ ବୁଲେଟ ଦୁର୍ଘଟଣାଗ୍ରସ୍ତ: ଚାଳକ ମୃତ

**ବୀରମହାରାଜପୁର, ୧୬ ।୧(ସମିସ):** ବୀରମହାରାଜପୁର ଥାନା ଧର୍ମଶାଳା ଫାଣ୍ଡି ଅଧୀନ କେଶଲପୁରା ରାସ୍ତାରେ ବିଳମ୍ବିତ ରାତିରେ ଏକ ବୁଲେଟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବୁଲେଟ ଚାଳକ ଜଣକ ଏହି ଥାନା ଅଧୀନ ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଜମ୍ବାଲିପାଲି ଗାଁର ମହଜିତ ଓରଫ ହରଜିତ କର୍ଣ୍ଣ (୩୦)। ସେ ଉଲୁଣ୍ଡା ପଟୁ ପଲାସ ଛକ ଦେଇ ଜାଲୋଏ ରାସ୍ତାରେ ଆସୁଥିଲେ। କେଶଲପୁରାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ବିଳମ୍ବିତ ରାତିରେ ଏବଂ ନିଛାଟିଆ ରାସ୍ତା ହେତୁ ସେ ରକ୍ତାକ୍ତ ଅବସ୍ଥାରେ ପଡି ରହିଥିଲେ। ସକାଳୁ କେଶଲପୁରା ଗ୍ରାମର କେତେକ ବ୍ୟକ୍ତି ଶୌଚ ପାଇଁ ଯାଉଥିବା ବେଳେ ଦେଖିବାକୁ ପାଇ ବୀରମହାରାଜପୁର ଥାନା ଓ ଫାଣ୍ଡିକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ, ୧୬ ।୧(ସମିସ):** ଝାରବନ୍ଧ ଡିଗ୍ରୀ କଲେଜରେ ଏକ ନିଶାବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଆସାମ ଶ୍ରୀଭୂମି ଅଞ୍ଚଳର ପଲ୍ଲବ ଦେବ ଯୋଗଦେଇଥିଲେ। ସମାଜରେ ନିଶାର କୁପ୍ରଭାବ ବିଷୟରେ ସେ ଆଲୋଚନା କରିଥିଲେ। ଯୁବପିଢିକୁ ନିଶାମୁକ୍ତ ଜୀବନଶୈଳୀ ଅନୁସରଣ କରିବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଗଗନ ବିହାରୀ ଡନସନ, ଅର୍ଥନୀତି ବିଭାଗ ମୁଖ୍ୟ ନବୀନ ମେହେର, ଲାଇବ୍ରେରିଆନ ଅଶୋକ ହାତୀ, ସିଆରସିସି ଦିବସ ସାହୁ, ସାମ୍ବାଦିକ ମୋତିଲାଲ ବାଗ, ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ଖ୍ୟାତିମୟ ତ୍ରିପାଠୀ ଓ କିରାଣି ବଂଶୀଧର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମିନପ୍ରଭା ପ୍ରଧାନ, କୁନି ସାହା, ମନୀଷା ଭୋଇ, ଅଧ୍ୟାପକ ମୁକେଶ ବାଗ, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ସାମ୍ବାଦିକ ସୌଦାଗର ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରମରେ ସେ ଝାରବନ୍ଧ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବିଡ଼ିଓ ପର୍ଶୁରାମ ପଣ୍ଡା ତାଙ୍କୁ ସ୍ୱାଗତ କରିଥିଲେ। ତେବେ ଭାରତକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ପଲ୍ଲବ ୯ ମାସ ଧରି ପଦଯାତ୍ରାରେ ବାହାରିଛନ୍ତି। ସାରା ଦେଶରେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି। ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପଦଯାତ୍ରା କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଏପର୍ଯ୍ୟନ୍ତ ସେ ୬ଟି ରାଜ୍ୟ ପରିକ୍ରମା କରିସାରିଛନ୍ତି।



## ନଦୀପଡ଼ାବାସୀଙ୍କୁ ଖୁବ୍‌ଶୀଘ୍ର ପଟ୍ଟା



**ବରଗଡ଼, ୧୬। ୧(ସମିସ):** ବରଗଡ଼ର ଡାଙ୍ଗଗ୍ରାମ ସ୍ଥିତ ନଦୀପଡ଼ାରେ ସ୍ଥାନୀୟ ଲୋକମାନେ ୩୦/୪୦ ବର୍ଷ ହେବ ଘର କରି ରହି ଆସୁଛନ୍ତି। ୧୨୫ଟି ପରିବାର ଛୋଟ ଛୋଟ କୁଡିଆ ଘରେ ରହୁଛନ୍ତି। ତେବେ ଏତେ ଦିନ ରହିବା ପରେ ବି ସେମାନେ ଘରର ପଟ୍ଟା ପାଇ ନାହାନ୍ତି। ଏଣୁ ସେମାନେ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଏବଂ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଏହାର ସମାଧାନ ପାଇଁ ଶୁକ୍ରବାର ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ଏବଂ ରାଜସ୍ୱ ନିରୀକ୍ଷକ ସଞ୍ଜୀବ ମିଶ୍ର ନଦୀପଡ଼ାକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ସମସ୍ତଙ୍କୁ ଖୁବ୍ ଶୀଘ୍ର ପଟ୍ଟା ପ୍ରଦାନ କରାଯିବ ବୋଲି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ପ୍ରତିଶ୍ରୁତି ଦେଇଛନ୍ତି।

## ଛାତ୍ରଛାତ୍ରୀଙ୍କ ଜିଆ ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ

ଅମ୍ବାଭୋନା, ୧୬ ।୧(ସମିସ)



ଭୁକ୍ତା ପି ଏମ୍ ଶ୍ରୀ ଜନତା ସରକାରୀ ହାଇସ୍କୁଲ ଓ ରୁଚିଦାପୁରୁଷୋତ୍ତମ ସରକାରୀ ହାଇସ୍କୁଲର ବିଜ୍ଞାନ କ୍ଲବ୍, ଇକୋ କ୍ଲବ୍ ଓ ଶକ୍ତି କ୍ଲବର ଛାତ୍ରଛାତ୍ରୀ ପିପଲମୁଣ୍ଡାସ୍ଥିତ ଜିଆ ପ୍ରଜନନ ଓ ଜିଆ ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଆର ପ୍ରକାର ଭେଦ, ଜିଆଖତ ପ୍ରସ୍ତୁତି ପାଇଁ ଆବଶ୍ୟକ କୁଣ୍ଡ, କୁଟାକାଠି, ଶୁଖିଲା ପତ୍ର, ଜୈବିକ ଆବର୍ଜନା, ଅଖା, ଆଫ୍ରିକୀୟ ଜିଆ(ୟୁଡ୍ରିଲସ ଇଉଜେନି) ଓ ୟୁରୋପୀୟ ଜିଆ(ଏସିନିଆ ଫୋଟିଡା)ଙ୍କ ବଂଶବୃଦ୍ଧି ପ୍ରକ୍ରିୟା, ଭର୍ମି କମ୍ପୋଷ୍ଟ ପ୍ରସ୍ତୁତିରେ ଆବଶ୍ୟକ ସାବଧାନତା ଏବଂ ଜୈବିକ କୃଷି ପଦ୍ଧତିରେ ଜିଆ ଖତର ଆବଶ୍ୟକତା ସମ୍ବନ୍ଧରେ ଛାତ୍ରଛାତ୍ରୀ ଜ୍ଞାନ ଆହରଣ କରିଥିଲେ। ବନରକ୍ଷୀ କକୟା ବେସନ, ଫେମିନା ପାଲ, କର୍ମଚାରୀ ପ୍ରଦୀପ ବୁଧିଆ ଓ ଛେଲିଆ ସାହୁଙ୍କଠାରୁ ଛାତ୍ରଛାତ୍ରୀ ଭର୍ମି କମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଛାତ୍ରଛାତ୍ରୀମାନେ ଭର୍ମି କମ୍ପୋଷ୍ଟ ପ୍ରସ୍ତୁତି କ୍ଷେତ୍ର ପରିଦର୍ଶନ କରି ତାକୁ ଅନୁଧ୍ୟାନ କରିଥିଲେ। ପରିବେଶ ଉପଯୋଗୀ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ଭୁକ୍ତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅଙ୍କିତ ମହନ୍ତ ଓ ଶିକ୍ଷୟିତ୍ରୀ ରୋଜାଲିନ ଭୋଇଙ୍କ ସହ ଜନତା ହାଇସ୍କୁଲର ୪୧ ଜଣ ଶିକ୍ଷାର୍ଥୀ ଏବଂ ରୁଚିଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ ମେହେରଙ୍କ ତତ୍ତ୍ୱ । ।ବଧାନରେ ଶିକ୍ଷକ ସୁବୋଧ ଭୋଇ, ବଳରାମ ରଣା ଓ ଶିକ୍ଷୟିତ୍ରୀ ତନୟା ଡନସନାଙ୍କ ସହ ରୁଚିଦା ହାଇସ୍କୁଲର ୪୦ ଜଣ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ।

ସକାଳ
THE SAKALA



## ୬୦ ଲିଟର ଦେଶୀ ମଦ ସହ ସ୍କୁଟର ଜବତ; ୨ ଗିରଫ

ଦେବଗଡ,୧୬।୧(ସମିସ): କୁଣ୍ଡେଇଗୋଲା ଥାନା ଅନ୍ତର୍ଗତ ସିପୁର ରାସ୍ତା ଦେଇ ଏକ ସ୍କୁଟି ଯୋଗେ ବେଆଇନ ଦେଶୀ ମଦ ଚୋରାଚାଲାଣ ହେଉଥିବା ବେଳେ ପୁଲିସ ଚଢ଼ଉ କରି ୬୦ ଲିଟର ବେଆଇନ ଦେଶୀ ମଦ ସହ ବ୍ୟବହୃତ ଏକ ସ୍କୁଟର ଜବତ କରିଛି। ଏଥିସହ ବେଆଇନ ମଦ କାରବାର ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ଗିରଫ ଯୁବକ ଦ୍ୱୟ ଅନୁଗୁଳ ଜିଲ୍ଲା ରେଙ୍ଗାଳି ଥାନା ଅନ୍ତର୍ଗତ ଫୁଲଝରି ଗ୍ରାମର ବିକାଶ ଟାଇସାମ (୨୦) ଓ ରାଉତ ସିଙ୍କୁ (୧୯)ବୋଲି ଜଣାପଡିଛି। ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଗୁଣ୍ଡୁଲିପସି ଗ୍ରାମରୁ କରଲଗା ପଟକୁ ଏକ ସ୍କୁଟି ଯୋଗେ ଦେଶୀ ମଦ ଚୋରାଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ସିପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଛକି ରହିଥିଲା। ଯୁବକ ଦ୍ୱୟ ସ୍କୁଟର ଯୋଗେ ବେଆଇନ ମଦ ନେଇ ଆସୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ସ୍କୁଟରର ସମ୍ମୁଖ ଭାଗରେ ୨ଟି ପ୍ଲାଷ୍ଟିକ ବସ୍ତାରେ ଥିବା ୬୦ ଲିଟର ବେଆଇନ ଦେଶୀ ମଦ ବାହାରିଥିଲା। ଫଳରେ ପୁଲିସ ଏହି ମଦ ସହିତ ଚୋରା ଚାଲାଣରେ ବ୍ୟବହୃତ ସ୍କୁଟରକୁ ମଧ୍ୟ ଜବତ କରିଥିଲା। ଏଥିସହ ଉକ୍ତ ଯୁବକ ଦ୍ୱୟଙ୍କୁ ଗିରଫ କରି ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା କୁଣ୍ଡେଇଗୋଳା ଥାନା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଜାତୀୟ ଭୋଟର ଦିବସ ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା,୧୬।୧(ସମିସ): ଆସନ୍ତା ଜାନୁଆରୀ ୨୫ ତାରିଖରେ ୧୬ତମ ଜାତୀୟ ଭୋଟର ଦିବସ ପାଳନ ନେଇ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୫ ତାରିଖ ସକାଳେ ସହରର ପୁରୁଣା ବସ୍ ଷ୍ଟାଣ୍ଡରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ବା 'ୱାକାଥନ୍' ଆୟୋଜିତ ହେବ। ଏହି ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୩୦୦ ରୁ ୩୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ଜନସାଧାରଣଙ୍କୁ ମତଦାନର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବେ। ପଦଯାତ୍ରା ସହିତ ଭୋଟର ସଚେତନତା ବୃଦ୍ଧି ପାଇଁ ରଙ୍ଗୋଲି, ପାଲା ଏବଂ ଲଘୁ ନାଟକ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଜାତୀୟ ଭୋଟର ଦିବସ ଅବସରରେ ଯୁବପିଢ଼ିଙ୍କୁ ସାମିଲ କରିବା ପାଇଁ ବିଭିନ୍ନ କଲେଜସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଏହି କ୍ରମରେ ଝାରସୁଗୁଡାର ଏଲଏନ କଲେଜକୁ "ମୋ ଭାରତ ମୋର ଭୋଟ" ବିଷୟବସ୍ତୁ ଉପରେ କୁଇଜ୍, ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତା ଆୟୋଜନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତ୍ୟେକ ପ୍ରତିଯୋଗିତାର କୃତି ଶ୍ରେଷ୍ଠ ତିନି ଜଣ ଅଂଶଗ୍ରହଣକାରୀଙ୍କୁ ଜାନୁଆରୀ ୨୫ ତାରିଖ ଜିଲ୍ଲାସ୍ତରୀୟ ସମାରୋହରେ ସମ୍ମାନିତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଝାରସୁଗୁଡ଼ା ଡେପୁଟି କଲେକ୍ଟର ଲୋପାମୁଦ୍ରା କାଲୋ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ କନିଷ୍ଠ ଓ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

### ଯୌତୁକ ପାଇଁ ନବବଧୂକୁ ହତ୍ୟା ମାମଲା

## ୧୪ ମାସ ପରେ ଶାଶୁ, ଦେଢ଼ଶାଶୁ, ଭିଣୋଇ ଗିରଫ



ଦେବଗଡ,୧୬।୧(ସମିସ): କୁଣ୍ଡେଇଗୋଳା ଥାନା ଢୋଲଡଇଲା ଗ୍ରାମରେ ଗତ ୨୦୨୪ ମସିହାରେ ଯୌତୁକ ପାଇଁ ନବବଧୂକୁ ହତ୍ୟା ମାମଲାରେ ଦୀର୍ଘ ୧୪ ମାସ ଧରି ଫେରାର ଥିବା ଶାଶୁ, ଦେଢ଼ଶାଶୁ ଓ ଭିଣୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କୁଣ୍ଡେଇଗୋଳା ଥାନା ପୁଲିସ। ଅଦାଲତରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଅଭିଯୁକ୍ତ ସ୍ୱାମୀ ଶଶୀ ଗଡତିଆ ଗିରଫ ହୋଇ ବିଚାରଧୀନ ବନ୍ଦୀ ଭାବେ ରହିଥିବା ବେଳେ ଆଜି ଶାଶୁ ଦେବକୀ ଗଡତିଆ, ଦେଢ଼ ଶାଶୁ ସନ୍ଧ୍ୟା ନାଏକ ଓ ଭିଣୋଇ ଶେଷ ନାଏକଙ୍କୁ ଜେଲ ହାଜତକୁ ପଠାଇଛି ପୁଲିସ। ସୂଚନାନୁଯାୟୀ, ଢୋଲଡଇଲା ଗ୍ରାମର ସ୍ୱର୍ଗତ ଶୁକଦେବ ଗଡାତିଆଙ୍କ ପୁଅ ଶଶୀ ଗଡ଼ତିଆ ଗତ ୨୦୨୨ମସିହାରେ ଦେବଗଡ଼ ଥାନା କୁଣ୍ଡାପିଠା ଗ୍ରାମର କ୍ଷମାନିଧି ସୁହୁଲାଙ୍କ ଝିଅ ନଳିନୀ ସୁହୁଲାଙ୍କ ସହ ପ୍ରେମ ବିବାହ କରି ଅନ୍ୟତ୍ର ରହୁଥିଲେ। ତେବେ ୨୦୨୪ମସିହାରେ ମନ୍ଦିରରେ ବିବାହ କରି ନିଜ ଘରକୁ ନେଇଥିଲେ। ତେବେ ନଳିନୀ ଶାଶୁଘରେ କିଛିଦିନ ରହିବା ପରେ ସ୍ୱାମୀ ଓ ତାଙ୍କ ପରିବାର ଲୋକ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଆରମ୍ଭ କରିଥିଲେ। ଏ ସମ୍ପର୍କରେ ନଳିନୀ ନିଜ ବାପ ଘର ଲୋକଙ୍କୁ ଜଣାଇବା ପରେ ଏହାର ସମାଧାନ ପାଇଁ ସେମାନେ ପ୍ରୟାସ କରିବା ମଧ୍ୟରେ ଗତ ୨୦୨୪ ମସିହା ନଭେମ୍ବର ୧୫ ତାରିଖରେ ନଳିନୀଙ୍କ ଶାଶୁ ଘର ଲୋକେ ପୁଣି ଥରେ ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ। ଏଥିରେ ନଳିନୀ ଗୁରୁତର ହୋଇଥିଲେ। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ଭୀମସାରରେ ୨୦୨୪ ନଭେମ୍ବର ୧୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ନଳିନୀଙ୍କ ପିତା ୨୦୨୪ ନଭେମ୍ବର ୧୮ ତାରିଖ ଦିନ କୁଣ୍ଡେଇଗୋଳା ଥାନାରେ ତାଙ୍କ ଝିଅକୁ ଯୌତୁକ ପାଇଁ ସ୍ୱାମୀ, ଶାଶୁ, ଦେଢ଼ଶାଶୁ ଓ ଭିଣୋଇ ମିଳିମିଶି ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଡେଇଗୋଳା ଥାନା ପୁଲିସ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରି ସ୍ୱାମୀ ଶଶୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନଳିନୀଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଓ ବିଷକ୍ରିୟା ଯୋଗୁଁ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହେବା ପରେ ଅନ୍ୟ ଉପରୋକ୍ତ ତିନି ଅଭିଯୁକ୍ତଙ୍କୁ ଦୀର୍ଘ ୧୪ ମାସ ପରେ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି।

## ନବ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବାକୁ ନବୀନଙ୍କୁ ଆମନ୍ତ୍ରଣ



ଝାରସୁଗୁଡା,୧୬।୧(ସମିସ): ଝାରସୁଗୁଡାର ପୂର୍ବତନ ବିଧାୟିକା ଦିପାଳି ଦାସଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଝାରସୁଗୁଡାର ଏକ ପ୍ରତିନିଧି ଦଳ ଶୁକ୍ରବାର ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରି ପୂର୍ବତନମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରିଛନ୍ତି। ଏହି ପ୍ରତିନିଧି ଦଳରେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦିପାଲି ଦାସ, ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି ହରିଶ ଗନତ୍ରା, ଉପସଭାପତି ଜଗନ୍ନାଥ ଜେନା, ଉପସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ପୂର୍ବତନ ଜିଲ୍ଲା ସଭାପତି ରବି ସିଂ, ବୀର ମହାପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ସୁରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅସନନାଳୀ ଗ୍ରାମରେ ମକର ଉତ୍ସବ



ଦେବଗଡ଼,୧୬।୧(ସମିସ): ବାରକୋଟ ବ୍ଲକ ଅନ୍ତର୍ଗତ ଅସନନାଳୀ ଗ୍ରାମର ବୃନ୍ଦାବନ କ୍ଲବ ଆନୁକୂଲ୍ୟରେ ୭ମ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରେ ଗ୍ରାମବାସୀ ସ୍ନାନ ପରେ ପାରମ୍ପରିକ ମକର ହୁଲ ଜାଳି ମକର ଉତ୍ସବ ପାଳନ କରି ଥିଲେ। ପରେ ବୃକ୍ଷ ବନ୍ଦନା କରାଯିବା ସହ ଅପରାହ୍ନରେ ସାହିର କୁନିକୁନି ପିଲା ଓ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରକାର ପାରମ୍ପରିକ କ୍ରୀଡାର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ଅତିଥିଭାବେ କଣ୍ଢଳ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ କନ୍ତାରୁ ଚରଣ ପ୍ରଧାନ, ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱର ପ୍ରଧାନ ଓ ପୃଥ୍ୱୀରାଜ ମେହେର ଯୋଗଦେଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ଆନ୍ତର୍ଜାତିକ ପର୍ବତାରୋହୀ ଶଶି ଭୂଷଣ ମାଝୀଙ୍କୁ "ମକର ଗୌରବ" ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅନୁଷ୍ଠାନକୁ ନିଷ୍ଠାପର ସହଯୋଗ ପାଇଁ କଲା ଗ୍ରାମର ବିଶିଷ୍ଟ ସମାଜସେବୀ ଫକୀର ମୋହନ ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଜେଡିର ବ୍ଲକ୍ ଓ ନଗର ସଭାପତି ଘୋଷିତ

ଝାରସୁଗୁଡା,୧୬।୧(ସମିସ): ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଝାରସୁଗୁଡା ସଂଗଠନିକ ଜିଲ୍ଲା ପାଇଁ ବିଜେଡି ପକ୍ଷରୁ ବିଭିନ୍ନ ବ୍ଲକ ଓ ନଗର ଗୁଡିକର ନୂତନ ସଭାପତି ଘୋଷଣା କରାଯାଇଛି। ବିଜୁ ଜନତା ଦଳର ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ୮ ଜଣଙ୍କୁ ନୂତନ ସଭାପତି ଭାବରେ ନିଯୁକ୍ତ କରାଯାଇଛି। ବିଜୁ ଜନତା ଦଳ ଲଖନପୁର ବ୍ଲକ୍ ସଭାପତି ଭାବରେ ପ୍ରଦୀପ କୁମାର ବିଶ୍ୱାଳ, ବେଲପାହାଡ଼ ପୌର ପରିଷଦ ଟାଉନ ସଭାପତି ଭାବରେ ବସନ୍ତ ମହାନ୍ତି, ବ୍ରଜରାଜନଗର ପୌର ପରିଷଦ ଟାଉନ ସଭାପତି ଭାବରେ ରାଧାକାନ୍ତ ପ୍ରଧାନ, ଝାରସୁଗୁଡା ବ୍ଲକ ସଭାପତି ଭାବରେ ଦାମୋଦର ନାଥ, କିର୍ମିରା ବ୍ଲକ ସଭାପତି ଭାବରେ ଚୂଡ଼ାମଣି ସାହୁ, ଲଇକେରା ବ୍ଲକ ସଭାପତି ଭାବରେ ସତ୍ୟପ୍ରକାଶ ନାଏକ, କୋଲାବିରା ବ୍ଲକ ସଭାପତି ଭାବରେ ପୁରୁଷୋତ୍ତମ ନାଏକ, ଝାରସୁଗୁଡା ପୌର ପରିଷଦ ଟାଉନ ସଭାପତି ଭାବରେ ସନ୍ଦୀପ ଅବସ୍ଥିଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସମସ୍ତ ମନୋନୀତ ସଭାପତିମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରୁ ଆହୁରି ମଜବୁତ କରିବାକୁ ନୂତନ ସଭାପତିଙ୍କ ପକ୍ଷରୁ କାର୍ଯ୍ୟ କରାଯିବା ନେଇ ଦଳ ପକ୍ଷରୁ କୁହାଯାଇଛି।

ଦେବଗଡ଼: ଦେବଗଡ଼ ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ବିଜୁ ଜନତା ଦଳ ପକ୍ଷରୁ ନଗର ଓ ବ୍ଲକ ଦାୟିତ୍ୱ ପାଇଁ ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ନଗର ବିଜେଡି ସଭାପତି ଭାବେ ଚନ୍ଦ୍ରଶେଖର ଭୁକ୍ତା, ତିଲେଇବଣି ବ୍ଲକ୍ ବିଜେଡି ସଭାପତି ଭାବେ ବାବୁଲାଲ ପୃସେଠ, ରିଆମାଳ ବ୍ଲକ ବିଜେଡି ସଭାପତି ଭାବେ ପାଞ୍ଜିଆ ଭୋଇ ଏବଂ ବାରକୋଟ ବ୍ଲକ ସଭାପତି ଭାବେ କତାର୍ଥ ସାହୁଙ୍କ ନାମକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଘୋଷଣା କରିଛନ୍ତି।

## ଚାରଭାଟି ଫଳସାଢ଼ିପାରେ ମକର ଯାତ୍ରା



ଝାରସୁଗୁଡା,୧୬।୧(ସମିସ): ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂହ ଗ୍ରାମପଞ୍ଚାୟତ ଚାରଭାଟି ଫଳସାଢିପା ଗ୍ରାମଠାରେ ଶୁକ୍ରବାର ୩୧ତମ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମରେ ପୂଜାର୍ଚ୍ଚନା କରାଯାଇଥିବାବେଳେ ଅପରାହ୍ନରେ ଚାରଭାଟି ଗଉନ୍ତିଆପଡ଼ା ଠାରୁ ମହାପ୍ରଭୁ ହରି ନାମ ସଂକୀର୍ତ୍ତନ ସହ ଭକ୍ତଙ୍କ ମେଳରେ ଫଳସାଢିପା ମକର ମଣ୍ଡପକୁ ପହଞ୍ଚିଥିଲେ। ପରେ ମହାପ୍ରଭୁ ହରଙ୍କ ସହ ମକର ବସିଥିଲେ। ମକର ମଣ୍ଡପରେ ଉଭୟଙ୍କ ପୂଜାର୍ଚ୍ଚନା ପରେ ହରିହର ଉଭୟେ ଏକ ସୁସଜ୍ଜିତ ରଥରେ ବିରାଜମାନ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରାଯାଇଥିଲା। ମକର ମଣ୍ଡପରେ ଭଗବାନଙ୍କ ଦର୍ଶନ ସହିତ ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଅନେକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରାତିରେ ସଞ୍ଚାର ଆଦି କାର୍ଯ୍ୟକ୍ରମ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ରଘୁନାଥପାଲିରେ ପିଏମ୍‌ଶ୍ରୀ ଉତ୍ସବ

ଝାରସୁଗୁଡ଼ା,୧୬।୧(ସମିସ): ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ସ୍ଥିତ ରଘୁନାଥପାଲି ପ୍ରାଥମିକ ପିଏମ୍ ଶ୍ରୀ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ପିଏମ୍ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ଏବଂ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଧାୟକ ତ୍ରିପାଠୀ ଶିକ୍ଷା ହିଁ ଆମ ସମାଜର ମୂଳଦୁଆ ଏବଂ ପିଏମ୍ ଶ୍ରୀ ଭଳି ଅଭିନବ ପ୍ରୟାସ ପିଲାମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବାରେ ସହାୟକ ହେବ ବୋଲି ବିଧାୟକ ତ୍ରିପାଠୀ ମତ ପ୍ରକାଶ କରିଥିଲେ। କୋଲାବିରା ବିଜେପି ସଭାପତି ରାଜେଶ କୁମାର ଦାସ, ସଞ୍ଜୟ ପୂଜାରୀଙ୍କ ସମେତ କୋଲାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ



ଦେବଗଡ଼,୧୬।୧(ସମିସ): ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସ ପୂର୍ବାହ୍ନରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ସଂସଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳ ପ୍ରତିଭାର ଜାଗରଣ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଆକାଂକ୍ଷୀ ମେଳା ୨୦୩୬ ଅବସରରେ ଦୋକାନ ବଜାର, ଗ୍ରାମୀଣ କୁଟୀର ଶିଳ୍ପ, ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଟ୍ୟାଲେଣ୍ଟ ଗ୍ୟାଲେରୀ ପ୍ରଦର୍ଶନକୁ ବିଚାରକ ଭାବେ ଆଦର୍ଶ ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡ଼.ସୁମିତ ଜୈଶ୍ୱାଲ, ରାକେଶ କୁମାର ରଥ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଚିଫ ଇଞ୍ଜିନିଅର ସୌମେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ, ଉଦୟ କୁମାର ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟ ନାରାୟଣ ସାହୁ, ସୁଜିତ କୁମାର ପାତ୍ର, ଗଗନ ବିହାରୀ ନାୟକ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଦୁଇଦିନ ଧରି ମଧ୍ୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପ୍ରତିଯୋଗିତାଅନୁଷ୍ଠିତହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ତିନୋଟି ପିଏମ୍‌ଶ୍ରୀ ବିଦ୍ୟାଳୟ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାଶିକ୍ଷା ଅଧିକାରୀ ଗେଦେରା କୁଜୁର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟବକ୍ତା ଭାବେ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ଭୁକ୍ତା, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ କୁମାର ପ୍ରଧାନ ଓ ଜିଲ୍ଲା ବିଜ୍ଞାନ ସଂଯୋଜିକା ଇପ୍ସିତା ପଟ୍ଟନାୟକ ମଞ୍ଚାସୀନ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୁଗୁଡା ସିଆରସିସି. ପ୍ରାଣବନ୍ଧୁ ଘଡେଇ, ଓଏମପିସିଏ ସେଣ୍ଡା ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରଂଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସମାରୋପ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ଧ୍ୟାରାଣୀ ପାତ୍ର, ପଦ୍ମାଳି ଲାକ୍ରା, ଦମୟନ୍ତୀ ବେହେରା, ଇନ୍ଦ୍ରମଣି ସାମଲ, ସଞ୍ଜୟ କୁମାର ବ୍ରହ୍ମା, ତପନ କୁମାର ପ୍ରଧାନ, ରଞ୍ଜନ କୁମାର ବ୍ରହ୍ମା, କୁମୁଦବନ୍ଧୁ ପ୍ରଧାନ, ହିମାଂଶୁ ଶେଖର ଦେହୁରୀ, ରାମକୃଷ୍ଣ ସାହୁ, ସିଆରସିସି ଚୂଡ଼ାମଣି ସାହୁ, ଭେନସ କୁମାର ପ୍ରଧାନ, ଅଜୟ କୁମାର ସାହୁ, ଶିକ୍ଷକ ଭବାନୀକାନ୍ତ ପ୍ରଧାନ, ଭାଗ୍ୟଶ୍ରୀ ଗିରି, ସୌମିତ୍ରୀ ମହାପାତ୍ର, ମାନସ ରଞ୍ଜନ ବେହେରା, କାର୍ଯ୍ୟାଳୟ ସହାୟକ ଝସକେତନ ସାହୁ, ଗୌରହରି ସାହୁଙ୍କ ସମେତ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜିଲ୍ଲା ହକି ସଂଘ ପକ୍ଷରୁ ହକି ସରଞ୍ଜାମ ପ୍ରଦାନ



ଝାରସୁଗୁଡା,୧୬।୧(ସମିସ): ସ୍ଥାନୀୟ ଲଇକେରା ପିଏମଶ୍ରୀ କେବିଜେ ସ୍କୁଲରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରୀପାଠି ହକି ଖେଳାଳିମାନଙ୍କୁ ହକି ସରଞ୍ଜାମ ପ୍ରଦାନ କରିଥିବା ବେଳେ ଗୁରୁବାର ବ୍ରଜରାଜନଗର ଓପିଏମ୍ ବାଳିକା ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ରାଧାକାନ୍ତ ଗର୍ଡିଆ ହକି ସରଞ୍ଜାମ ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅନିଲ ପଟେଲ ଜିଲ୍ଲା ହକି ଆସୋସିଏସନର କ୍ଲେମେଣ୍ଟ ରୋନାଲ୍ଡ, ଜ୍ୟୋତି ଲାଟ, ଶିକ୍ଷୟତ୍ରୀ ସଂଯୁକ୍ତା ମହାପାତ୍ର ପ୍ରତିଭା ମହାପାତ୍ର, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା ପ୍ରମୁଖ ୧୬ ଜଣ ବାଳିକା ଖେଳାଳିମାନଙ୍କୁ ହକି ଷ୍ଟିକ ଓ ଗୋଲକିପର କିଟ୍ ପ୍ରଭୃତି ପ୍ରଦାନ କରିଛନ୍ତି। ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି ଉତ୍ସବରେ ଉପସ୍ଥିତ ରହିଳ ଖେଳାଳିମାନଙ୍କୁ ଏହି ସ୍କୁଲ ନିକଟରେ ଥିବା ଓପିଏମ ଖେଳ ପଡିଆରେ ସପ୍ତାହରେ ୩ ଦିନ ପ୍ରଶିକ୍ଷଣ ଦିଆଯିବ। ବର୍ତ୍ତମାନ ଝାରସୁଗୁଡ଼ା ଜିଲ୍ଲାରେ ୪୫ ଟି ସ୍କୁଲରେ ଖେଳାଳିମାନେ ହକି ଖେଳୁଛନ୍ତି। ୮୦୦ରୁ ଉର୍ଦ୍ଧ୍ୱ ସ୍କୁଲ ବାଳକ ବାଳିକା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି। ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୦ ଟି ସ୍କୁଲକୁ ହକିର ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ଜିଲ୍ଲାରେ ୨୫ଟି ସ୍କୁଲକୁ ସରଞ୍ଜାମ ଯୋଗାଇ ଦିଆଯିବା ନେଇ ସୂଚନା ଦିଆଯାଇଛି।

## ଜିଲ୍ଲାସ୍ତରୀୟ ପ୍ରସ୍ତୁତି କର୍ମଶାଳା

ଝାରସୁଗୁଡ଼ା,୧୬।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ଅଡିଟୋରିୟମ ହଲ୍‌ଠାରେ "ବିପର୍ଯ୍ୟୟ ବିପତ୍ତି ହ୍ରାସ କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ସବର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମାରୀ ଆଲୋକମୟୀ ପ୍ରଧାନ, ଆରଣ୍ୟକ ମିଶ୍ର ଏବଂ ଓସଡମା ପ୍ରତିନିଧି ସୁବୋଧ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଲିଙ୍ଗଗତ ବିଶ୍ଳେଷଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ବିପର୍ଯ୍ୟୟ ସମୟରେ ଅଧିକ ପ୍ରଭାବିତ ହେଉଥିବା ଗୋଷ୍ଠୀ ଯଥା- ଗର୍ଭବତୀ ମହିଳା, ସଦ୍ୟ ପ୍ରସୂତି, ରକ୍ତହୀନତାରେ ପୀଡ଼ିତ ମାତୃଶକ୍ତି ଏବଂ କିଶୋରୀମାନଙ୍କର ସ୍ୱାସ୍ଥ୍ୟଗତ ସୂଚକାଙ୍କ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ସମାଜରେ ପ୍ରଚଳିତ ଶିଶୁ ବିବାହ, ଶିଶୁ ଚୋରା ଚାଲାଣ, ଲିଙ୍ଗଗତ ହିଂସା ଭଳି ସାମାଜିକ ସମସ୍ୟାଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ରଣନୀତିରେ ସାମିଲ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା। ବୈଠକରେ ଶିକ୍ଷା କ୍ଷେତ୍ରରେ କିଶୋରୀମାନଙ୍କର ବିଦ୍ୟାଳୟ ତ୍ୟାଗ ହାର ଏବଂ ସାମାଜିକ ସୁରକ୍ଷା ଅଧୀନରେ ଥିବା ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ତୃତୀୟ ଲିଙ୍ଗୀ ବ୍ୟକ୍ତିମାନଙ୍କର ତଥ୍ୟକୁ ସଠିକ ଭାବେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିପର୍ଯ୍ୟୟ ସମୟରେ ସ୍ଥାନାନ୍ତରଣ, ରିଲିଫ୍ ସାମଗ୍ରୀ ବଣ୍ଟନ ଏବଂ କ୍ଷୟକ୍ଷତି ଆକଳନ ପ୍ରକ୍ରିୟାରେ ଯେପରି ଅନୁସୂଚିତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ଅବହେଳିତ ବର୍ଗ କୌଣସି ପାତରଅନ୍ତରର ଶିକାର ନ ହୁଅନ୍ତି, ସେଥିପାଇଁ ଏକ ସମାନତା ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରି ସମସ୍ତଙ୍କ ଆବଶ୍ୟକତା ପୂରଣ କରିବାକୁ କର୍ମଶାଳାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

### ଧାନବିକ୍ରି ଓ ଟୋକନ ସମସ୍ୟାର ସମାଧାନ ଦାବି

## ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବଙ୍କୁ ଭେଟିଲେ ବିଧାୟକ



ଦେବଗଡ,୧୬।୧(ସମିସ): ଦେବଗଡ଼ ଜିଲ୍ଲାରେ ଧାନବିକ୍ରି କ୍ଷେତ୍ରରେ ଦେଖାଦେଇଥିବା ଟୋକନ ସମସ୍ୟାର ସମାଧାନ ଦାବିରେ ଆଜି ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ ସିଂହଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ବିଶ୍ୱାଳ ଆଜି ଭୁବନେଶ୍ୱରରେ ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବଙ୍କୁ ସାକ୍ଷାତ କରି ଏହି ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ଇତିମଧ୍ୟରେ ଦେବଗଡ ଜିଲାରେ ଧାନକିଣା ଆରମ୍ଭ ହୋଇସାରିଥିଲେ ହେଁ ବହୁ ଚାଷୀଙ୍କୁ ଟୋକନ ମିଳିପାରିନାହିଁ। ଫଳରେ ଜିଲାର ଚାଷୀମାନେ ଧାନ ବିକ୍ରି କରିନପାରି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଧାନ ବିକ୍ରୀ ନିମନ୍ତେ ନାମ ପଞ୍ଜିକରଣ ସମୟରେ ପତିତ ଓ ଗୋଡା ଜମିରୁ ଉତ୍ପାଦିତ ଧାନକୁ ବିକ୍ରି କରି ପାରିବେ ନାହିଁ ବୋଲି ଜିଲାର ଚାଷୀମାନଙ୍କୁ ସୂଚନା ପ୍ରଦାନ କରାଯାଇନଥିଲା। ମାତ୍ର ଟୋକନ ଆସିବା ସମୟରେ ପତିତ ଓ ଗୋଡା ଜମିରୁ ଉତ୍ପାଦିତ ଧାନକୁ ବିକ୍ରି ନିମନ୍ତେ ଟୋକନ ଆସୁନାହିଁ। ପୂର୍ବରୁ ଉପରୋକ୍ତ କିସାମର ଜମି ମାଲିକମାନେ ଧାନ ବିକ୍ରି କରିପାରୁଥିଲେ। ଏପରିକି ନଦୀବନ୍ଧ ଯୋଜନାରେ ବାସଚ୍ୟୁତ ଲିଜଧାରୀ ଚାଷୀମାନେ ମଧ୍ୟ ପୂର୍ବରୁ ନିର୍ବିଘ୍ନରେ ଧାନ ବିକ୍ରି କରିପାରୁଥିବା ବେଳେ ସଂପ୍ରତି ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଅନ୍ୟପକ୍ଷରେ ସାଟେଲାଇଟ ସର୍ଭେ ଜରିଆରେ ପ୍ଲଟ୍‌ଗୁଡିକୁ ଯାଞ୍ଚ କରିବା ସମୟରେ ନିର୍ଦ୍ଦିଷ୍ଟ ପ୍ଲଟ ଗୁଡିକ ଅନ୍ୟସ୍ଥାନରେ ରହିଥିବା ଦର୍ଶାଉଛି। ଏଣୁ ଏହିସବୁ କଥାକୁ ବିଚାର କରି ଧାନ ବିକ୍ରି ପାଇଁ ଜିଲାର ସମସ୍ତ ଚାଷୀଙ୍କୁ ଟୋକନ ପ୍ରଦାନ କରି ସମସ୍ୟାର ସମାଧାନ କରିବା ସହ ଜିଲାରେ ଚାଷୀମାନଙ୍କଠାରୁ କିଭଳି ସୁଚାରୁ ରୂପେ ଧାନ କ୍ରୟ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ଶ୍ରୀ ବିଶ୍ୱାଳ ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ସିଂ ଟୋକନ ପାଇ ନଥିବା ଚାଷୀ ତୁରନ୍ତ ଜିଲ୍ଲାପାଳଙ୍କ ନିକଟରେ ଟୋକନ ସମ୍ପର୍କିତ ଅଭିଯୋଗ କଲେ ଏହାର ସମାଧାନ କରାଯିବା ସହ ଟୋକନ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିବା ବିଧାୟକ ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏଥିସହ ଟୋକନ ପାଇ ନଥିବା ଜିଲ୍ଲାର ଚାଷୀମାନେ ତୁରନ୍ତ ଟୋକନ ସମ୍ପର୍କିତ ନିଜନିଜ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ପ୍ରଦାନ ପାଇଁ ପରାମର୍ଶ ଦେଇଛନ୍ତି।

# ୫ମାସ ପରେ ବି ମିଳିନି କ୍ଷତିପୂରଣ, ବଢୁଛି ଅସନ୍ତୋଷ



**ଭଦ୍ରକ/ଆରଡ଼ି, ୧୬ ।୧(ସମିସ):** ବନ୍ୟା ଛାଡ଼ିବାର ୪ମାସ ପରେ ବି ଚାଷୀଙ୍କୁ ମିଳିନି କ୍ଷତିପୂରଣ। ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥିବା ଛୋଟବଡ଼ ୪-୫ଟି ବନ୍ୟାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ତଳିଆ ଅଞ୍ଚଳ ଆରଡ଼ି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଞ୍ଚାୟତର ୨୨ଟି ଗାଁର ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା ବନ୍ୟା। ଏ ନେଇ ଉଭୟ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ କ୍ଷେତ୍ରୀୟ ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ଭେଟିଥିଲେ। କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବ୍‌ଶୀଘ୍ର ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଚାନ୍ଦବାଲି ତହସିଲଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ୨୫ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ତାରିଖ ମଧ୍ୟରେ ଆରଡି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ନୋଟିସ୍ ହୋଇଥିଲା। ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟର ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ ଦେଇଥିଲେ। ହେଲେ ଏ ଯାଏଁ ସହାୟତା ମିଳିପାରୁ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚପ୍ରଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନମେଳା

**ଭଣ୍ଡାରିପୋଖରୀ/ବାରିକପୁର, ୧୬।୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନମେଳା ଓ କୁଇଜ୍ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଞ୍ଜୁଳା ନାୟକଙ୍କ ପୌରୋହିତ୍ୟରେ ବିଡିଓ ଦେବଦତ୍ତ ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାପାତ୍ର ମୁଖ୍ୟବକ୍ତା, ଏବିଇଓ ବିଦ୍ୟୁତଲତା ଜେନା, ପ୍ରଧାନଶିକ୍ଷକ ଅଜୟ ନନ୍ଦ, ରତିକାନ୍ତ ବେହେରା, କୈଳାସ ଚନ୍ଦ୍ର ଜେନା, କାର୍ତ୍ତିକ ସ୍ୱାଇଁ ଓ ସମ୍ବଲ ଶିକ୍ଷୟତ୍ରୀ ମନସ୍ୱିନୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ମନସ୍କ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ କନିଷ୍ଠ ଓ ବରିଷ୍ଠ ବର୍ଗରୁ ୪୫ଟି ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୨୬୦ ଛାତ୍ରଛାତ୍ରୀ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲିପିରେଖା ବେହେରା ଓ ରାଧାମାଧବ ବାରିକ ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ୬ଟି ଶ୍ରେଷ୍ଠ ପ୍ରକଳ୍ପକୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡଃ ପ୍ରଫୁଲ୍ଲ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ତଥା ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା ଉଦ୍ଦେଶ୍ୟଜ୍ଞାପନ, ଜ୍ୟୋତ୍ସ୍ନାକୁମାରୀ ବାରିକ ବେଦପାଠ, ଶିକ୍ଷକ ମାୟାଧର ଦାଶ ଅତିଥି ପରିଚୟ ଓ ଶିକ୍ଷାସଂଯୋଜକ ବିପିନବିହାରୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।



## ଶିଶୁ ବିକ୍ରି ଘଟଣା

# ଦୋଷୀ ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ

**ଭଦ୍ରକ, ୧୬ ।୧(ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ଘଟିଥିବା ଶିଶୁ ବିକ୍ରି ଘଟଣାକୁ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ମନସ୍ୱିତା ଖୁଣ୍ଟିଆ କହିଛନ୍ତି। ଶିଶୁ ବିକ୍ରିକୁ ନେଇ ଏଫ୍‌ଆଇଆର୍ ହେବାର ୨୪ ଘଣ୍ଟା ଭିତରେ ପୁଲିସ ଏବଂ ସିଏଚ୍‌ଏଲ୍ ମିଳିତ ଭାବରେ ଶିଶୁକୁ କଟକରୁ ଉଦ୍ଧାର କରିଥିଲେ। ଭଦ୍ରକର ଡିସିପିୟୁ ଏବଂ ସିଏଚ୍‌ଏଲ୍ ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ତରଫରୁ ଏ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ ମଧ୍ୟ ଜାରି ରହିଛି। ଘଟଣାର ତଦନ୍ତରେ ଆସିଥିବା ଶ୍ରୀମତୀ ଖୁଣ୍ଟିଆ ଶିଶୁର ପରିବାର ଲୋକଙ୍କୁ ଭେଟି ପଚରାଉଚରା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅପରାଧ ପ୍ରତି ଶୂନ୍ୟ ସହନଶୀଳତା ରହିଛି, ଶିଶୁର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ, ଅପରାଧୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିବା ସହିତ ଅଧିକ ତଦନ୍ତ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପରାମର୍ଶ ଦେଇଛନ୍ତି।

# ରାସ୍ତା କଡ଼ରୁ ଜବରଦଖଲ ଉଚ୍ଛେଦ



**ଭଦ୍ରକ, ୧୬ ।୧(ସମିସ):** ଭଦ୍ରକ ତହସିଲ ଅଧୀନ ଅର୍ଣ୍ଣପାଳ ରାଜସ୍ୱ ସର୍କଲର ବିଜେଗଙ୍ଗାଧରପୁର ମୌଜାରେ ଥିବା ୧୨ଡେସମିଲ ସରକାରୀ କିସମ ରାସ୍ତା ଜମିରୁ ଆଜି ହାଇକୋର୍ଟଙ୍କ ଆଦେଶରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ସୂଚନାନୁଯାୟୀ, ବିଜେଗଙ୍ଗାଧରପୁର ମୌଜାର ରାସ୍ତା କିସମର ୨ଟି ପ୍ଲଟରେ ଥିବା ୧୨ଡେସମିଲ ଜମିକୁ ଦୀର୍ଘବର୍ଷ ଧରି ଜଣେ ବ୍ୟକ୍ତି ଘର, ଗୁହାଳ ଘର, ପାଚେରୀ ଆଦି କରି ଜବରଦଖଲ କରିଥିଲା। ଫଳରେ ଯାତାୟତ କରିବାରୁ ବହୁ ଲୋକେ ବଞ୍ଚିତ ହୋଇଥିଲେ। ଏ ନେଇ ସମ୍ପୃକ୍ତ ଅଞ୍ଚଳର ଜଣେ ଅଧିବାସୀ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ଆଦେଶକ୍ରମେ ଆଜି ଭଦ୍ରକ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ସୁକାନ୍ତ କୁମାର ଦାଶ, ଭଦ୍ରକ ତହସିଲ ସୁପରଭାଇଜର-ଜ୍ୟୋତିରଞ୍ଜନ ପଣ୍ଡା ଓ ବିକାଶ ଦାସ, ଅର୍ଣ୍ଣପାଳ ଆର୍‌ଆଇ ଅଙ୍କିତ ସୋରେନ୍ ଓ ସର୍ଭେୟର ସୁବାଷ ପଲେଇଙ୍କ ସମେତ ଗୁଜିଦରଡ଼ା ପୁଲିସ ଏକତ୍ରିତ ହୋଇ ଏକ ଜେସିବି ମେସିନରେ ଉକ୍ତ ଜବରଦଖଲ ଉଚ୍ଛେଦ କରିଥିଲେ। ତେବେ ଉଚ୍ଛେଦ ବେଳେ ସାମାନ୍ୟ ଉତେଜନା ପ୍ରକାଶ ପାଇଥିଲା ଓ ପରେ ପୁଲିସ-ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

# ମତ୍ସ୍ୟଜୀବୀ ସଂଘ ପକ୍ଷରୁ ୮ ମେଧାବୀଙ୍କୁ ସହାୟତା



**ଭଦ୍ରକ, ୧୬ ।୧(ସମିସ):** ଧାମରା ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଧାମରା ଆଠ ପଞ୍ଚାୟତରେ ଥିବା ୮ଟି ବିଦ୍ୟାଳୟରେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ଗଙ୍ଗାମାତା ପୂଜା ଅବସରରେ ଧାମରା, କଇଥଖୋଲା, କରଞ୍ଜମାଳ, ଦୋସିଙ୍ଗା, କରଣପଲ୍ଲୀ, ବାଂଶଡା, ପଞ୍ଚୁଟିକ୍ରି ଏବଂ ଜାଗୁଲା ପଞ୍ଚାୟତରେ ଥିବା ବିଦ୍ୟାଳୟରେ ୨୦୨୫ ଶିକ୍ଷା ବର୍ଷରେ ୧୦ମ ଶ୍ରେଣୀରେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୨ହଜାର ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ମା' ଧାମରାଇ ମତ୍ସ୍ୟଜିବୀ ସଂଘର ସଭାପତି ଅଶୋକ କୁମାର ଜାନା, ସମ୍ପାଦକ ସୁଦର୍ଶନ ଲେଙ୍କା, ଜଗଦିଶ ଜାନା, ପ୍ରଫୁଲ୍ଲ କୁମାର ମଣ୍ଡଳ, ସୁକଦେବ ଜେନା ଏବଂ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ରହି ୮ଜଣଙ୍କୁ ଏହି ରାଶି ପ୍ରଦାନ କରିଥିବା ବେଳେ ଏହି ପଞ୍ଚାୟତମାନଙ୍କରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ୫ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥିବା ବେଳେ ସେମାନଙ୍କ ଉନ୍ନତି କାମନା କରିଥିଲେ।

# ଅରଣ୍ଡୁଆରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ



**ବାସୁଦେବପୁର, ୧୬ ।୧(ସମିସ):** ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତର ମା' ବୁଢୀ ଜାଗୁଳାଇ ଓ ବାବା ଧବଳେଶ୍ୱର ମହାଦେବଙ୍କ ପୀଠରେ ଶ୍ରୀଶ୍ରୀ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ୨ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପାଞ୍ଚ ଶହ ମହିଳା ଏକ କଳସ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା। ଘଟୋତ୍ତୋଳନ ପରେ ପଣ୍ଡିତମାନଙ୍କ ବେଦ ମନ୍ତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଶ୍ୱଶାନ୍ତି ପାଇଁ ଗାୟତ୍ରୀ ମନ୍ତ୍ରର ହୋମ ଯଜ୍ଞ ସମଗ୍ର ପରିବେଶ ଲୋକାରଣ୍ୟ ହୋଇ ପଡ଼ିଥିଲା। ସନ୍ଧ୍ୟାର ଭଜନ ସନ୍ଧ୍ୟାରେ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। ଏହି ଗାୟତ୍ରୀ ବିଶ୍ୱଶାନ୍ତି ଯଜ୍ଞରେ ସମଗ୍ର ଅରଣ୍ଡୁଆ ପଞ୍ଚାୟତର ଲୋକ ଜାତି, ବର୍ଣ୍ଣ, ଧର୍ମ ସର୍ବପରି ରାଜନୈତିକ ଭେଦଭାବ ଉର୍ଦ୍ଧ୍ୱରେ ରହି ଏକତ୍ରୀତ ହୋଇ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥାନ୍ତି। ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ କୁମାର ପଳିତା ଯଜ୍ଞ ମଣ୍ଡପରେ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ




**ଭଦ୍ରକ, ୧୬ ।୧(ସମିସ):** ଭଦ୍ରକ ଠାରେ ରାଜ୍ୟସ୍ତରୀୟ ସର୍ବକନିଷ୍ଠ ଓ କନିଷ୍ଠ ବର୍ଗର ଦ୍ୱିତୀୟ ସୋପାନ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନ୍ ଆନୁକୂଲ୍ୟରେ ରାଜ୍ୟ ସରକାର ଓ ଭଦ୍ରକ ଜିଲ୍ଲା ପ୍ରଶାସନର ସହଯୋଗରେ ଏବଂ ଜିଲ୍ଲା ସଟଲ୍ ଆସୋସିଏସନର ପକ୍ଷରୁ ଭଦ୍ରକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ଏହି ପ୍ରତିଯୋଗିତାକୁ ବିଧାୟକ ସୀତାଂଶୁଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦଘାଟନ କରିଥିଲେ। ସଟଲ୍ ଆସୋସିଏସନ୍‌ର ସଭାପତି ମହେଶ ପ୍ରସାଦ ଦାସ, ଉପସଭାପତି ଜୟପ୍ରକାଶ ଜେନା, କାର୍ଯ୍ୟକାରିଣୀ ସଦସ୍ୟ ବିଭୁ କଲ୍ୟାଣ ବାରିକ, କିଶୋର ଲଡ଼ା, ନିରଜ ସାହୁ, ସମ୍ପାଦକ ସମୀର କାନ୍ତ ଦାସ, କୋଷାଧକ୍ଷ ରାଜେଶ ଦାସ, ଓଡ଼ିଶା ଷ୍ଟେଟ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଅଜିତ ମହାନ୍ତି, ମ୍ୟାଚ ନିୟନ୍ତ୍ରକ ସ୍ୱାଧୀନ ମିଶ୍ର, ମୁଖ୍ୟ ରେଫେରୀ ଲକ୍ଷ୍ୟପତି ନନ୍ଦ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଓ ବିଧାୟକ ତାଙ୍କ ଅଭିଭାଷଣରେ ଭଦ୍ରକ ଜିଲ୍ଲାରେ ଏପରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାରୁ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ତଥା କମିଶନର ରାଜେଶ ପ୍ରଭାକର ପାଟିଲ ଓ ସମ୍ପାଦକ ନିଲିନ କୁମାରଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଯୋଗ ଦେଇଥିବା ୧୫୦ ଜଣ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ପ୍ରତିଯୋଗିତାଟି ୩ ଦିନ ଧରି ଚାଲିବ। ଏହି ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ୨୬ଜଣ କ୍ରୀଡ଼ା ପରିଚାଳକ ଦଳଙ୍କ ସହିତ ୨୫୦ଜଣ ଅଭିଭାବକ ଯୋଗ ଦେଇଛନ୍ତି। ସଦସ୍ୟ ବିଶ୍ୱନାଥ ଦତ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ, ସଟଲ ଆସୋସିଏସନର ଲୋକ ସମ୍ପର୍କ ଅଧିକାରୀ ରୂପକବିହାରୀ ରାୟ ଧନ୍ୟବାଦ ଦେଇଥିଲେ। ଅମ୍ବିକା ମହାପାତ୍ର, ଜୟଜଙ୍ଗ ସେନାପତି, ପରେଶ ବାରିକ, ସୁଜାତା ସାହୁ, ପୀୟୁଷ ଦାସ, ମୁକେଶ ପାଣିଗ୍ରାହୀ, ବିଶ୍ୱଜିତ ବଳ, ମୁକ୍ତିକାନ୍ତ ପରିଡ଼ା, ଆଶିଷ ରାୟ, ସତ୍ୟବ୍ରତ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ହଜରତ ସୟଦ ଶାହା ଜମାଲଉଦ୍ଦିନ ପୀରବାବାଙ୍କ ବାର୍ଷିକ ଉତ୍ସବ



**ଧାମନଗର, ୧୬ ।୧(ସମିସ):** ଧାମନଗର ଏନ୍‌ଏସି ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଫକୀରସାହି ଗାଁରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ହଜରତ ସୟଦ ଶାହା ଜମାଲଉଦ୍ଦିନ ପୀରବାବାଙ୍କର ୪୫ତମ ବାର୍ଷିକ ଉର୍ଷ ଉତ୍ସବ ଓ ଜଲସା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଆଲହାଜ ସୟଦ ଫାରୁକ ରଜା ହବିବି ଯୋଗଦେଇ ଗୁରୁବାର ସକାଳ ୬ଟାରେ ପୀରବାବାଙ୍କ ଆସ୍ଥାନକୁ ଗୋଲାପ ଓ ଜଳ ଚନ୍ଦନରେ ସ୍ନାନ (ଗୋସଲ) କରିଥିଲେ। ୭ଟାରେ କୋରାନ ଖାନି ଓ ଫାତେହା ପରେ ଭୋଗ(ଲଙ୍ଗର) ବଣ୍ଟନ କରାଯାଇଥିଲା। ୭ଟା ୩୦ ଠାରୁ ଚାଦର ଚଢ଼ା ଓ ସର୍ବ ସାଧାରଣରେ ପୀରବାବାଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାତି ୮ଟା ସମୟରେ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟ ରାଜ୍ୟରୁ ମୌଲାନା, ସାୟର ଓ କବି ଯୋଗଦେଇ ପୀରବାବାଙ୍କ ଦର୍ଶନ କରିବା ସହ ଆୟୋଜିତ ଜଲସାରେ ଉପସ୍ଥିତ ରହି ବାବାଙ୍କ ମହିମା ଓ ଜୀବନୀ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥିବାବେଳେ ସ୍ଥାନୀୟ କାଉନସିଲର ଅନସୂୟା ମଲ୍ଲିକ, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ଗୋଲାମ ଜିଲାନି ହବିବି, ଏମ୍‌ଡି ତାଜୁଦ୍ଦିନଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତା ଯୋଗଦେଇ ପୀରବାବଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ଉର୍ଷ କମିଟିର କର୍ମକର୍ତ୍ତା ଶାହା ନବିରୁଦ୍ଦିନ, ଶାହା ଅଜଗର, ଶାହା ଆଲାଉଦ୍ଦିନ, ଶାହା ହାଇଦର, ଶାହା ହମିଦ ରଜା ପ୍ରମୁଖ ପରିଚାଳନା କରିଥିଲେ। ଟ୍ରାଫିକ ଏବଂ ଶାନ୍ତି ଶୃଙ୍ଖଳା ନିମନ୍ତେ ପୁଲିସ ପକ୍ଷରୁ ଆଇଆଇସି ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଶେଷରେ ଆଲହାଜ ଶାହା ବଦରୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଦୋଳସାହି, ୧୬ ।୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ ପାଢ଼ୀ ଯୋଗଦାନ କରିଥିଲାବେଳେ ସମ୍ମାନିତ ଅତିଥି ଭାବେ ଗୁଆମାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଧୀର ରଞ୍ଜନ ତରାଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପର୍ଶୁରାମ ପାଣିଗ୍ରାହୀ, ବରିଷ୍ଠ ସମାଜସେବୀ ସୁଧାଂଶୁ ପାଣିଗ୍ରାହୀ, ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ସେକ୍ ଅହେସାନ ସମରେନ୍ଦ୍ର ଉଦଗାତା ସୁରଜିତ ଭୋଇ ନରହରି ଖୁଣ୍ଟିଆ, ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର, ସସ୍ମିତା ଦେହୁରୀ, ଅନିତା ବେହେରା, ଦିବ୍ୟା ଭାରତୀ ଶୁକ୍ଳ, କଳ୍ପନା ମହାନ୍ତି, ପ୍ରଣତି ଦୀକ୍ଷିତ, ତୁଳସୀଲତା ପାଢ଼ୀ, ସୁକାନ୍ତୀ ପାଢ଼ୀ, ସବିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସଙ୍ଗୀତ ନୃତ୍ୟ ଓ କ୍ରୀଡ଼ା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେତା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ସିଲ୍ଡ ପ୍ରଦାନ କରାଯାଇଥିଲା।

# 'ରାଜା ସ୍ମାରକୀ କ୍ରିକେଟ' ଉଦ୍‌ଯାପିତ: ସୋର ୟୁନାଇଟେଡ୍ ଚାମ୍ପିଅନ



**ଅସୁରାଳି, ୧୬ ।୧(ସମିସ):** ଦପାନାୟକାଣୀ କ୍ଲବ୍ ଆନୁକୂଲ୍ୟରେ ଭଟ୍ଟସାହି ପଞ୍ଚାୟତର ଫଳପୁର ଠାରେ ଆୟୋଜିତ ହୋଇଥିବା 'ରାଜା ସ୍ମାରକୀ କ୍ରିକେଟ ଟୁର୍ଣ୍ଣମେଣ୍ଟ' ଆଜି ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲରେ ସୋର ୟୁନାଇଟେଡ୍ ଦଳ ଚମତ୍କାର ପ୍ରଦର୍ଶନ କରି ଚଳିତ ବର୍ଷର ଟ୍ରଫି ହାତେଇଛି। ଆଜିର ଏହି ଫାଇନାଲ ମ୍ୟାଚ୍‌ରେ ଭଦ୍ରକ ସୂର୍ଯ୍ୟଶୀଖା ଓ ସୋର ୟୁନାଇଟେଡ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳକୁ ୨୦ ଓଭର ଲେଖାଏଁ ଖେଳିବାକୁ ସୁଯୋଗ ମିଳିଥିବାବେଳେ ସୋର ୟୁନାଇଟେଡ୍ ୧୩୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଖେଳରେ ଉଚ୍ଚକୋଟୀର ବ୍ୟାଟିଂ ପ୍ରଦର୍ଶନ ପାଇଁ ଦିଲୀପ ଦାସଙ୍କୁ 'ମ୍ୟାନ ଅଫ୍ ଦି ମ୍ୟାଚ୍' ଏବଂ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଉତ୍ତମ ପ୍ରଦର୍ଶନ ପାଇଁ ସଭଲିନି ମଲିକଙ୍କୁ 'ମ୍ୟାନ ଅଫ୍ ଦି ସିରିଜ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ, ମୁଖ୍ୟ ବକ୍ତା ଭାବେ ସରପଞ୍ଚ ସୀତାକାନ୍ତ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ କ୍ଷୀରୋଦ ମହାନ୍ତି, କେଦାର ମହାନ୍ତି ଓ ୱାର୍ଡସଭ୍ୟ ମନୋଜ ମହାନ୍ତି ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସୂଚନାଯୋଗ୍ୟ ଯେ, ଅଞ୍ଚଳର ଜଣେ ପ୍ରତିଭାବାନ ଖେଳାଳି ରାଜା ମହାନ୍ତିଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ କ୍ଲବ୍ ପକ୍ଷରୁ ପ୍ରତିବର୍ଷ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଛି।

# ୪୪ବର୍ଷରେ ଧାମରା ଗଙ୍ଗାମାତା ପୂଜା

**ଭଦ୍ରକ, ୧୬ ।୧(ସମିସ):** ଧାମରାରେ ମତ୍ସ୍ୟଜୀବୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗଙ୍ଗା ମାତା ପୂଜା ୪୪ବର୍ଷରେ ପଦାର୍ପଣ କରିଛି। ପବିତ୍ର ମକର ସଂକ୍ରାନ୍ତି ଅବସରରେ ଆରମ୍ଭ ହୋଇଥିବା ଗଙ୍ଗା ମାତା ପୂଜା ଅବସରରେ ଧାମରା ମତ୍ସ୍ୟପୋତାଶ୍ରୟ ଅଧୀନରେ ଥିବା ସମସ୍ତ ମତ୍ସ୍ୟଜୀବୀ ୧୦ଦିନ ବ୍ୟାପୀ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ଯାଇ ନଥାନ୍ତି ଏଥିସହ ଧାମରା ରେ ଥିବା ଶତାଧିକ ଟ୍ରଲର, ଭୁଟୁଭୁଟି ଏହି ସମୟରେ ନିଜ ନିଜର ବୋଟ ପୂଜା କରି ଧାମରା ଜେଟିରେ ଲଙ୍ଗର କରିଥାନ୍ତି। ୧୯୮୨ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ପାଇଁ ମା ଧାମରାଇ ମତ୍ସ୍ୟଜିବୀ ସଂଘ ପକ୍ଷରୁ ଗଙ୍ଗା ମାତାଙ୍କ ମୃଣ୍ମୟ ମୂର୍ତ୍ତୀ ପୂଜା କରାଯାଉଥିବା ବେଳେ ପାର୍ଶ୍ୱବର୍ତ୍ତୀ ମୂର୍ତ୍ତୀ ମଧ୍ୟ ବହୁ ଆକର୍ଷଣୀୟ ହୋଇଛି। ଏହି ଉପଲକ୍ଷେ ଆକର୍ଷଣୀୟ ତୋରଣ ଏବଂ ଆତସବାଜୀ କାର୍ଯ୍ୟକ୍ରମ କରାଯାଇଛି। ଏହି ପୂଜା ଅବସରରେ ଗଙ୍ଗା ମାତା ପଡ଼ିଆରେ ଅପେରା ସୋର ମଧ୍ୟ ଆୟୋଜନ କରାଯିବା ସହ ଏହି ପୂଜା ଚଳିତ ମାସ ମକରସଂକ୍ରାନ୍ତିରେ ଆରମ୍ଭ ହୋଇଥିବା ବେଳେ ଏହା ୨୪ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିରୀକୃତ ହୋଇଛି। ଗଙ୍ଗା ମାତାଙ୍କ ପୂଜା ଅବସରରେ ସଂଘର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଜେନା, ସୁଦର୍ଶନ ଲେଙ୍କା, ଅଶୋକ ଜେନା, ପ୍ରଫୁଲ୍ଲ ମଣ୍ଡଳ, ନିତ୍ୟାନନ୍ଦ ବେହେରା, ନିରଞ୍ଜନ ମଣ୍ଡଳ, ଅଭିମନ୍ୟୁ ରାଉତଙ୍କ ସମେତ ଶତାଧିକ କାର୍ଯ୍ୟକର୍ତାଙ୍କ ସହଯୋଗରେ ଏହି ପୂଜା ପାଳନ କରାଯାଉଥିବା ବେଳେ ଜିଲ୍ଲା ପ୍ରଶାସନର ସହଯୋଗରେ ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ମୁତୟନ କରାଯାଇଛି।



# ମଣ୍ଡିରେ ଧାନକିଣା ବିଳମ୍ବ; ଚିନ୍ତାରେ ଚାଷୀ

**ଧାମନଗର, ୧୬ ।୧(ସମିସ):** ଧାମନଗର ଅଞ୍ଚଳରେ ଖରିଫ ଧାନ କିଣା ପ୍ରକ୍ରିୟା ବିଳମ୍ବ ଯୋଗୁଁ ଚାଷୀମାନେ ଚିନ୍ତାରେ ପଡ଼ିଥିବାବେଳେ ସମବାୟ ସମିତି ସଂଘ ନିଜ ସ୍ୱାର୍ଥ ପାଇଁ ଏକ ଗୁପ୍ତ ବୈଠକ କରି ଧାନ କିଣିବା ପାଇଁ ଆଉ ୧୫ ଦିନ ଅଧିକ ସମୟ ସୀମା ବଢ଼ାଇବାକୁ ଚାହୁଁଛନ୍ତି ନା ଚାଷୀଙ୍କ ସ୍ୱାର୍ଥ ପାଇଁ ଏହା କରିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୩ ତାରିଖରେ ଚାଷୀଙ୍କ ମୋବାଇଲ୍‌କୁ ଟୋକାନ ମେସେଜ ଆସିଲା। ଜିଲ୍ଲାରେ ୫ ତାରିଖରୁ ଧାନ କିଣାଯିବା ପାଇଁ ଦିନ ଧାର୍ଯ୍ୟ ହେଲା। ସମବାୟ ସମିତି କଣ୍ଟା ପୂଜା ବି କଲେ। ମାତ୍ର ଏପର୍ଯ୍ୟନ୍ତ ଧାମନଗର ବ୍ଲକରେ ମୁଠାଏ ଧାନ କିଣି ପାରିଲେନାହିଁ। ବରଂ ପରୋକ୍ଷରେ କିଛି ଦଲାଲଙ୍କୁ ଧରି ଶାଗମାଛ ଦରରେ ଧାନ କିଣି ପଡ଼ୋଶୀ ଆନ୍ଧ୍ର ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ କରି ବେଶ୍ ମୁନାଫା କମାଉଛନ୍ତି। ସରକାରୀ ନିୟମ ଅନୁଯାୟୀ ଏଫ୍‌ଏକ୍ୟୁ ମାନଦଣ୍ଡରେ ଧାନ କିଣା ହେବାକୁ ଥିଲେ ମଧ୍ୟ ମାନ ଯାଞ୍ଚ ଲାଗି ଟେକ୍ନିସିଆନ ଓ କ୍ୱାଲିଟି ଆନାଲାଇଜର ନଥିବାରୁ କାର୍ଯ୍ୟ ପ୍ରକ୍ରିୟା ଆଗକୁ ବଢ଼ିପାରୁନାହିଁ। ଏହା ସହ ମିଲର, ନୋଡାଲ ଅଫିସର ଓ ଏସଏମପିସି କମିଟି ମଧ୍ୟରେ ଠିକ୍ ଭାବରେ ସମନ୍ୱୟ ସୃଷ୍ଟି ନହେବାରୁ ଧାନ କିଣା ବିଳମ୍ବିତ ହେବାରୁ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ଅନେକ ଚାଷୀଙ୍କ ଫାର୍ମର କୋର୍ଡ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିବାରୁ ସେମାନେ ଟୋକନ ପାଇବାରେ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଫାର୍ମର କୋର୍ଡ ପ୍ରସ୍ତୁତ କରି ତତ୍କାଳ ଟୋକନ୍ ଜାରି କରିବାକୁ ଟୋକନ ପାଇନଥିବା ଚାଷୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଧାମନଗର ବ୍ଲକର ମୋଟ ୧୨ ଟି ସେବା ସମବାୟ ସମିତିରେ ୬, ୪୩୪ଜଣ ଚାଷୀ ପଞ୍ଜିକୃତ ହୋଇଥିବା ସତ୍ତ୍ୱେ ଧାନ କିଣା ଆରମ୍ଭ ନ ହେବାରୁ ଚାଷୀମାନଙ୍କ ମନରେ ଟୋକନ୍ ବାତିଲ ହେବାର ଭୟ ସୃଷ୍ଟି ହେଉଛି। ଚାଷୀ ମାନେ ଏଭଳି ସମସ୍ୟାରେ ଥିବା ବେଳେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ସମିତି ସଂଘ ନିଜ ସ୍ୱାର୍ଥ ପାଇଁ ଗୁପ୍ତ ବୈଠକ କରି ୧୫ ଦିନ ଅଧିକ ସମୟ ସୀମା ବଢ଼ାଇବାକୁ ଚାହୁଁଛନ୍ତି। ତେବେ ଏହି ବୈଠକ ଚାଷୀଙ୍କ ସ୍ୱାର୍ଥ ନା ସଂଘର ସ୍ୱାର୍ଥ ପାଇଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସରକାରଙ୍କ କଣ ସଂଘ କଥାରେ ଯାହାକୁ ନେଇ ଆଲୋଚନାର ବିଷୟ ପାଲଟିଛି। ଏପଟରେ ଗୁରୁବାର ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଡେପୁଟି ସେକ୍ରେଟାରୀ ସରୋଜ ପଣ୍ଡା ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ବିଭିନ୍ନ ମଣ୍ଡି ପରିଦର୍ଶନ କରି ସମବାୟ ସମିତିରେ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।



ସକାଳ
THE SAKALA



## କେନ୍ଦ୍ରାପଡ଼ାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

# ଏସ୍‌ପି ଅଫିସ ଘେରିଲେ ବିଜେଡି ବିଧାୟକ ଓ ଶୀର୍ଷ ନେତା






**କେନ୍ଦ୍ରାପଡ଼ା, ୧୬।୧(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଚରମ ସୀମାକୁ ପହଞ୍ଚିଥିବା ଅଭିଯୋଗରେ ଶୁକ୍ରବାର ଜିଲ୍ଲା ବିଜୁ ଜନତା ଦଳ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଛି। ହଜାର ହଜାର ବିଜେଡି କର୍ମୀ, ବିଧାୟକ ଓ ପୂର୍ବତନ ମନ୍ତ୍ରୀ ରାଜ୍ୟରେ ବିଜେପି ସରକାରଙ୍କ ଆଇନ୍‌ଶୃଙ୍ଖଳା ବିଫଳତା ବିରୋଧରେ ଗର୍ଜନ କରିଥିଲେ। ପୁଲିସ ସହ ଧକ୍କା ଧକ୍କି ପରେ ଅନେକ ନେତା ଓ କର୍ମୀଙ୍କୁ ଗିରଫ କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରତିବାଦ ସଭାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ସରକାର ଓ ପୁଲିସ ପ୍ରଶାସନକୁ ତୀବ୍ର ସମାଲୋଚନା କରିଥିଲେ।

ଆଜି ପ୍ରତିବାଦ ସଭାରେ ବକ୍ତାମାନେ ଅଭିଯୋଗ କରି କହିଥିଲେ, ଜିଲ୍ଲାର ଥାନାଗୁଡିକ ଏବେ ସରକାରୀ ଦଳ କାର୍ଯ୍ୟାଳୟରେ ପରିଣତ ହୋଇଛି। ଶାସକ ଦଳ ସହ ସମ୍ପୃକ୍ତ ଲୋକଙ୍କ ପାଇଁ ଆଇନ ନିର୍ବଳ, ସାଧାରଣ ଲୋକଙ୍କ ପାଇଁ କଠୋର। ଏହି ଦ୍ୱିତୀୟ ମାନଦଣ୍ଡ ଯୋଗୁଁ ଜିଲ୍ଲାରେ ଅପରାଧୀଙ୍କ ଦୌରାତ୍ମ୍ୟ ବଢ଼ିଛି। ରାଜନଗରରେ ଜଣେ ମହିଳା ପ୍ରଶାସନିକ ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ଉଦାହରଣ ଦେଇ ବିଜେଡି ନେତାମାନେ କହିଥିଲେ, ଜିଲ୍ଲାରେ ମହିଳା ସୁରକ୍ଷା ପୂରାପୂରି ଧ୍ୱଂସ ହୋଇଯାଇଛି। ଏତଲା ଦେବା ସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଆଇନର ଶାସନ ଉପରେ ଗୁରୁତର ପ୍ରଶ୍ନ ଉଠିଛି। ପ୍ରତିବାଦ ସଭା ପରେ ବିଜେଡି କର୍ମୀ ଏସ୍‌ପି କାର୍ଯ୍ୟାଳୟକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ସେମାନଙ୍କୁ ଅଟକାଇ ଗିରଫ କରିଥିଲା। ଆନ୍ଦୋଳନ ପୂର୍ବରୁ ଏସ୍‌ପି କାର୍ଯ୍ୟାଳୟ ଛାଡ଼ି ପଳାଇଥିବା ଅଭିଯୋଗ ମଧ୍ୟ ରାଜନୈତିକ ମହଲରେ ତୀବ୍ର ଚର୍ଚ୍ଚା ସୃଷ୍ଟି କରିଛି।

ସମଗ୍ର ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ନେଇ ଗଭୀର ଅସନ୍ତୋଷ ସାମ୍ନାକୁ ଆଣିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଉପସଭାପତି ଭୀଷ୍ମ ମହାନ୍ତି, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଆଇନଜୀବୀ ଭୀମସେନ ଭୂୟାଁ, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ନା ସାହୁ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ପ୍ରଦ୍ୟୁମ୍ନ ସାମନ୍ତରାୟ, ରଞ୍ଜିତ ସାହୁ, ପ୍ରଦୀପ୍ତ ମହାନ୍ତି, ଲୋହିତ ମହାନ୍ତି, ପ୍ରମୋଦ ରଥ, ଆଲୋକ ସାହୁ, ହିରଣ୍ୟ ପଣ୍ଡା, ନିରଞ୍ଜନ ରାଉତ, ରାଜେଶ ପଣ୍ଡା, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ରଶ୍ମିତା ସେଠୀ, ସ୍ୱାଧୀନ ନାୟକ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପୁଲିସକୁ ତୀବ୍ର ସମାଲୋଚନା କରିବା ସହ ବିଜେପି ସରକାର ଏଥିପାଇଁ ଦାୟୀ ବୋଲି କହିଥିଲେ। ଏହାର ଉଚିତ ଜବାବ ଦିଆଯିବ ବୋଲି କର୍ମୀ ରଣହୁଙ୍କାର ଦେଇଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିରଞ୍ଜନ ପରିଡ଼ା, ପ୍ରତାପ ନାରାୟଣ ମହାପାତ୍ର, ସମ୍ବିତ ଶ୍ରୀଚନ୍ଦନ, ହିବଜୁର ରହେମାନ, ପ୍ରଭାତ ଉଡାନ ସିଂ, ଯଯାତି ମହାନ୍ତି, ମଣ୍ଟୁ ମହାନ୍ତି, ମଧୁଛନ୍ଦା ମହାନ୍ତି, ମୋହନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଜୁକୀ ଶୋ'ରୁମ୍‌ରେ ଗ୍ରାହକ ଶୋଷଣ ଅଭିଯୋଗ

**ପଟ୍ଟାମୁଣ୍ଡାଇ ୧୬।୧(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ସୁଜୁକୀ ଶୋ'ରୁମ୍ ଦ୍ୱାରା ଶୋଷଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଅଞ୍ଚଳର ଶ୍ରୀଗଣେଶ ଅଟୋ ମୋବାଇଲ୍ ଏଭଳି ଶୋଷଣ କରିବା ସହିତ ଠକିଥିବା ନେଇ ଅଭିଯୋଗ ଆସିଛି।

ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ନାଗରିକ ତଥା ଗାଳ୍ପିକ ଡ. ନୀଳମଣି ଲେଙ୍କା ଗତ ଜୁଲାଇ ମାସ ୨୦୨୫ରେ କେନ୍ଦ୍ରାପଡ଼ା ଶ୍ରୀଗଣେଶ ଅଟୋ ମୋବାଇଲ୍‌ରୁ ଏକ ସୁଜୁକୀ ସ୍କୁଟି କ୍ରୟ କରିଥିଲେ। ୧୫ ଦିନ ମଧ୍ୟରେ ଆସେସରୀ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼ିବାରୁ ଡ. ଲେଙ୍କା ଶୋ'ରୁମ୍‌ର ଦୃଷ୍ଟିକୁ ଆଣିଥିଲେ। ବର୍ଷେ ପର୍ଯ୍ୟନ୍ତ ୱାରେଣ୍ଟି ଥିବାରୁ ନୂତନ ଆସେସରୀ ଯୋଗାଇ ଦିଆଯିବ ବୋଲି ଶୋ'ରୁମ୍ ପକ୍ଷରୁ କୁହାଯାଇଥିଲେ ହେଁ ଅଦ୍ୟାବଧି ଯୋଗାଇ ଦିଆଯାଇନାହିଁ। ଅନ୍ୟପକ୍ଷରେ ସ୍କୁଟି ସର୍ଭିସିଂ ସମୟରେ ଗାଡ଼ିର କୌଣସି ଯାଞ୍ଚ ନ କରିବା ଓ ଗାଡ଼ି ନ ଧୋଇ କେବଳ ଇଞ୍ଜିନ ଅଏଲ ବଦଳାଇ ଦେଉଥିବା ଡ. ଲେଙ୍କା ଗୁରୁତର ଅଭିଯୋଗ ଆଣିଛନ୍ତି। ସେହିପରି ସ୍ଥାନୀୟ ପୋଖରୀଆପଡ଼ା ଗ୍ରାମର ଜଣେ କଲେଜ ଛାତ୍ର ଜନ୍ମେଜୟ ଲେଙ୍କାଙ୍କଠାରୁ ୭/୧୨/୨୦୨୫ରେ ସମ୍ପୃକ୍ତ ଅଟୋ ମୋବାଇଲ୍ ୧ ଲକ୍ଷ ୧୩ ହଜାର ଟଙ୍କା ନେଇ ସ୍କୁଟି ଦେବାକୁ ଥିଲେ ହେଁ ଅଟୋ ମୋବାଇଲ୍ ପକ୍ଷରୁ ସ୍କୁଟି ଦିଆଯାଇ ନ ଥିଲା। ଜନ୍ମେଜୟ ଟଙ୍କା ଫେରସ୍ତ ଚାହିଁବାରୁ ତାଙ୍କୁ ୯୩ ହଜାର ଟଙ୍କା ଅଟୋ ମୋବାଇଲ୍ ଫେରାଇ ଥିବାବେଳେ ଅବଶିଷ୍ଟ ୨୦, ୦୦୦ ଟଙ୍କା ଆଜିକାଲି କହି ଫେରାଉ ନ ଥିବା ଗୁରୁତର ଅଭିଯୋଗ ହୋଇଛି। ଶ୍ରୀଗଣେଶ ଅଟୋ ମୋବାଇଲ୍ ଗ୍ରାହକଙ୍କୁ ଶୋଷଣ କରିବା ଓ ଠକିବା ଘଟଣାକୁ ନେଇ ଡ. ଶ୍ରୀ ଲେଙ୍କା ଓ କଲେଜ ଛାତ୍ର ଜନ୍ମେଜୟ ପ୍ରତିକ୍ରିୟା ବ୍ୟକ୍ତ କରିବା ସହିତ ଜିଲ୍ଲାପାଳ ଓ ପରିବହନ ବିଭାଗ, ସମ୍ପୃକ୍ତ ଅଟୋ ମୋବାଇଲ୍‌ର ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜ ପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଗ୍ରାହକଙ୍କୁ ନ୍ୟାୟ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ଶ୍ରୀଗଣେଶ ଅଟୋ ମୋବାଇଲର ପ୍ରତିକ୍ରିୟା ମିଳିପାରିନାହିଁ।

## ମିଲେନିୟମ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଉତ୍ସବ




**ରାଜକନିକା, ୧୬।୧(ସମିସ):** ରାଜକନିକାର ଶିଶୁଆ ଓ ଚନ୍ଦନପୋଖରୀ ଛକରେ ଅବସ୍ଥିତ ମିଲେନିୟମ ପବ୍ଲିକ ସ୍କୁଲର ଆଜି ସପ୍ତମ ପ୍ରତିଷ୍ଠା ଦିବସ ଅବସରରେ ଶିଶୁଆସ୍ଥ ମୁଖ୍ୟ ଶାଖାରେ ବିଜ୍ଞାନ ଦକ୍ଷତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୪୮ଟି ଷ୍ଟଲରେ ୧୩୦ ଜଣ ଛାତ୍ରଛାତ୍ରୀ ସେମାନଙ୍କ ବିଜ୍ଞାନ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ସମାରୋହରେ ରାଜକନିକା ବିଇଓ ରତିକାନ୍ତ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ପଙ୍କଜ ଦାସ, ଭାଇସ ପ୍ରିନ୍ସିପାଲ ସୁଷମା ଦାଶଙ୍କ ଉପସ୍ଥିତିରେ ସୁଶାନ୍ତ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅତିଥିମାନେ ଷ୍ଟଲ ବୁଲି ଦେଖିବା ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ଅର୍ଚ୍ଚନା ବେହେରା, ତିଳୋତ୍ତମା ମଲ୍ଲିକ, ଗାୟତ୍ରୀ ସ୍ୱାଇଁ, ପ୍ରିୟଙ୍କା ବେହୁରା, ପୂର୍ଣ୍ଣିମା ଜେନା, ସସ୍ମିତା ନାୟକ, ସୌଭାଗ୍ୟଲକ୍ଷ୍ମୀ ପାଢ଼ୀ, କୁଲସୁମ ଅଲ୍ଲୀ, ପୂଜା ମିଶ୍ର, ମନୀଷା ପ୍ରିୟଦର୍ଶନୀ, ବନ୍ଦନା ସାହୁ, ତନୁଶ୍ରୀ ପୃଷ୍ଟି, ଅନ୍ୟୁନା ପାତ୍ର, ପ୍ରଜ୍ଞା ପାରମିତା ବେହେରା, ସାକ୍ଷୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭାଇସ ପ୍ରିନ୍ସିପାଲ ସୁଷମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା, ୧୬।୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଉଦ୍ୟମରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା, ପରିଚ୍ଛନ୍ନତା ଓ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ନେଇ ସମୀକ୍ଷା କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଶ୍ୟାମସୁନ୍ଦର ଟୁଡ୍ଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡ. ମନୋରଞ୍ଜନ ସାହୁ, ଆକାଉଣ୍ଟସ ମ୍ୟାନେଜର ବିଷ୍ଣୁପ୍ରସାଦ ସାହୁ ଓ ଫାଇନାନ୍ସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ଥିରୋଗ ଓ ସର୍ଜରୀ ବିଭାଗ, ପରୀକ୍ଷାଗାର, ମେଡ଼ିସିନ ବିଭାଗ, ଏସଏନସିୟୁ, ପୁଷ୍ଟି ପୁନର୍ବାସ କେନ୍ଦ୍ର, ସୁରକ୍ଷା ଓ ସଫେଇ ବିଭାଗକୁ 'କାୟାକଳ୍ପ' ସମ୍ମାନ ଅନ୍ତର୍ଗତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ଏଥିସହିତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଡିଇଆଇସିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ ସେବା ଓ ଦୀର୍ଘ ଅବଦାନ ପାଇଁ ସିନିୟର କନସଲଟାଣ୍ଟ ଡ. କିଶୋର ମିଶ୍ର, ଶିଶୁ ବିଭାଗ ଚିକିତ୍ସକ, ସର୍ଜରୀ ସ୍ପେସାଲିଷ୍ଟ ବି.କେ. ଦାସ, ହସ୍ପିଟାଲ ମ୍ୟାନେଜର ପ୍ରଭାତ ନାୟକ, ପୂର୍ବତନ ହସ୍ପିଟାଲ ମ୍ୟାନେଜର ସୁନୀତା ପ୍ରଧାନ, ହସ୍ପିଟାଲ ମ୍ୟାନେଜର ସୁଭାଶିଷ ସାଠୁଆ, ଆକାଉଣ୍ଟାଣ୍ଟ କୁମରେଶ ନାୟକ, ଏନଆରସି. କାଉନସେଲର ଅମ୍ରିତା ଜେନା ଓ ସୁସ୍ମିତା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଡେପୁଟି ହସ୍ପିଟାଲ ମ୍ୟାନେଜର ଡ. ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉଜ୍ଜ୍ୱଳା ଗ୍ୟାସ୍ ନାଆଁରେ ଏଜେନ୍ସିର ଜୁଲୁମ

# ଚୁଲା ପାଇଁ ୧୮ ୦୦ ଟଙ୍କା ଦାବି

**ମହାକାଳପଡ଼ା, ୧୬।୧(ସମିସ):** ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ଜଣେ ହିତାଧିକାରୀ ଆବେଦନ କରିଥିଲେ। ତେବେ ଗ୍ୟାସ୍ ଏଜେନ୍ସୀ ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରିବା ସହିତ ଭଲ ଚୁଲା ପାଇଁ ୧୮୦୦ ଟଙ୍କା ଦାବି କରୁଥିବା ହିତାଧିକାରୀ ଅଭିଯୋଗ ଆଣିଛନ୍ତି। ଦେଉଳପଡ଼ା ପଞ୍ଚାୟତ ଅଧୀନସ୍ଥ ଚଣ୍ଡିଆପଲ୍ଲୀ ଗ୍ରାମର ତରଙ୍ଗିଣୀ ପରିଡ଼ା ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ନିକଟସ୍ଥ ଏମଏସ ସ୍ୱସ୍ତିଦୀପ ଏଚପି ଗ୍ୟାସ ଏଜେନ୍ସିରେ ଆବେଦନ କରିଥିଲେ। କାଗଜପତ୍ର ଦାଖଲ ପରେ ତାଙ୍କ ନାମରେ ଗ୍ୟାସ୍ ଅନୁମୋଦନ ହୋଇସାରିଛି। ତେବେ ଆଜି ପର୍ଯ୍ୟନ୍ତ ତାଙ୍କୁ ଗ୍ୟାସ୍ ପ୍ରଦାନ କରୁନି ଏଜେନ୍ସି। ଯୋଜନା ଅଧୀନରେ ଯେଉଁ ଗ୍ୟାସ୍ ଚୁଲା ମିଳୁଛି, ତାହାକୁ ନ ଦେଇ ଭଲ ଗ୍ୟାସ୍ ଚୁଲା ଦେବାକୁ କହି ୧୮୦୦ ଟଙ୍କା ଦେବାକୁ ଏଜେନ୍ସି କର୍ମଚାରୀ ଦାବି କରୁଥିବା ତରଙ୍ଗିଣୀଙ୍କ ପୁଅ ପବିତ୍ର ପରିଡ଼ା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ବାରମ୍ବାର ଅଫିସକୁ ଆସୁଥିଲେ ମଧ୍ୟ ତାଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରାଯାଉଛି। ଆଜି ସମ୍ପୃକ୍ତ ଏଜେନ୍ସିର କର୍ମଚାରୀ ଉଜ୍ଜ୍ୱଳା ଯୋଜନାରେ ମିଳୁଥିବା ଚୁଲା ତାଙ୍କ ପାଖରେ ନ ଥିବା କହିବା ସହ ୧୮୦୦ ଟଙ୍କା ଦେଲେ ଭଲ ଚୁଲା ଦିଆଯିବ। ପବିତ୍ର ଏହାକୁ ନେଇ ପ୍ରତିବାଦ କରିଥିଲେ। ସରକାର ଯେଉଁ ଚୁଲା ଦେଉଛନ୍ତି ସେହି ଚୁଲା ପ୍ରଦାନ କରିବାକୁ ସେ କହିବା ପରେ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ମାଲିକଙ୍କୁ ପଚାରିବାକୁ କହିଥିଲେ। ଏଠି ପ୍ରଶ୍ନ ସରକାର ସାଧାରଣ ଲୋକଙ୍କ



ସୁବିଧା ପାଇଁ ମାଗଣା ଯୋଜନାରେ ଗ୍ୟାସ୍ ପ୍ରଦାନ କରୁଥିବାବେଳେ ଏଜେନ୍ସି ତରଫରୁ ଅନ୍ୟ ଆକାରରେ ଅଧିକ ଟଙ୍କା ହିତାଧିକାରୀଙ୍କ ପାଖରୁ ଜୁଲମ କରିବା ପଛରେ କାରଣ କ'ଣ? ଏଥିପାଇଁ ସରକାରଙ୍କ ତରଫରୁ କିଛି ନିର୍ଦ୍ଦେଶନାମା ରହିଛି କି? ଯଦି ନା ତେବେ ପବିତ୍ରଙ୍କ ମାଆ ତରଙ୍ଗିଣୀଙ୍କ ଭଳି ଅନ୍ୟ ହିତାଧିକାରୀ ଏଜେନ୍ସିର ଏହି ଜୁଲମର ଶିକାର ହେଉନାହାନ୍ତି ତ? ଯଦି ଦୁଇଦିନ ମଧ୍ୟରେ ଏଜେନ୍ସି ଗ୍ୟାସ୍ ପ୍ରଦାନ ନକରେ ତେବେ ସେ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ନାଟକ 'ଭିନ୍ନ ଏକ ସହଯାତ୍ରୀ' ମଞ୍ଚସ୍ଥ

**କେନ୍ଦ୍ରାପଡ଼ା, ୧୬।୧(ସମିସ):** ମଣିଷ ତା' ଜୀବନ ଯାତ୍ରାରେ ସବୁବେଳେ ସହଜ, ସରଳ, ସୁବିଧା ରାସ୍ତାକୁ ଆପଣେଇ ଥାଏ। କୌଣସି ଜଟିଳତା, ଆହ୍ୱାନକୁ ଆପଣେଇ ହାରଜିତର ଅନିଶ୍ଚିତତା ଭିତରେ ଘାଣ୍ଟି ହେବା ଅପେକ୍ଷା ଏକ ଆରାମପ୍ରଦ ସୀମିତ ବଳୟ ମଧ୍ୟରେ ନିରାପଦରେ ଜୀବନ କାଟିବାକୁ ଶ୍ରେୟ ମନେ କରିଥାଏ। ସମସ୍ତେ ଖୋଜି ବସନ୍ତି ନିଜକୁ ସୁହାଇଲା ଭଳି ଚାକିରି ବା ବ୍ୟବସାୟ। ବିବାହ କ୍ଷେତ୍ରରେ ମଧ୍ୟ ପୁଅ ବା ଝିଅର ଶିକ୍ଷା, ଚାକିରି, ବ୍ୟବହାର ଓ ଆଚରଣ ସହ ଖାପ ଖାଇଲା ପରି ପାତ୍ରଟିଏ ଖୋଜାଯାଏ। ତେଣୁ ପ୍ରାୟ ଅଧିକାଂଶ କ୍ଷେତ୍ରରେ ଆମେ ସମାନ ବୃତ୍ତିଧାରୀ ଦମ୍ପତିଙ୍କୁ ଦେଖିବାକୁ ପାଉ। ଯେପରି ଅଧ୍ୟାପକ-ଅଧ୍ୟାପିକା, ଡାକ୍ତର-ଡାକ୍ତରାଣୀ ଇତ୍ୟାଦି। କିନ୍ତୁ ଶୈଳେନ୍ଦ୍ର ପରି ଜଣେ ଶାନ୍ତ, ସରଳ, ଅତିସହଣୀୟ, ନମ୍ର ସ୍ୱଭାବର ସ୍ୱଚ୍ଛ ବେତନଭୋଗୀ ସାଧାରଣ ସ୍ୱାସ୍ଥ୍ୟ ଥିବା ଯୁବ ଅଧ୍ୟାପକଙ୍କ ସହ ଖେଳ, ଦୌଡ଼, କୁସ୍ତିରେ ନିପୁଣା, ଅତି ସୁଦକ୍ଷା ଓ ସାହସରେ ପୁରୁଷାଧିକ ଜଣେ ମହିଳା ପୁଲିସ୍ ଇନ୍‌ସପେକ୍ଟରଙ୍କୁ ଯଦି ବାହା କରି ଦିଆଯାଏ, ତେବେ ତା'ର ପରିଣତି ସେହି ଦମ୍ପତି, ପରିବାର ଓ ସମାଜ ପ୍ରତି ଶୁଭଙ୍କର ହେବ ତ। ସମୟ ଆସିଗଲାଣି ଆଜିର ନାରୀ ସହ ପାଦ ମିଳାଇ ଚାଲିବାକୁ ହେଲେ ପୁରୁଷ ସଶକ୍ତିକରଣ ବା ପୁରୁଷର ସ୍ୱଶକ୍ତିକରଣ ଆବଶ୍ୟକ। ଏମିତି ଏକ ବାସ୍ତବମୁଖୀ ଭାବନା ଓ ପରୀକ୍ଷାମୂଳକ ପ୍ରୟୋଗକୁ ନେଇ ନାଟକ 'ଭିନ୍ନ ଏକ ସହଯାତ୍ରୀ' ନାଟକ ପେଣ୍ଠ ବଛରାଇଠାରେ ମଞ୍ଚସ୍ଥ ହୋଇଛି। ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ସାରସ୍ୱତ ସେବା ଟ୍ରଷ୍ଟ ପକ୍ଷରୁ ପଞ୍ଚଧ୍ୱନି ନାଟ୍ୟ ପରିଷଦ ପରିବେଷଣ କରିଛି ଏହି ନାଟକ। ଯାହାର ରଚନା ପଞ୍ଚାନନ ଦାଶ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମହାନ୍ତି।




## ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ



**କେନ୍ଦ୍ରାପଡ଼ା, ୧୬।୧ (ସମିସ):** ଏଠାରେ ଚାଲିଥିବା କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ କହିଥିଲେ, କେନ୍ଦ୍ରାପଡ଼ାକୁ ଶିକ୍ଷା କ୍ଷେତ୍ରରେ ଆଗୁଆ ଜିଲ୍ଲା ଭାବେ ଉଲ୍ଲେଖ କରିବା ସହ ରାଜ୍ୟରେ ଶିକ୍ଷା ନୀତି ଓ ଶିକ୍ଷା କ୍ଷେତ୍ରରେ ହେଉଥିବା ବିଭିନ୍ନ ସଂସ୍କାର ବିଷୟରେ ଆଲୋକପାତ କରିଥିଲେ। ଶିଶୁ ବାଟିକା ବ୍ୟବସ୍ଥା, ଶିଶୁ ସେବିକା ନିଯୁକ୍ତିକୁ ଗୁରୁତ୍ୱ, ମଧ୍ୟାହ୍ନଭୋଜନରେ ପୁଷ୍ଟିକର ଖାଦ୍ୟ ଯୋଗାଣ, ହଷ୍ଟେଲରେ ରହି ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ଓ ସୁଯୋଗ ଯୋଗାଇ ଦିଆଯାଉଥିବା ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନି ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହ ରାଜ୍ୟର ଅନ୍ୟ ଜିଲ୍ଲାରୁ ଆସିଥିବା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ରଙ୍ଗାରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ମହୋତ୍ସବ ଆକର୍ଷଣକୁ ଆହୁରି ବଢ଼ାଇଥିଲା। ଜିଲ୍ଲା ମହୋତ୍ସବ ଉଦ୍‌ଯାପିତ ହୋଇଥିଲେ ହେଁ ପଲ୍ଲିଶ୍ରୀ ମେଳା ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ।

## ବଛରାଇ ସମିତି ଧାନମଣ୍ଡି ଉଦ୍‌ଘାଟିତ

**ମାର୍ଶାଘାଇ, ୧୬ ।୧(ସମିସ):** ମାର୍ଶାଘାଇ ବ୍ଲକ ବଛରାଇ ପ୍ରାଥମିକ କୃଷି ସମବାୟ ସମିତି ଧାନମଣ୍ଡି ଉଦଘାଟିତ ହୋଇଛି। ସଭାପତି ଧ୍ରୁବଚରଣ ସାହୁଙ୍କ ପୌରୋହିତରେ ପୂଜାର୍ଚ୍ଚନା କରାଯାଇ ମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମ୍ପାଦକ ଶ୍ରୀକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପେଣ୍ଠ ସର୍କଲ ରାଜସ୍ୱ ନିରୀକ୍ଷକ ପ୍ରମୋଦ ରାଉତରାୟ, ସମବାୟ ନିର୍ଦ୍ଦେଶକ ବିଭୂତି ଭୂଷଣ ମହାନ୍ତି, ଅଜୟ ନାୟକ, ହୃଷିକେଶ ସ୍ୱାଇଁ, ଅଲ୍ୟ ନାୟକ, ଅରବିନ୍ଦ ନାୟକ, ବିଘ୍ନେଶ୍ୱର ନାୟକ, କ୍ରୟ କମିଟି ସଦସ୍ୟ ବିମଳେନ୍ଦୁ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ସହସମ୍ପାଦକ ବ୍ରଜକିଶୋର ପରିଡ଼ା, ଡିଇଓ ଇମହେନ୍ଦ୍ର ସ୍ୱାଇଁ, ଟେଷ୍ଟର ପ୍ରକାଶ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ୩ଟି ପଞ୍ଚାୟତର ୩୪୮ ଚାଷୀ ଅନଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦୨୧ କ୍ୱିଣ୍ଟାଲ ଟାର୍ଗେଟ ଆସିଥିବା ସମ୍ପାଦକ ଶ୍ରୀକାନ୍ତ ସେଠୀ କହିଛନ୍ତି।



## ପୂର୍ବତନ ସମିତି ସଭ୍ୟାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର, ୧୬।୧(ସମିସ):** ରାଜନଗର ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ରାଉଳଙ୍କ ଧର୍ମପତ୍ନୀ ଚାନ୍ଦିବାଉଁଶମୂଳ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ତଥା ମହୀୟସୀ ମହିଳା ସ୍ୱର୍ଗୀୟା ପାର୍ବତୀ ରାଉଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବରଦା କାନ୍ତ ଜେନାଙ୍କ ସଂଯୋଜନା ରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା, ବିଜେପି ନେତା ଜ୍ଞାନ ରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର କୁମାର ରାଉତ, ରାଜନଗର ନିର୍ବାଚନ ମଣ୍ଡଳୀ ଶ୍ରୀରାମ ସେନାର ସଭାପତି ସାରଦା ରାଉତ, ଅଜୟ କୁମାର ବେହେରା, ବିଜୟ କୁମାର ଜେନା, କୃପାସିନ୍ଧୁ ସାମଲ, ସତ୍ୟବାଦୀ ଜେନା, ପ୍ରଶାନ୍ତ କୁମାର ରାଉତ, ଅନାଦି ଚରଣ ଜେନା, ମହେଶ୍ୱର ରାଉତ, ଦେବାଶିଷ ପାତ୍ର, ଭଗବତୀ ରାଉତ, ସନ୍ତୋଷ କୁମାର ମହାନ୍ତି, ବୁଲୁ ମିଶ୍ର, କୈଳାସ ଚନ୍ଦ୍ର ମହାନ୍ତି, ଭବାନୀ ମହାପାତ୍ର, ସୁଶାନ୍ତ ପ୍ରଧାନ, ଚିତ୍ତ ରଞ୍ଜନ ସାହୁ, ଗଗନ ବିହାରୀ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା, ସମୀର କୁମାର ମଣ୍ଡଳ, ପରମେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ରାଉଳ, ସୀତାକାନ୍ତ ରାଉଳ, ସରୋଜ ରାଉଳ, ଶ୍ରୀକାନ୍ତ ରାଉଳ, ଜୟନ୍ତ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।



## ଜଣେ ୱାରେଣ୍ଟି ସହ ଅନ୍ୟ ୨ ଆସାମୀ ଗିରଫ

**ରାଜନଗର, ୧୬।୧(ସମିସ):** ହଂସୁଆ ସେତୁ ନିକଟ ଡିଆପାରୀ ଗ୍ରାମର ଧିରେନ୍ଦ୍ର ସେଠୀଙ୍କ ନାମରେ ଦୀର୍ଘଦିନ ହେବ ୱାରେଣ୍ଟ ଜାରି ହୋଇଥିଲା। ତାଙ୍କୁ ରାଜନଗର ପୁଲିସ ଧରି କୋର୍ଟ ଚାଲାଣ କରିଛି। ଏହାବ୍ୟତୀତ ତାଙ୍କ ସାନଭାଇ ବୀରେନ୍ଦ୍ର ସେଠୀ ୨୦୨୫ରେ ଧିରେନ୍ଦ୍ରଙ୍କ ସ୍ତ୍ରୀଙ୍କୁ ମାଡ ମାରିଥିଲା। ସେହି ମାମଲାରେ ବୀରେନ୍ଦ୍ରକୁ ଗିରଫ କରାଯାଇଛି। ଘଡିଆମାଳ ପଞ୍ଚାୟତ ପଞ୍ଚୁପଲୀ ଗ୍ରାମର ବିଜୟ ନାୟକଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯାଇଛି। ୨୦୨୧ରେ ବିଜୟ ଜଣେ ନାବାଳିକକୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା।

## ଚନ୍ଦନନଗର ପିଏଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ

# 'ବାସ୍ତବ ଜ୍ଞାନ ଓ ସଠିକ ମାର୍ଗଦର୍ଶନ ସଫଳତା ଆଣିଦିଏ'

**ପଟ୍ଟାମୁଣ୍ଡାଇ, ୧୬।୧(ସମିସ)**

ଛାତ୍ରଛାତ୍ରୀ ପୁସ୍ତକ କୀଟ ନ ହୋଇ ବାସ୍ତବ ଜ୍ଞାନ ଆହରଣ ସହିତ ଶିକ୍ଷକ ଓ ଅଭିଭାବକଙ୍କଠାରୁ ସଠିକ ମାର୍ଗଦର୍ଶନ ପାଇଲେ ସବୁ କ୍ଷେତ୍ରରେ ସଫଳ ହୋଇପାରିବେ ବୋଲି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠର ୬୮ତମ ବାର୍ଷିକ ଉତ୍ସବର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ଉତ୍ସବକୁ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ହେମନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ସଚ୍ଚିନନ୍ଦନ ଦାସ ମୁଖ୍ୟବକ୍ତା, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ବିଶିଷ୍ଟ ଅତିଥି, ସିଆରସିସି ଶୁଭଶ୍ରୀ ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ଶତପଥୀ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ପ୍ରଫୁଲ୍ଲ ଶତପଥୀ, ସମାଜସେବୀ ଭଗବାନ ଦାଶ, ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ଶିକ୍ଷାବିତ ନୃସିଂହ କର, ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀ ଅତ୍ୟାଧୁନିକ ପଦ୍ଧତିରେ ଶିକ୍ଷାଦାନ କରିଥିବାରୁ ମୋବାଇଲରୁ ଶିକ୍ଷଣୀୟ ବିଷୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ବନୋଜିନୀ ସାହୁ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଶରତ ସାହୁ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ସହକାରୀ ଶିକ୍ଷକ ସଞ୍ଜୟ ପ୍ରଧାନ, ଦୀପ୍ତିଶଙ୍କର ରାଉଳ, ଆଶିଷ କାର୍ଜି, ଦୁର୍ଗାପ୍ରସାଦ ପରିଡ଼ା, ଶୁଭଶ୍ରୀ ସ୍ୱାଇଁ, କନକଲତା ଷଡଙ୍ଗୀ ପରିଚାଳନା କରିଥିବାବେଳେ ପ୍ରଜ୍ଞା ପରମିତା ସାହୁ, ସୌମ୍ୟାଶ୍ରୀ କର, ଲୋହିତ ମହାନ୍ତି, ଅବିନାଶ ନାଥ, ସମ୍ବେଦ ରାଉତରାୟ, ସୁରେଶ ନାୟକଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।





## ଦୁଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ

**ଡେରାବିଶ, ୧୬।୧(ସମିସ):** ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଦୁଇଟି ଘରୋଇ ହଷ୍ଟେଲ ଛାତ୍ରଙ୍କ ମଧ୍ୟରେ ଆଜି ଅପରାହ୍ନରେ ଗଣ୍ଡଗୋଳ ଘଟିଛି। ଦୁଇଦିନ ତଳେ କେନ୍ଦ୍ରାପଡ଼ା ଉତ୍ସବରେ ଏହି ଦୁଇଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତେବେ ହଷ୍ଟେଲ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ କୌଣସି ପଦକ୍ଷେପ ନ ନେବାରୁ ଆଜି ଉଭୟ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଗଣ୍ଡଗୋଳରେ ଉଭୟ ଗୋଷ୍ଠୀର ୬ ଜଣ ଛାତ୍ର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବାରୁ ସଦର ଥାନା ପୁଲିସ ପହଞ୍ଚି ବୁଝାସୁଝା କରିଥିଲା। ପରେ ଛାତ୍ରଙ୍କ ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରକୁ ନେଇଯାଇଥିବା ଜଣାଯାଇଛି।



# ଭୁବନେଶ୍ୱର ସିଟି

### ରୋଗୀ ଦେଖିବାକୁ କେନ୍ଦ୍ରକରି ଆକ୍ରମଣ

# ଡାକ୍ତରଙ୍କ ହାତ ଭାଙ୍ଗିଲା, ମୁହଁ ଫାଟିଲା

- ଡ୍ରେସରଙ୍କ ସମେତ ଦୁଇ ଡାକ୍ତର ଆହତ
- ବୁଝାଇବାକୁ ଆସିଥିବା ଡାକ୍ତର ବି ମାଡ଼ ଖାଇଲେ, ଆକ୍ରମଣକାରୀ ଗିରଫ



ଭୁବନେଶ୍ୱର, ୧୬।୧ (ସମିସ): ରୋଗୀ ଦେଖିବାକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉଗ୍ରରୂପ ନେଇଛି। କ୍ୟାପିଟାଲ ହସ୍ପିଟାଲରେ ଆତଙ୍କ ଖେଳାଇଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଦୁଇ ଜଣ ଡାକ୍ତରଙ୍କୁ ଆକ୍ରମଣ କରିଥିବା ବେଳେ ଡ୍ରେସର୍ ବି ବାଦ୍ ପଡ଼ିନାହାନ୍ତି। ଆକ୍ରମଣରେ ଡାକ୍ତର ଜନ୍ମେଜୟ ମିଶ୍ରଙ୍କ ହାତ ଭାଙ୍ଗିଥିବା ବେଳେ ଡାକ୍ତର ସ୍ୱାଗତ ସ୍ୱାଗତ ନାରାୟଣ ଦାସଙ୍କ ମୁହଁ ଫାଟି ଯାଇଛି। ସେହିଭଳି ଡ୍ରେସର୍ ରତ୍ନାକର ବଳଙ୍କ ଦାନ୍ତ ଭାଙ୍ଗି ଯାଇଛି। ଏଭଳି କାଣ୍ଡ ଭିଆଇ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିନ୍ଦୁସାଗର ରାଉତ (୩୯)।

ଅଭିଯୋଗ ଅନୁଯାୟୀ, ନିମାପଡ଼ାର ଦେବବ୍ରତ ରାଉତ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ଆସିଥିଲେ। ପ୍ରଥମେ ତାଙ୍କୁ କାଜୁଆଲିଟିରେ ଦେଖାଇବା ପରେ ଏକ୍ସ-ରେ କରି ଓପିଡିରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କୁହାଯାଇଥିଲା। ସମ୍ପର୍କୀୟମାନେ ଦେବବ୍ରତଙ୍କର ଏକ୍ସ-ରେ କରାଇବା ପରେ ଓପିଡିକୁ ଯାଇଥିଲେ। ହେଲେ ୫ଟା ଅତିକ୍ରମ କରି ଯାଇଥିବାରୁ ସେଠାରେ ଥିବା ଡାକ୍ତର ତାଙ୍କୁ ପରାମର୍ଶ ଦେବାକୁ ମନା କରିବା ସହ କାଜୁଆଲିଟିକୁ ଯିବାକୁ କହିଥିଲେ। ହେଲେ ସେହି ସମୟରେ ଆସିଥିବା ଅନ୍ୟ ଜଣେ ରୋଗୀଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ନେଇ ରୋଗୀ ଓ ଡାକ୍ତରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

ସାଗର ଓ ଅନ୍ୟ ସମ୍ପର୍କୀୟମାନେ ମିଶି ଡାକ୍ତର ଜନ୍ମେଜୟଙ୍କୁ ଗାଳିଗୁଲଜ କରିଥିଲେ। ଡାକ୍ତର ଏହାକୁ ବିରୋଧ କରିବାରୁ ସାଗର ଏକ ହେଲମେଟରେ ତାଙ୍କୁ ଆକ୍ରମଣ କରିଥିଲା। ଡାକ୍ତର ସ୍ୱାଗତ ନାରାୟଣ ଦାସ ବୁଝାସୁଝା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଜନ୍ମେଜୟଙ୍କ ହାତ ଓ ଆଙ୍ଗୁଠି ଭାଙ୍ଗିଥିବା ବେଳେ ସ୍ୱାଗତଙ୍କ ମୁହଁ ଫାଟି ଯାଇଥିଲା। ଦୁଇ ଡାକ୍ତରଙ୍କୁ ରକ୍ଷା କରିବାକୁ ଯାଇ ଏହାରି ଭିତରେ ଡ୍ରେସର୍ ରତ୍ନାକର ମଧ୍ୟ ବର୍ତ୍ତି ନ ଥିଲେ। ଅଭିଯୁକ୍ତମାନେ ମାଡ଼ ମାରି ତାଙ୍କ ଦାନ୍ତ ଭାଙ୍ଗି ଦେଇଥିଲେ। ପ୍ରାୟ ଅଧଘଣ୍ଟା ଧରି ରୋଗୀଙ୍କ ସମ୍ପର୍କୀୟମାନେ ହସ୍ପିଟାଲ ପରିସରରେ ଆତଙ୍କ ଖେଳାଇ ଥିଲେ। ଖବରପାଇ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲା। ଡାକ୍ତରଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ସାଗରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟମାନେ ଫେରାର ରହିଛନ୍ତି।

## କନ୍‌ଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ



ଭୁବନେଶ୍ୱର, ୧୬।୧(ସମିସ): ଧଉଳି ଥାନାରେ କାର୍ଯ୍ୟରତ ଜଣେ କନ୍‌ଷ୍ଟେବଲଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ମୋଚିରାମ୍ ମାରାଣ୍ଡି। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଧଉଳି ଥାନା ନିକଟସ୍ଥ ଭଡା ଘରୁ ପୁଲିସ ମୃତଦେହ ଜବତ କରିଛି। ଏହାପରେ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି।

ମିଳିଥିବା ସୂଚନା ମୁତାବକ, ମୋଚିରାମ୍ ଘର ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ସୁଆଗପୁର ଗ୍ରାମରେ ହୋଇଥିଲା ବେଳେ ଧଉଳି ଥାନା ସାମ୍ନାରେ ସେ ଭଡା ରହୁଥିଲେ। ଏଠାରେ ଏକବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟରତ ଥିଲେ। ଦୁଇ ଦିନ ହେବ କୌଣସି କାମରେ ଛୁଟି ନେଇ ମୟୂରଭଞ୍ଜ ସ୍ଥିତ ନିଜ ଗାଁକୁ ଯାଇଥିଲେ। ଶୁକ୍ରବାର ଡ୍ୟୁଟିରେ ଯୋଗ ଦେବାକୁ ପୁଣି ଧଉଳି ଫେରିଥିଲେ। ହେଲେ ଡ୍ୟୁଟିରେ ଯୋଗ ଦେଇ ନ ଥିଲେ। ଘରୁ ଆସିବାର କିଛି ସମୟ ପରେ ମୋଚିରାମ୍ ଆଉ ପରିବାର ଲୋକଙ୍କ ଫୋନ୍ କଲ୍ ଉଠାଇ ନ ଥିଲେ। ପରିବାର ଲୋକେ ବାରମ୍ବାର ଫୋନ୍ କରିବା ବ୍ୟସ୍ତ ହୋଇଯାଇଥିଲେ। ଶେଷରେ ପରିବାର ଲୋକେ କୌଣସି ଉପାୟ ନ ପାଇ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ଘର ଭିତରପଟୁ ବନ୍ଦଥିଲା। ସ୍ଥାନୀୟ ଲୋକ, ସରପଞ୍ଚଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇଥିଲା। ଏକ ଜ୍ୟାକେଟ୍ ପିନ୍ଧି ତଳେ ପଡ଼ିଥିବା ପୁଲିସ ଦେଖିବାକୁ ପାଇଥିଲା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ।

## ଦାଦାବଟି ପାଇଁ ମହିଳା ଦୋକାନୀଙ୍କୁ ବୋତଲ ମାଡ଼; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୧୬।୧ (ସମିସ): ଦାଦାବଟି ପାଇଁ ମହିଳା ଦୋକାନୀଙ୍କୁ କାଚ ବୋତଲରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କାର୍ଗିଲ ବସ୍ତିର ସୁଧାକର ପ୍ରଧାନ ଓରଫ୍ ସୁଶାନ୍ତ (୪୫)।

ପୁଲିସ ସୂଚନାନୁସାରେ, କାର୍ଗିଲ ବସ୍ତି ମଦନମୋହନ ସାହିର ଟୁନି ପାତ୍ର ଗତକାଲି ଦୋକାନରେ ବସିଥିବା ବେଳେ ସୁଶାନ୍ତ ସେଠାକୁ ଯାଇ ଦାଦାବଟି ମାଗିଥିଲା। ଟୁନି ମନା ଦାଦାବଟି ଦେବାକୁ ମନା କରିବାରୁ ସୁଶାନ୍ତ ତାଙ୍କୁ ଗାଳି କରିବା ସହ ମାଡ ମାରିଥିଲା। କଟୁରି ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଟୁନିଙ୍କ ଠାରୁ ଖବରପାଇ ପିସିଆର୍‌କୁ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସୁଶାନ୍ତ ସେଠାରୁ ଖସି ପଳାଇଥିଲା। ଏହାଧ କିଛି ସମୟପରେ ସୁଶାନ୍ତ ପୁଣି ସେଠାକୁ ଆସି ଟୁନିଙ୍କୁ ଭଙ୍ଗା କାଚ ବୋତଲରେ ମରଣାନ୍ତକ ଆକ୍ରମଣର ଉଦ୍ୟମ କରିଥିଲା। ନିକଟରେ ଉପସ୍ଥିତ ଭଣଜା ଘଟଣାସ୍ଥଳକୁ ଦୌଡି ଆସି ସୁଶାନ୍ତକୁ କାବୁ କରିବା ସହିତ ପିସିଆର ଜିମାରେ ଦେଇଥିଲେ। ଟୁନିଙ୍କ ଅଭିଯୋଗକ୍ରମେ ଏୟାରପୋର୍ଟ ଥାନା ପୁଲିସ ମାମଲା ରୁଜୁ କରିବା ସହ ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା’ ଠାରୁ କଟୁରି ଜବତ କରିଛି।

## ଖଣ୍ଡାବୁଲାଇ ବନ୍ଧାହେଲେ ଗୁଣ୍ଡା ଓ ସହଯୋଗୀ

ଭୁବନେଶ୍ୱର, ୧୬।୧ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡା ବୁଲାଇବା ଅଭିଯୋଗରେ ଗୁଣ୍ଡା ଓ ତାର ସହଯୋଗୀକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କେଦାରପଲ୍ଲୀ ବସ୍ତିର ଆକାଶ ନାୟକ ଓରଫ୍ ଗୁଣ୍ଡା (୨୪) ଓ ତାରିଣୀ ବସ୍ତିର ଚନ୍ଦନ ନାୟକ (୨୫)। ପୁଲିସ ସୂଚନାନୁଯାୟୀ, ୟୁନିଟ-୬ ମା’ ତାରିଣୀ ବସ୍ତିର କେଶବ ନାୟକଙ୍କ ସହ ଚନ୍ଦନ ଓ ଗୁଣ୍ଡାର ପୂର୍ବରୁ ବିବାଦ ରହିଥିଲା। ଗୁଣ୍ଡା ଓ ଚନ୍ଦନ ଗୁରୁବାର ରାତି ପ୍ରାୟ ସାଢେ ୯ଟା ସମୟରେ କେଶବଙ୍କୁ ଜୀବନରୁ ମରିଦେବାର ଯୋଜନା କରି ତାରିଣୀ ବସ୍ତିସ୍ଥିତ ତାଙ୍କ ଘର ସାମ୍ନାରେ ଗାଳିଗୁଲଜ କରିଥିଲେ। ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କେଶବ ଓ ତାଙ୍କ ବାପା ଭୟଭୀତ ହୋଇ ଜୀବନ ବଞ୍ଚାଇବା ଲାଗି କୌଶଳ କ୍ରମେ ସେଠାରୁ ଖସି ପଳାଇ ଯାଇଥିଲେ। ସ୍ଥାନୀୟ ବାସିନ୍ଦା ଦୁଇ ଅଭିଯୁକ୍ତଙ୍କୁ ସେପରି କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି କହିଥିଲେ ମଧ୍ୟ ସେମାନେ ଖାତିର କରିନଥିଲେ। ଫଳରେ ଲୋକମାନେ ଦୁଇ ଜଣଙ୍କୁ କାବୁ କରି ପିସିଆର ଜିମା ଦେଇଥିଲେ। କେଶବଙ୍କ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ଖଣ୍ଡା ଜବତ କରିଥିଲା। ପୂର୍ବରୁ ଚନ୍ଦନ ନାମରେ ୮ଟି ଓ ଗୁଣ୍ଡା ନାମରେ ୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



## ହତ୍ୟା ଉଦ୍ୟମ କରି ଶୌଚାଳୟ କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୬।୧ (ସମିସ): ଯୁବକଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଶୌଚଳୟ କର୍ମଚାରୀକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ମହାବୀର ନଗରର ବିଜୟ ସାମଲ (୨୧)। ପୁଲିସ କହିବା ମୁତାବକ, ଶୁକ୍ରବାର ସକାଳେ ଶିଶିର ମହାରଣା ନୀଳାଦ୍ରି ବିହାର ଏଟିଏମ ଛକ ନିକଟରେ ଥିବା ଦେୟମୁକ୍ତ ଶୌଚଳୟକୁ ନିତ୍ୟକର୍ମ ଲାଗି ଯାଇଥିଲେ। ସେଠାରେ ଥିବା କର୍ମଚାରୀମାନେ ତାଙ୍କୁ ଶୌଚାଳୟ ବ୍ୟବହାର ଲାଗି ଟଙ୍କା ଦେବାକୁ କହିଥିଲେ। ତାହା ଏକ ଦେୟମୁକ୍ତ ଶୌଚାଳୟ ହୋଇଥିବାରୁ ଶିଶିର ଟଙ୍କା ଦେବାକୁ ମନା କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ତାଙ୍କୁଲ ଗାଳିଗୁଲଜ କରିଥିଲେ। ବିଜୟ ସେହି ସମୟରେ ଶିଶିରଙ୍କୁ ମାଡ ମାରିବା ସହ ବେକଚିପି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା। ଏଥିସହିତ ତାଙ୍କ ଆଙ୍ଗୁଠିକୁ କାମୁଡ଼ି ଦେବାରୁ ହାତରେ କ୍ଷତ ସୃଷ୍ଟି ହୋଇଥିଲା। ଏନେଇ ଶିଶିର ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଡକାୟତି ଯୋଜନା ପଣ୍ଡ: ଷ୍ଟେସନରୁ ୬ ଗିରଫ; ବନ୍ଧୁକ, କଟୁରି ଜବତ

- ଗୁଳିମାଡ଼ କରି ଖସିବାକୁ ଉଦ୍ୟମ
- ନେତୃତ୍ୱ ନେଉଥିଲା ଜେଲ୍ ଫେରନ୍ତା




ଭୁବନେଶ୍ୱର, ୧୬।୧(ସମିସ): ଚଳନ୍ତା ଟ୍ରେନରୁ ବନ୍ଧୁକ ମୁନରେ ଡକାୟତି କରିବା ଯୋଜନାକୁ ପଣ୍ଡ କରିଛି ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ (ଜିଆରପି)। ରନିଂ ରୁମ୍ ନିକଟରୁ ଜେଲ୍ ଫେରନ୍ତା ଶିବ ସମେତ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟ ନଗରର ଶିବ ପ୍ରସାଦ ସାହୁ, ୟୁନିଟ୍-୩ର ସେକ୍ ମନଞ୍ଜୁର ଆଲାମ୍, ତୋଫାନ ସେଠୀ, ଏୟାରଫିଲ୍ଡ ଥାନା ଅଞ୍ଚଳର ରାଜା ନାୟକ, ବାଲିପାଟଣାର ବାସୁଦେବ ନାୟକ ଓ ବଡ଼ଗଡ଼ର ରାଜୀବ ଗୌଡ଼। ଅଭିଯୁକ୍ତମାନଙ୍କ ନାମରେ ୧୦ଟି ଲେଖାଏଁ ମାମଲା ରହିଥିବା ବେଳେ ଭୁବନେଶ୍ୱର, ବ୍ରହ୍ମପୁର ଓ ପୁରୀ ରେଳବାଇ ପୁଲିସ ପାଇଁ ସେମାନେ ମୋଷ୍ଟ ୱାଣ୍ଟେଡ୍ ଥିଲେ ବୋଲି କଟକ ରେଳବାଇ ଏସ୍‌ପି ଭବାନୀ ଶଙ୍କର ଉଦ୍?ଗାତା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ପୁଲିସ ସୂଚନାନୁସାରେ, ଉପୋରକ୍ତ ଅଭିଯୁକ୍ତମାନେ ଗତକାଲି ରାତିରେ ରନିଂ ରୁମ୍ ନିକଟରେ ଏକାଠି ହୋଇ ଟ୍ରେନରୁ ଡକାୟତି କରିବାକୁ ଯୋଜନା କରିଥିଲେ। ଟ୍ରାକ୍ ପରିବର୍ତ୍ତନ ସମୟରେ ଟ୍ରେନର ଗତି କମ୍ ହେଉଥିବାରୁ ସେମାନେ ସେହି ସ୍ଥାନକୁ ସୁରକ୍ଷିତ ଭାବେ ବାଛିଥିଲେ। ଚଳନ୍ତା ଟ୍ରେନରେ ଯାତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟପାଟ ଯୋଜନା କରୁଥିବା ବେଳେ ଜିଆର୍‌ପିର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ଅଭିଯୁକ୍ତମାନେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ସେମାନଙ୍କୁ ଘେରି ଯାଇଥିଲା। ସେହି ସମୟରେ ସେକ୍ ମନଞ୍ଜୁର ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲା। ହେଲେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ଠାରୁ ଦେଶୀ ବନ୍ଧୁକ, ୫ ଗୁଳି, ଭୁଜାଲି, ଛୁରି ଓ ଲଙ୍କାଗୁଣ୍ଡ ଜବତ କରିଥିଲା। ସେପଟେ ଟ୍ରେନ୍ ଯାତ୍ରୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ୩ଟି ଟିମ୍ ଗଠନ ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ପୁରୀ ଓ ବ୍ରହ୍ମପୁର ଯାଏଁ ଚଢ଼ଉ କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିଆରପିଓ ଆଦିତ୍ୟ କୁମାର ସେଠୀ ଓ ଜିଆରପି ଆଇଆଇସି ଅଶୋକ କୁମାର ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଧଉଳି ନାବାଳିକା ଗଣଦୁଷ୍କର୍ମ ମାମଲାରେ ଆଉ ଜଣେ ଗିରଫ

ଭୁବନେଶ୍ୱର, ୧୬।୧(ସମିସ): ଧଉଳି ନାବାଳିକା ଗଣଦୁଷ୍କର୍ମ ମାମଲାରେ ପୁଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ବଡ଼ଗଡ଼ ଥାନା ଅଞ୍ଚଳର ସାଗର ଜେନା। ସାଗରଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଏହପୂର୍ବରୁ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଜୋକର୍ ହାପି ଏବଂ ସହ ଅଭିଯୁକ୍ତ ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ଗିରଫ ହୋଇଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ତେବେ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୪ରେ ପହଞ୍ଚିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ଫେରାର ରହିଛି। ସୂଚନାଯୋଗ୍ୟ, ଯୁକ୍ତ-୨ରେ ପଢୁଥିବା ୧୭ ବର୍ଷୀୟା ପୀଡ଼ିତା ଜଣକ ଡିସେମ୍ବର ୧୦ ତାରିଖରେ ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିଲା ସମୟରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଦୟାନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ଶୂନଶାନ୍ ସ୍ଥାନରେ ଅଭିଯୁକ୍ତମାନେ ନାବାଳିକା ଏବଂ ସମ୍ପର୍କୀୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କଠାରୁ ଲୁଟ୍ କରିବା ସହ ପୁରୁଷବନ୍ଧୁଙ୍କ ମାଡ଼ ମାରିଥିଲେ। ଏହାପରେ ନାବାଳିକାଙ୍କୁ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରିଥିଲେ।

## ନିଶା କାରବାର ଅଭିଯୋଗରେ ୨ ମହିଳା ଗିରଫ



ଭୁବନେଶ୍ୱର, ୧୬।୧(ସମିସ): ଗଞ୍ଜେଇ କାରବାର ଅଭିଯୋଗରେ ଦୁଇଜଣ ମହିଳାଙ୍କୁ ଗିରଫ କରିଛି ଭୁବନେଶ୍ୱର ଅବକାରୀ ବିଭାଗ। ଗିରଫ ମହିଳାମାନେ ହେଲେ କୁମ ପ୍ରଧାନ(୬୪), ପୁଷ୍ପାଞ୍ଜଳୀ ଭୂଇଁଆ(୪୫)। ସେମାନଙ୍କ ଠାରୁ ୪କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ଉଭୟ ଗଞ୍ଜେଇ ପୁଡ଼ିଆ ଓ ଗଞ୍ଜେଇ ସିଗାରେଟ୍ ରହିଛି।

ଅବକାରୀ ସୁପରିଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁଙ୍କ ସୂଚନା ମୁତାବକ, ଉତ୍କଳ ବିଶ୍ୱବିଦ୍ୟାଳୟ ପାଚେରି କଡ଼ରେ ଥିବା ବିଶେଶ୍ୱର ବସ୍ତିରେ ଏମାନେ ବହୁ ଦିନ ହେବ ଗଞ୍ଜେଇ କାରବାର କରୁଥିଲେ। ଏନେଇ ଅବକାରୀ ବିଭାଗକୁ ଗୁଇନ୍ଦା ସୂଚନା ମିଳିଥିଲା। ଅବକାରୀ ବିଭାଗର ଏକ ଟିମ୍ ବିଶେଶ୍ୱର ବସ୍ତିରେ ରେଡ୍ କରି ୨ ମହିଳାଙ୍କୁ ଗିରଫ କରିଥିଲା। ନିଶା କାରବାର ନେଇ ଏମାନଙ୍କ ବିରୋଧରେ ପୂର୍ବରୁ ଏକାଧିକ ମାମଲା ରହିଛି। ବାରମ୍ବାର ଜାମିନ୍‌ରୁ ଆସି ଏମାନେ ନିଶା କାରବାରରେ ଲିପ୍ତ ରହୁଛନ୍ତି। ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ ଟାର୍ଗେଟ କରି ଏମାନେ ବ୍ୟବସାୟ ଚଳାଇଛନ୍ତି।

ସେହିପରି ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ସିଆରପି ଛକରେ ଚଢ଼ଉ କରିଥିଲା। ସେଠାରୁ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଞ୍ଚଳର ଚିକୁନ ବେହେରା (୨୦) ଓ ସାଲିଆ ସାହିର ଦେବଜିତ୍ ବେହେରା (୨୦)କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୨ କିଲୋ ଗଞ୍ଜେଇ ଓ ଟଙ୍କା ଜବତ କରିଥିଲା ପୁଲିସ।

## ମାଡ଼ ମାରି ଚେନ୍ ଓ ବ୍ରେସଲେଟ୍ ଲୁଟ୍

ଭୁବନେଶ୍ୱର, ୧୬।୧ (ସମିସ): ମାଡ଼ ମାରି ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖଣ୍ଡୁଆଳ ସାହିର କିଶାନ ବେହେରା (୧୯)। ପୁଲିସ ସୂଚନା ମୁତାବକ, ସୁନ୍ଦରପଦା ଇଏଲଡି ଭିଲ୍ଲାରେ ରହୁଥିବା ସିଦ୍ଧାନ୍ତ ସୁଆର ବିଦ୍ୟାଭାରତୀ ସ୍କୁଲ ଲେନରେ ଛିଡ଼ା ହୋଇ ଫୋନରେ କଥା ହେଉଥିଲେ। ସେହି ସମୟରେ କିଶାନ ଓ ତା’ର ସହଯୋଗୀ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏଥିସହିତ ତାଙ୍କ ନିକଟରୁ ରୂପା ଚେନ, ରୂପା ବ୍ରେସଲେଟ୍ ଓ ସୁନା ମୁଦି ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସିଦ୍ଧାନ୍ତ ପିଛା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। କିଶାନ ବ୍ୟବହାର କରିଥିବା ଗାଡ଼ି ନମ୍ବର ଆଧାରରେ ସିଦ୍ଧାନ୍ତ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରିବା ସହ କିଶାନକୁ ଗିରଫ କରିଥିଲା। ତା’ ଠାରୁ ଲୁଟ୍ ହୋଇଥିବା ରୂପା ଚେନ ଓ ରୂପା ବ୍ରେସଲେଟ ଜବତ କରିଛି। କିଶାନ ନାମରେ ପୂର୍ବରୁ ଏୟାରଫିଲ୍ଡ ଥାନାରେ ୫ଟି ମାମଲା ରହିଥିବା ପୁଲିସ କହିଛି।

# ବୁଲା କୁକୁରଙ୍କୁ ଦିଆଯିବ ରାବିସ ଟିକା

### ଭୁବନେଶ୍ୱର ହେବ ଜଳାତଙ୍କମୁକ୍ତ, ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କଲା ବିଏମ୍‌ସି




ଭୁବନେଶ୍ୱର, ୧୬।୧(ସମିସ): ଭୁବନେଶ୍ୱର ଜଳାତଙ୍କ ରୋଗ ମୁକ୍ତ ସହର। ସହରରେ ଥିବା ପ୍ରାୟ ୪୭ ହଜାର ବୁଲା କୁକୁରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ରାବିସ୍ ଟିକା ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଯାହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରିବ। ଏନେଇ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ ମିଶନ ରାବିସ୍-ୱାର୍ଲ୍ଡ ୱାଇଡ୍ ଭେଟେନାରୀ ସର୍ଭିସ୍ ଏବଂ କଲେଜ ଅଫ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମଲ ହସବ୍ୟାଣ୍ଡରୀ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତ ସ୍ୱାକ୍ଷରିତ ହୋଇଛି। ସହରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ବିଏମ୍‌ସି ସହ ଚୁକ୍ତି ସ୍ୱାକ୍ଷରିତ କରିଥିବା ଏହି ଦୁଇଟି ସଂସ୍ଥା ରାବିସ୍ ଟିକା ଦେବା ପାଇଁ ଯୋଜନା ପ୍ରଣୟନ, କାର୍ଯ୍ୟକାରୀ, ବୈଷୟିକ ପରାମର୍ଶ ସହାୟତା, ବୈଜ୍ଞାନିକ ସହାୟତା, ଦକ୍ଷତା ବିକାଶ ଆଦି କାର୍ଯ୍ୟ କରିବେ। ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଏବଂ ବିଜ୍ଞାନ ସମ୍ମତ ଭାବେ ବୁଲା କୁକୁରଙ୍କୁ ଜଳାତଙ୍କ ପ୍ରତିଷେଧକ ଟିକା ଦାନ, ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରିବେ।

ଭୁବନେଶ୍ୱରକୁ ଜଳାତଙ୍କ ରୋଗ ମୁକ୍ତ କରିବା ପାଇଁ ତଥ୍ୟ ଭିତ୍ତିକ ଏବଂ ଯୋଜନାବଦ୍ଧ ଭାବେ ବୁଲା କୁକୁରଙ୍କର ଗଣ ଟିକାଦାନ ଯୋଜନା ଓ ତଦାରଖ କରାଯିବ। ତାଲିମ, ପରିଚାଳନା ମାନକ ଏବଂ କ୍ଷେତ୍ର ପର୍ଯ୍ୟବେକ୍ଷଣ ଜରିଆରେ ବିଏମ୍‌ସିର ଦକ୍ଷତା ବୃଦ୍ଧି କରିବେ। ଜଳାତଙ୍କ ପ୍ରତିଶେଧକ ସମ୍ପର୍କରେ ଶିକ୍ଷା, ଯୋଗଯୋଗ ଓ ଜନ ସଚେତନତା ସୃଷ୍ଟି କରିବେ। ତଥ୍ୟ ଭିତ୍ତିକ ଉଭୟ ପ୍ରାଣୀ ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବେ ବୋଲି ଏହି ଚୁକ୍ତିରେ କୁହାଯାଇଛି। ମିଶନ ରାବିସ୍ (ଇଣ୍ଡିଆ), ସର୍ଭେଲାନ୍ସ, ତାଲିମ, ମୋବାଇଲ୍ ଆପ୍ ଡେଭେଲପମେଣ୍ଟ, ଲଜିଷ୍ଟିକ୍ ଆଦି କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ବୈଷୟିକ ସହାୟତା ଯୋଗାଇଦେବ। ସେହିପରି ଓୟୁଏଟି ଭେଟେନାରୀ ଛାତ୍ରଛାତ୍ରୀ ଇଣ୍ଟର୍ଣ୍ଣ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

ଏହି ଚୁକ୍ତିନାମା କୌଣସି ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବାକୁ ନୁହେଁ କିମ୍ବା କୌଣସି ଅର୍ଥ ଦେଣନେଣ ହେବ ନାହିଁ। ଏହାର ମୂଳ ଲକ୍ଷ୍ୟ ହେଉଛି ବିଏମ୍‌ସି ଅଞ୍ଚଳକୁ ଜଳାତଙ୍କ ରୋଗ ମୁକ୍ତ କରିବା। ବିଏମ୍ ସି ପକ୍ଷରୁ କମିସନର ଚଞ୍ଚଳ ରାଣା, ମିଶନ ରାବିସ୍ ପକ୍ଷରୁ ଡକ୍ଟର ମିହିର ମଜଗାଓଁକର ଏବଂ କଲେଜ ଭେଟେନାରୀ ସାଇନ୍ସ ଆଣ୍ଡ ଆନିମାଲ ହଜବ୍ୟାଣ୍ଡରୀ ଓୟୁଏଟି ପକ୍ଷରୁ ଡିନ୍ ଡା. ସୁଶେନ ପଣ୍ଡା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷରିତ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର




ତାଳଚେର,୧୬ ।୧(ସମିସ): ତାଳଚେର କୋର୍ଟ ପରିସର ମଧୁସୂଦନ ସମ୍ମିଳନୀ କକ୍ଷରେ ତାଳଚେର ବାର ଆସୋସିଏସନ ସଭାପତି ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ତାଳଚେର ତାଲୁକ୍ ଆଇନସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ତାଳଚେର ଜିଲ୍ଲା ଓ ଦୌରା ଜଜ୍ ତଥା ଆଇନସେବା କମିଟି ଅଧ୍ୟକ୍ଷ ସତ୍ୟନାରାୟଣ କରଙ୍କ ଅଧ୍ୟକ୍ଷତାରେ ଶିବିର ହୋଇଥିଲା । ଏଥିରେ ତାଳଚେର ସବ୍‌ଜଜ୍ ସ୍ୱର୍ଣ୍ଣଲତା ନାୟକ, ଅତିରିକ୍ତ ସବ୍‌ଜଜ୍ ମଧୁସ୍ମିତା ଜେନା, ଜେଏମ୍‌ଏଫ୍‌ସି କ୍ରୀଷ୍ଟା ସୁବୁଦ୍ଧି ଯୋଗଦେଇଥିଲେ । ଆଇନଜୀବୀ ଯଦୁମଣି ସାହୁ କୃତ୍ରିମ ବୁଦ୍ଧିମତା ଏବଂ ଆଇନଜୀବୀ ଛବି କୁମାର ସାହୁ ମେଡିଏସନ ୨୦୦୭, (ମାମଲା ବିଚାର ପୂର୍ବରୁ ମଧ୍ୟସ୍ଥତା) ଉପରେ ଆଲୋକପାତ କରିଥିଲେ । ଆଇନଜୀବୀ ବାଉରୀବନ୍ଧୁ ବେଜ ଶିବିର ସଂଯୋଜନା କରିଥିଲା ବେଳେ ଓକିଲ ସଙ୍ଘ ସଧାରଣ ସମ୍ପାଦକ ମାନସ ରଞ୍ଜନ ବାଇ ଧନ୍ୟବାଦ ଦେଇଥିଲେ ।

## ବାଜିରାଉତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ପାଲଲହଡ଼ା,୧୬ ।୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଝିମିରିପାଲି ଖେଳପଡ଼ିଆରେ ଗୁରୁବାର ଚତୁର୍ଥ ବାଜିରାଉତ କପ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ଓ ଆମେ ଓଡ଼ିଆ ଟ୍ରଷ୍ଟ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ପାଲଲହଡ଼ା ନିର୍ବାଚନମଣ୍ଡଳୀର ବଛା ବଛା ଫୁଟବଲ ଟିମ୍ ଏଥିରେ ଯୋଗଦେଇଛନ୍ତି । ଚାମ୍ପିଅନ ଟିମ ଜିଲ୍ଲା ସ୍ତରରେ ଖେଳ ପ୍ରଦର୍ଶନ କରିବେ । ପରେ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ଦେବଗଡ଼ରୁ ୪ଟି ଦଳ ଚୟନ କରାଯାଇ ସମ୍ବଲପୁରରେ ଫାଇନାଲ ଖେଳ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି । ଓଡ଼ିଶା ରେଫରୀ ଦୁର୍ଗାମାଧବ ନାଏକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହେଉଛି । ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ସାହୁ, ଧର୍ମେନ୍ଦ୍ର ମହାନ୍ତ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ ।

## ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ



ଅନୁଗୋଳ,୧୬ ।୧(ସମିସ): ଅନୁଗୋଳ ଜିଲ୍ଲା ବଣ୍ଡଁରପାଳ ବ୍ଲକ ତୁବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ସତ୍ୟଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଦିଲୀପ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସଂସାର କୁମାର ମାଝୀ, ତୁବେ ସରପଞ୍ଚ ଅନିଲ କୁମାର ପ୍ରଧାନ, ସିଆରସିସି ଧୀରେନ କୁମାର ସାହୁ, ତୁବେ କୃଷି ସମବାୟ ସମିତି ସଭାପତି ସତ୍ୟବ୍ରତ ପ୍ରଧାନ, ସୁରେନ୍ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ନାଗରୀମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥି ସମେତ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ପ୍ରଧାନଶିକ୍ଷକ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା



କିଶୋରନଗର,୧୬ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶୁକ୍ରବାର ପିଏମ୍‌ଶ୍ରୀ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି । ଅନୁଗୋଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଡିଏସପି ରମାକାନ୍ତ ନାୟକ, ଜୁନିଅର ଏମ୍‌ଭିଆଇ ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆର୍‌ଟିଓ କର୍ମଚାରୀ ଗଗନ ପରିଜା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷକ ବିନାୟକ ଦେହୁରୀ, ଜାଗ୍ରତ କୁମାର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଭରତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଶୋଭାଯାତ୍ରାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ, ବସ ମାଲିକ ସଙ୍ଘ, ଅଟୋ ସଂଘ କର୍ମଚାରୀ ସହଯୋଗ କରିଥିଲେ ।

### ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ

# ମହିଳାଙ୍କ ପାଇଁ ଥିବା ଯୋଜନା କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ

ଅନୁଗୋଳ,୧୬ ।୧(ସମିସ):




ଶୁକ୍ରବାର ପୂର୍ବାହ୍ନରେ ବିଜୁ ମଇଦାନରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦଘାଟିତ ହୋଇଛି । ଏହି ମେଳା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ଉତ୍ପାଦଗୁଡ଼ିକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଜିଲ୍ଲା ସ୍ତରରେ ପ୍ରଦର୍ଶନ ଓ ବିକ୍ରିବଟା କରିବା ଏହି ମେଳାର ଲକ୍ଷ୍ୟ । ମହିଳା ସଶକ୍ତୀକରଣକୁ ଆଧାର କରି ଅନୁଷ୍ଠିତ ଏହି ମେଳାରେ ମୋଟ ୧୨୫ ଷ୍ଟଲ ବ୍ୟବସ୍ଥା କରାଯାଇଛି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ମହିଳାଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନାରୀ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ସମାଜର ବିକାଶ ସମ୍ଭବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ବିଡିଓ ଡ. ବିଶ୍ୱ ଭୂଷଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିମନ ମଲ, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଡିଆଇଇଟିର ବାର୍ଷିକ କ୍ରୀଡ଼ା ଉତ୍ସବ ‘ଭେଲୋସିଟି’ ଉଦଘାଟିତ

ଛେଣ୍ଡିପଦା,୧୬ ।୧(ସମିସ): ଅନୁଗୋଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡି ଆ ଇ ଇ ଟି) ର ବାର୍ଷିକ କ୍ରୀଡ଼ା ଉତ୍ସବ “ଭେଲୋସିଟି” ଗୁରୁବାର ଉଦଘାଟିତ ହୋଇଛି । ଡିଆଇଇଟି ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ



ଉତ୍ସବକ ଉଦଘାଟନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ସାହୁ କହିଲେ ଯେ କ୍ରୀଡ଼ା ଶିକ୍ଷାର ଅଭିନ୍ନ ଅଂଶ । ଏହା ଶାରୀରିକ ସୁସ୍ଥତା ସହ ଶିଷ୍ଟାଚାର, ନେତୃତ୍ୱ, ଦଳୀୟ ଭାବନା ଓ ଜୀବନ କୌଶଳକୁ ବିକଶିତ କରେ । ଆଗାମୀ ଶିକ୍ଷକ ଭାବେ ଗୁରୁଛାତ୍ରମାନେ ପାଠ୍ୟ ଜ୍ଞାନ ସହ କ୍ରୀଡ଼ା ଓ ସହପାଠ୍ୟ କାର୍ଯ୍ୟକଳାପକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ବରିଷ୍ଠ ଅଧ୍ୟାପକ ମଦନ ସୁନ୍ଦର ପ୍ରଧାନ, ମମିତା ସାହୁ, ରାମକୃଷ୍ଣ ପରିଛା ମଞ୍ଚାସୀନ ଥିଲେ । ଛୋଟରାୟ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଷ୍ଠାନର କ୍ରୀଡ଼ା ବିଭାଗ ଅଧିକାରୀ ଡ. ଗଣେଶ୍ୱର ସାହୁଙ୍କ ନେତୃତ୍ୱ ଓ ଅଧ୍ୟାପକମାନଙ୍କ ସହଯୋଗରେ ପ୍ରଥମ ଓ ଦ୍ୱିତୀୟ ବର୍ଷ ଗୁରୁ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କ୍ରୀଡ଼ା ସମ୍ପାଦକ ଦେବାଶିଷ, ଛାତ୍ର ସଂସଦ ସଭାପତି ଲିଲନ ପ୍ରଧାନ, ଗୁରୁଚରଣ ବେହେରା, ଆଶିଷ ସାହୁ, ପ୍ରିୟଙ୍କା ସାହୁ, ଦୋଳାନନ୍ଦ ଶୁଣ୍ଡି, ପ୍ରିୟରଞ୍ଜନ ଶତପଥୀ, ଦ୍ୱିତୀକୃଷ୍ଣ କିଶାନ, ଆରତୀ ବେହେରା, ଲିଜାରାଣୀ ବେହେରା, ଶକ୍ତି ସତରୂପା ମିଶ୍ର, ଭାଗ୍ୟଧର ଡଗାର ପ୍ରମୁଖ ସହଯୋଗ କରିଥିଲେ ।

## ଅଏଡା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ

ଆଠମଲ୍ଲିକ,୧୬ ।୧(ସମିସ): ଆଠମଲ୍ଲିକ ବ୍ଲକ ଅଏଡା ସେବା ସମବାୟ ସମିତି ପକ୍ଷରୁ ଗୁରୁବାର ଧାନମଣ୍ଡି ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମବାୟ ସମିତି ସଭାପତି ଚିତ୍ତରଞ୍ଜନ କର୍ଣ୍ଣ, ପୂର୍ବତନ ସମିତି ସଭ୍ୟ ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ପ୍ରଧାନ, ଦାମୋଦର ହୋତା, ସୁରେନ୍ଦ୍ର ପ୍ରଧାନ, ବସନ୍ତ କର୍ଣ୍ଣ, ବିପିନ ମଲ୍ଲିକ, ସୁବ୍ରତ ବାରିକ



ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ । ସମବାୟ ସମିତି ସମ୍ପାଦକ ପଞ୍ଚାନନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ନଅଗାଁ, ଅଏଡା, ଲୁହାସିଙ୍ଗା ଓ ଜାମୁଡୋଲି ପଞ୍ଚାୟତର ଚାଷୀ ଏହି ମଣ୍ଡିରେ ଧାନ ବିକ୍ରି କରିବେ ବୋଲି ସୂଚନା ଦିଆଯାଇଛି ।

## ସାଂସ୍କୃତିକ ଜାତୀୟତାବାଦର ଆଧାର ‘ବନ୍ଦେ ମାତରମ୍’



କିଶୋରନଗର,୧୬ ।୧(ସମିସ): ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ କିଶୋରନଗର ପଞ୍ଚାୟତ ସମିତିସ୍ତରୀୟ ଉତ୍ସବ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି । ବିଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ତହସିଲଦାର ବିକ୍ରମ କେଶରୀ ନାୟକ, ମୁଖ୍ୟବକ୍ତା ରୂପେ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ବିଇଓ ଅରୁଣ କୁମାର ସେଠୀ, ଏବିଡିଓ ଦିଲୀପ କୁମାର ପ୍ରଧାନ, ଶିଶୁ ପ୍ରକଳ୍ପ ଅଧିକାରୀ ଭାଗ୍ୟଲତା ସେଠୀ, ଏବିଇଓ ରମଣୀ ରଞ୍ଜନ ସାହୁ ଓ ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଧାନ ଉପସ୍ଥିତ ଥିଲେ । ବନ୍ଦେ ମାତରମ୍ ଏକ କବିତା ନୁହେଁ, ଏକ ମନ୍ତ୍ର ରୂପରେ ସମସ୍ତ ଭାରତୀୟଙ୍କୁ ବାନ୍ଧି ରଖି ସାଂସ୍କୃତିକ ଜାତୀୟତାବାଦ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାମାଜିକ ନିରାପତ୍ତା ଅଧିକାରୀ ଝସକେତନ ସାହୁଙ୍କ ତତ୍ତ୍ୱାବଧାନ ଓ ବିଇଓଙ୍କ ପରିଚାଳନାରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଅଗସ୍ତି କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବଥରନାଳୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କିଶୋରନଗର,୧୬ ।୧(ସମିସ): କିଶୋରନଗର ବ୍ଲକ ବଥରନାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ ନାୟକ, ବିଜୟ



ପ୍ରଧାନ, ସ୍କୁଲର ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଉଦିତ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ବିଶ୍ୱରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ବଣ୍ଡଁରପାଳ +୨ କଲେଜର ବାର୍ଷିକ ଉତ୍ସବ



ବଣ୍ଡଁରପାଳ,୧୬ ।୧(ସମିସ): ସ୍ଥାନୀୟ ପାଞ୍ଚଗଡ଼ ସୋମନାଥ ସିଂହ ଜଗଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ଅଡିଟ୍ ଅଧିକାରୀ ପ୍ରୋମୋଦ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଚିନ୍ମୟୀ କୁମାର ପ୍ରଧାନ, ଅଧ୍ୟାପିକା ଅନୁପମା ଦାସ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ବିକ୍ରମ ଚରଣ ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପକ ବୀରେନ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ମାନସ କୁମାର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଗାୟତ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଦୁଃଖବନ୍ଧୁ ଗରିଡ଼ା ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପକ କମଳ ଲୋଚନ ନାଏକ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସାନହୁଲା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ



କିଶୋରନଗର,୧୬ ।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ସାନହୁଲା ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଖରିଫ ଋତୁ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଛି । ସମିତି ସଭାପତି ଅର୍ଜୁନ ପଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ନିର୍ଦ୍ଦେଶକ ନରହରି ବେହେରା, କୁଶଧ୍ୱଜ ବିଶ୍ୱାଳ, ଭାରତୀ ବାଘ, ବିଷ୍ଣୁଚରଣ ସାହୁ, ଅମୂଲ୍ୟ ବେହେରା, ଅକ୍ଷୟ ନାୟକ, ଚାଷୀ ସଂସାର ଦେହୁରୀ, ରବୀନ୍ଦ୍ର ସାହୁ, ପୀତବାସ ସାହୁ, ବିଶେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ସମିତି ସମ୍ପାଦକ ଯୁଗଳ କିଶୋର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ଦୀପକ କୁମାର ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ ଓ ଜିତେନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ । ପ୍ରଥମ ଦିନରେ ମୋଟ ୧୦ ଚାଷୀଙ୍କଠାରୁ ୩୧୮.୫୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି ।

## ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ଅନୁଗୋଳରେ ସ୍ୱାଗତ

ଅନୁଗୋଳ,୧୬ ।୧(ସମିସ): ଭାରତକୁ ଆତ୍ମିକ ରୂପରେ ସୁରକ୍ଷିତ, ସମୃଦ୍ଧ ଏବଂ ସ୍ୱାବଲମ୍ବୀ ବନେଇବା ପାଇଁ ସ୍ୱଦେଶୀ “ସ୍ୱଦେଶୀ ସଂକଳ୍ପ ଯାତ୍ରା’ ପୂର୍ବ ଓଡ଼ିଶା ପରିଭ୍ରମଣ କରୁଛି । ଶୁକ୍ରବାର ଅପରାହ୍ନରେ ଅନୁଗୋଳ ଜିଲ୍ଲାରେ ଏହି ସ୍ୱାଗତ କରାଯାଇଥିଲା । ସ୍ୱଦେଶୀ ବସ୍ତୁର କ୍ରୟ, ବିକ୍ରୟ, ସ୍ୱ ଭାଷା, ଭୂଷା, ପର୍ବପର୍ବାଣି ଆଦିକୁ ପ୍ରାଥମିକତା ଦେବାକୁ ସଂକଳ୍ପପାଠ କରାଯାଇଥିଲା । ଗାନ୍ଧୀମାର୍ଗ ଶିଶୁ ମନ୍ଦିରଠାରେ ମଧ୍ୟ ଏହି ସଂକଳ୍ପ ଯାତ୍ରାକୁ ସ୍ୱାଗତ କରିବା ସହିତ ସଂକଳ୍ପପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଅଭୟ ରାୟ,




ଜାଗରଣ ମଞ୍ଚ, ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ଅବସରରେ ପୁରୀ ଶ୍ରୀମନ୍ଦିରଠାରୁ ସଂକଳ୍ପ ଯାତ୍ରା ପହଞ୍ଚିଥିଲା । ଅନୁଗୋଳ ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ପର୍ଶୁରାମ ଦାଶଙ୍କ ନେତୃତ୍ୱରେ ଏହାକୁ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀଗୋପାଳ ମୁଦ୍ରା, ଅମୀୟ କୁମାର କର, ଗୋପବନ୍ଧୁ ସାହୁ, ଲରେନଜିତ୍ ସାମଲ, ସୁଶୋଭିତ ସାହୁ, ଜୟନ୍ତ କର ଓ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



ତାଳଚେର,୧୬ ।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ତାଳଚେର ବ୍ଲକ୍ କଳମଛୁଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଣିହାଁସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ଶିକ୍ଷାବିତ୍ ସୁଧାକର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଇଂ.ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୈତାରୀ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ଉତ୍କଳମଣି ଗୋପବନ୍ଧୁ ଦାସ, ତାଳଚେର ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନ ଓ ସମିତିର ପ୍ରାଣପ୍ରତିଷ୍ଠାତା କପିଳେଶ୍ୱର ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସମିତିର ସମ୍ପାଦକ କାଳିନ୍ଦୀ ଚରଣ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ୨୫୬ ଜଣ ଦିବ୍ୟାଙ୍ଗଙ୍କୁ ସମିତି ପକ୍ଷରୁ ଅନ୍ନ ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା । ଜଗବନ୍ଧୁ ବାରିକଙ୍କ ସମେତ କଳମଛୁଇଁ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ, ୧୯୭୪ରେ କଣିହାଁ ବ୍ଲକ ପଥରମୁଣ୍ଡା ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ କପିଳେଶ୍ୱର ପ୍ରଧାନ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଥିବା ବେଳେ କଳମଛୁଇଁ ଗ୍ରାମରେ ୧୯୮୨ରୁ ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ଦିନ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଅନ୍ନ ଓ ବସ୍ତ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

### ଜାତୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

# ଅନୁଗୋଳ ଜିଲ୍ଲାକୁ ଗୋଟିଏ ସ୍ୱର୍ଣ୍ଣ ସହ ୬ ପଦକ

ଅନୁଗୋଳ,୧୬ ।୧(ସମିସ):

ଜାନୁଆରୀ ୫ରୁ ୭ ପର୍ଯ୍ୟନ୍ତ ତେଲଙ୍ଗାନା ହାଇଦରାବାଦର ଗୋଛିଓଲି ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ୨୬ତମ ଜାତୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ବାଳକ ଓ ବାଳିକା ବର୍ଗରେ ମୋଟ ୯ ଖେଳାଳି ଅଂଶଗ୍ରହଣ କରିଥିଲେ । ଏମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ପଦକ ସହିତ ୬ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବାଳିକା ବିଭାଗର ଅଭିଳାଷା ସାମଲ ସ୍ୱର୍ଣ୍ଣ ପଦକ ହାସଲ



କରିଥିବା ବେଳେ କାବ୍ୟା ଦାସ, ଶ୍ରୀୟାଂଶ୍ରୀ ପ୍ରଧାନ, ତନିଷ୍କା ପ୍ରିୟଦର୍ଶିନୀ ପତି କାଂସ୍ୟ ପଦକ ହାସଲ କରିଛନ୍ତି । ବାଳକ ବିଭାଗରେ ଆଶୁତୋଷ ସ୍ୱାଇଁ ରୌପ୍ୟ ପଦକ ହାସଲ କରିଥିବା ବେଳେ ସାଇ ଶୟନ୍ ତ୍ରିପାଠୀ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ସଫଳତା ପାଇଁ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତର, ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ସଭାପତି ଆଇନଜୀବୀ ଦ୍ୱାରିକାପ୍ରସାଦ ନନ୍ଦ, ଉପସଭାପତି ପ୍ରଦୀପ କୁମାର ଦେବତା, ସଞ୍ଜୟ କୁମାର ମହାପାତ୍ର, ପର୍ଶୁରାମ ଦାଶ, ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବିକେ ଉତ୍କଳ ଷ୍ଟିଲକୁ ତୀବ୍ର ବିରୋଧ

**ଦାନଗଦି,୧୬।୧(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ମେସର୍ସ ବିକେ ଉତ୍କଳ ଷ୍ଟିଲ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ୦.୫ ମିଲିୟନ ଟନ୍ ରୋଲ୍ଡ ପ୍ରଡକ୍ଟ ଗ୍ରୀନଫିଲ୍ଡ ପ୍ରକଳ୍ପକୁ ନେଇ ଯଖପୁରାର କିଛି ଯୁବକ ଆଜି ବିରୋଧ କରିଥିଲେ। ସୂଚନା ମୁତାବକ ଗତ ୨୦୨୩ ଅକ୍ଟୋବର ୪ ତାରିଖରେ ଦାନଗଦି ଭବନରେ ଠାରେ ମେସର୍ସ ବିକେ ଉତ୍କଳ ଷ୍ଟିଲ ପ୍ରାଇଭେଟ ଲିମିଟେଡ୍ ତାର ଜନଶୁଣାଣୀ କରିଥିଲା। ଜନଶୁଣାଣୀରେ ସଫଳ ହେବାପରେ ଦୀର୍ଘ ଦିନ ଧରି କୌଣସି କାର୍ଯ୍ୟ ଆରମ୍ଭ କରି ନ ଥିଲା। ଶୁକ୍ରବାର ଦିନ କାରଖାନା କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସ୍ଥାନୀୟ ଯୁବକମାନେ ଏହାକୁ ବିରୋଧ କରିଥିଲେ।ଜନଶୁଣାଣୀ ସମୟରେ କମ୍ପାନୀ ପକ୍ଷରୁ ଦିଆ ଯାଉଥିବା ପ୍ରତିଶ୍ରୁତିକୁ ପାଳନ କରିବାକୁ କହି ବିରୋଧ କରିଥିଲେ। ସ୍ଥାନୀୟ ବେକାର ଯୁବକ ଯୁବତୀ ମାନଙ୍କୁ କାରଖାନାରେ ନିଯୁକ୍ତି, ପ୍ରଦୂଷଣ ନିୟନ୍ତ୍ରଣ, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସିଏସଆର ଅଧୀନରେ ସାମାଜିକ ବିକାଶର ଦାବି କରିଥିଲେ। ଖବର ପାଇ ଜଖପୁରା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କ ସହ ଆଲୋଚନା କରି ସମାଧନ କରିଥିଲ।

● ମଣ୍ଡି ଖୋଲିବାର ୧୦ଦିନ ବିତିଲା

# ଆରମ୍ଭ ହେଉନି ଧାନ କିଣା

**ଦଶରଥପୁର,୧୬।୧(ସମିସ):** ଗତ ୭ ତାରିଖରେ ଯାଜପୁର ଜିଲ୍ଲାରେ ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ ପ୍ରଶାସନିକ ଉଦାସୀନତା ଯୋଗୁ ମଣ୍ଡିରୁ ଧାନ କିଣା ସମ୍ଭବ ହେଉନାହିଁ। ଚଳିତ ବର୍ଷ ଜିଲ୍ଲାର ୧୨୯ଟି ପ୍ୟାକ୍ସ ଏବଂ ୪୧ଟି ଏ୍ଏଚଜି ପରିଚାଳିତ ମଣ୍ଡି ମାଧ୍ୟମରେ ଧାନ କ୍ରୟ ପାଇଁ ସ୍ଥିର କରାଯାଇଥିବା ବେଳେ ପଞ୍ଜିକୃତ ଚାଷୀଙ୍କ ଠାରୁ ପାଖାପାଖି ୨୫ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯାହାକୁ ନେଇ ସମସ୍ତ ବ୍ଲକରେ କମିଟି ଗଠନ, ପ୍ୟାକ୍ସ ମାନଙ୍କରେ ଭିତ୍ତିଭୂମି ପ୍ରସ୍ତୁତି ସରିଥିବା ବେଳେ ଚାଷୀଙ୍କୁ



ଟୋକନ ମିଳିସାରିଛି। ମାତ୍ର ପ୍ରଶାସନ ପକ୍ଷରୁ ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଉନଥିବାରୁ ମଣ୍ଡି ଉଦଘାଟନକୁ ୧୦ଦିନ ବିତିଯାଇଥିଲେ ମଧ ଧାନ କିଣା ଆରମ୍ଭ ହେଉନାହିଁ। ପଞ୍ଜିକୃତ ଚାଷୀମାନେ ପ୍ୟାକ୍ସ କାର୍ଯ୍ୟାଳୟ ଠାରୁ ଆରମ୍ଭକରି ସିଏସଓ ଏବଂ ଏଆରସିଏସ ଆଦି କାର୍ଯ୍ୟାଳୟକୁ ଧାଉଁଥିଲେ ମଧ କେଉଁଠାରୁ ସଠିକ ଉତ୍ତର ମିଳୁନାହିଁ। ଯାହାକୁ ନେଇ ଆଜି ଦଶରଥପୁର ଚାଷୀ ସଂଗଠନ ପକ୍ଷରୁ ଅକ୍ଷୟ କୁମାର ଦାସ, ବିଜୟ ପାଢ଼ୀ, ପ୍ରତାପ ନାୟକ,ଗଙ୍ଗାଧର ନାୟକ,ବିଜୟ କୁମାର ଜେନା, ମାଧବାନନ୍ଦ ପରିଡା, ପ୍ରଦୀପ କୁମାର ରାୟ, ଦୀନକୃଷ୍ଣ ରାଉତ, କିଶୋର କୁମାର କର, ବିଶ୍ୱନାଥ କର, ଶ୍ରୀଧର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆସନ୍ତା ୨ଦିନ ମଧ୍ୟରେ ସ୍ୱୀକୃତିପ୍ରାପ୍ତ ଧାନମଣ୍ଡିରୁ ଧାନ କ୍ରୟ ଆରମ୍ଭ କରିବା ସହିତ ଝୋଟ ଅଖା ପରିବର୍ତ୍ତେ ଜରି ଅଖାରେ ଚାଷୀଙ୍କ ଧାନ କ୍ରୟ କରିବା,କଟନୀ ଛଟନିରେ ରୋକ ସମେତ ଧାନ କିଣାରେ ଅସହଯୋଗ କରୁଥିବା ଜିଲ୍ଲାର ମିଲରଙ୍କୁ ବାଦଦେଇ ଜିଲ୍ଲା ବାହାରୁ ମିଲରଙ୍କ ସହାୟତାରେ ଚାଷୀଙ୍କ ଧାନ କ୍ରୟ କରିବାକୁ ଦାବି ଜଣାଇଥିଲେ। ନଚେତ ୨ଦିନ ପରେ ବ୍ଲକ ଚାଷୀ ସଂଗଠନ ପକ୍ଷରୁ ରାଜରାସ୍ତାରେ ଆନ୍ଦୋଳ କରାଯିବ ବୋଲି ଚେତାବନୀ ଦେଇଥିଲେ।

# ସ୍ୱର୍ଣ୍ଣ ଧନୁଷ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା

**କୁଆଖିଆ,୧୬।୧(ସମିସ):** ସନାତନୀ ଜାଗରଣ ମଞ୍ଚ ରାଉରକେଲାରୁ ଅଯୋଧ୍ୟା ରାମନ୍ଦିରରେ ସ୍ଥାପନ ପାଇଁ ଯାଉଥିବା ସ୍ୱର୍ଣ୍ଣଧନୁଷକୁ ଲାୟନ୍ସ କ୍ଲବ କୁଆଖିଆ ଓ ସଂସ୍କାର ଗୋଶାଳା ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲବର ସଭାପତି ତଥା ସଂସ୍କାର ଗୋଶାଳାର ଅଧକ୍ଷ ଜନ୍ମେଜୟ ସାହୁଙ୍କ ତତ୍ତ୍ୱାବଧାନରେ ଗୋଶାଳା, ସେବା ହିଁ ପରମ ଧର୍ମ ହ୍ୟୁମାନ ୱେଲ ଫେୟାର ସଙ୍ଘ, ପ୍ରକୃତିମିତ୍ର ଟ୍ରଷ୍ଟ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଏବିଭିପି, ନବଭାରତ ହିନ୍ଦୁ ସଂଗଠନ, ବିପଦର ବନ୍ଧୁ, ଆର୍‌ଏମ୍‌ଡି, ନୂଆଁ ଆଲୋକ, କଳିଙ୍ଗ ଯୁବ ସଙ୍ଘ- ପାଠଗାରା ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା ମଣ୍ଡଳୀ, ଗଣ ସଂଗଠନମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଭିନ୍ନ ମଠ, ମନ୍ଦିରର ସନ୍ଥ ସମାଜ, ଗାଁ ମୁରବୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବ ଛାତ୍ର, ମହିଳା ମଣ୍ଡଳୀ ଓ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରିଷ୍ଠ ନାଗରିକ ପ୍ରହ୍ଲାଦ ପଣ୍ଡା, ଯୁବ ସଂଗଠକ ତୀର୍ଥରାଜ ପଣ୍ଡା, ଚୈତନ୍ୟ ନାୟକ, ଶିକ୍ଷାବିତ ବୈଦନାଥ ସାହୁ, ବିପିନ ବିହାରୀ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ରାଉତ ପ୍ରମୁଖଙ୍କ ସହିତ ସ୍ୱେଚ୍ଛାସେବୀ ଭାବେ ଯଶୋବନ୍ତ ଦାସ, ବୈଖୁଣ୍ଠ ନାଥ, ସନାତନ ନାୟକ, ସରୋଜ ସାହୁ, ନାରାୟଣ ପରିଡ଼ା, ମାନସ ଆଚାର୍ଯ୍ୟ, ଦେବାଶିଷ ନାୟକ, ଶିଶିର କୁମାର ପଣ୍ଡା ପ୍ରମୁଖ ସ୍ୱର୍ଣ୍ଣ ଧନୁଷ ଶୋଭାଯାତ୍ରାରେ ସହଯୋଗ କରିଥିଲେ।

# ଧର୍ମପ୍ରାଣା ସ୍ନେହଲତାଙ୍କ ପରଲୋକ



**ଯାଜପୁର,୧୬।୧(ସମିସ):** ଦେବାନ୍ ବାହାଦୁର ହରିବଲ୍ଲଭ ଦାସଙ୍କ ଝିଅ ସ୍ନେହଲତା ଦାସ ତାଙ୍କ ଯାଜପୁର ସହର ନିକଟସ୍ଥ ବାହାବଳପୁର ସ୍ଥିତ ବାସଭବନରେ ଗତକାଲି ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା । ସ୍ୱର୍ଗତ ଶ୍ରୀମତୀ ଦାସ ଯାଜପୁର ବିଜେଡି ଦଳର ବରିଷ୍ଠ ନେତା ବଳଭଦ୍ର ଦାସ ଓ ଜଗନ୍ନାଥ ଦାସଙ୍କର ମା' ଏବଂ ବିଜେଡି ଦଳର ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କର ବଡ଼ମା'। ଏହି ଦେହାନ୍ତ ଖବର ପାଇ ଯାଜପୁର ଲୋକସଭା ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଜେପି ନେତା ସଂଗ୍ରାମ ପାତ୍ର ଏବଂ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ମନୋଜ କୁମାର ରାଉତ, କଂଗ୍ରେସ ବରିଷ୍ଠ ନେତା ସନ୍ତୋଷ କୁମାର ନନ୍ଦ, ସମାଜସେବୀ ଭରତ ଚନ୍ଦ୍ର ବେହେରା, ଦଳିତ ସେଲର ସଭାପତି ଦୁର୍ଯ୍ୟୋଧନ ବେହେରା ଓ ମ୍ୟୁନିସିପାଲଟି ଚେୟାରମେନ ରଞ୍ଜୁଲତା ହୋତା, ଭାଇସ ଚେୟାରମେନ ସନ୍ତୋଷ କୁମାର ମଲ୍ଲିକ, ବିଜେଡି ବରିଷ୍ଠ ନେତା କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ନଗରପାଳ ଭବପ୍ରସାଦ ଦାସ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତା ଆସି ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ।

ଓଲାଶୁଣୀ ଗୁମ୍ଫାମେଳା ତୃତୀୟ ଦିନରେ

# ଅପେରା ଦେଖିବା ପାଇଁ ଭିଡ଼ ବଢୁଛି



**ବାଲିଚନ୍ଦ୍ରପୁର,୧୬।୧(ସମିସ):**

ଓଲାଶୁଣୀ ଗୁମ୍ଫାମେଳା ତୃତୀୟ ଦିନରେ ପଦାର୍ପଣ କରିଛି। ଦିନ ବେଳା ଗର୍ଜନ ତର୍ଜନରେ ଓଲାଶୁଣୀ ଗୁମ୍ଫାମେଳା ଦୁଲୁକୁଛି। ସନ୍ଧ୍ୟା ଆସିଲେ ହଜାର ହଜାର ସଂଖ୍ୟାରେ ଲୋକେ ମେଳା ପଡିଆରେ ଠୁଳ ହେଉଛନ୍ତି। ମେଳା ପଡ଼ିଆରେ ଅଶୋକ ସମ୍ରାଟ ପାର୍ଟି ପଡ଼ିଥିବାରୁ ଲୋକମାନେ ଏହାର ମନୋରଞ୍ଜନର ଫାଇଦା ଉଠାଇବା ପାଇଁ ଟିକଟ କାଉଣ୍ଟର ଆଗରେ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଛି। ଭକ୍ତମାନେ ଦିନ ବେଳା ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ସାରି ମେଳାରେ ବୁଲାବୁଲି କରି ରାତିରେ ଅପେରା ଦେଖା ଲୋକଙ୍କର ସଉକ ପାଲଟିଛି।

## ଚକିଶିଳର ଆଦର

ଚଳିତ ବର୍ଷ ଓଲାଶୁଣୀ ଗୁମ୍ଫାମେଳାରେ ବିଭିନ୍ନ କିସମର ଚକିଶିଳ ଦୋକାନମାନ ଖୋଲିଛି। ଏହି ମେଳାରେ ପଥର ଶିଳ୍ପୀର ଗାଁ ଶୁଖୁଆପଡ଼ା, ଲଳିତ ଗିରି, ବନ୍ଦରେଶ୍ୱର ଆଦି ପଥର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଚକିଶିଳ ଓ ଅନ୍ୟାନ୍ୟ ଘରକରଣା ପଥର ସାମଗ୍ରୀ ଦୂରଦୂରାନ୍ତରୁ ଆସୁଥିବା ଲୋକମାନଙ୍କର ଆଦର ଲାଭ କରିଛି। ଏହି ଚକିଶିଳର ଚାହିଦା ଅନୁଯାୟୀ ସ୍ଥାନୀୟ ବ୍ୟବସାୟୀମାନେ ଲୋକମାନଙ୍କ ମନ ପସନ୍ଦର କାରୁକାର୍ଯ୍ୟ ଭରା ପଥର ନିର୍ମିତ ସାମଗ୍ରୀ ଭରପୁର ରଖିଛନ୍ତି।

## ମନୋହରୀ ଦୋକାନରେ ଗହଳି

ଚଳିତ ମେଳାରେ ବିଭିନ୍ନ ରକମର ମନୋହରି ସାମଗ୍ରୀ କିଣିବା ପାଇଁ ମହିଳାଙ୍କର ଭିଡ ଜମୁଛି। ମେଳା ପଡିଆଟି ଏହି ସାମଗ୍ରୀ ଶତାଧିକ ଦୋକାନ ମାନ ଖୋଲିଥିବାରୁ ଏହି ଦୋକାନ ସାମ୍ନାରେ ନାହିଁ ନଥିବା ଭିଡ ଦିନରୁ ରାତି ଯାଏ ଚାଲିଛି ବୋଲି ଦେଖିବାକୁ ମିଳିଛି।



## ହସ୍ତଶିଳ୍ପ ଓ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ଐତିହାସିକ ଓଲାଶୁଣୀ ମେଳା ଠାରେ ହସ୍ତଶିଳ୍ପ ଓ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଓଲାଶୁଣୀ ମେଳା କେବଳ ଆଧ୍ୟାତ୍ମିକ ମହୋତ୍ସବ ନୁହେଁ। ଏହା ଏକ ସାମାଜିକ ଆର୍ଥିକ ବିକାଶର ସଂଗମ ସ୍ଥଳୀ। ହସ୍ତଶିଳ୍ପ ଓ ସୁଭଦ୍ରା ଶକ୍ତି ମେଳା ଆମର ଯୁବକ, ମହିଳାଙ୍କୁ ଆତ୍ମନିର୍ଭର କରିବା ସହ ଆତ୍ମବିଶ୍ୱାସ ବଢାଇବାରେ ସହାୟକ ହେବ। ଏହି ଲକ୍ଷ୍ୟ ନେଇ ଆମ ଅଞ୍ଚଳର ଐତିହାସିକ ଓଲାଶୁଣୀ ମେଳା ଠାରେ ହସ୍ତଶିଳ୍ପ ଓ ସୁଭଦ୍ରା ଶକ୍ତି ମେଳାର ଭବ୍ୟ ଆୟୋଜନ କରାଯାଇଛି ବୋଲି ବିଧାୟକ ଶ୍ରୀ ନାୟକ କହିଥିଲେ। ପରେ ହସ୍ତଶିଳ୍ପ ଓ ସୁଭଦ୍ରା ଶକ୍ତି ମେଳାର କେତେକ ଷ୍ଟଲ ବୁଲି ଦେଖିବା ସହ ସ୍ଥାନୀୟ ହସ୍ତଶିଳ୍ପିଙ୍କୁ ଏଥିରେ ଅଧିକ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସୁଭଦ୍ରା ମା'ଙ୍କ ଷ୍ଟଲରେ ସ୍ଥାନୀୟ କଳାକୃତି ଦେଖି ସୁଭଦ୍ରା ମା'ମାନଙ୍କୁ ଏଥିରେ ଅଧିକରୁ ଅଧିକ ମାତ୍ରାରେ ଯୋଗଦେବା ପାଇଁ କହିଥିଲେ। ଏଥିସହ ଓଲାଶୁଣୀ ମେଳାର କାର୍ଯ୍ୟକ୍ରମ ଓ ବ୍ୟବସ୍ଥାକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ଗଣିତ ପାଠ୍ୟକ୍ରମର ୨ ଦିନିଆ କର୍ମଶାଳା



**କବାଟବନ୍ଧ,୧୬।୧(ସମିସ):** ଯାଜପୁର ଜିଲ୍ଲାର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଗଣିତ ପାଠ୍ୟକ୍ରମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗଣିତ ପ୍ରୟୋଗ ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଏବଂ ଶୁକ୍ରବାର ଲଗାତାର ୨ ଦିନ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ଭବିଦ୍ୟାଳୟରେ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ଯାଜପୁର ଜିଲ୍ଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ ପ୍ରତି ଭୟ ଶୂନ୍ୟ ବାତାବରଣ ଉଦ୍ଦେଶ୍ୟରେ ପ୍ରଚାର ପ୍ରସାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଗଣିତ କର୍ମଶାଳାରେ ଆର୍‌ପି ପ୍ରଫେସର ଏସ୍ ପାଢି, ଡ.ଏଚ୍‌ବି ପଟ୍ଟନାୟକ ଏବଂ ଜେ.ପ୍ରଧାନ ଯୋଗଦେଇଥିଲେ। ପରିଶେଷରେ ଗଣିତ ପ୍ରୟୋଗ ପ୍ରତିଷ୍ଠାନ ତରଫରୁ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସୁଜାତା ସାହୁ, ପ୍ରଫୁଲ୍ଲ କୁମାର ଦାସ, ଅଜୟ କୁମାର ଦାସ ଉପସ୍ଥିତ ରହି ଗଣିତ ପାଠ୍ୟକ୍ରମର ସହଜ ପ୍ରଣାଳୀ ସବୁ ବୁଝିଥିଲେ। ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଶୋଭନୀୟ ଶିକ୍ଷାଶ୍ରମରେ ଫ୍ରାନ୍ସ ଶାନ୍ତିଦୂତ

**ବାଲିଚନ୍ଦ୍ରପୁର,୧୬।୧(ସମିସ):** ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ପ୍ରତିଷ୍ଠିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ଅନ୍ତେବାସୀମାନଙ୍କୁ ଫ୍ରାନ୍ସ ରାଜଧାନୀ ପ୍ୟାରିସ ଓ ସେଠାକାର ଗ୍ରାମ୍ୟ ଜୀବନ ସେଠାକାର ବିଦ୍ୟାଳୟ ଶିକ୍ଷାଦାନ ସମ୍ପର୍କରେ ବୁଝାଇବା ସହ 'ଆମେ ଯୁଦ୍ଧ ନୁହେଁ ବିଶ୍ୱ ଶାନ୍ତି ଚାହୁଁ' ବୋଲି କହିଛନ୍ତି ଫ୍ରାନ୍ସରୁ ଆସିଥିବା ଶାନ୍ତି ଦୂତ ପ୍ରଫେସର ୟ ବେଶ କ୍ୱାଲଟ ଓ ପ୍ରଫେସର ଲାରା ଡୋପଫ। ଏହି ଅବସରରେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବୈଜ୍ଞାନିକ ଡ. ସୁବୋଧ ରାଉତ ରାୟ ଓ ସମ୍ମାନିତ ଅତିଥି ଭାବରେ ପ୍ରଫେସର ନିରାକାର ବେଉରା ଯୋଗଦେଇ କୁମାର ଭାଇ ପ୍ରଥମେ ଶାନ୍ତିର ବାର୍ତ୍ତା ଏହି ଉଦୟଗିରି ଠାରୁ ପ୍ରଦାନ କରିଥିଲେ। ଆଜି ତାହା ଆନ୍ଦୋଳନରେ ପରିଣତ ହୋଇଛି। ଏହି ଅବସରରେ ଫ୍ରାନ୍ସରୁ ଆସିଥିବା ଦୁଇ ଶାନ୍ତିଦୂତ ଓ ବୈଜ୍ଞାନିକ ସୁବୋଧ ରାଉତରାୟଙ୍କୁ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ସମ୍ବର୍ଦ୍ଧିତ କରଯାଇଥିଲା। ଅଧ୍ୟାପିକା ବରଦା ମହାନ୍ତି, ମମତା ପ୍ରଧାନ ମନୋରମା ଦେବୀ ଓ ଇଂ. ଦୟାନିଧି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଉଦୟଗିରି ଠାରେ ହେଉଥିବା ଗୁରୁ ପଦ୍ମସମ୍ଭବ ସମାବେଶ ସ୍ଥଳକୁ ବୁଲାଇ ନେଇଥିଲେ। ସେଠାରେ ଲାଇଟ ଅଫ ବୁଦ୍ଧ ଧର୍ମ ଫାଉଣ୍ଡେସନ ପକ୍ଷରୁ ଡ. ରିଚା ଡିକ୍ସି ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପତ୍ରିକା "ଯୁଗସୂର୍ଯ୍ୟ"କୁ ଉନ୍ମୋଚନ କରାଯାଇ ବଣ୍ଟନ କରଯାଇଥିଲା।

# ରାଜେଶ୍ ମେମୋରିଆଲ କ୍ରୀଡ଼ା ଉତ୍ସବ

**ଦାନଗଦୀ,୧୬।୧(ସମିସ):** ଦାନଗଦୀ ସବୁ ବର୍ଷ ପରି ଚଳିତ ବର୍ଷ ମଧ ଭାଇ ଚାରାର ବାର୍ତ୍ତା ନେଇ ଆରମ୍ଭ ହୋଇଛି ୪୩ ତମ ରାଜେସ୍ ମେମୋରିଆଲ ବାର୍ଷିକ କ୍ରୀଡା ଉତ୍ସବ। ଦାନଗଦୀ ବ୍ଲକର ଅଗ୍ରଣୀ ଯୁବକ ସଂଘ ଭାବେ ପରିଚାଳିତ ବୀଣାପାଣି ଯୁବକ ସଂଘ ଟମକା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କ୍ରୀଡ଼ା ଉତ୍ସବର ଉଦ୍‌ଘଟନୀ ଦିବସରେ ଏକ ମଶାଲ ଦୌଡ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡିଶା ମାଇନିଂ ୱାର୍କରସ ୟୁନିଅନର ସଭାପତି ଯୁବନେତା ସବ୍ୟସାଚୀ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଥମେ ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଡୁରାଇଙ୍କ ପାଖରେ ପୁଜାର୍ଚ୍ଚନା କରାଯିବା ପରେ ମଶାଲ ଦୌଡ଼ର ଶୁଭାରମ୍ଭ ହୋଇଥିଲା। ଏଥିରେ ଜିଲ୍ଲା ବିଜେପି ସମ୍ପାଦକ ପ୍ରତାପ ଚନ୍ଦ୍ର ଧିର, ଯୁବକ ସଂଘ ସଭାପତି ସୌମ୍ୟରଞ୍ଜନ ମହାପାତ୍ର, ସମ୍ପାଦକ ଦ୍ୱାରିକାନାଥ ଦାସ, ବରିଷ୍ଠ ବିଜେପି ନେତା ମଧୁସୂଦନ ମହାକୁଡ଼, ୮ ନଂ ଜୋନ ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହି, ଯୁବନେତା ଯୁଧିଷ୍ଠିର ମହାନ୍ତ, ଶିଶିର କୁମାର ବେହେରା, ଦିଲିପ କୁମାର ପ୍ରଧାନ, କିଶାନ ମୁଣ୍ଡା, ଗିରିଧାରୀ ମହାନ୍ତ, ଦିଲ୍ଲିପ ମହାନ୍ତଙ୍କ ସମେତ ଶତାଧିକ ଯୁବକ ଏହି ମଶାଲ ଦୌଡରେ ଭାଗ ନେଇଥିଲେ। ମଶାଲ ଦୌଡ଼ ମିନି ଷ୍ଟାଡିୟମରେ ପହଞ୍ଚିବା ପରେ କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ କିଆଝର ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ସମିତିସଭ୍ୟା ଗୌରୀ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ। ତିନି ଦିନ ଧରି ଚାଲିବାକୁ ଥିବା ଉକ୍ତ କ୍ରୀଡା ଉତ୍ସବରେ ବିଭିନ ଶାରୀରିକ କ୍ରୀଡା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବରିଷ୍ଠ ଭାଷ୍ୟକାର ବାବାଜୀ ଚରଣ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଯୁବକ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଅମଠପୁର ରାଜ୍ୟସ୍ତରୀୟ କ୍ରିକେଟ୍

# ପୁରୀ ଓ ଭୁବନେଶ୍ୱର ଫାଇନାଲରେ

**ବରୀ,୧୬।୧(ସମିସ):** ବରୀ ବ୍ଲକ୍ ଅମଠପୁରଠାରେ ଖେଳାଯାଉଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆସନ୍ତା ୧୮ ତାରିଖ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ




ଯାଉଛି। ଏହି ଫାଇନାଲ ମ୍ୟାଚ୍ ଏମ୍‌ସିଏ ପୁରୀ ଓ ଆଇଆରସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏମ୍‌ସିଏ ପୁରୀ ଓ ବିଡାନାସୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଡାନାସର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨ ଶହ ରନ୍ ସଂଗ୍ରହ କରିଥିଲା। ଜବାବରେ ପୁରୀ ଦଳ ୧୫.୪ ଉତ୍ତରରେ ଗୋଟିଏ ଓକେଟ୍ ହରାଇ ୨୦୪ ରନ୍ କରିଥିଲେ। ଦଳ ପକ୍ଷରୁ ପ୍ରିୟାନ୍ସ ବେହେରା ୪୯ ବଲରେ ୫ ଛକା, ୧୬ ଚୌକା ଜରିଆରେ ୧୦୪ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସାହିତ୍ୟ ଅନୁଷ୍ଠାନ ଚାଳଘରର ସମ୍ପାଦକ ପ୍ରତାପ ଦାସ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ବିଶ୍ୱଭୂଷଣ ଜେନା, ସାମାଜିକ କର୍ମୀ କୁଳମଣି ମଲିକ, ଚିତ ରଞ୍ଜନ ସାମଲ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଇଆରସି ଭୁବନେଶ୍ୱର ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଆଇଆରସି ଭୁବନେଶ୍ୱର ବିଜୟଲାଭ କରିଥିଲା। ଆୟୋଜକ ଦଳର ଉପଦେଷ୍ଟା ଚିନ୍ମୟ ଚିରଞ୍ଜିବ ଭଞ୍ଜ ମଞ୍ଚ ପରିଚାଳନା କରିଥିଲେ।

ବିଞ୍ଝାରପୁରରେ ଏଟିଏମ୍ ଲୁଟ୍ ଘଟଣା

# ତିନି ଆନ୍ତଃରାଜ୍ୟ ଡକାୟତ ଗିରଫ

**ବିଞ୍ଝାରପୁର,୧୬।୧(ସମିସ):**

ନୂଆ ବର୍ଷ ରାତିରେ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇଁଦା ଛକଠାରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏଟିଏମ ଲୁଟ ଘଟଣାରେ ବିଞ୍ଝାରପୁର ପୁଲିସ ୩ଜଣ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କରିଛି। ଏହା ସହିତ ସେମାନଙ୍କୁ ଘର ଭଡା ଦେଇଥିବା ଯାଜପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୧ଲକ୍ଷ ୮୦ ହଜାର ଟଙ୍କା ସମେତ ଏକ ବାଇକ୍ ଓ ଅପରାଧରେ ବ୍ୟବହାହ ହୋଇଥିବା ବିଭିନ୍ନ ଯନ୍ତ୍ରାଂଶକୁ ପୁଲିସ ଜବତ କରିଛି। ଏଥିନେଇ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଆଜି ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବିଞ୍ଝାରପୁର ଥାନା ଅଞ୍ଚଳର କାଦିମ ମହଲାର ସେକ୍ ମଫିରଉଦ୍ଦିନ ପୁଅ ସେକ ରାଜା (୪୬) ଏହି ଘଟଣାର ମାଷ୍ଟର ମାଇଣ୍ଡ। ରାଜା କିଛିଦିନ ପୂର୍ବରୁ ଏକ ଚୋରି ଘଟଣାରେ ଝାରପଡ଼ା ଜେଲରେ ରହିଥିଲା। ସେହି ଜେଲର ଚାରିକାନ୍ଥ ଭିତରୁ ଏହି ଏଟିଏମ୍ ଚୋରିର ଷଡ଼ଯନ୍ତ୍ର କରାଯାଇଥିବା ପୁଲିସ ତଦନ୍ତରୁ ଜଣାପଡିଛି। ଘଟଣାରେ ପୁଲିସ ରାଜା ସେମେତ ଉତ୍ତର ପ୍ରଦେଶ ଗାଜିଆବାଦ ଜିଲ୍ଲାର ଅବଦୁଲ ହକ ଖାନଙ୍କ ପୁଅ ରୁସ୍ତମ ଖାନ ଓ ପଶ୍ଚିମବଙ୍ଗ ରାଜ୍ୟ ରୁସ୍ତି ଥାନା ଅଞ୍ଚଳର ସାଜମଲ ମିରଙ୍କ ପୁଅ ସଦାମ ମିରଙ୍କୁ

■ ଝାରପଡା ଜେଲରୁ ହୋଇଥିଲା ଯୋଜନା
■ ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ବାଂଲାଦେଶୀ
■ ୧.୮୦ ଲକ୍ଷ ଟଙ୍କା, ବାଇକ୍ ଜବତ

ଗିରଫ କରିଛି। ଏହି ଘଟଣାରେ ୭ ଜଣ ଲୁଟେରା ସମ୍ପୃକ୍ତ ଥିବା ବେଳେ ଅନ୍ୟ ୪ ଜଣ ଫେରାର ରହିଥିବା ଜଣାପଡିଛି। ଲୁଟେରାମାନେ ଅପରାଧ ଘଟାଇବା ପୂର୍ବରୁ ସ୍ଥାନୀୟ ଅଞ୍ଚଳକୁ ଆସି ଯାଜପୁରରେ ଭଡ଼ା ନେଇରହିଥିଲେ।ସେଠାରୁ ବିଞ୍ଝାରପୁର ଆସି ଅପରାଧ ଘଟାଇ ଏଟିଏମ୍ ତାଡ଼ି ନେଇ ସେଥିରେ ଥିବା ୫ଲକ୍ଷ ୭୨ ହଜାର ଟଙ୍କା ନେଇ ଫେରାର ହୋଇଥିଲେ।



ତେବେ ପୁଲିସ ଘଟଣା ଦିନର ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଯାଜପୁର ଏସ୍‌ପି ଯଶ୍ ପ୍ରତାପ ଶ୍ରୀମଲ୍ଲଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀଙ୍କ ନେତୃତ୍ୱରେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, ବ୍ରହ୍ମବରଦା ଥାନା ଆଇଆଇସି ସୁଶାନ୍ତ ସେଠୀ, ଏସ୍‌ଆଇ ରାଜକିଶୋର ଲାହା, ସସ୍ମୋତା ମଙ୍ଗରାଜ, ଅଜିତ୍ ସିଂହ ପ୍ରମୁଖଙ୍କ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ଟିମ ଅଭିଯୁକ୍ତମାନଙ୍କୁ ରାଜ୍ୟ ବାହାରୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୁଲିସ ଅପରାଧରେ ବ୍ୟବହାର କରାଯାଇଥିବା ଶାବଳ, ସର୍ପ ବୋତଲ, କରତ, ଆରି, ଟର୍ଚ୍ଚ, ଟିଭିଏସ ଆପାଚି, ୟମାହା ଆର୍ ୧୫ ଗାଡ଼ିକୁ ମଧ ଜବତ କରିଛି। ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବାଙ୍ଗାଦେଶୀ ରହିଥିବା ଜଣାପଡିଛି। ପୁଲିସ ଏହି ଘଟଣାରେ ତଦନ୍ତ ଅଧିକ ଜାରି ରଖିଛି। ଫେରାର ଥିବା ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ସୂଚନା ଦେଇଛନ୍ତି। ଏହି ଲୁଟ ଘଟଣା ପରେ ବିଞ୍ଝାରପୁଥାନା ଡିଏସ୍‌ପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡି ଭାବେ ପାଳନ କରାଯାଉଥିବା ଦେଖିବାକୁ ମିଳୁଛି।

# ଜଳିଗଲା ୩ଟି ଦୋକାନ

**ସିଂହପୁର,୧୬।୧(ସମିସ):** ବିଞ୍ଝାରପୁର ତହସିଲ ଅନ୍ତର୍ଗତ ସିଂହପୁର ବଜାରରେ ଗୁରୁବାର ରାତି ପ୍ରାୟ ସାଢେ ୧୨ଟା ବେଳେ ଅଗ୍ନିକାଣ୍ଡ ଘଟି ୩ଟି ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷ ଟଙ୍କାର ଜିନିଷ ନଷ୍ଟ ହୋଇଯାଇଛି। ଗତକାଲି ରାତିରେ ସିଂହପୁର ବଜାରର ରାଜୀବ ବେଉରିଆଙ୍କ ଚା' ଓ କ୍ଷୀର ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଦୋକାନରେ ଥିବା ଫ୍ରିଜି, ଦୁଇଟି ଗ୍ୟାସ ଟାଙ୍କି ଓ ଚୁଲା ସମେତ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ସୁରେଶ ଜେନାଙ୍କ ଗ୍ରୋସରୀ ଓ ଭେରାଇଟି ଷ୍ଟୋର ଦୋକାନରୁ ଫ୍ରିଜ, ଷ୍ଟେସନାରୀ ଜିନିଷ ଓ ଗ୍ରୋସରୀ ଜିନିଷ ଦୁଇ ଲକ୍ଷରୁ ଅଧିକ ଟଙ୍କାର ପୋଡ଼ି ଛାରଖାର ହୋଇଯାଇଛି। ଗୌତମ ବାରିକଙ୍କ ଫେଶନ ପାର୍ଲର ଦୋକାନରେ ଥିବା ସମସ୍ତ ଜିନିଷ ନଷ୍ଟ ହୋଇଯାଇଛି। ଏହି ତିନି ଜଣ ଦୋକାନୀ ଦୋକାନରେ ସର୍ବସ୍ୱ ହରାଇ ପରିବାର ପ୍ରତିପୋଷଣ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ନିଆଁକୁ ସ୍ଥାନୀୟ ଅଧିବାସୀ ଓ ଦମକଳ ବାହିନୀ ସହାୟତାରେ ଆୟତ୍ତ କରିଥିଲେ ମଧ ସମସ୍ତ ଜିନିଷ ନଷ୍ଟ ହୋଇଯାଇଛି। ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତୁରନ୍ତ ଏହି ତିନି ଜଣ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସିଂହପୁର ବଜାରର ବ୍ୟବସାୟୀମାନେ ନିବେଦନ କରିଛନ୍ତି।



# ଭୁବନେଶ୍ୱର ସିଟି

# ଜାନୁଆରୀରେ କାର୍ଯ୍ୟକ୍ଷମ ହେବ ତ କଳିଙ୍ଗ ଷ୍ଟୁଡିଓ !

ଭୁବନେଶ୍ୱର, ୧୬ ।୧(ସମିସ): ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବୃଦ୍ଧି କରିବା ପାଇଁ ସଷ୍ଟେନେବୁଲ ଗ୍ରୀନ୍ ଡେଭେଲପମେଣ୍ଟକୁ ଅନ୍ତର୍ଭୁକ୍ତ କରାଯିବା ସହ ଭବିଷ୍ୟତ ପାଇଁ ଏକ ସ୍ୱୟଂ ସମର୍ଥିତ କ୍ୟାମ୍ପସ୍ ପାଲଟିବ କଳିଙ୍ଗ ଷ୍ଟୁଡିଓ। ଯାହାକି ଆଗାମୀ ଦଶକରେ ଚଳଚ୍ଚିତ୍ର ଶିଳ୍ପକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ହାଇଟେକ୍ ସୁବିଧା ଉପଲବ୍ଧ କରାଇବା ସହ ଚଳଚ୍ଚିତ୍ର ନିର୍ମାତା ମାନଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ। ମଲ୍ଟିପ୍ଲେକ୍ସ ପରଦା ସାଙ୍ଗକୁ ଏଡିଟିଂ ରୁମ୍, ଡବିଂ ବୁଥ୍, ଅତ୍ୟାଧୁନିକ୍ସୁ ସୁଟିଂ ସେଟ୍ ଏଣିକି ରାଜ୍ୟ ତଥା ଦେଶ ବାହାରର ଅନୁଭୂତି ଦେବ। ଏଭଳି ଅନେକ ସ୍ୱପ୍ନ ଏବେ ଧିରେ ଧିରେ ମଉଳି ଯାଉଛି। କାରଣ ଦିନ ପରେ ଦିନ ବିତି ଚାଲିଛି ହେଲେ କଳିଙ୍ଗ ଷ୍ଟୁଡିଓର ଉଦ୍‌ଘାଟନକୁ ନେଇ କାହାରି ପାଖରେ ସୂଚନା ନାହିଁ। ପ୍ରକଳ୍ପ କାର୍ଯ୍ୟ

■ ସେପ୍ଟେମ୍ବରରେ ଓଏଫଡିସି ଆନୁକୂଲ୍ୟରେ ୭ଜଣିଆ ବିଧାୟକ ଦଳ କମିଟି କରିଥିଲେ ସମୀକ୍ଷା

■ ଜାନୁଆରୀ ମାସସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରହିଥିଲା

ଅବଧି ଶେଷ ହୋଇଥିବା ବେଳେ ମାସ ପରେ ମାସ ବିତୁଛି ହେଲେ ଶେଷ ହୋଇପାରୁନି କାର୍ଯ୍ୟ। ତେବେ ଗତ ୨୦୨୫ ମସିହା ସେପ୍ଟେମ୍ବର ମାସ ୧୧ତାରିଖରେ ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍ ଆନୁକୂଲ୍ୟରେ ୭ଜଣିଆ ବିଧାୟକ ଦଳ କମିଟି କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରି ୨୦୨୬ ମସିହା ଜାନୁଆରୀ ମାସରୁ କଳିଙ୍ଗ ଷ୍ଟୁଡିଓ କାର୍ଯ୍ୟକ୍ଷମ ହେବ ବୋଲି ଆଲୋଚନା କରିଥିଲେ। ଏଥିରେ ଓଏଫଡିସିର ପୂର୍ବତନ ଚେୟାରମ୍ୟାନ୍ ସମର୍ଥ ବର୍ମା, କମିଟିର ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ୍, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡ଼ିଓର କାର୍ଯ୍ୟ ସମୀକ୍ଷା କରି ଷ୍ଟୁଡିଓ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ଏଥିପାଇଁ ଆଉ କ'ଣ ଆବଶ୍ୟକତା ରହିଛି ସେ ଉପରେ ମତ ରଖିଥିଲେ। ତେବେ କମିଟି ଚେୟାରମ୍ୟାନ ଦୁଷ୍ମନ୍ତ ସ୍ୱାଇଁ କହିଥିଲେ ଯେ ଖୁବ୍‌ଶୀଘ୍ର କିଭଳି କାର୍ଯ୍ୟକ୍ଷମ ହେବ ଏ ଦିଗରେ ସରକାର ସମସ୍ତ ଚେଷ୍ଟା କରୁଛନ୍ତି। ଜାନୁଆରୀ ମାସ ସୁଦ୍ଧା କାମ ଶେଷ ହୋଇ ଏହା କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଏହା ପୂର୍ବରୁ ଗତ ଜୁନ ୧ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରିଥିଲେ। କଳିଙ୍ଗ ଷ୍ଟୁଡ଼ିଓର ନବକଳେବର କାର୍ଯ୍ୟ ଇଡ୍‌କୋ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିଥିବା ବେଳେ ଉକ୍ତ ସଂସ୍ଥା ଏଯାଏ ଇଡ୍‌କୋକୁ ପ୍ରକଳ୍ପ ଶେଷ କରି ହସ୍ତାନ୍ତର କରିନଥିବା ଜଣାପଡ଼ିଛି। ଫଳରେ ଚଳିତ ମାସରେ ବହୁ ପ୍ରତିକ୍ଷୀତ କଳିଙ୍ଗ ଷ୍ଟୁଡିଓ କାର୍ଯ୍ୟକ୍ଷମ ହେବା ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସୂଚନା ଅନୁସାରେ, ୧୯୮୨ ମସିହାରୁ କାର୍ଯ୍ୟକ୍ଷମ ହୋଇଥିବା ରାଜ୍ୟ ସରକାରଙ୍କ ଏକମାତ୍ର ଚଳଚ୍ଚିତ୍ର ନିର୍ମାଣ ଷ୍ଟୁଡିଓ କଳିଙ୍ଗ ଷ୍ଟୁଡ଼ିଓ ୨୦୦୭ ମସିହା ସେପ୍ଟେମ୍ବର ମାସରୁ ବନ୍ଦ ହୋଇଥିଲା। ଅନେକ ବାଦବିବାଦ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପୁନରୁଦ୍ଧାର କରିବାକୁ ପ୍ରୟାସ କରିଥିଲେ। ଷ୍ଟୁଡ଼ିଓର ନବକଳେବର କାର୍ଯ୍ୟ ଇଡ୍‌କୋକୁ ପ୍ରଦାନ କରାଯାଇଥିବା ବେଳେ ଇଡ୍‌କୋ ଏକ ଘରୋଇ ସଂସ୍ଥାକୁ ପ୍ରକଳ୍ପ କାର୍ଯ୍ୟ ହସ୍ତାନ୍ତର କରିଥିଲା। ୨୦୨୧ ମସିହା ଡିସେମ୍ବର ୭ ତାରିଖରେ ୨ଲକ୍ଷ ୪୦ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୦୦କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୨୦୨୪ଅଗଷ୍ଟ ସୁଧା ଶେଷ କରାଯିବାର ଧାର୍ଯ୍ୟ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରକଳ୍ପରେ ଆଉ କିଛି ଉନ୍ନତିମୂଳକ କାର୍ଯ୍ୟ ଯୋଡ଼ି ହେବା ସହ ପୁଣି ଏକ ବଜେଟ୍ ହୋଇଥିଲା। ତେବେ ପ୍ରକଳ୍ପ କାମ ୨୦୨୨ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ କରାଯିବାର ଯୋଜନା ରହିଥିଲା। ହେଲେ କାମ ଶେଷ ହୋଇନଥିବାରୁ ଉଦଘାଟନ ହୋଇପାରି ନଥିବା ବେଳେ କୋଡ ଅଫ୍ କଣ୍ଡକ୍ଟ ଲାଗୁ ହୋଇଥିଲା। ଏହାପରେ ନୂତନ ସରକାର ଆସିବା ପରେ ମଧ୍ୟ ବଳକା କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନଥିବା ବେଳେ ଷ୍ଟୁଡ଼ିଓ କାର୍ଯ୍ୟକ୍ଷମ ହେବାର ସମୟ ଘୁଞ୍ଚି ଘୁଞ୍ଚି ଯାଉଛି। ଫଳରେ ସିନେ ନିର୍ମାତାମାନେ ସିନେମା ସୁଟିଂ ପାଇଁ ବାହାର ରାଜ୍ୟକୁ ଭରସା କରୁଛନ୍ତି। ଏହି ନବନିର୍ମିତ ଷ୍ଟୁଡ଼ିଓରେ ରହିଛି ଏକ ମଣ୍ଡପ ବିଲଡିଂ, ଏଣ୍ଟ୍ରାନ୍ସ ପ୍ଲାଜା, ଟେକଜୋନ୍, ଆଡଭେନଚର ଲ୍ୟାଣ୍ଡ, ମୁଭି ମ୍ୟାଜିକ୍, ସ୍ନୋ ୱାର୍ଲଡ, ଓପନ୍ ଏୟାର ଥିଏଟର, ବାମ୍ବୋ ଷ୍ଟକଚର, ଭିଲେଜ ଏରିଆ, ଶୋଭେନିଅର ସପ୍, ପାର୍କିଂ ଏରିଆ ରହିଛି। ଷ୍ଟୁଡିଓ ରେଲୱେ ଷ୍ଟେସନ୍, ପୋଖରୀ, ହସ୍ପିଟାଲ ଏବଂ ଜେଲ୍ ସାଙ୍ଗକୁ ଭିଲେଜ୍ କମ୍ପ୍ଲେକ୍ସକୁ ରହିଛି। ସେହିପରି ଟେକ୍ ଜୋନ୍‌ରେ ରେକର୍ଡିଂ, ଡବିଂ ଏବଂ ସମସ୍ତ ଷ୍ଟୁଡ଼ିଓ, କିଡ୍ ଜୋନ୍, ମଣ୍ଡପ, ପାର୍କ ଆଦି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ। ଏଥିପାଇଁ ଜନସାଧାରଣ ଲୋକେ ଟିକଟ୍ କାଟି ଷ୍ଟୁଡ଼ିଓରେ ବୁଲିପାରିବେ। ତେବେ ଏହି ଷ୍ଟୁଡିଓ ରାମୋଜୀ ଫିଲ୍ମ ସିଟି ଭଳି ଅନୁଭଳତି ଦେବ ବୋଲି କୁହାଯାଇଛି। ସେହିପରି ଚେକଇନ୍ ଓେଣ୍ଟର, ଟିକଟ କାଉଣ୍ଟର, ୱେଟିଂ ଲବି, ଶୌଚାଳୟ ସୁବିଧା, ଫୁଡକୋର୍ଟ, ଇନଫରମେସନ୍ ସେଣ୍ଟର, ଇଣ୍ଡୋର ସୁଟିଂ ପ୍ଲାଜା ରହିଛି।

## କଳାମନ୍ଦିରକୁ 'ଟାଇମ୍ସ ବିଜିନେସ୍ ଆୱାର୍ଡ ଓଡ଼ିଶା'



ଭୁବନେଶ୍ୱର, ୧୬।୧(ସମିସ): ୧୯୭୮ ମସିହାରୁ ଓଡ଼ିଶାରେ ଶାଢ଼ି, ବିବାହ, ଏଥନିକ୍ ପୋଷାକ ଏବଂ ଫ୍ୟାସନ୍‌ରେ ଖ୍ୟାତି ଅର୍ଜନ କରିଥିବା ଅତ୍ୟାଧୁନିକ ସୋରୁମ କକଳାମନ୍ଦିରକୁ ଗୌରବମୟ "ଟାଇମ୍ସ ବିଜିନେସ୍ ଆୱାର୍ଡ ଓଡ଼ିଶା-୨୦୨୬" ରେ ସମ୍ମାନିତ କରାଯାଇଛି। ସ୍ଥାନୀୟ ହୋଟେଲ ମେ ଫେୟାର ଲାଗୁନ୍‌ଠାରେ ଆୟୋଜିତ ଏକ ଉତ୍ସବରେ କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଆୱାର୍ଡ ପ୍ରଦାନ କରିଛନ୍ତି। ଏହି ଆୱାର୍ଡ କଳାମନ୍ଦିରକୁ ଫ୍ୟାସନ୍, ବିବାହ, ଏଥନିକ୍ ୱେୟାରର ରିଟେଲ୍ ବ୍ୟବସାୟ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିବା ପାଇଁ ପ୍ରଦାନ କରାଯାଇଛି। ୧୯୭୮ ମସିହାରୁ ପ୍ରତିଷ୍ଠା ଲାଭ କରିଥିବା କଳାମନ୍ଦିର ଗ୍ରାହକଙ୍କ ଭରସା, ବ୍ୟବସାୟରେ ନୈତିକତା ଓ ଅଖଣ୍ଡ ଗୁଣବତ୍ତା ଆଧାରରେ ସଫଳତାର ଶିଖର ଛୁଇଁ ପାରିଛି ବୋଲି ସାମ୍ବାଦିକମାନଙ୍କୁ ପ୍ରତ୍ୟୁତ୍ତରରେ ଶ୍ରୀ ସିଂ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ବିବାହ ଉପଲକ୍ଷେ କଳାମନ୍ଦିରରେ ସୁନ୍ଦର ବନାରସୀ, ପ୍ରିମିୟମ୍ କାଞ୍ଜିବରମ୍, ଓଡିଶୀ, ପ୍ରିଣ୍ଟେଡ୍ ସିଲ୍କ ସହିତ ସାଉଥ୍ ସିଲ୍କ, ଫ୍ୟାନ୍ସି ସାଢୀ, ସୁଟ୍, ଜ୍ୟାକେଟ୍, କୁର୍ତ୍ତା ପାଇଜାମା, ଶେରୱାନୀ ଓ ଧୋତୀ କୁର୍ତ୍ତା ଆଦିର ଲାଟେଷ୍ଟ କଲେକ୍ସନ ଉପଲବ୍ଧ ରହିଛି।

## ସାରସ୍ୱତ ସମାରୋହ ଓ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର, ୧୬ ।୧(ସମିସ): ବିଦ୍ୟା ପବ୍ଲିସିଂ ତରଫରୁ ଗୁରୁବାର ସ୍ଥାନୀୟ ବୁଦ୍ଧମନ୍ଦିରରେ ସାରସ୍ୱତ ସମାରୋହ ବନ୍ଧୁମିଳନ ସହ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ କଥାକାର ଡ. ବିଜୟାନନ୍ଦ ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। ଏହି ଅବସରରେ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରକାଶକ ସୁନନ୍ଦା ମିଶ୍ର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ସମ୍ପାଦିକା ଡ. ସରୋଜିନୀ ପରିଚାଳନା କରିଥିଲେ।

## ଫର୍ଣ୍ଣିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ୍ ଏକ୍ସପୋ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୧(ସମିସ): ବାଣିଜ୍ୟିକ ମହୋତ୍ସବ '୨ୟ ଫର୍ଣ୍ଣିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ୍ ଏକ୍ସପୋ-୨୦୨୬' ଚନ୍ଦ୍ରଶେଖରପୁର ସ୍ଥିତ କ୍ଲବ ଟାଉନ୍ ଗ୍ରାଉଣ୍ଡଠାରେ ଉଦଘାଟିତ ହୋଇଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ୧୧ ଦିନିଆ ମେଳା ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପିର ଉପସଭାପତି ଗୋଲକ ମହାପାତ୍ର



ଆକର୍ଷଣରେ କାଶ୍ମୀରୀ ଫର୍ଣ୍ଣିଚର, ଆଣ୍ଟିକା ପିସ୍

ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଶୁଶ୍ରୁତ ହସ୍ପିଟାଲର ଅଧ୍ୟକ୍ଷ ଚିଦାତ୍ମିକା ଖଟୁଆ, ରୋଟାରୀ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ସମାରୋହରେ ଯୋଗଦେଇଥିଲେ। ଗୋଟିଏ ଛାତ ତଳେ ବିଶ୍ୱ ବଜାର ଏହି ବର୍ଷର ଏକ୍ସପୋରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ବିଦେଶୀ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ଏଠାରେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ମଧ୍ୟରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଜୀବନଶୈଳୀ ସାମଗ୍ରୀର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳୁଛି। ଏଥର ମେଳାର ଆକର୍ଷଣ କାଶ୍ମୀରୀ କାରୁକାର୍ଯ୍ୟ ଫର୍ଣ୍ଣିଚର, ଆଣ୍ଟିକା ପିସ୍, ସୋଫା ସେଟ୍ ଏବଂ ପାରମ୍ପରିକ ଝୁଲା ରହିଛି। ଅନ୍ତର୍ଜାତୀୟ ପାଭିଲିୟନ୍‌ରେ ଆଫଗାନିସ୍ତାନର ୧୦୦ ପ୍ରକାରର ଡ୍ରାଏ ଫ୍ରୁଟ୍, ଜର୍ମାନୀ ଲ୍ୟାମ୍ପ, ଇରାନ୍ ଅତର, ଥାଇଲ୍ୟାଣ୍ଡର ଅଳଙ୍କାର ଏବଂ କୋରିଆର ଲେଡିଜ୍ ଆକ୍ସେସୋରିଜ୍। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଏମ୍‌ଡି ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ଏକ୍ସପୋ ପରିଚାଳିତ। ଆଶା କରାଯାଉଛି ଯେ ଏହି ୧୧ ଦିନ ମଧ୍ୟରେ ୨ ଲକ୍ଷରୁ ଅଧିକ ଦର୍ଶକ ଏହି ଏକ୍ସପୋ ପରିଦର୍ଶନ କରିବେ। କେବଳ ସପିଂ ନୁହେଁ, ବରଂ ସୁଆଦିଆ ଖାଦ୍ୟ ପାଇଁ ଏଠାରେ ଏକ ସ୍ୱତନ୍ତ୍ର 'ଫୁଡ୍ ଜୋନ୍' ରହିଛି।

## କମ୍ରେଡ୍ ସୋମନାଥଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୧୬ ।୧(ସମିସ): ସ୍ୱାଧୀନତା ସଂଗ୍ରାମୀ, ଆଜୀବନ କମ୍ୟୁନିଷ୍ଟ, ଲେଖକ ଓ ଶତାୟୁ ସାଥୀ ସୋମନାଥ ପାତ୍ରଙ୍କ ବିୟୋଗରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜାତୀୟ ସମ୍ପାଦକ ସାଥୀ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ସାଥୀ ଡ. ପ୍ରଶାନ୍ତ କୁମାର ମିଶ୍ର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ତାଙ୍କର ମୃତ୍ୟୁ ଖବର ପାଇ ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ସାଥୀ ଆଶିଷ କାନୁନ୍‌ଗୋ, ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ, ପାର୍ଟି କଣ୍ଟ୍ରୋଲ କମିସନ ଅଧ୍ୟକ୍ଷ ବସନ୍ତ ପାଇକରାୟ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା, ପ୍ରମୁଖ ତାଙ୍କ ବାସଭବନ ଯାଇ ଶେଷ ଦର୍ଶନ କରିବା ସହ ଶବାଧାର ଧରି ରାଜ୍ୟ ପାର୍ଟି କାର୍ଯ୍ୟାଳୟ ଭଗବତୀ ଭବନକୁ ଆଣି ଲାଲ ପତାକା ସହ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ସମୟରେ ପାର୍ଟି କାର୍ଯ୍ୟାଳୟରେ ସିପିଆଇ(ଏମ୍)ର ସମ୍ପାଦକମଣ୍ଡଳୀ ସଦସ୍ୟ ଦୁଷ୍ମନ୍ତ ଦାସ, ଜନ୍ମେଶ୍ୱର ସାମନ୍ତରାୟ, ସିପିଆଇ(ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ସୋମନାଥଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## କିଟ୍‌ରେ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬ ।୧(ସମିସ):କିଟ୍ ଓ କିସର ମିଳିତ ଅନୁକୂଲ୍ୟରେ କିଟ୍ ରେ ନବମ ତ୍ରି-ଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ଓ ବହୁଭାଷୀ କାବ୍ୟ ପାଠ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜାନୁଆରୀ ୧୮ ତାରିଖ ଯାଏ ଚାଲିବାକୁ ଥିବା ଏହି ମହୋତ୍ସବର ବିଷୟବସ୍ତୁ ରହିଛି 'ବିଶ୍ୱ ଶାନ୍ତି ଏବଂ ସଦଭାବନା ୨୦୨୫-୨୬: ସ୍ଥାୟୀ ସହାବସ୍ଥାନ ଏବଂ ପଥ'। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହେଉଥିବା ବେଳେ ଶାନ୍ତି ଅପରିହାର୍ଯ୍ୟ ହୋଇପଡ଼ିଛି। ଶାନ୍ତି ବଜାୟ ରଖିବା ଦିଗରେ ସବୁ ନାଗରିକ ସଚେତନ ହେବା ସହ ଏ ଦିଗରେ ସମସ୍ତଙ୍କର ଯୋଗଦାନ ରହିବା ଉଚିତ୍ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ନର୍ଥ ଇଷ୍ଟ ପାୱାର କର୍ପୋରେସନ୍ (ନିପକୋ) ଅର୍ଥ ନିର୍ଦ୍ଦେଶକ ବୈଦ୍ୟନାଥ ମହାରଣା, ଅନ୍ୟତମ ଅତିଥି ଭାବେ ଏମ୍‌ଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ରାମାନୁଜ ନାରାୟଣ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଶ୍ୱମୁକ୍ତି ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡାମଣୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୂର୍ବତନ ସାଂସଦ ତଥା କବି ପ୍ରସନ୍ନ ପାଟ୍ଟଶାଣୀ ହିନ୍ଦୀ ଭାଷାର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ।

## ଅମାନିଆ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧେଇଲେ କିନ୍ନର




ଚାଳକଙ୍କୁ ହେଲମେଟ ପିନ୍ଧାଇ ଗାଡ଼ି ଚଳାଇବାକୁ ଅନୁରୋଧ କଲେ

ଭୁବନେଶ୍ୱର, ୧୬।୧(ସମିସ): ସଚେତନତା ଅଭାବରୁ ଦିନକୁ ଦିନ ରାସ୍ତା ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଏସବୁକୁ ହୃଦୟଙ୍ଗମ କରି ରାସ୍ତା ଦୁର୍ଘଟଣାକୁ ରୋକିବା ପାଇଁ ଟିଜି. ସୁରକ୍ଷା ଟ୍ରଷ୍ଟର ସଭାପତି ତଥା ସମାଜସେବୀ ମେନକା ପରିଡ଼ାଙ୍କ ନେତୃତ୍ୱରେ ଶୁକ୍ରବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଶତାଧିକ କିନ୍ନରମାନେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକତ୍ରିତ ହୋଇ ମଦ ପିଇ ଗାଡ଼ି ଚଳାନ୍ତୁ ନାହିଁ, ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାନ୍ତୁ, ସରକାରଙ୍କ ନିୟମ ମାନି ଗାଡ଼ି ଚଳାନ୍ତୁ ଅନ୍ୟ ମନସ୍କ ହୋଇ ଗାଡ଼ି ଚଲାନ୍ତୁ ନାହିଁ, ହେଲମେଟ ନ ପିନ୍ଧି ଗାଡ଼ି ଚଲାଉଥିବା ଚାଳକମାନଙ୍କୁ ହେଲମେଟ ପିନ୍ଧାଇ ଗାଡ଼ି ଚଳାଇବାକୁ ଅନୁରୋଧ କରିଥିଲେ ଏବଂ ସଡ଼କ ସୁରକ୍ଷା ଜୀବନ ରକ୍ଷା ଆଦି ପ୍ଲାକାର୍ଡ଼ ଧରି ଟ୍ରାଫିକ ପୋଷ୍ଟଠାରେ ଗାଡ଼ିଚାଳକମାନଙ୍କ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସୋନାଲି କିନ୍ନର, ରିୟା କିନ୍ନର, ରାଧା, ମମତା, ପଶି, ରିତୁ, ମନୁ, ଶୁଭ, ଯମୁନା, ତୁଳସୀ, ରବିନା, ପପି, ନେହା, ସାଲିନ କିନ୍ନରଙ୍କ ସମେତ ସାମାଜିକ କର୍ମୀ ସଦାଶିବ ବେହେରା, ସୋମନାଥ ନାୟକ ଏବଂ ଟ୍ରଷ୍ଟର ଉପଦେଷ୍ଟା ପ୍ରତାପ ସାହୁ ପ୍ରମୁଖ ଯୋଗଦେଇ ଲୋକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ।

## ଆଧ୍ୟାତ୍ମିକ ଜୀବନଯାପନରେ ମନରୁ ନକରାତ୍ମକ ଭାବ ଦୂର ହୋଇଥାଏ

ଭୁବନେଶ୍ୱର, ୧୬ ।୧(ସମିସ): ଶୁକ୍ରବାର ୟୁନିଟ-୨ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ପୂଜ୍ୟପୂଜା, ଓଡ଼ିଶା ପକ୍ଷରୁ ଆୟୋଜିତ ବିଦ୍ୟାଳୟ କାର୍ଯ୍ୟକ୍ରମରେ ବକ୍ତା ଭାବେ ପୂଜ୍ୟ ପୂଜା ଓଡ଼ିଶାର ସମ୍ପାଦକ ତଥା ରମାକାନ୍ତ ମିଶ୍ର ଯୋଗଦେଇ ଥିଲେ। ଏହି ଅବସରରେ ପିଲାମାନଙ୍କୁ ଭାଗବତ ପଢ଼ିବା ଉପରେ ଗୁରୁତ୍ୱ ଦେବା ସହ ସାରଳା ଦାସ, ଉତ୍କଳର ପଞ୍ଚସଖାଙ୍କ ଜୀବନ ଦର୍ଶନ ଉପରେ ସୁବିସ୍ତୃତ ଆଲୋଚନା କରି ସେହି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଜୀବନରେ ସଫଳତା ହାସଲ ପାଇଁ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମର ଆବଶ୍ୟକତା




ଅଛି ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଷମା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବିକାଶ ବିଦ୍ୟା ବାର୍ଷିକ ଉତ୍ସବ



ବଡ଼ରଘୁନାଥପୁର/ଯାଁଳା, ୧୬।୧ (ସମିସ): ଭୁବନେଶ୍ୱର ଉପକଣ୍ଠ ଯାଆଁଳାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲର କୁନି କୁନି ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିବା ବେଳେ ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ପରିବେଷଣ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କୁ ପାଠ ସଂସ୍କାର ବିଷୟରେ ଆଲୋକପାତ କରିଥିବା ବେଳେ ଆଜିର ମୁଖ୍ୟ ଅତିଥି ଭାବେ ଷ୍ଟେଟ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ୟୁନିୟନର ଖୋର୍ଦ୍ଧା ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଯୋଗ ଦେଇଥିଲେ। ସେହିଭଳି ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଚିତ୍ରସେନ ବାରିକ, ବୁଲା ବାରିକ ମୁଖ୍ୟବକ୍ତା ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ସୁପ୍ରଭା ବେହେରା ଓ ସୁଲେଖିକା ସ୍ତମ୍ଭକାର, ସମାଜ ସେବୀ ସତ୍ୟବାଦୀ ସ୍ୱାଇଁ, ଗୁରୁଜୀ ଚିତ୍ତ ରଞ୍ଜନ ଦାସ ଉପସ୍ଥିତ ଥିଲେ।

## 'ଗ୍ରାସରୁଟ୍ ଇନୋଭେସନ ମାଧ୍ୟମରେ ଗ୍ରାମୀଣ ଉନ୍ନତି' ସମ୍ବନ୍ଧୀୟ କର୍ମଶାଳା

ଭୁବନେଶ୍ୱର, ୧୬ ।୧(ସମିସ): ଶିଶିର ସରସ–୨୦୨୬ ମେଳା ଅବସରରେ ଷଷ୍ଠ ଦିନରେ 'ଗ୍ରାସରୁଟ୍ ଇନୋଭେସନ ମାଧ୍ୟମରେ ଗ୍ରାମୀଣ ଉନ୍ନତି' ବିଷୟରେ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଗ୍ରାମୀଣ ଉଦ୍ୟୋଗୀ ଓ ଉତ୍ପାଦକ ଗୋଷ୍ଠୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ନ୍ୟାସନାଲ ଇନୋଭେସନ ଫାଉଣ୍ଡେସନ୍ (ଏନ୍‌ଆଇଏଫ୍) ର ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

# ମନ୍ଦିର ଛଡ଼ାଫୁଲରୁ ହେଉଛି ଜୈବିକ ସାର

ଭୁବନେଶ୍ୱର, ୧୬।୧(ସମିସ): ପ୍ରତିଦିନ ମନ୍ଦିରରେ ଶହ ଶହ ଭକ୍ତଙ୍କ ଗହଳି ଦେଖିବାକୁ ମିଳେ। ସେମାନେ ହାତରେ ଫୁଲ, ବେଲପତ୍ର ଓ ତୁଳସୀ ସାଙ୍ଗରେ ଧରି ମନ୍ଦିର ଆସିଥାନ୍ତି। ଠାକୁରଙ୍କୁ ଚଢ଼ାଯାଇଥିବା ସେହି ଫୁଲ, ବେଲପତ୍ର ଓ ତୁଳସୀକୁ ପରଦିନ ପୂଜକ କାଢ଼ି ପାଣିରେ ହେଉ କିମ୍ବା ଅନ୍ୟ କେଉଁ ସ୍ଥାନରେ ଫୋପାଡ଼ି ଦେଇଥାନ୍ତି। ହେଲେ ତାକୁ ସଂଗ୍ରହକରି କାମରେ ଲଗାଉଛି ଦେବାର୍ଚ୍ଚନ ଅନୁଷ୍ଠାନ।

ରାଜଧାନୀର ୭୧ ମନ୍ଦିରରୁ ହେଉଛି ସଂଗ୍ରହ



ଏହି କାର୍ଯ୍ୟ ଦେବାର୍ଚ୍ଚନ ଅନୁଷ୍ଠାନ ଦୀର୍ଘ ଚାରି ବର୍ଷ ହେବ କରିଆସୁଛି। ବିଭିନ୍ନ ମନ୍ଦିରକୁ ଯାଇ କେବଳ ଠାକୁରଙ୍କୁ ଲାଗି ହେଉଥିବା ଫୁଲ, ବେଲପତ୍ର, ତୁଳସୀ ଓ କଦଳୀ ଚୋପାକୁ କେବଳ ସଂଗ୍ରହ କରନ୍ତି। ରାଜଧାନୀର ପର୍ଯ୍ୟାୟକ୍ରମେ ୭୧ ମନ୍ଦିରରୁ ଠାକୁରଙ୍କ ବାସି ଚଢ଼ା ଫୁଲ, ପତ୍ର ଆଦି ସଂଗ୍ରହ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ତାକୁ ଖତରେ ପରିବର୍ତ୍ତନ କରି ପୁନଃ ବ୍ୟବହାର କରିବାର ଉଦ୍ୟମ କରୁଛି। ଚାରିବର୍ଷ ପୂର୍ବେ ଗୋଟିଏ ହନୁମାନ ମନ୍ଦିରରୁ ଆରମ୍ଭ କରିଥିବା ଏହି ଅଭିଯାନ ଧୀରେ ଧୀରେ ରାଜଧାନୀର ୭୧ ମନ୍ଦିରରେ ପହଁଞ୍ଚିଲାଣି। ଏହି ଅନୁଷ୍ଠାନର ପ୍ରଥମେ ୩ରୁ ୪ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିଲା ବୋଲି ଅନୁଷ୍ଠାନର ସଦସ୍ୟ ରାମ ଶଙ୍କର ରୁଙ୍ଗଟା କହିଛନ୍ତି। ସେ ଏବଂ ଆଉ ୩ ଜଣ ସଦସ୍ୟ ବିଭିନ୍ନ ମନ୍ଦିରକୁ ଯାଇ ପ୍ରଥମେ ଫୁଲ ସଂଗ୍ରହ କରୁଥିଲେ। ଧୀରେ ଧୀରେ ସଦସ୍ୟ ବଢ଼ିବା ସହ ଫୁଲ ସଂଗ୍ରହ କରିବା ପାଇଁ ଆହୁରି ମନ୍ଦିର ଅନୁଷ୍ଠାନ ସହ ଯୋଡ଼ି ହୋଇ ସଂଖ୍ୟା ଏବେ ୭୧ରେ ପହଞ୍ଚିଲାଣି। ବର୍ତ୍ତମାନ ସମୟରେ ସେହି ୭୧ ମନ୍ଦିର ମଧ୍ୟରୁ ୪୪ ମନ୍ଦିରରୁ ନିୟମିତ ସଂଗ୍ରହ କରାଯାଉଛି। ରସୁଲଗଡ଼ଠୁ କଳ୍ପନା ଏବଂ ସିଆର୍‌ପିଠୁ ଡମଣା ପର୍ଯ୍ୟନ୍ତ ଗାଡି ସଂଗ୍ରହ ପାଇଁ ଯାଉଛି। ପ୍ରତିଦିନ ଅନୁଷ୍ଠାନ ପକ୍ଷରୁ ପାଖାପାଖି ୪ ଟନ୍‌ରୁ ଅଧିକ ଫୁଲ, ପତ୍ର ମନ୍ଦିରରୁ ସଂଗ୍ରହ କରାଯାଉଛି। ହେଲେ ପୂଜାପର୍ବାଣି ସମୟରେ ଏହାର ପରିମାଣ ଦୁଇଗୁଣ ବଢ଼ିଯାଏ। ଯେପରି ରାମନବମୀ, ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଜନ୍ମାଷ୍ଟମୀ ଆଦିରେ ଅଧିକ ଫୁଲପତ୍ର ସଂଗ୍ରହ ହୋଇଥାଏ। ମନ୍ଦିରରୁ ଫୁଲ ପତ୍ର ସଂଗ୍ରହ ହେବାପରେ ତାକୁ ଚନ୍ଦକାର କୁଜିମହଲ ଅଞ୍ଚଳରେ ଥିବା ଅନୁଷ୍ଠାନର ଦୁଇ ସ୍ଥାନରେ ପହଞ୍ଚାଯାଉଛି, ଯେଉଁଠି ଖତ ପ୍ରସ୍ତୁତ କରାଯିବା କାର୍ଯ୍ୟ କରାଯାଉଛି। ଏଥିପାଇଁ ଏକ କଣ୍ଟେନର ରଖାଯାଇଛି, ଯେଉଁଥିରେ ମନ୍ଦିରରୁ ଏସବୁ ସଂଗ୍ରହକରି ଖତ ପ୍ରସ୍ତୁତ ସ୍ଥାନରେ ପହଁଞ୍ଚୁଛି। ଖତ ପ୍ରସ୍ତୁତ ହେବାକୁ ଦୁଇ ମାସ ସମୟ ଲାଗିଥାଏ। ଏହାପରେ ସେହି ଖତକୁ ଗଛ ଲଗାଇବା କାର୍ଯ୍ୟରେ ଲଗାଯାଉଛି। ଏହି କାର୍ଯ୍ୟରେ ତାଙ୍କୁ ଜନକଲ୍ୟାଣ ଚାରିଟେବଲ ଟ୍ରଷ୍ଟ ସାହାଯ୍ୟ କରୁଛି। ଏହି ଖତ ତିଆରିରେ ଅଧିକାଂଶ ମହିଳା ସାମିଲ ଅଛନ୍ତି। ଯିଏ କି ଫୁଲ ପତ୍ରରୁ ଅନ୍ୟାନ୍ୟ ପ୍ଲାଷ୍ଟିକ ଓ ଆବର୍ଜନା କାଢ଼ି ଅଲଗା କରିବା ଓ ତାକୁ ଶୁଖାଇବା ଆଦି କର୍ଯ୍ୟ କରୁଛନ୍ତି। ଭବିଷ୍ୟତରେ ଏହି ଫୁଲରୁ ଖତ ସମେତ ଧୂପ ତିଆରି କାର୍ଯ୍ୟରେ ବ୍ୟବହାର କରିବାର ଯୋଜନା ରଖିଛନ୍ତି ବୋଲି ସେ କହିଥିଲେ।



# ରାଜାରାଣୀ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬ ।୧(ସମିସ): ରାଜାରାଣୀ ସଙ୍ଗୀତ ମହୋତ୍ସବ କେବଳ ଏକ ସଙ୍ଗୀତ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ସମୃଦ୍ଧ ସଂସ୍କୃତି, କଳା ଏବଂ ଇତିହାସ ମଧ୍ୟରେ ଏକ ସୁନ୍ଦର ସେତୁ ସଦୃଶ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରର ଐତିହାସିକ 'ରାଜାରାଣୀ ମନ୍ଦିର' ପ୍ରାଙ୍ଗଣରେ ଆୟୋଜିତ 'ରାଜାରାଣୀ ସଙ୍ଗୀତ ଉତ୍ସବ- ୨୦୨୬'କୁ ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଓଡିଶୀ କଣ୍ଠଶିଳ୍ପୀ ଅଚ୍ୟୁତ ମହାରଣା ଓ ସାଥୀଙ୍କ ଦ୍ୱାରା ଓଡିଶୀ ସଙ୍ଗୀତର ବିଭିନ୍ନ ବିଭାବର ନିଖୁଣ ତଥା ସୁନ୍ଦର ପରିବେଷଣ। ପ୍ରଥମେ ରାଗ ବଜ୍ରକାନ୍ତି ତାଳ ଜତି ଉପରେ ନିବଦ୍ଧ ପ୍ରବନ୍ଧ ନିଶି ନାଥ ବଦନୀ ପରେ ପରେ ନଜା ଯମୁନାରେ ରାଧା ପରିବେଷଣ କରିଥିଲେ। ତାଙ୍କୁ ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଡ. ଜବାହାର ମିଶ୍ର, ହାରମୋନିୟମରେ ଗୁରୁ ମୁରଲୀଧର ସ୍ୱାଇଁ ଏବଂ ତାନପୁରାରେ ମମତା ଶ୍ରୀଚନ୍ଦନ ଓ ସଙ୍ଗୀତା ନାୟକ ସହଯୋଗ କରିଥିଲେ। ଏହାପରେ ସଙ୍ଗୀତ ବିଶାରଦ ପଣ୍ଡିତ ସୁରେଶ ତଲୱାଲକର ଓ ସାଥୀଙ୍କ ଦ୍ୱାରା ତାଳ କୀର୍ତ୍ତନ ପରିବେଷଣ ହୋଇଥିଲା। ତାଙ୍କର ନିଖୁଣ ରାଗ ବିସ୍ତାର, ତାନ ଓ ସରଗମ୍‌ର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ବାଦ୍ୟର ବିଭିନ୍ନ କଳାକୌଶଳ ପ୍ରୟୋଗ



ଇତ୍ୟାଦି ଦ୍ୱାରା ଉପସ୍ଥିତ ଶ୍ରୋତାଙ୍କୁ ସେ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାବାନ କଣ୍ଠଶିଳ୍ପୀ ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ସାଧନା ଶ୍ରିବାସ୍ତବ ଓ ଡକ୍ଟର ସଙ୍ଗୀତା ଗୋସାଇଁ।

# ରାଜ୍ୟସ୍ତରୀୟ ନବ ସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତା

ଭୁବନେଶ୍ୱର, ୧୬ ।୧(ସମିସ): ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ପ୍ରଥମ ଥର ପାଇଁ ରାଜ୍ୟ ସ୍ତରୀୟ ନବ ସୃଜନ ଏବଂ ନୂତନ ଉଦ୍ୟମ ପ୍ରତିଯୋଗିତା ଆରମ୍ଭ ହୋଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୪ଟି ବିଶ୍ୱବିଦ୍ୟାଳୟର ୭୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ

- ଭାଗନେଲେ ୧୪ ବିଶ୍ୱବିଦ୍ୟାଳୟର ୭୨ ଛାତ୍ରଛାତ୍ରୀ
- ଶ୍ରେଷ୍ଠ ୧୦ ଷ୍ଟାର୍ଟଅପ୍‌କୁ ୫ଲକ୍ଷ ଲେଖାଏଁ ସହାୟତା

ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଶକ୍ତିର ବିକାଶ କରିବ। ସେମାନଙ୍କ ନୂତନ ଭାବନା ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବ। ପୁସ୍ତକ ଜ୍ଞାନରେ ସୀମିତ ନରହି ଉଚ୍ଚକୋଟୀର ଗବେଷଣାରେ ମନୋନିବେଶ କରିବା ସହ ନୂତନ ଉଦ୍ୟୋଗ ସୃଷ୍ଟି କରି ବିକାଶରେ ନିଜର ଯୋଗଦାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧରଣୀ ଧର ନନ୍ଦ, ଅତିରିକ୍ତ ଶାସନ ସଚିବ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ମୌସୁମୀ ନାୟକ, ରମାଦେବୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପ୍ରଫେସର ବେଦାଙ୍ଗ ଦାସ ପ୍ରମୁଖ




ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଥମେ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତହିଁରୁ କୃତିତ୍ୱ ଅର୍ଜନ କରିଥିବା ପିଲାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଉତ୍ତମ ପ୍ରଦର୍ଶନ କରୁଥିବା ୧୦ଟି ଷ୍ଟାର୍ଟଅପ୍ ପ୍ରକଳ୍ପକୁ ଚୟନ କରାଯାଇ ୫ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରାଯିବ।

# ଆନ୍ତର୍ଜାତିକ ପୁସ୍ତକ ମେଳାରେ 'ଭାରତୀୟ ବୌଦ୍ଧିକ ପରମ୍ପରା'



ଭୁବନେଶ୍ୱର, ୧୬ ।୧(ସମିସ): ନୂଆଦିଲ୍ଲୀ ସ୍ଥିତ ଭାରତମଣ୍ଡପଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ତରଫରୁ ଆୟୋଜିତ ଆନ୍ତର୍ଜାତିକ ପୁସ୍ତକ ମେଳାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଭାରତୀୟ ବୌଦ୍ଧିକ ପରମ୍ପରା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍କୃତ ବିଦ୍ୱାନ୍, ତଥା ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ ଭାରତବର୍ଷର ବୌଦ୍ଧିକ ପରମ୍ପରାର ପ୍ରାଚୀନତା ପ୍ରସଙ୍ଗରେ ଉପସ୍ଥାପନ କରି ବ୍ୟାସ ବାଲ୍ମୀକି, ବଶିଷ୍ଠ, ଚରକ, ବାଗଭଟ୍ଟ, ସୁଶ୍ରୁତ, ପାଣିନି, ପତଞ୍ଜଳି ତଥା ଆର୍ଯ୍ୟଭଟ୍ଟ ପ୍ରଭୃତି ମୁନି ଋଷି ମାନଙ୍କର ଭାରତର ଜ୍ଞାନପରମ୍ପରା ପ୍ରତି ରହିଥିବା ଯୋଗଦାନ ବିଷୟରେ ଉଲ୍ଲେଖ କରିଥିଲେ। ଆଲୋଚନାଚକ୍ରରେ ପଞ୍ଜାବୀ ସାହିତ୍ୟିକ ଡ. ରବେଲ ସିଂହ ପଞ୍ଜାବର ବୌଦ୍ଧିକ ପରମ୍ପରା ଉପରେ ଆଲୋଚନା କରିଥିବା ବେଳେ କନ୍ନଡ ରଚନାକାର ଡ. ବସବରାଜ କଲଗୁଡି କର୍ଣ୍ଣାଟକର ଜ୍ଞାନ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରକୁ ସାହିତ୍ୟ ଏକାଡେମୀର ବରିଷ୍ଠ ଉପସଚିବ ଡ. ଏନ୍ ସୁରେଶ ବାବୁ ପରିଚାଳନା କରିଥିବା ବେଳେ ଅନ୍ୟତମ ଉପସଚିବ ଡ. ଅନୁପମ ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲିନିକାଲ୍ ସାଇକୋଲୋଜିଷ୍ଟଙ୍କୁ ତାଲିମ




ଭୁବନେଶ୍ୱର, ୧୬ ।୧(ସମିସ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ବିଭାଗ ପକ୍ଷରୁ କ୍ଲିନିକାଲ୍ ସାଇକୋଲୋଜିଷ୍ଟମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଶୁଭାରମ୍ଭ ହୋଇଯାଇଛି। ଭାରତ ସରକାରଙ୍କ ଡିଇପିଡବ୍ଲ୍ୟୁଡି ଅଧୀନସ୍ଥ ଏଆଇପିଆଇଡି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଉଦଘାଟନୀ ସମାରୋହରେ ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ମହାନିର୍ଦ୍ଦେଶିକା ମୋନାଲିସା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାନୁଆରୀ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆରସି) ଏବଂ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ (ଏସଆଇଇପି)ର ପ୍ରାୟ ୧୨୦ ଜଣ କ୍ଲିନିକାଲ୍ ସାଇକୋଲୋଜିଷ୍ଟ ଓ ମନସ୍ତତ୍ତ୍ୱବିତ୍ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗର ଉପଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ଅତିରିକ୍ତ ଶାସନ ସଚିବ ଭାସ୍କର ରଇତ ଆଲୋଚନା କରାଇଥିଲେ। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଗୋପବନ୍ଧୁ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା ଉପସ୍ଥିତ ଥିଲେ। ଜାତୀୟ ପ୍ରତିଷ୍ଠାନର ମାଷ୍ଟର ଟ୍ରେନର ଡକ୍ଟର ସୁନୀତା ଦେବୀ ବୈଷୟିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ପୁସ୍ତକ ଲୋକାର୍ପଣ ଉତ୍ସବ



ଭୁବନେଶ୍ୱର, ୧୬।୧(ସମିସ): ଶିଳାଶ୍ରୀ ପବ୍ଲିକେସନରୁ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ସମ୍ପାଦିକା ବାସନ୍ତୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିଳାଶ୍ରୀର ନିୟମିତ ସଂଖ୍ୟା କବିତାୟନ 'ଭୁଲିନାହିଁ ସେ କଥା' ଏବଂ ରୀତା ମିଶ୍ରଙ୍କର ଗପ ସଂକଳନ 'ବିବର୍ଣ୍ଣ ବସନ୍ତ', ବିଦ୍ୟୁଲତା ବେହେରାଙ୍କର ଭକ୍ତିକବିତା 'କଳାକାଞ୍ଚନ' ଓ ସଂଯୁକ୍ତା ସ୍ୱାଇଁଙ୍କର 'ଓଡ଼ିଆ ପିଠା ବଡ଼ିଆ ମିଠା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅତିଥି ଭାବେ ଗାଳ୍ପିକା ସଭାପତି ଡ. ଜୟନ୍ତୀ ରଥ, ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଓ ଅବସରପ୍ରାପ୍ତ ଆୟଙ୍କର ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କୁଳପତି ନାଇଜର ଓ ସାହିତ୍ୟିକ ଡ. ଅଭୟ କୁମାର ନାୟକ, ମୁଖ୍ୟବକ୍ତା ଅବସର ପ୍ରାପ୍ତ ପ୍ରଫେସର ଓ ପ୍ରାବନ୍ଧିକ ଡ. ଅଭୟ କୁମାର ବେହେରା, ସମ୍ମାନିତ ଅତିଥି ସାହିତ୍ୟିକ ଓ ସଂଗଠକ ଭାସ୍କର ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ସୁବ୍ରତା ମିଶ୍ର, ଧରିତ୍ରୀ ରାୟ, ମଞ୍ଜୁଲା ଆସ୍ତାନା ମହାନ୍ତି ଓ ଲୋପାମୁଦ୍ରା ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସହଯୋଗୀ ମୈତ୍ରୀ ଭୂଷଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଚାଷୀ ଓ ଶ୍ରମିକଙ୍କ ବିଶାଳ ସଂଗ୍ରାମ

# କେନ୍ଦ୍ରର ଜନବିରୋଧୀ ନୀତି ବିରୋଧରେ ଗର୍ଜିଲେ ନେତୃବୃନ୍ଦ




ଭୁବନେଶ୍ୱର, ୧୬।୧(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜନବିରୋଧୀ ଆଇନ ସମୂହ ବିରୋଧରେ ଶୁକ୍ରବାର ଭୁବନେଶ୍ୱର ଗାନ୍ଧୀ ମାର୍ଗଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ଆହ୍ୱାନରେ ଗଣ-ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭି ରାମଜୀ (ମନରେଗାର ବିକଳ୍ପ) ଆଇନ, ଶ୍ରମ କୋଡ୍, ବିହନ ବିଲ୍ ୨୦୨୫ ଏବଂ ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୫ କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବିରେ ହଜାର ହଜାର କର୍ମୀ ରାଜରାସ୍ତାକୁ ଓହ୍ଲାଇଥିଲେ। ଏହି ସମାବେଶକୁ ଶ୍ରମିକ ଓ କୃଷକ ନେତୃବୃନ୍ଦ ସମ୍ବୋଧିତ କରି ସରକାରଙ୍କୁ କଡ଼ା ଚେତାବନୀ ଦେଇଥିଲେ। ବିକ୍ଷୋଭ ସଭାରେ ବିଭିନ୍ନ ସଂଗଠନରୁ ପ୍ରମୁଖ ନେତାମାନେ ଯୋଗ ଦେଇ ସରକାରଙ୍କ କର୍ପୋରେଟ୍ ପ୍ରୀତି ଓ ଶ୍ରମିକ-ମାରଣ ନୀତିର ପର୍ଦ୍ଦାଫାଶ କରିଥିଲେ। ଏଥିରେ ଇନ୍‌ଟୁକ୍‌ର ରାଷ୍ଟ୍ରୀୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ସୁଆର ଜେନା, ନାରାୟଣ ରେଡ୍ଡୀ, ଦୁଷ୍ମନ୍ତ ଦାସ, ମହେନ୍ଦ୍ର ପରିଡ଼ା ଜ୍ୟୋତିରଞ୍ଜନ ମହାପାତ୍ର, ନିରଞ୍ଜନ ମହାନ୍ତି, ଜମ୍ବେଶ୍ୱର ପ୍ରଧାନ, ବଂଶୀଧର ପରିଡ଼ା, ବିଜୟ ଜେନା ଏବଂ ନରେନ୍ଦ୍ର ମହାନ୍ତି ସାମିଲ ହୋଇଥିଲେ। ନେତାମାନଙ୍କ ଅଭିଯୋଗ ମୁତାବକ ବିଭିରାମଜୀ ମାଧ୍ୟମରେ ଗ୍ରାମୀଣ ଶ୍ରମିକଙ୍କ ଶେଷ ଭରସା 'ମନରେଗା'କୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି। ସେହିଭଳି ନୂତନ ଶ୍ରମ କୋଡ୍ ମାଧ୍ୟରେ ଶ୍ରମିକ ଅଧିକାରକୁ ଶିଳ୍ପପତିଙ୍କ ପାଖରେ ବନ୍ଧା ପକାଯାଉଛି ବୋଲି ନେତାମାନେ ଅଭିଯୋଗ କରିଛନ୍ତି। ବିହନ ବିଲ୍ ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି କୁହାଯାଇଥିବା ବେଳେ କମ୍ପାନୀର ଏକଚାଟିଆ ମନୋଭାବକୁ ପ୍ରୋତ୍ସାହିତ କରାଯାଇଛି ବୋଲି କୁହାଯାଇଛି। ଯଦି କେନ୍ଦ୍ର ସରକାର ଏହି ଦାବିଗୁଡ଼ିକୁ ଗ୍ରହଣ ନକରନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶାର ପ୍ରତିଟି ବ୍ଲକ ଏବଂ ଜିଲ୍ଲା ସ୍ତରରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୁହାଯାଇଛି।

# ପ୍ରତାପଶାସନ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ବାଲିଅନ୍ତା, ୧୬ ।୧(ସମିସ): ବାଳକାଟି ପ୍ରତାପଶାସନ ଡିଗ୍ରୀ କଲେଜର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ଅଧ୍ୟାପକ ଗଙ୍ଗାଧର ରାଉତ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରିକେଟ କୁଇନ ଫୁଲ ସ୍ୱରେନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ପ୍ରତିଷ୍ଠାତା ସନ୍ତୋଷ କୁମାର ମହାନ୍ତି, ଡ. ରଜନୀରଞ୍ଜନ ଦାଶ, କ୍ରୀଡା ସାମ୍ବାଦିକ ସୁରେଶ କୁମାର ସ୍ୱାଇଁ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ବସନ୍ତ ସାହୁ, ବେଣୁଧର ଭୋଇ, ରବୀନ୍ଦ୍ର ବାରିକ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡାରେ ଚାମ୍ପିଅନ ବିଶ୍ୱଜିତ ସେଠୀ ଓ ରୋଜାଲିନି ଭୋଇଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ର ସଂସଦ ସହ ଉପଦେଷ୍ଟା ହେମନ୍ତ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ର ସଂସଦର ସହ ଉପଦେଷ୍ଟା ହେମନ୍ତ କୁମାର ଦାଶଙ୍କ ପରିକଳ୍ପନା, ସଂଯୋଜନା ଓ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ମା' ଖୋଜେ ମମତା ସାମାଜିକ ନାଟକ ପରିବେଷଣ କରାଯାଇଥିଲା।

# ପଞ୍ଚପଲ୍ଲୀ ପିପିସିରେ ଧାନମଣ୍ଡି ଖୋଲିଲା

ଯାଁଳା, ୧୬।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଜାମୁକୋଳି ସେବା ସମବାୟ ସମିତି ଅନ୍ତର୍ଗତ ପଞ୍ଚୁପଲ୍ଲୀ ପି.ପି.ସି ରେ ଧାନ ମଣ୍ଡି ଖୋଲିଲା, ପ୍ରଧାନ ସାହି ଆର୍‌ଆଇ ତୃପ୍ତିମୟୀ ପାଟଶାଣୀ, ପୂର୍ବତ୍ତନ ଜଟଣୀ ବ୍ଲକ ଅଧ୍ୟକ୍ଷ ଦିପକ୍ କୁମାର ଜେନା ଏହାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପଞ୍ଜିକୃତ ଚାଷୀମାନଙ୍କ ମଧ୍ୟରୁ ୨୬ ଜଣ ଗଷୀଙ୍କ ଠାରୁ ୯୩୦ କ୍ୱିଣ୍ଟାଲ ଧାନ କ୍ରୟ କରାଯିବାର ବ୍ୟବସ୍ଥା ହୋଇଥିଲା, ଗ୍ରେଡ ଏ ଧାରା ଏଫ୍‌ଏକ୍ୟୁ ମାନ ପରୀକ୍ଷଣ ପାଇଁ ସରକାରଙ୍କ ଦ୍ୱାରା ଦର୍ଶାଇ ଦିଆଯାଇଥିବା ସମସ୍ତ ନିୟମକୁ ଏଠାରେ କାର୍ଯ୍ୟକାରୀ କରାଯାଇଥିଲା, ସବୁ ଚାଷୀ କିପରି ବିନା ଅସୁବିଧାରେ ସେମାନଙ୍କ ଧାନ ବିକ୍ରୟ କରିପାରିବେ ସେଥି ନିମନ୍ତେ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ସମିତି ସମ୍ପାଦକ ଶିବ ଶଙ୍କର ପରିଡ଼ା ସୂଚନା ପ୍ରଦାନ କରିଥିଲେ, ଏହି କାର୍ଯ୍ୟରେ ଡିଇଓ ଗିରୀଶ ଚନ୍ଦ୍ର ସିଂହ ଓ ଅଫିସ୍ ପିଅନ ବାରିକ୍ ବାବୁ ସହାୟତା କରିଥିଲେ।

# ବ୍ଲୋସମ୍‌ସ ସ୍କୁଲରେ ରେଗେଲ୍ ୪.୦




ଭୁବନେଶ୍ୱର, ୧୬।୧(ସମିସ): ବ୍ଲୋସମ୍‌ସ ସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ମଜାଦାର କାର୍ନିଭାଲ୍ ରେଗେଲ୍ ୪.୦ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ନର୍ସରୀଠାରୁ ଦ୍ୱିତୀୟ ଶ୍ରେଣୀ ଏବଂ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ। ଖେଳ, ନୃତ୍ୟ, ସଙ୍ଗୀତ, ଖାଦ୍ୟ ଷ୍ଟଲ୍ ଏବଂ ବିଭିନ୍ନ ମଜାଦାର କାର୍ଯ୍ୟକଳାପ ସହିତ କ୍ୟାମ୍ପସ୍‌ର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ଛାତ୍ରଛାତ୍ରୀମାନେ ସିଭିଲ୍ ପୋଷାକରେ ଯୋଗ ଦେଇଥିଲେ ଏବଂ ଏକ ସୁରକ୍ଷିତ ଏବଂ ଆନନ୍ଦପୂର୍ଣ୍ଣ ପରିବେଶରେ ଉତ୍ସବଗୁଡ଼ିକୁ ସମ୍ପୂର୍ଣ୍ଣ ଉପଭୋଗ କରିଥିଲେ।

# ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର, ୧୬।୧(ସମିସ): ଡ. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ମହିଳା ଏବଂ ପୁରୁଷ ବିଭାଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱରଠାରେ ହେବାକୁ ଯାଉଛି। ଭୁବନେଶ୍ୱର ସିଟି କ୍ଲବ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଏବଂ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ଆସନ୍ତା ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରୁ ଏହା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ପାଲଲହଡ଼ା ବିଧାୟକ ତଥା ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ସମେତ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ନିରଞ୍ଜନ ମିଶ୍ର, ସିଟି କ୍ଲବର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନର ଫୁଟବଲ ସମ୍ପାଦକ ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ଣ୍ଣାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରିଥିଲେ।

# ଅନ୍‌ଲାଇନରେ ଅଧିକ ଅର୍ଡର ହେଉଛି ଚିକେନ ବିରିୟାନି

ଭୁବନେଶ୍ୱର, ୧୬।୧(ସମିସ): ବର୍ତ୍ତମାନ ସମୟରେ ଅନଲାଇନରେ ଖାଦ୍ୟ ଅର୍ଡର କରିବା ଲୋକଙ୍କ ପାଇଁ ଦୈନିକ କାର୍ଯ୍ୟ ହୋଇଗଲାଣି। ଯେଉଁଥିରେ ପିଜ୍ଜା, ବର୍ଗର, ବିରିୟାନୀ ଏବଂ ରୋଲକୁ ସବୁଠୁ ଅଧିକ ଅର୍ଡର କରୁଥିବା ଦେଖିବାକୁ ମିଳୁଛି। ସେହିଭଳି ରାଜଧାନୀବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଚିକେନ ବିରିୟାନିର କ୍ରେଜ। ଅନ୍‌ଲାଇନ ଫୁଡ ଡେଲିଭରୀ ବର୍ତ୍ତମାନ ଭୁବନେଶ୍ୱରବାସୀଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି।

ସକାଳ ଭୋଜନଠାରୁ ଆରମ୍ଭ କରି ରାତ୍ରୀ ଭୋଜନ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟ ପାଇଁ ଅନଲାଇନ ଅର୍ଡରକୁ ଲୋକ ବାଛୁଛନ୍ତି। ସୂଚନା ଅନୁଯାୟୀ, ୨୦୨୫ରେ ରାଜଧାନୀରେ ସ୍ୱିଗିକୁ ମୋଟ ୭.୫ ଲକ୍ଷ ଅର୍ଡର ମିଳିଥିବା ବେଳେ ସେଥିମଧ୍ୟରୁ ଚିକେନ ବିରିୟାନି ଗ୍ରାହକଙ୍କ ପସନ୍ଦର ଖାଦ୍ୟ ରହିଆସିଛି। ସେହିପରି ଚିକେନ ଗ୍ରେଭି ୨ୟ ଲୋକପ୍ରିୟ ଖାଦ୍ୟ ଓ ଚିକେନ ରୋଲ୍‌ସ ୩ୟ ସ୍ଥାନରେ ରହିଛି। ଏହିସବୁ ତଥ୍ୟ ସ୍ୱିଗିର ସଦ୍ୟତମ ହାଓ




ଭୁବନେଶ୍ୱର ସ୍ୱିଗିଡ୍ ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଷ ଭୁବନେଶ୍ୱରରେ ସ୍ୱିଗିକୁ ଗୁଲାବ ଜାମୁନର ସବୁଠାରୁ ଅଧିକ ଅର୍ଡର ମିଳିଥିବା ବେଳେ ଏହାପରେ ଚକୋଲେଟ କେକ୍ ଓ କାଜୁ ବର୍ଫି ରହିଛି। ସକାଳ ଜଳଖିଆ ପାଇଁ ୭୪ ହଜାର ଅର୍ଡର ମିଳିଥିବା ବେଳେ ପ୍ରତି ଘଣ୍ଟାରେ ୮ରୁ ଅଧିକ ଅର୍ଡର ସହ ଇଡ୍‌ଲି ଶୀର୍ଷରେ ରହିଛି। ସନ୍ଧ୍ୟା ସମୟର ଅର୍ଡରରେ ମଧ୍ୟ ୮୬ ପ୍ରତିଶତ ବୃଦ୍ଧି ହୋଇଛି। ଏହାଛଡା ରାତି ଭୋଜନ ସମୟ ଭୁବନେଶ୍ୱରର ସବୁଠୁ

**ଲୋକପ୍ରିୟ ଖାଦ୍ୟ ତାଲିକାରେ ଚିକେନ ଗ୍ରେଭି ଏବଂ ଚିକେନ ରୋଲ୍‌ସ**

ଅଧିକ ଅର୍ଡର ଆସୁଥିବା ଜଣା ପଡ଼ିଛି। ଏହି ସମୟରେ ପୂର୍ବ ବର୍ଷ ତୁଳନାରେ ଅର୍ଡର ପରିମାଣରେ ୪୦ ପ୍ରତିଶତ ବୃଦ୍ଧି ହୋଇଛି। ବଙ୍ଗାଳି ଖାଦ୍ୟ ପାଇଁ ଚାହିଦା ମଧ୍ୟ ୮୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଅନ୍ୟାନ୍ୟ ଲୋକପ୍ରିୟ ଖାଦ୍ୟରେ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ପଞ୍ଜାବର ଖାଦ୍ୟ ଅନ୍ତର୍ଭୁକ୍ତ ରହିଛି। ସ୍ୱିଗିର ଏହି ପ୍ରଦର୍ଶନ ସମ୍ପର୍କରେ ସ୍ୱିଗି ଫୁଡ ମାର୍କେଟପ୍ଲେସର ଚିଫ୍ ବିଜନେସ୍ ଅଫିସର ସିଦ୍ଧାର୍ଥ ଭାକୁ କହିଛନ୍ତି, ଭୁବନେଶ୍ୱରରେ ସ୍ୱିଗିର ୯୯ ଷ୍ଟୋର ମାଧ୍ୟମରେ ଚିକେନ ବିରିୟାନି, ଭେଜ ବିରିୟାନି ଓ ଭେଜ୍ ବର୍ଗର ପାଇଁ ସର୍ବାଧିକ ଅର୍ଡର କରାଯାଇଥିଲା। ଭୁବନେଶ୍ୱର ଜଙ୍କସନରେ ଟ୍ରେନରେ ଖାଦ୍ୟ ପାଇଁ ମିଳିଥିବା ଅର୍ଡର ସଂଖ୍ୟା ଗତବର୍ଷ ତୁଳନାରେ ୧୭୦ ପ୍ରତିଶତ ବୃଦ୍ଧି ପାଇଛି। ସହରର ସବୁଠାରୁ ବଡ ବୋଲ୍ଡ ଅର୍ଡର ଜଣେ ଗ୍ରାହକଙ୍କ ଦ୍ୱାରା କରାଯାଇଥିଲା ଯିଏ ୧୩ଟି ପିଜ୍ଜା, ୫ଟି ଗାର୍ଲିକ ବ୍ରେଡ ଓ ୧୫ଟି ଚକୋ ଲାଭା କେକ୍ ଅର୍ଡର କଭୁବନେଶ୍ୱର ସହର ମୋଟ ୩.୨୪ କୋଟି ଟଙ୍କା ସଞ୍ଚୟ କରିଛି।

### ବରଗଡ଼ କ୍ରିଷ୍ଣା ବିକାଶ ବିଦ୍ୟାଳୟରେ ନବବର୍ଷ

# ବିଚାର, ଲକ୍ଷ୍ୟ, ଦାୟିତ୍ୱ ରହିଲେ ସଫଳତା ନିଶ୍ଚିତ






ବରଗଡ଼,୧୬ ।୧(ସମିସ):

ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ପ୍ରାର୍ଥନା ପ୍ରାଙ୍ଗଣରେ ନବବର୍ଷ-ପାଳିତ ହୋଇଯାଇଛି। ସର୍ବପ୍ରଥମେ ବିକାଶ ସିନିୟର ସେକେଣ୍ଡାରୀ ଅଧକ୍ଷ ଚିତ୍ତରଞ୍ଜନ ପତି ଅତିଥି ଗଣଙ୍କ ପରିଚୟ ଓ ସ୍ୱାଗତଭାଷଣ ଦେଇଥିଲେ। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ୍ ଡି.ମୂରଲୀ କ୍ରିଷ୍ଣା ନିଜ ଅଭିଭାଷଣରେ ବିଚାର, ଲକ୍ଷ୍ୟ ଓ ଦାୟିତ୍ୱ ଥିଲେ ଯେ କୌଣସି ସଫଳତାରେ ଅର୍ଥ ବାଧକ ହୋଇ ନଥାଏ ବୋଲି ମତବ୍ୟକ୍ତ କରିଥିଲେ। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଡି.ବିବେକ କୁମାର ନିଜର ବକ୍ତବ୍ୟରେ ନେତୃତ୍ୟ ନେବାର କୌଶଳ ଓ ଦଳଗତ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନ ସମୂହରେ ଏକ୍ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ନିଜ ଅଭିଭାଷଣରେ ସଂସ୍କୃତି, ଯତ୍ନ, ବୃତିଗତ ଜୀବନ ଗଠନ ଉପରେ କ୍ରିଷ୍ଣା ବିକାଶ ଅନୁଷ୍ଠାନ ସର୍ବଦା ଗୁରୁତ୍ୱ ଆରୋପ କରିଥାଏ ବୋଲି କହିବା ସହିତ ଆଗାମୀ ସମସ୍ତ ବୋର୍ଡ ପରିକ୍ଷାର୍ଥୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିକାଶ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋଜ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନର ପିପୁଲ ଏଣ୍ଡ କଲଚର୍ ହେଡ୍ ଅଶ୍ୱିନୀ କୁମାର ନାୟକ, ବିକାଶ ଶିକ୍ଷାନୁଷ୍ଠାନର ଏଡମିନ ମ୍ୟାନେଜର ଲଗ୍ନିକା ଦାସ, ବିକାଶ ହାୟର ସେକେଣ୍ଡାରୀ ଏଡ୍ମିନିଷ୍ଟ୍ରେଟିଭ୍ ଏସ୍. କାନ୍ତାରାଓ ଓ ସମସ୍ତ ବିଭାଗର ମୁଖ୍ୟମାନେ ମଞ୍ଚାସୀନ ଥିଲେ। ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ସର୍ବଭାରତୀୟ ବୋଡାସମ୍ବର କ୍ରିକେଟ୍ କପ୍

# କୋଲକାତାକୁ ପରାସ୍ତ କଲା ରାଜମଣ୍ଡ୍ରି

ପଦ୍ମପୁର,୧୬ ।୧(ସମିସ): ସ୍ଥାନୀୟ ଆର୍.ବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ୩୦ତମ ସର୍ବଭାରତୀୟ ବୋଡାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସ ତଥା ପୁଲ - ବି ର ତୃତୀୟ ମ୍ୟାଚ୍ କୋଲକାତା ଓ ରାଜମଣ୍ଡ୍ରି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କୋଲକାତା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୭.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୦୩ ରନ୍ ସଂଗ୍ରହ କରିଥିଲା। ରାଜମଣ୍ଡ୍ରି ଦଳ ୨୮ ଓଭରରେ ୯ ୱିକେଟ୍ ହରାଇ ୨୦୪ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। କୋଲକାତା ଦଳର ଏସ୍ ମଣ୍ଡଳ ୫୮ ବଲ୍ ରେ ୬୯ରନ୍ ସଂଗ୍ରହ କରିଥିଲେ। ସେହିପରି ରାଜମଣ୍ଡ୍ରି ଦଳର ଏସ୍‌କେ ଆବାସ ୩୭ ବଲ ରେ ୫୯ ସଂଗ୍ରହ କରିବା ସହ ୫.୨ ଓଭରରେ ୩୨ ରନ୍ ବିନିମୟରେ ୩ ୱିକେଟ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ଆର୍.ବି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ରଥ, ସମ୍ମାନିତ ଅତିଥି ଭାବେ ବୋରାସମ୍ବର କ୍ଲବ୍‌ର ସମ୍ପାଦକ ଭରତ ପଣ୍ଡା, କୋଷାଧ୍ୟକ୍ଷ ବିଜୟ ଦାଶ, ବରିଷ୍ଠ ସଦସ୍ୟ ତାପସ ମହାନ୍ତି, ଦିପକ ଜୟପୁରିଆ, ଧରଣୀ ବାରିକ, ମୁନା ବଡ଼ଗୁଛିଆ, ମହେନ୍ଦ୍ର ପଟେଲ ଯୋଗଦେଇ ରାଜମଣ୍ଡ୍ରି ଦଳର ଏସ୍ କେ ଆବାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ବଳରାମ ପଟ୍ଟନାୟକ ଓ ଅମୀୟ ଭୂଷଣ ସାହୁ ପରିଚାଳନା କରିଥିବାବେଳେ ଅମରେଶ ବେହେରା ଓ ଶୁଭ୍ରାଂଶୁ ପଟ୍ଟନାୟକ ସ୍କୋରର, ରୋହିଣୀ ପାଣ୍ଡେ ଓ କୁମାର ଆନନ୍ଦ ଉଦ୍‌ଘୋଷକ ଦାୟିତ୍ୱ ବହନ କରିଥିଲେ।




# 'ବେଟି ବଚାଓ ବେଟି ପଢ଼ାଓ' ସଚେତନ କାର୍ଯ୍ୟକ୍ରମ




ପଦ୍ମପୁର,୧୬ ।୧(ସମିସ): ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ଘନାମାଲରେ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ତତ୍ୱାବଧାନରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନ ଉପରେ ଆଧାରିତ ଏକ ଜନସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଦଯାତ୍ରା ମାଧ୍ୟମରେ କନ୍ୟା ସୁରକ୍ଷା ଓ କନ୍ୟା ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ପଦଯାତ୍ରା ପରେ ଗ୍ରାମରେ ମହିଳା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଶିକ୍ଷାବିତ୍ତ, ପଞ୍ଚାୟତ କର୍ମୀମାନଙ୍କୁ ନେଇ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭାପତି ଜୀତେନ୍ଦ୍ରୀୟ ପଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ମୁଖ୍ୟ ବକ୍ତା ଭାବେ ମିନକେତନ ବିଶ୍ୱାଲ, ସମ୍ମାନିତ ଅତିଥି ଭାବେ ସୋମନାଥ ବାରିକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀଲିପ କୁମାର ପ୍ରଧାନ ସଭାକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜୀବର୍ଦ୍ଧନ ବେହେରା ଓ ସହକାରୀ ଶିକ୍ଷକ ସଞ୍ଜୀବ କୁମାର ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରି କନ୍ୟାସୁରକ୍ଷା ଓ ଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ସଭାରେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପବିତ୍ର ବାରିକ ଓ ଖେଳଶିକ୍ଷକ ରାମକୃଷ୍ଣ ବାରିକ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ପ୍ରସ୍ତୁତି

ବରଗଡ଼,୧୬ ।୧(ସମିସ): ଜାନୁୟାରୀ ୧୯ ଓ ୨୦ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପିଏମଶ୍ରୀ ମହୋତ୍ସବ ପାଳନ ପାଇଁ ସ୍ଥାନୀୟ ରାଣାପ୍ରତାପ ସ୍କୁଲପରିସରରେ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୟ ସୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅମୃତା ସାହୁ ବରଗଡ଼ ବିଇଓ ଡ. ସୁରେନ୍ଦ୍ର କୁମାର ସାହୁ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶାଶ୍ୱତୀ ଦାଶ, ଶାନ୍ତି ସୁନା, ଧୀରୋଜ ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ପ୍ରଧାନଶିକ୍ଷକ ଡ଼ ମନୋଜ କୁମାର ସାହୁ, ପ୍ରଧାନଶିକ୍ଷକ ଭାର୍ଗବ ନାଏକ, ପ୍ରଧାନଶିକ୍ଷକ ଦେବଜୀବନ କର, ପ୍ରଧାନଶିକ୍ଷକ ସୁଦୀପ କୁମାର ରଥ ଶିକ୍ଷକସମୀର ପାଣିଗ୍ରାହୀ, ସଦାନନ୍ଦ ଜାଲ, ମିଥୁନ ପ୍ରଧାନ, ନବୀନ ସାବତ, ଅନୀଲ ସାବତ, ଝରଣା ଦାଶ, ଶ୍ରୀକାନ୍ତ ବାରିକ, ଅରବିନ୍ଦ ଗୁପ୍ତା, ବିକାଶ ବାଘେଲ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗରେ ଦାୟିତ୍ୱ ପ୍ରଦାନ କରାଯାଇଥିବା ସମସ୍ତ ଭାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ପ୍ରସ୍ତୁତି

ବରପାଲି,୧୬ ।୧(ସମିସ): ବରପାଲି ଆଥେଲେଟିକ ଆସୋସିଏସନ କାର୍ଯ୍ୟାଳୟ ପରିସରରେ ଗଙ୍ଗାଧର ଫୁଟବଲ ପ୍ରତିଯୋଗିତାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ରୀଡ଼ାବିତ୍ତ ରସାନନ୍ଦ ଥପାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଆସୋସିଏସନ ସଭାପତି ଉପଗୁପ୍ତ ତ୍ରିପାଠୀ ସ୍ୱାଗତ ଜଣାଇବା ସହ ପ୍ରତିଯୋଗିତା ପରିଚାଳନା ସମ୍ପର୍କରେ ଉପସ୍ଥାପନ କରିଥିଲେ। ରାଜ୍ୟସ୍ତରୀୟ ରେଫ୍‌ରୀ ପ୍ରସାନ୍ତ କୁମାର ବେହେରାଙ୍କୁ କାର୍ଯ୍ୟକାରୀ ସମ୍ପାଦକ ଭାବରେ ମନୋନୀତ ହୋଇଥିଲେ। ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୨୬ତାରିଖରୁ ଆରମ୍ଭ ହୋଇ ଫେବୃୟାରି ୧ତାରିଖ ଉଦ୍‌ଯାପନୀ ସମାରୋହ ପାଳିତ ହେବ ବୋଲି ଜଣାପଡ଼ିଥିଲା। ମୋଟ ଓଡିଶାର ଆଠଟି ଶ୍ରେଷ୍ଠ ଦଳ ସାମିଲ ହେଉଥିବାବେଳେ ବରଗଡ଼ ଜିଲ୍ଲା ଓ ରାଜ୍ୟ ଫୁଟବଲ ସଂଘର ସହଯୋଗ ରହିଥିବା ଜଣାପଡ଼ିଥିଲା। ପରିଚାଳନା କମିଟିରେ ସଭାପତି ଉପଗୁପ୍ତ ତ୍ରିପାଠୀ, ସମ୍ପାଦକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଉପସଭାପତି ଗିରିଧାରୀ ପାଣିଗ୍ରାହୀ, ସହସମ୍ପାଦକ କିଶାନ ମେହେର, କୋଷାଧ୍ୟକ୍ଷ ଜୟପ୍ରକାଶ ନାଏକଙ୍କ ସମେତ ସତ୍ୟନାରାୟଣ ପଧାନ,ରାଜେଶ ମେହେର, ଦେବାଶିଷ ପଣ୍ଡା, ରାଜେଶ ଜେନା, କିରଣ କୁମାର ମିଶ୍ର ପ୍ରମୁଖ କମିଟିରେ ସାମିଲ ହୋଇଥିଲେ। ପରାମର୍ଶ କମିଟିରେ ରସାନନ୍ଦ ଥପା, ସତ୍ୟ ପ୍ରଧାନ, ମନୋଜ ସାହୁ, ସମ୍ପୂର୍ଣ୍ଣ ଭୋଇ, ଅଶୋକ ପଣ୍ଡା, ସରୋଜ ତ୍ରିପାଠୀ, ଗୋକୁଳ ଗହିର, ସନ୍ତୋଷ ଗୁପ୍ତା, ଗୋପେନ୍ଦ୍ର ସାହୁ, ଚତୃଭୁଜ ସା ପ୍ରମୁଖ ମନୋନୀତ ହୋଇଥିଲେ। ପ୍ରଶାନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ଲାଷ୍ଟିକ ମୁକ୍ତ ଦେବଦର୍ହା ପାଇଁ ଅଭିଯାନ



ପଦ୍ମପୁର,୧୬ ।୧(ସମିସ): ବନାଞ୍ଚଳ କାର୍ଯ୍ୟାଳୟ ପଦ୍ମପୁର ତରଫରୁ ଦେବଦର୍ହାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଗୋଟିଏ ଛୋଟିଆ ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଲଖମରା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଲଖମରା ଗ୍ରାମର ପରିକ୍ରମା କରାଯାଇଥିଲା। ଏଥିରେ ପ୍ଲାଷ୍ଟିକମୁକ୍ତ ସ୍ଲୋଗାନ ସହିତ ସରୋଜ ପଣ୍ଡା , ରମେଶ ସାହୁ ଙ୍କ ସହିତ ସମସ୍ତ ବନ ଅଧିକାରୀ ଏବଂ ଲଖମରା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ପରେ ଦେବଦର୍ହା ଶୈବ ପୀଠଠାରେ ଏକ ସଭା ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରିବା ପାଇଁ ଗୋଟିଏ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ସରୋଜ ପଣ୍ଡା ପ୍ଲାଷ୍ଟିକର ପ୍ରକାରଭେଦ ସହିତ ପ୍ଲାଷ୍ଟିକ କିପରି ଆମ ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଛି ଓ ଥରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ଉପରେ ଗୁରୁତ୍ୱ ହେବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବରେ ମିନିକେତନ ସାହୁ, ସୁବାସ ସାହୁ ଓ ବାଳକୃଷ୍ଣ ନାଏକ ପ୍ରମୁଖ ଯୋଗଦାନ କରି ସଚେତନ କରିଥିଲେ। ବନାଞ୍ଚଳ ଅଧିକାରୀ ଶ୍ରୀ ରମେଶ ସାହୁ ପ୍ରଶ୍ନ ଉତ୍ତର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ନିୟମିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପରିଷ୍କାର ପାଇଁ ସାମାଜିକ କର୍ମୀଙ୍କ ଦାବି

ବରଗଡ଼,୧୬ ।୧(ସମିସ): ବରଗଡ଼ ସହରର ସୌନ୍ଦର୍ଯ୍ୟକରଣ ଆଗେଇ ଚାଲିଛି। ଏହିସବୁ ଭିତରେ ବରଗଡ଼ ସହରରେ ସ୍ଥାପନ ହୋଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଗୁଡ଼ିକ ଅପରିସ୍କାର ଭାବେ ରହୁଛି। କେବଳ ବରପୁତ୍ରଙ୍କ ଜୟନ୍ତୀ ଶ୍ରାଦ୍ଧ ବାର୍ଷିକୀ ଓ ଉତ୍ସବ ସମୟରେ ପ୍ରଶାସନ ପକ୍ଷରୁ ସଫା କରାଯାଇ ଫୁଲହାର ଦିଆଯାଉଛି। ଅନ୍ୟଦିନରେ ମହାପୁରୁଷମାନେ ଅବହେଳିତ ହୋଇପଡ଼ୁଛନ୍ତି । ଏହାକୁ ଦେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି ବରଗଡ଼ର କିଛି ସଚେତନ ନାଗରିକ। ନିୟମିତ ଭାବରେ ମହାପୁରୁଷଙ୍କ ପ୍ରତିମା ଗୁଡିକ ସଫା କରିବା ସହିତ ସମ୍ମାନ ଜଣାଇବା ପାଇଁ ଜଣାଶୁଣା ସମାଜସେବୀ ସୁବ୍ରତ ବିର୍ତ୍ତିଆ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀସାହୁ ନିୟମିତ ପରିସ୍କାର କରିବା ପାଇଁ ସାମାଜିକ କର୍ମୀ ଶ୍ରୀ ବିର୍ତ୍ତିଆଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର



ବରଗଡ଼/ଅମ୍ବାଭୋନା,୧୬ ।୧(ସମିସ): ସର୍ବଭାରତୀୟ କୃଷକ ସଂଗଠନର ଆହ୍ୱାନ କ୍ରମେ ଆଜି ଅମ୍ବାଭୋନା ବ୍ଲକ ଅଧୀନ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନ ଓ ବାରପାହାଡ଼ କୃଷକ ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ଅମ୍ବାଭୋନା ବ୍ଲକ୍ ଏବିଡିଓ ସରୋଜ କୁମାର ପଧାନଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଶ୍ରମିକ ବିରୋଧୀ ଶ୍ରମ କୋଡ୍‌ଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର ଓ ବାତିଲ କରିବା, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାକୁ ସୁରକ୍ଷିତ ରଖିବା, 'ରାମ୍‌ଜୀ' ଆଇନ-୨୦୨୫ ବାତିଲ କରାଯିବା, ବିହନ ବିଲ୍ -୨୦୧୫ ପ୍ରତ୍ୟାହାର, ୩୦୦ ୟୁନିଟ ମାଗଣା ବିଦ୍ୟୁତ୍ ପ୍ରଦାନ ଓ ଓଡ଼ିଶାରେ ଧାନ କ୍ରୟ ସଂକଟର ତୁରନ୍ତ ସମାଧାନ ଦାବି କରାଯାଇଛି। ଠାକୁର ରାମ ପଟେଲଙ୍କ ନେତୃତ୍ୱରେ ସଂପାଦକ ଇମାନୁଏଲ ଦତ୍ତ ରଣବୀର, ଇସାନ ଚନ୍ଦ୍ର ଭୋଇ, ପ୍ରକାଶ ଚନ୍ଦ୍ର ବେହେରା, ରାଜେନ୍ଦ୍ର ଦେହେରୀ, ରାମ କୁମାର ନାୟକ, ତୋଷରାମ ପଧାନ, ରୁଷିଚରଣ ନାଏକ, ମନୋରଞ୍ଜନ ବାରିକ, ଭୁଜସାହୁଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ବରପାଲି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ




ବରପାଲି,୧୬ ।୧(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ମହିଳା ଆତ୍ମସୁରକ୍ଷା ଶିବିର ଜୟନ୍ତୀ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟାପିକା ନତାଷା ସିକନ୍ଦର ସଭାକୁ ପରିଚାଳନା କରିଥିଲେ। ସୁଶିଲ କୁମାର ଶତପଥୀ, ଅଧ୍ୟାପକ ଧୀରୋଜ କୁମାର ତ୍ରିପାଠୀ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଲେଖ କୁମାର ମହାନନ୍ଦ, ଅଧ୍ୟାପକ ଉତ୍ତର କୁମାର ଗଡତିଆ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଛାତ୍ରୀ ଶୁଭଶ୍ରୀ ନାଗ୍ ଧନ୍ୟବାଦ ଦେଇଥିଲେ।

# ମୁଖ କର୍କଟରେ ବ୍ୟବସାୟୀ ମୃତ

ଅତାବିରା,୧୬ ।୧(ସମିସ): ପାନମ ସମଲା, ଗୁଟଖା, ତମାଖୁ କେତେ ଯେ ଭୟାନକ ମଣିଷ ଶେଷ ସମୟରେ ଜାଣେ। ମୁଖ କର୍କଟ ରୋଗରେ ଆକ୍ରାନ୍ତ ଅତାବିରା ଏନ୍‌ଏସି ଭିଏସ୍‌ଏସ୍ ନଗର ବାସିନ୍ଦା ମିତେଶ ଗଣତ୍ରା,ପିଣ୍ଟୁ(୫୧)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ଗୁରୁବାର ରାତିରେ ପରଲୋକ ଘଟିଛି। ସେ ଦୀର୍ଘ ୩୦/୩୫ ବର୍ଷ ହେଲା ଗୁଟ୍‌ଖା, ପାନମସଲା ଖାଇ ଆସୁଥିଲେ। ଗତ ୨ ବର୍ଷ ତଳେ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା, ଭୁବନେଶ୍ୱର, ମୁମ୍ବାଇ ଠାରେ ଚିକିତ୍ସିତ ହୋଇ ଆସୁଥିଲେ। ପୁତ୍ର ରାଘବ ମୁଖାଗ୍ନି ଦେଇଥିଲେ। ସରସ୍ୱତୀ କମ୍ପ୍ଲେକ୍ସରେ ଦୋକାନ ଦେଇଥିଲେ।



# ଘେସ୍ ରେଞ୍ଜରେ ବନାଗ୍ନି ସଚେତନତା ସଭା

ପଦ୍ମପୁର,୧୬ ।୧(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଘେଁସ ରେଞ୍ଜ ଅଧୀନସ୍ଥ ଦିପ୍ତିପୁର ସେକ୍ସନର ବିଭିନ୍ନ ଗାଁରେ ଜଙ୍ଗଲ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନିମନ୍ତେ ବନପାଳ ସୁଶାନ୍ତ ଦାଶଙ୍କ ନେତୃତ୍ୱରେ ଜଙ୍ଗଲରେ ଅଗ୍ନିକାଣ୍ଡ ପ୍ରତିରୋଧ ଓ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଛି। ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଲାଗୁଥିବା ଅଗ୍ନିକାଣ୍ଡକୁ ରୋକିବା ଓ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ସଭାରେ ବନ ବିଭାଗର କର୍ମଚାରୀମାନେ ଜଙ୍ଗଲ ଅଗ୍ନିକାଣ୍ଡର କାରଣ, ତାହାର କୁପ୍ରଭାବ ଓ ପ୍ରତିରୋଧ ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅନାବଶ୍ୟକ ଭାବରେ ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲ ମାର୍ଗରେ ଜ୍ୱଳନଶୀଳ ବସ୍ତୁ ଫିଙ୍ଗିବାରୁ ବିରତ ରହିବା ଓ ଅଗ୍ନିକାଣ୍ଡ ଦେଖିଲେ ତୁରନ୍ତ ବନବିଭାଗକୁ ସୂଚନା ଦେବା ପାଇଁ ଗ୍ରାମବାସୀଙ୍କୁ କୁହାଯାଇଛି। ବମରିତ ବନ ସୁରକ୍ଷା ସମିତି, ଜାମଖାରୀ ବିଟ, ବଞ୍ଜାପାଲି ବନ ସୁରକ୍ଷା ସମିତି, ଭାଲୁକନା, ହଲକା ଦାଦର ଆଦି ଗାଁରେ ଅନୁଷ୍ଠିତ ସଚେତନତା ସଭାରେ ବିଭିନ୍ନ ବନ ସୁରକ୍ଷା ସମିତି ସଦସ୍ୟ, ଗ୍ରାମବାସୀ ଓ ବନ କର୍ମଚାରୀ ବନରକ୍ଷୀ ତେଜସ୍ୱିନୀ ସାହୁ, ଅଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ୍ୟୁପରେ ଶରୀର ଦାନକଲେ ପରିବାର ବର୍ଗ



ଅତାବିରା,୧୬ ।୧(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଖରମୁଣ୍ଡା ପଞ୍ଚାୟତ ବଡଙ୍ଗାପାଲି ଗ୍ରାମର ପ୍ରଫୁଲ୍ଲ ଦୋରା(୯୦)ଙ୍କ ମୃତ ଶରୀରକୁ ପରିବାର ବର୍ଗ ବୁର୍ଲା ଭୀମ୍‌ସାରକୁ ମେଡିକାଲ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଦାନ କରିଛନ୍ତି। ପ୍ରଫୁଲ୍ଲ ଶେଷ ସମୟ ପାଇଁ ଚଳ ପ୍ରଚଳ କରୁଥିଲେ। ଶୁକ୍ରବାର ସକାଳେ ଗାଧୋଇ ସାରିବାପରେ ଦେହ ଭଲ ଲାଗୁ ନଥିବା କହିଥିଲେ। ପରିବାର ଲୋକେ ତାଙ୍କୁ ଜୁସ୍ ଦେଇଥିଲେ। ଅପରାହ୍ଣରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ୨୦୧୩ ମସିହାରେ ନିଜ ମୃତଶରୀର ଦାନ ପାଇଁ ବୁର୍ଲା ମେଡିକାଲରେ ସ୍ୱକୃତୀ ପତ୍ର ଦେଇଥିଲେ। ଶୁକ୍ରବାର ତାଙ୍କ ପରଲୋକ ହେବାପରେ ତାଙ୍କ ତିନି ପୁଅ ସନ୍ୟାସ, ଦିଲୀପ, ଇନ୍ଦ୍ରଜିତ ବୁର୍ଲା ଭୀମ୍‌ସାର ଏନାଟୋମି ବିଭାଗକୁ ହସ୍ତାନ୍ତର କରିଥିଲେ। ଅନ୍ତିମ ସଂସ୍କାର ପାଇଁ ମୃତ ପ୍ରଫୁଲ୍ଲଙ୍କ ବାଳ, ନଖ ଭୀମସାର ପକ୍ଷରୁ ଦିଆଯାଇଥିଲା।

### ଚିଚୋଲି-ପ୍ରକାଶପୁର ମୁଖ୍ୟ ରାସ୍ତା ଅବରୋଧ

# ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ଅମ୍ବାଭୋନା,୧୬ ।୧(ସମିସ):

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଚିଚୋଲି-ପ୍ରକାଶପୁର ଠାରୁ ଆବାହନ କାଳରୁ ରହିଥିବା ମୁଖ୍ୟ ଆର. ଡି. ରାସ୍ତାର ଦୀର୍ଘଦିନର ଅବରୋଧ ବର୍ତ୍ତମାନ ସମଗ୍ର ଅଞ୍ଚଳବାସୀଙ୍କ ମଧ୍ୟରେ ଭୟଙ୍କର ଅସନ୍ତୋଷର କାରଣ ସାଜିଛି। ରାସ୍ତା ଅବରୋଧ କେବେ ହଟିବ? ଏହି ପ୍ରଶ୍ନ ଆଜି ଘରେ ଘରେ, ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଥାଉ କି, ଅମ୍ବାଭୋନା ବ୍ଲକ୍ କାର୍ଯ୍ୟାଳୟରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ରାସ୍ତାଟି ୨୦୨୪ ଫେବୃଆରୀ ମାସରୁ ଅବରୋଧ ହୋଇ ରହିଛି। ଏହି ରାସ୍ତା ମାଧ୍ୟମରେ ପାଞ୍ଚୋଟି ପଞ୍ଚାୟତର ଅନେକ ଗ୍ରାମ ସହିତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସାରଙ୍ଗଡ଼ ଜିଲ୍ଲା ଅଧୀନ ବରମକେଲା ଆଦି ଅଞ୍ଚଳକୁ ସଂଯୋଗ ରହିଛି। ରାସ୍ତା ଅବରୋଧ ଯୋଗୁଁ ଦୈନନ୍ଦିନ ବସ୍ ଚଳାଚଳ ଓ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବ୍ୟାଘାତ ହୋଇଛି। ଏପରିକି ଆନ୍ତଃରାଜ୍ୟ ସଂଯୋଗରେ ମଧ୍ୟ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ବ୍ଲକ କାର୍ଯ୍ୟାଳୟ ନିକଟରେ ଏପରି ଅବରୋଧ ଥିବା ସତ୍ତ୍ୱେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ତୀବ୍ର ପ୍ରଶ୍ନ ଉଠୁଛି। ଆଶ୍ଚର୍ଯ୍ୟର କଥା, ଏହି ଦୁଇବର୍ଷ ମଧ୍ୟରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ୧୫ରୁ ଅଧିକ ଥର ଅଭିଯୋଗ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ମିଳିନାହିଁ। ଜିଲ୍ଲା ପ୍ରଶାସନ ଦ୍ୱାରା ବହୁବାର ରାଜସ୍ୱ ନିରୀକ୍ଷକ ଓ ତହସିଲଦାରଙ୍କ ଦ୍ୱାରା ଜିଲ୍ଲା ପୁଲିସ ପ୍ରଶାସନର ଉପସ୍ଥିତିରେ ସୀମା ଚିହ୍ନଟ କରାଯାଇଥିଲେ ମଧ୍ୟ ଅବରୋଧ ହଟାଇବାରେ ବିଫଳତା ପ୍ରଶାସନର କାର୍ଯ୍ୟକୁଶଳତାକୁ ପ୍ରଶ୍ନବିଦ୍ଧ କରୁଛି। ସାଧାରଣ ଜନତାଙ୍କ ଧନଜୀବନ ସୁରକ୍ଷା ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ଏହି ମୁଖ୍ୟ ରାସ୍ତାର ଅବରୋଧ ହଟାଯାଉ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶାସନଙ୍କୁ ଜୋରଦାର ଦାବି ଜଣାଯାଇଛି।



ସକାଳ THE SAKALA



## ଅନ୍ନଦାତାଙ୍କ ସମସ୍ୟା ସମାଧାନ ଦାବି ଜୋର ଧରିଲା

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଦାବିକଲେ ରେଙ୍ଗାଲି ବିଧାୟକ

ସମ୍ବଲପୁର, ୧୬।୧ (ସମିସ)

ସମଗ୍ର ରାଜ୍ୟ, ବିଶେଷ କରି ସମ୍ବଲପୁର ଜିଲ୍ଲାରେ ଚାଷୀମାନେ ଚଳିତ ଖରିଫ୍ ଧାନ ବିକ୍ରୟ ସମୟରେ ଟୋକନ ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଚାଷୀ ବିରୋଧୀ ନୀତି ଆପଣାଉଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏପରିସ୍ଥଳେ ଅନ୍ନାଦାତାଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟପାଳ ହସ୍ତକ୍ଷେପ




କରିବାକୁ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଦାବି ଜଣାଇଛନ୍ତି। ବିଧାୟକଙ୍କ ନେତୃତ୍ୱରେ ରେଙ୍ଗାଲି ଅଧିବାସୀ ତଥା ଶତାଧିକ ବିଜେଡି କର୍ମୀ ଜେଲ ଛକରୁ ରାଲିରେ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପୂର୍ବରୁ ଜେଲ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଶ୍ରୀ ହରିପାଲ ମାଲ୍ୟାର୍ପଣ କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ କଳକାରଖାନାରେ ସ୍ଥାନୀୟ ନିଯୁକ୍ତି ଓ ପ୍ରଦୂଷଣମୁକ୍ତ ରେଙ୍ଗାଲି ସକାଶେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଏକ ବୈଠକ ଡାକିବାକୁ ସମ୍ବଲପୁର ଜିଲ୍ଲାପାଳଙ୍କଠାରେ ଦାବି ଜଣାଇଥିଲେ।

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ର ଅନୁଯାୟୀ, ସମଗ୍ର ରାଜ୍ୟରେ, ବିଶେଷକରି ସମ୍ବଲପୁର ଜିଲ୍ଲାରେ, ଧାନ କ୍ରୟ ଏବଂ ବିକ୍ରୟରେ ଏକ ଅଭୂତପୂର୍ବ ଅଚଳାବସ୍ଥା ଦେଖାଦେଇଛି। ଏହି ପରିସ୍ଥିତି ଯୋଗୁଁ, ଅନ୍ନଦାତାମାନେ ଘୋର ସଙ୍କଟ, ବ୍ୟାପକ ଶୋଷଣ ଏବଂ ପ୍ରତ୍ୟେକ କ୍ଷେତ୍ରରେ ବହୁବିଧ କଷ୍ଟର ସମ୍ମୁଖୀନ ହେଉଛନ୍ତି। ବରଗଡ଼ ଧନୁଯାତ୍ରା ଦରବାର ଏବଂ ସୋନପୁର ମହିମା ସ୍ୱର୍ଣ୍ଣ ମହୋତ୍ସବ ସମୟରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି। ସେ ସମଗ୍ର ରାଜ୍ୟକୁ ଖାଦ୍ୟ ଯୋଗାଉଥିବା ଚାଷୀମାନଙ୍କୁ 'ଯମରାଜଙ୍କ ଏଜେଣ୍ଟ' ବୋଲି ଉଲ୍ଲେଖ କରିଥିଲେ। ମନ୍ତ୍ରୀଙ୍କ ଉପସ୍ଥିତିରେ ନିରୀହ ଚାଷୀମାନଙ୍କୁ ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା। ଅନ୍ୟପକ୍ଷରେ, ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି ଯେ ୧୫୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିବା ପରେ ଚାଷୀମାନେ ବୋନସ୍ ପାଇବେ ନାହିଁ। ଏହା ଚାଷୀ ସମାଜ ମଧ୍ୟରେ ବଡ଼ ଅସୁବିଧା ସୃଷ୍ଟି କରିଛି। ମନ୍ତ୍ରୀମାନଙ୍କ ଏପରି ଆଚରଣ ଏବଂ ବୟାନ ସମଗ୍ର ରାଜ୍ୟରେ ଆଇନ ଅମାନ୍ୟତା ଏବଂ ଅଶାନ୍ତିର ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶକୁ ମଧ୍ୟ ସରକାରୀ ଅଧିକାରୀମାନେ ଖୋଲାଖୋଲି ବେଖାତିର କରୁଛନ୍ତି। ନିର୍ଦ୍ଦେଶ ସତ୍ତ୍ୱେ, ୮ଟି ଜିଲ୍ଲାରେ ଧାନ କ୍ରୟ ମଣ୍ଡି ଖୋଲାଯାଇ ନାହିଁ। ସମଗ୍ର ଓଡ଼ିଶାରେ, ବିଶେଷକରି ପଶ୍ଚିମାଞ୍ଚଳରେ,



ଚାଷୀମାନେ ଆବଶ୍ୟକ ଅନୁଯାୟୀ ଟୋକନ୍ ପାଉନାହାଁନ୍ତି। ବିଜେପି ଏହାର ନିର୍ବାଚନ ଇସ୍ତାହାରରେ କଟ୍‌ନୀଛଟ୍‌ନୀ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ କ୍ଷମତାକୁ ଆସିବା ପରେ ସେମାନେ ଏହି ପ୍ରତିଶ୍ରୁତିକୁ ପାଳନ କରୁନାହାନ୍ତି। ଚାଷୀମାନେ ବ୍ୟାପକ ଶୋଷଣର ଶିକାର ହେଉଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ, ଧାନ ସଂଗ୍ରହ ପାଇଁ ଦେୟ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବା କଥା ଥିଲା, କିନ୍ତୁ ଏହା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ପ୍ରତ୍ୟେକସ୍ତରରେ ଗୁରୁତର ଅନିୟମିତତା ହେଉଛି। ତେଣୁ, ଚାଷୀମାନଙ୍କୁ ନ୍ୟାୟ ସୁନିଶ୍ଚିତ କରିବା, ଧାନ ସଂଗ୍ରହ ଏବଂ ବିକ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଏବଂ ସୁରକ୍ଷିତ କରିବା ଏବଂ ଚାଷୀଙ୍କପ୍ରତି ମନ୍ତ୍ରୀମାନଙ୍କ ପ୍ରତିକୂଳ ଏବଂ ସମ୍ବେଦନହୀନ ମନୋଭାବ ଯୋଗୁଁ ବିପର୍ଯ୍ୟସ୍ତ ଶୃଙ୍ଖଳା ଫେରାଇ ଆଣିବା ପାଇଁ ବିଧାୟକ ଶ୍ରୀ ହରିପାଲ ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ଅନୁରୋଧ ଜଣାଇଛନ୍ତି।

## ସ୍ଥାନୀୟ ନିଯୁକ୍ତି ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ବୈଠକ ଦାବି

ସମ୍ବଲପୁର, ୧୬।୧ (ସମିସ) : ସ୍ଥାନୀୟ ନିଯୁକ୍ତି ସୁନିଶ୍ଚିତ କରିବା ପାଇଁ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ଶିଳ୍ପାନୁଷ୍ଠାନ ମୁଖ୍ୟଙ୍କୁ ନେଇ ବୈଠକ ଡକାଇବାକୁ ସମ୍ବଲପୁର ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ଦାବିପତ୍ର ଅନୁଯାୟୀ, ଗତବର୍ଷ ଡିସେମ୍ବର ୧୬ ତାରିଖରେ ହୋମଗାର୍ଡ ପଦବୀ ପାଇଁ ଲିଖିତ ପରୀକ୍ଷା ହୋଇଥିଲା। ଏହି ପଦ ପାଇଁ ସର୍ବନିମ୍ନ ଯୋଗ୍ୟତା ଥିଲା ପଞ୍ଚମ ଶ୍ରେଣୀ। ୧୮୭ ପଦ ପାଇଁ ହୋମଗାର୍ଡ ନିଯୁକ୍ତି ପରୀକ୍ଷାରେ ସ୍ନାତକୋତ୍ତର, ସ୍ନାତକୋତ୍ତର ଏବଂ ଅଣ୍ଡର ସ୍ନାତକୋତ୍ତର ସମେତ ବି ଟେକ୍, ଏମ୍ ଟେକ୍, ଏମବିଏ, ବିବିଏ, ବିସିଏ ସମେତ ପ୍ରାୟ ୧୦ ହଜାର ପ୍ରାର୍ଥୀ ଯୋଗଦେଇଥିଲେ। ଜିଲ୍ଲାର ଜମାଦାରପାଲି ଅଞ୍ଚଳରେ ଖୋଲା ଆକାଶ ତଳେ ଏୟାରଷ୍ଟ୍ରିପରେ ଲିଖିତ ପରୀକ୍ଷା ଦେଉଥିବା ପ୍ରାର୍ଥୀଙ୍କ ଡ୍ରୋନ୍ ଦୃଶ୍ୟ ଜାତୀୟ ଗଣମାଧ୍ୟମ ଦ୍ୱାରା ପ୍ରଦର୍ଶିତ ହୋଇଥିଲା, ଯାହା ସାରା ଦେଶରେ ଆଲୋଚନା ହୋଇଥିଲା। ଭାଇରାଲ୍ ଭିଡିଓରୁ ଜିଲ୍ଲାର ବେକାରୀ ସ୍ଥିତି ଭଲ ଭାବରେ ଅନୁମାନ କରାଯାଇପାରିବ। ବିଧାୟକ ଶ୍ରୀ ହରିପାଲ କହିଛନ୍ତି, ରେଙ୍ଗାଲି ନିର୍ବାଚନମଣ୍ଡଳୀ ଏବଂ ପଡ଼ୋଶୀ ଅଞ୍ଚଳରେ ବଡ଼, ମଧ୍ୟମ ଏବଂ ଛୋଟ ସମେତ ଅନେକ ଶିଳ୍ପ ଅଛି ଏବଂ ବିଭିନ୍ନ ଖଣି ମଧ୍ୟ ଅବସ୍ଥିତ। ହୋମଗାର୍ଡ ନିଯୁକ୍ତି ପରୀକ୍ଷାରୁ ସ୍ଥାନୀୟ ନିଯୁକ୍ତି ପ୍ରତି ଶିଳ୍ପ ଗୃହଗୁଡ଼ିକର ଉଦାସୀନ ମନୋଭାବ ବିଷୟରେ ସହଜେ ଅନୁମେୟ। ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି ପ୍ରତି ମନୋଭାବକୁ ନେଇ ଶିକ୍ଷିତ ବେକାର ଯୁବକ ଯୁବତୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ ଏବଂ ସମ୍ପ୍ରତି ବିଭିନ୍ନ ଶିଳ୍ପ ଏବଂ ଖଣି ସ୍ଥାପନ ଯୋଗୁଁ ରେଙ୍ଗାଲି ନିର୍ବାଚନମଣ୍ଡଳୀର ଅନେକ ବାସିନ୍ଦା ଦୁଇଥର ବିସ୍ଥାପନର ସମ୍ମୁଖୀନ ହୋଇଛନ୍ତି ଏବଂ ଦୟନୀୟ ଜୀବନଯାପନ କରୁଛନ୍ତି। ଏହା ବ୍ୟତୀତ, ନିର୍ବାଚନମଣ୍ଡଳୀର ବାସିନ୍ଦାମାନେ ବ୍ୟାପକ ପ୍ରଦୂଷଣ ଯୋଗୁଁ ଗୁରୁତର ଭାବରେ ପ୍ରଭାବିତ ହେଉଛନ୍ତି। ଏଭଳି ପରିସ୍ଥିତିରେ, ରେଙ୍ଗାଲି ନିର୍ବାଚନମଣ୍ଡଳୀର ସମସ୍ତ ଶିଳ୍ପ ଏବଂ ଖଣି ମୁଖ୍ୟଙ୍କୁ ନେଇ ଏକ ବୈଠକ ଡାକିବାକୁ ଶ୍ରୀ ହରିପାଲ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି ଯାହାଦ୍ୱାରା ସ୍ଥାନୀୟ ନିଯୁକ୍ତି ଏବଂ ପ୍ରଦୂଷଣ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ସହିତ ସିଏସ୍‌ଆର୍ କାର୍ଯ୍ୟକଳାପ ନିଶ୍ଚିତ କରାଯାଇପାରିବ। ସମ୍ବଲପୁର ଜିଲ୍ଲାପାଳଙ୍କୁ ସାତ ଦିନ ମଧ୍ୟରେ ବୈଠକ ଡାକିବାକୁ ସେ ଅନୁରୋଧ କରିଛନ୍ତି।

## ଭୋଜପୁରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ଜମନକିରା, ୧୬।୧(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଭୋଜପୁର ଠାରେ କୁଚିଣ୍ଡା ପୂର୍ତ୍ତ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଛଅଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଶୁଭ ଉଦ୍‌ଘାଟନ କରିଥିଲେ। ଓ ପଣ୍ଡିତ ରାଣା ପ୍ରତାପ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ପ୍ରତ୍ୟୋକ ଦିନ ଗାଁ ରୁ ଶହ ଶହ ଲୋକମାନେ ବିଭିନ୍ନ କାମ ରେ ବାହାରି ଯାଆନ୍ତି। କୁଚିଣ୍ଡା, ଜମନକିରା, ସମ୍ବଲପୁର କେମିତି ଲୋକମାନେ ଗମନାଗମନର ସୁବିଧା ପାଇଁ ୪୩୪୫.୭୮ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ଓ ଉଦଘାଟନ କରିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ଭୋଜପୁର - ଜମନକିରା ରାସ୍ତାର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ, ଫାସିମାଲ-କୁଚିଣ୍ଡା ରାସ୍ତା ଭାୟା-ଧୂଡିପାଲି ରାସ୍ତା ପ୍ରଶସ୍ତୀକରଣ ଓ ସଶକ୍ତିକରଣ ଜାତୀୟ ରାଜପଥ ୪୯ ଠାରୁ ଡ଼ିମିରିମୁଣ୍ଡା ରାସ୍ତା, ଭୋଜପୁର-ଲଇମୁରା ରାସ୍ତାରେ ସଡ଼ୋ ନାଳ ଉପରେ ସୁଉଚ୍ଚ ପୋଲ ନିର୍ମାଣ, କୁଚିଣ୍ଡା ସହର ବାହାର ଦେଇ ଯାଇଥିବା ପୁରୁଣା ପ୍ରଧାନ ରାସ୍ତା ଉଦ୍‌ଘାଟନ, ଫାସିମାଲ-ଲଇଡ଼ା ରାସ୍ତାରେ ବାଉଁଶଲଗା ନାଳ ଉପରେ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ ସ, ପୂର୍ତ୍ତବିଭାଗ ଅଧିକାରୀ ସଞ୍ଜୟ ନାଏକ, ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀ, ଜମନକିରା ବ୍ଲକ ସଂସଦ ପ୍ରତିନିଧି ରମେଶ ସାହୁ, ଗୁଣ୍ଡୁରୁଚୁଆ ମଣ୍ଡଳ ସଭାପତି ମନୋଜ କୁମାର ମାଝୀ, ଭୋଜପୁର ସରପଞ୍ଚ କର୍ପୁର ପାତ୍ର, ପୂର୍ବତନ ସରପଞ୍ଚ ଟିକେଶ୍ୱର ପାତ୍ର, ରିକି ଶର୍ମା, ସମାଜ ସେବୀ ନୃପଲାଲ ପଲେଇ, ଭିକୁ ନାୟକ, କ୍ଷୀରୋଦ ବାଘ, ରମେଶ ପଟେଲ ସଞ୍ଜୟ କୁମାର ଅଗ୍ରୱାଲ ଏବଂ ବିଭାଗିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ମନ୍ତ୍ରୀ ଭୋଜପୁର ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲେ।

## ବୁଢ଼ାରଜା ହାଇସ୍କୁଲର ବାର୍ଷିକ ଉତ୍ସବ 'ଉଲ୍ଲାସ'



ସମ୍ବଲପୁର, ୧୬।୧ (ସମିସ) : ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ 'ଉଲ୍ଲାସ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ରୂପେ ଅନିଲ ବେହେରା, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡ଼ିଶା ସାଂସ୍କୃତିକ ସମାଜର ପୂର୍ବତନ ସଭାପତି ପ୍ରଫୁଲ୍ଲ ହୋତା, ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରନ୍ ଶର୍ମା, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ତୁଳାରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦୀପ କୁମାର ପଣ୍ଡା, ଉଦିତ୍ ଚନ୍ଦ୍ର ପାଟଯୋଶୀ, ଫକୀର ମୋହନ ପ୍ରଧାନ, ଅସୀମ ପ୍ରଧାନ, ଆଶିଷ ସୋନାର, ଦିଲୀପ ଦେବ ଏବଂ ସୁଶାନ୍ତ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ତଥା ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ତନୟ କୁମାର ପ୍ରଧାନ ଓ ଗାୟତ୍ରୀ ଭୋଇ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ଆନୁବିନ୍ଦା ଦାଶ, ସୁଧାମୟୀ ପ୍ରଧାନ, ସୁଷମା ଖଡ଼ିଆ, ଫ୍ରିସ୍ମିତା ରାଣୀ ବିଶି ପୁରସ୍କାର ବିତରଣ କାର୍ଯ୍ୟ ସମ୍ପାଦନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଶିକ୍ଷକ ଅସୀମ ପ୍ରଧାନ ଓ ପୁଷ୍ପାଞ୍ଜଳି ମିଶ୍ରଙ୍କ ନିର୍ଦ୍ଦେଶନାକ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ, ଅନ୍ନପୂର୍ଣ୍ଣା ପୂଜାରୀ, ଅପର୍ଣ୍ଣା ପଣ୍ଡା, ସୁନୀତି ଧର, ଦିପ୍ତୀରାଣୀ ପଣ୍ଡା, ଶିକ୍ଷକ ମଦନ ମୋହନ ମାଝୀ, ସୁଜିତ ନାରାୟଣ ନାଏକ, ଭୋଳାନାଥ ବିଷୋୟୀ, ସୁବ୍ରତ ସାହୁ, ଗିରୀରାଜ ମୁଖୀ, ଜିତେନ୍ଦ୍ରିୟ ବେରିହା, କର୍ମଚାରୀ ବୁଦ୍ଧି ବାହାଦୁର, ଶିବ ପ୍ରଧାନ, ସତ୍ୟନାରାୟଣ ବାଗ୍ ପ୍ରମୁଖ ସହଯୋଗ କରିଥିଲେ।

## ବିଚ୍ଛାଲାଲ ରାମଚନ୍ଦ୍ରଗୁପ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜମନକିରା, ୧୬।୧(ସମିସ): ଜମନକିରା ବ୍ଲକ ଭୋଜପୁର ସ୍ଥିତ ବିଚ୍ଛାଲାଲ ରାମଚନ୍ଦ୍ରଗୁପ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଘାସିରାମ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷିତ ହୋଇ ନିଜର ଲକ୍ଷ୍ୟ ପଥରେ ଆଗେଇବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପିଏମ୍‌ଶ୍ରୀ ଷଣ୍ଢପଥର ଏସଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ ରାଜେନ୍ଦ୍ର କୁମାର ଜଗତ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ବିକାଶ ହେଲେ ସମାଜ ର ଉନ୍ନତି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ସମାଜ



ସେବୀ ନୃପଲାଲ ପଲେଇ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଡ଼ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ତପନ କୁମାର ଜୟପୁରିଆ ପରିଚାଳନା କରିଥିଲେ। ଗତ ବର୍ଷ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଚନ୍ଦ୍ରାସିନୀ। ମୁଣ୍ଡା, ୧୭ ବର୍ଷରୁ କମ ବ୍ୟାଡମିଣ୍ଟନ ରାଜ୍ୟ ଚାମ୍ପିଅନ ଜୟକୃଷ୍ଣ ଗଡ଼ିଆ ଓ ପ୍ରୟାସ ରଞ୍ଜନ ବାଘ, ମିତଶ ଖର୍ସେଲ, ବାର୍ଷିକ କ୍ରୀଡ଼ାରେ ବାଳକ ବିଭାଗରେ ଚାମ୍ପିଅନ ତୁଷାର ବାଘ, ରାମାନୁଜ କୁଜୁର, ବାଳିକା ବିଭାଗରେ ବନିତା ବଲୁଆ ସହ ଶ୍ରେଷ୍ଠ ଛାତ୍ର ଭାବରେ ଗଣେଶ ମୁଣ୍ଡା ସହ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହଯୋଗ କରିଥିଲେ ଖେଳ ଶିକ୍ଷକ ଦେବେନ୍ଦ୍ର ନାଏକ, ଶିକ୍ଷା ବିଭାଗ ଅଧ୍ୟାପିକା ସୁଭାଷିନୀ ଶତପଥି, ମୁଜମ ମହମ୍ମଦ, ଗଣେଶ କୁମାର ପଟେଲ, ରାଜୀବ କୁମାର ନାୟକ, ଅଲିଶା ରାଣୀ ପଲେଇ, ଦେବେନ୍ଦ୍ର ମହାକୁଲ, ନୃସିଂହ ଚରଣ ରୋହିଦାସ, ଶ୍ରୀବିଳାସ ପଟେଲ, କାମପାଳ ବାରିକ, ପଞ୍ଚାନନ କିସାନ, ଶ୍ରୀବତ୍ସ ଭଇସା ପ୍ରମୁଖ ସହଯୋଗ କରିଥିଲେ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଇଂଲିଶ ଅଧ୍ୟାପିକା ଅନିତା ପଟେଲ।

## ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଟାସ୍କଫୋର୍ସ ବୈଠକ

ସମ୍ବଲପୁର, ୧୬।୧ (ସମିସ) : ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବାଲ୍ୟ ବିବାହ ବନ୍ଦ କରିବା ଓ କିଶୋରୀ ସଶକ୍ତିକରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଡ୍‌ଏଟ୍ ଆକ୍ସନ ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଜିଲ୍ଲାରେ ବାଲ୍ୟ ବିବାହ ପ୍ରତିରୋଧ ଏବଂ କିଶୋରୀ ସଶକ୍ତିକରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଜିଲ୍ଲାରେ ଶିଶୁ ମାନଙ୍କ ପାଇଁ ଯୋଗାଇ ଦିଆଯାଇଥିବା ଯତ୍ନ ଓ ସୁରକ୍ଷା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଭିକ୍ଟର ସୋରେଙ୍ଗ ମହାନଗର ନିଗମର ବିଭିନ୍ନ ୱାର୍ଡକୁ କିପରି ଭାବରେ ଶିଶୁ ସୁଲଭ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ଜିଲ୍ଲାରେ ଅଧାରୁ ପାଠ ଛାଡ଼ିଥିବା ଶିଶୁ ମାନଙ୍କୁ




ପୁଣିଥରେ ମୁଖ୍ୟସ୍ରୋତକୁ ଫେରାଇ ଆଣିବାପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ତଥା ପ୍ରୋଟେକ୍ସନ୍ ଅଧିକାରୀ ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶେଷରେ ଜିଲ୍ଲା ସଂଯୋଜକ ଛଟେଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଇଁ ପ୍ରସ୍ତୁତି

ସମ୍ବଲପୁର, ୧୬।୧ (ସମିସ) : ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଆଗାମୀ ୨୩ ତାରିଖରେ ହେବାକୁ ଥିବା ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ସକାଶେ ହୋଇଥିବା ବିଭିନ୍ନ ଯୋଜନା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ୧୭ ଓ ୧୮ ତାରିଖ ସ୍କୁଲ ତଥା କଲେଜସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯିବ। ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଦିନ ୨୩ ତାରିଖ ସକାଳେ ଜେଲ୍‌ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ମାଲ୍ୟାର୍ପଣ କରାଯିବ। ଏହାପରେ ସେଠାରୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ପୂର୍ବତନ ସୈନିକ ସଂଘ ତଥା ବିଭିନ୍ନ ଅନୁଷ୍ଠାନର ସଭ୍ୟସଭ୍ୟା ତଥା ବୀରବେଶ ପ୍ରତିଯୋଗୀମାନେ ଏକ ପଦଯାତ୍ରାରେ ବାହାରି କଚେରି ଛକସ୍ଥିତ ସହିଦ ସ୍ତମ୍ଭ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ପୁଣି ଜେଲ ଛକକୁ ଫେରିବେ। ଏହାପରେ ଜେଲଛକ ସ୍ଥିତ ଆହାର କେନ୍ଦ୍ରରେ ବୀରବେଶ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଓଡ଼ିଶା ସାଂସ୍କୃତିକ ସମାଜ ସ୍ୱାଧୀନତା ସଂଗ୍ରାମୀ କକ୍ଷରେ ଜୟନ୍ତୀ ସଭା ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟସ୍ତରୀୟ ମନ୍ତ୍ରୀ, ସମ୍ବଲପୁର ବିଧାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଲୋଚନାରେ ରତ୍ନ ଭୂଷଣ ପୁରୁଷୋଠ, କବିତା ପୁରୋହିତ, ରାମାନୁଜ ପଣ୍ଡା, ଅଖିଳ ରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର ତ୍ରିପାଠୀ, ପ୍ରମୋଦ ପଟ୍ଟନାୟକ, କୈଳାଶ ମିସ୍ତ୍ରୀ, ଶିବ ଷଡ଼ଙ୍ଗୀ, କୈଳାଶ ପଣ୍ଡା, ସୁବାସ ପାଣିଗ୍ରାହୀ, ସୁରେନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଦିଲୀପ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶାଳ ଚାଷୀ ସମାବେଶ

ସମ୍ବଲପୁର, ୧୬।୧ (ସମିସ) : ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ୫ଟି ପଞ୍ଚାୟତ - ଲପଙ୍ଗା, କତରବଗା, ବୋମାଲୋଇ, ଘିଚାମୁରା ଓ ଜଙ୍ଗଲାର ପ୍ରାୟ ୪୫୦ ଜଣ ଚାଷୀଙ୍କୁ ନେଇ ଏକ ବିଶାଳ ଚାଷୀ ସମାବେଶ ଆୟୋଜନ କରାଯାଇଥିଲା। ସମାବେଶରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଅମ୍ରିତା ପଣ୍ଡା, ସହକାରୀ କୃଷି ଅଧିକାରୀ, ରେଙ୍ଗାଲି ପ୍ରିୟବ୍ରତ ଜେନା, କୃଷି ବିଜ୍ଞାନ କେନ୍ଦ୍ର ସମ୍ବଲପୁରର ରିସର୍ଚ୍ଚର ଆଣ୍ଡ ଡେଭଲପମେଣ୍ଟ ଡକ୍ଟର ପିଙ୍କି ସେଠ୍, ଜୀବିକା ମିଶନର ଜପା ମାଳି, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ରେଙ୍ଗାଲି ତନ୍ମୟୀ ଶାସନୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ସମସ୍ତ ପ୍ରକଳ୍ପ ଓ ଚାଷୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ଗୁଡ଼ିକ ବିଷୟରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଏଥିସହିତ ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ




ମୁରାରି ବିଶ୍ୱାଳ, ବୋମାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଆଦିତ୍ୟ ଆଲୁମିନିୟମର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଚାଷୀ ହେଉଛନ୍ତି ଆମ ଦେଶର ଅର୍ଣ୍ଣ ଦାତା, ତେଣୁ ଚାଷୀ ମାନଙ୍କର ଉନ୍ନତି ପାଇଁ ଆଦିତ୍ୟ ଆଲୁମିନିୟମ ସବୁବେଳେ ଶତଚେଷ୍ଟିତ ବୋଲି ଉଦବୋଧନ ଦେଇଥିଲେ। ମାନବ ସମ୍ବଳ ମୁଖ୍ୟ ବିନୋଦାନନ୍ଦ ଠାକୁର ଚାଷୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଦିତ୍ୟ ଆଡମିନ୍ ମୁଖ୍ୟ ପିୟୁଶୁ ରାଜଗୁରୁ ମଧ୍ୟ ଉପସ୍ଥିତ ଥିଲେ। ଉପ-ପ୍ରବନ୍ଧକ ସିଏସ୍‌ଆର୍ ମନୋରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସିଏସ୍‌ଆର୍ ମୁଖ୍ୟ ରବି ନିୱାସ୍ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିତ୍ୟ ଆଲୁମିନିୟମ ଚାଷୀ ମାନଙ୍କ ଉନ୍ନତି ପାଇଁ ଯେଉଁ କାର୍ଯ୍ୟମାନ ହାତକୁ ନେଉଛି ତାହାକୁ ସଚେତନ ମହଲରେ ପ୍ରଶଂସା କରାଯାଇଥିଲା।

## ରେମେଡ-ବରେଇପାଲି ଛକରୁ ହଟିଲା ଜବରଦଖଲ

# ଟ୍ରାଫିକ୍ ସମସ୍ୟାରେ ଆସିବ କି ସୁଧାର





ସମ୍ବଲପୁର, ୧୬।୧(ସମିସ)

ବାରମ୍ବାର ଦୁର୍ଘଟଣା ଘଟିଲା। ଶେଷରେ ଜିଲ୍ଲା ପ୍ରଶାସନ ଚେଇଁଲା। ବାଧ୍ୟ ହୋଇ ସରକାରୀ ମାଡି ବସିଥିବା ଦୋକାନୀକୁ ହଟାଇବାର ପ୍ରୟାସ କରିଲା। ଜବରଦଖଲ ହଟିଲେ ରାସ୍ତା ଜାମ ହେବନାହିଁ। ଫଳରେ ଦୁର୍ଘଟଣା କମିବ ବୋଲି ଆଶା ରଖିଛି ପ୍ରଶାସନ। ହେଲେ ସତରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ କି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁସାରେ ଗୁରୁବାର ରେମେଡ ଛକରେ ଜବରଦଖଲ ହଟାଯାଇଥିଲା। ଶୁକ୍ରବାର ପାଞ୍ଚଗଛିଆ-ରେମେଡ ଛକ ସର୍ଭିସ ରୋଡର ବରେଇପାଲି ଛକରେ ଜବରଦଖଲ ହଟାଇବା ପାଇଁ ପୁଲିସ, ଏସଏମସି ପହଞ୍ଚିଥିଲେ। ପରେ ସରକାରୀ ଜାଗା ମାଡି ବସିଥିବା ଦୋକାନ ଗୁଡ଼ାକୁ ଭାଙ୍ଗିଥିଲେ। ଉଚ୍ଛେଦ ପକ୍ରିୟା ବେଳେ ସ୍ଥାନୀୟରେ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ ବରେଇପାଲି ଥାନା ପୁଲିସ, ଏସଡିପିଓ, ଏସଏମସି ଏନଫୋର୍ସମେଣ୍ଟ ଟିମ୍ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୋକାନ ଗୁଡ଼ାକୁ ବୁଲଡୋଜର ସାହାର୍ଯ୍ୟରେ ଭଙ୍ଗା ଯାଇଥିଲା। ରାସ୍ତା ପ୍ରସ୍ତୁତି କରଣ, ଡ୍ରେନେଜ ସମସ୍ୟା ଓ ବିଶେଷ ଭାବେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ରାସ୍ତା ଉପରେ ମନଇଚ୍ଛା ଦୋକାନବଜାର ଗଢି ଉଠୁଛି। ଫଳରେ

### ଦୁର୍ଘଟଣାପ୍ରବଣ ଅଞ୍ଚଳ ରେମେଡ ଛକ

ରାସ୍ତା ପାଖକୁ ଲୋକେ ଗାଡ଼ି ପାର୍କି କରୁଛନ୍ତି। ଏଥି ପାଇଁ ଜାମ ପରିସ୍ଥିତି ଉପୁଜୁଛି। ୪ଦିନ ଭିତରେ ରେମେଡ ଛକରେ ଦୁଇଟି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଯାହା ଫଳରେ ଉଚ୍ଛେଦ ପକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଜବରଦଖଲ ହଟିବା ପରେ ଟ୍ରାଫିକ ସମସ୍ୟାର ସମାଧାନ ଆସିବକି। ଦୁର୍ଘଟଣା ପ୍ରବଣ ବରେଇପାଲି ଓ ରେମେଡ ଛକରେ ଦୁର୍ଘଟଣା ସଂଖ୍ୟା କମିବ କି। ସୂଚନା ଅନୁସାରେ ତ୍ରୁଟି ପୂର୍ଣ୍ଣ ଡିଜାଇନ ଲାଗି ବରେଇପାଲି ଓ ରେମେଡ ଛକରେ ଦୁର୍ଘଟଣା ଘଟୁଛି। ବରେଇପାଲି ଛକ ଏକା ସାଙ୍ଗକୁ ୮ଟି ରାସ୍ତାକୁ ସଂଯୋଗ ହୋଇଛି। ବରେଇପାଲି ଛକରେ ଟ୍ରାଫିକ ସିଗନାଲ ଲାଗିନାହି କି, ଟ୍ରାଫିକ କର୍ମଚାରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନାହି। ଫଳରେ ଟ୍ରାଫିକ ପୁଲିସ କୌଣସି କଡରେ ଛିଡ଼ା ହୋଇ ଟ୍ରାଫିକ ପରିଚାଳନା କରିଥାନ୍ତି। ଏପରିକି ଅନେକ ସମୟରେ କୌଣସି କର୍ମଚାରୀ ମଧ୍ୟ ନଥାନ୍ତି। ଅଇଁଠାପାଲି, ରେମେଡ ଉଭୟପଟରୁ ସର୍ଭିସ ରୋଡ, କ୍ଷେତରାଜପୁର ଓ ଡେଙ୍ଗସର୍ଗି ପଟରୁ ଲୋକ ମୁଖ୍ୟ ବରେଇପାଲି ଛକକୁ ହି ଆସିଥାନ୍ତି। ଜାତୀୟ ରାଜପଥ ୫୩ କଡ଼ରେ ବରେଇପାଲି ଛକ ଥିବାରୁ ଅଧିକାଂଶ ସମୟରେ ଜାମ ସହ ଦୁର୍ଘଟଣା ଘଟିଥାଏ। ହେଲେ ଜବରଦଖଲ ହଟିବା ପରେ ଏ ସମସ୍ୟ ଦୂର ହେବ ବୋଲି ଏନଫୋର୍ସମେଣ୍ଟ ଅଧିକାରୀ ସୂଚନା ଦେଇଛନ୍ତି। ଦୁଇ ଦିନ ପରେ ପୁଣି ବରେଇପାଲି-କ୍ଷେତରାଜପୁର ରାସ୍ତାରୁ ଉଚ୍ଛେଦ ପକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି।

### ଉଚ୍ଛେଦ ବେଳେ ଉତ୍ତେଜନା

ବରେଇପାଲି ଛକରେ ଜବରଦଖଲ ଉଚ୍ଛେଦ ବେଳେ ଆଜି ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୁଇ ଦିନ ବ୍ୟବଧାନରେ ଦୋକାନ ଖାଲି କରିବାକୁ କୁହାଯାଇଥିଲା। ପୂର୍ବରୁ ଯେତିକି ଦୋକାନକୁ ହଟାଇବାକୁ କୁହାଯାଇଥିଲା, ଆଜି ତାଠୁ ଅଧିକ ଦୋକାନ ଭଙ୍ଗା ଯାଇଥିଲା। ଫଳରେ ସ୍ଥାନୀୟ ଲୋକ ଏହାକୁ ବିରୋଧ କରି ରାସ୍ତ ରୋକ କରିଥିଲେ। ଉପଯୁକ୍ତ ସମୟ ନ ଦେଇ ସମ୍ବଲପୁର ମହାନଗର ନିଗମ ଜବର ଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ଫଳରେ ଦୋକାନୀ ମାନେ ବ୍ୟବସାୟ ହରାଇଛନ୍ତି। ସଙ୍ଗେ ସଙ୍ଗେ ଏପରି ନିର୍ଣ୍ଣୟ ବ୍ୟବସାୟିଙ୍କ ମୁଣ୍ଡରେ ଚଡକ ପଡ଼ିଥିବା ପ୍ରକାଶ କରିଛନ୍ତି। ଉତ୍ତେଜନା ପରେ ପୁଲିସ ପହଞ୍ଚି ବୁଝା ସୁଝା ପରେ ସମାଧାନ ହୋଇଥିଲା।

### ଦୁଇଛକରେ ହେବ ଅଣ୍ଡରପାସ

ବିଗତ ୪ ଦିନ ଭିତରେ ରେମେଡ ଛକରେ ଦୁଇଟି ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଏଥି ପାଇଁ ଜିଲ୍ଲା ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ରେମେଡ ଏବଂ ବରେଇପାଲି ଛକରେ ସଡ଼କ ସୁରକ୍ଷା ସମସ୍ୟା ଦୂର କରିବା ଓ ଦୁର୍ଘଟଣା ରୋକିବା ଉଦ୍ଦେଶ୍ୟରେ ଏକ ସବିଶେଷ ସଡ଼କ ସୁରକ୍ଷା ଅଡିଟ୍ କରାଯାଇଛି। ଏହି ଅଡିଟର ନିଷ୍କର୍ଷକୁ ଆଧାର କରି ଯାତାୟାତ ପ୍ରବାହ ସୁଗମ କରିବା ଏବଂ ସଡ଼କ ସୁରକ୍ଷା ବଢ଼ାଇବା ପାଇଁ ଦୀର୍ଘକାଳୀନ ସମାଧାନ ଭାବେ ରେମେଡ ଏବଂ ବରେଇପାଲି ଛକରେ ଦୁଇଟି ଭେହିକଲ୍ ଅଣ୍ଡରପାସ୍ ନିର୍ମାଣ କରିବାକୁ ଜିଲ୍ଲାପ୍ରଶାସନ ପ୍ରସ୍ତାବ ଦେଇଛି। ଏଥିସହ ତତ୍କାଳୀନ ଓ ଅସ୍ଥାୟୀ ବ୍ୟବସ୍ଥା ଭାବେ ଉକ୍ତ ସ୍ଥଳଗୁଡ଼ିକରେ ସଡ଼କ ଚିହ୍ନାଙ୍କନ କାର୍ଯ୍ୟ ସମ୍ପାଦନ କରାଯାଇଛି। ଯାନବାହାନ ଚଳାଚଳକୁ ମାର୍ଗଦର୍ଶନ କରିବା ପାଇଁ ପ୍ରତିଫଳକ ଷ୍ଟଡ୍ (ରିଫ୍ଲେକ୍ଟିଭ୍ ଷ୍ଟଡ୍) ସ୍ଥାପନ କରାଯାଇଛି, ଯାହା ରାତ୍ରି ସମୟରେ ଏବଂ ପ୍ରତିକୂଳ ପାଗରେ ଯାନବାହନ ଚାଳକମାନଙ୍କ ପାଇଁ ଦୃଶ୍ୟମାନତା ବଢ଼ାଇ ଯାତାୟାତ ନିର୍ଦ୍ଦେଶନାରେ ସହାୟକ ହେବ। ଏହା ସହିତ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନର ଏକ ବୈଷୟିକ ଦଳକୁ ଉକ୍ତ ସ୍ଥଳକୁ ପଠାଇ ସ୍ଥିତି ପୁନଃମୂଲ୍ୟାୟନ କରିଥିଲେ।

# ଆକାଶବାଣୀରେ ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମ



**ସମ୍ବଲପୁର, ୧୬।୧ (ସମିସ):** ଦକ୍ଷତା ବିକାଶ ଆୟୋଗ ପକ୍ଷରୁ କେନ୍ଦ୍ର ସରକାରଙ୍କ ସିଭିଲ ସର୍ଭିସ୍‌ରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରିବା ସହିତ ନାଗରିକ କୈନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ଏହି କ୍ରମରେ ଆଜି ଆକାଶବାଣୀ, ସମ୍ବଲପୁର କେନ୍ଦ୍ରରେ ଅନୁଷ୍ଠିତ ଏକ-ଦିବସୀୟ ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମରେ ଏନ୍.ଏ.ବି.ଏମ୍, ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାହୁ ଏବଂ ଆକାଶବାଣୀ, କଟକର ଜୟ କିଶୋର ନାଗର ମାଷ୍ଟର ଟ୍ରେନର ଭାବେ ଯୋଗଦାନ କରି ଆକାଶବାଣୀ, ସମ୍ବଲପୁର ଓ ରାଉରକେଲା ସମେତ ଏଫ୍‌ଏମ୍ ବରଗଡ଼, ସୁନ୍ଦରଗଡ଼ ଏବଂ ଦେବଗଡ଼ର ୩୨ ଜଣ ଅଧିକାରୀ ଏବଂ କର୍ମଚାରୀଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରର ନିର୍ଦ୍ଦେଶକ (ଅଭିଯାନ୍ତ୍ରିକୀ) ସନ୍ତୋଷ କୁମାର ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ମନୀଷ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରତିଭାଗୀ ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଶେଷରେ କ୍ଷେତ୍ରମଣି ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତପନ କୁମାର ପଟ୍ଟନାୟକ, ସତ୍ୟରଞ୍ଜନ ପଣ୍ଡା, ପ୍ରବୀଣ ଖଡ଼ିଆ, ଲଳିତା କେର୍କେଟା, ସୋମନାଥ ଜାଲ, ସୁଜିତ ବନଛୋର, ବୃନ୍ଦାବନ ସେଠ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସମ୍ଭାବ୍ୟ ଏ-୧ ଛାତ୍ରଛାତ୍ରୀ ଶିବିର 'ଲକ୍ଷ୍ୟ ୨.୦' ଉଦ୍‌ଯାପିତ

**ସମ୍ବଲପୁର, ୧୬।୧ (ସମିସ)**

ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ସମ୍ଭାବ୍ୟ ଏ-୧ ଛାତ୍ରଛାତ୍ରୀଙ୍କ ଦୁଇଦିନିଆ ଶିବିର 'ଲକ୍ଷ୍ୟ ୨.୦' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଝାରସୁଗୁଡ଼ାର ପୂର୍ବତନ ବିଇଓ ଯଶୋବନ୍ତ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଫଳ ହେବା ପାଇଁ କଠିନ ପରିଶ୍ରମ କରିବାସହ ଧ୍ୟାନକୈନ୍ଦ୍ରିତ (ଫୋକସ୍) ଆଭିମୁଖ୍ୟ ରଖିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଧନକଉଡ଼ା ବିଇଓ କରନ ଶର୍ମା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ଦୁଇଦିନିଆ ଶିକ୍ଷଣ ଶିବିରର ଅଭିଜ୍ଞତା ବିଷୟରେ କହିଥିଲେ। ଶେଷରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସତ୍ୟନାରାୟଣ ସାହୁ ଓ




ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ମଞ୍ଚ ସଞ୍ଚାଳନ କରିଥିଲେ। ଶିବିରରେ ୯ଟି ବ୍ଲକରୁ ବ୍ଲକସ୍ତରୀୟ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ୯୮ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଶିବିରରେ ବିଷୟ ସମ୍ବନ୍ଧିତ ସନ୍ଦେହ ଦୂର କରିବା, ପରୀକ୍ଷା ଚାପ ଦୂର ପାଇଁ ପରାମର୍ଶ ଓ ଯୋଗାଭ୍ୟାସ ଆଦି ବିଷୟରେ ଶିକ୍ଷା ଦିଆଯାଇଥିଲା। ମୋଟ ୭ଟି ବିଷୟରେ ଶିକ୍ଷାଦାନ କରିଥିବା ୨୯ ଜଣ ସାଧନକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଦ୍‌ଯାପନୀ ସଭାରେ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଉଭୟ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ, ପରୀକ୍ଷା ପରିଚାଳନା ସହାୟକ ସନ୍ତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଗିରିଧାରୀ ହୋତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ଶିବିର ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲକ୍ଷ୍ୟ ହାସଲ ପାଇଁ ସକାରାତ୍ମକ ମନୋଭାବ ପୋଷଣ କରି ଦୃଢ଼ ମନୋବଳ ସହ ପରୀକ୍ଷା ପ୍ରସ୍ତୁତି କରିବାକୁ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଶାସନ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ




**ସମ୍ବଲପୁର, ୧୬।୧(ସମିସ):** ସମ୍ବଲପୁର ଜିଲ୍ଲା ଶାସନ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ତ୍ରିପାଠୀ ମୁଖ୍ୟବକ୍ତା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କରନ ଶର୍ମା, ଡା. ବିନୋଦ ବିହାରୀ ନାଏକ, ଆଶିଷ ହୋତା, ପଞ୍ଚସଖା ସେତୁର ସଭାପତି ଦୁଷ୍ମନ୍ତ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟଦିପ୍ତୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ତ୍ରିପାଠୀ କହିଲେ ଯେ, ପିଲାଙ୍କ ସୃଜନଶୀଳତା ଉନ୍ନତ ବିଦ୍ୟାଳୟ ଗଠନରେ ଯେଉଁ ଭୂମିକା ନିଏ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କ ସହଭାଗିତା ତଥା ଦାୟିତ୍ୱବୋଧର ଭୂମିକା ତା'ଠାରୁ ଅଧିକ। ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଶିକ୍ଷକ ଓ ସମାଜର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପିଏମ୍‌ଶ୍ରୀ ମେଳା ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକାଂକ୍ଷୀ ମେଳା, ଆକାଂକ୍ଷୀ ଛାତ୍ର ପରିଷଦ ଏବଂ ଦୋକାନ ଯାତ୍ରା ପାଭିଲିଅନ ସହିତ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନା କ୍ଲବର ଛାତ୍ରଛାତ୍ରୀମାନେ ତାଙ୍କ କଳାକୌଶଳ ପ୍ରଦର୍ଶନ କରିଥିଲେ। ପଢ଼ିବା, ଗଢ଼ିବା ଓଡ଼ିଶା ଷ୍ଟଲ ମଧ୍ୟ ଲାଗିଥିଲା। ସଭାପରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆସନ୍ତାକାଲି ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡ଼ିଛି।

# 'ଶବ୍ଦଗଙ୍ଗା' ୬୭ତମ ସଂସ୍କରଣ ଲୋକାର୍ପିତ

**ସମ୍ବଲପୁର, ୧୬।୧ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା' ୬୭ତମ ସଂସ୍କରଣ ଆଜି ସନ୍ଧ୍ୟାରେ 'ଶବ୍ଦଗଙ୍ଗା'ର ମୁଖ୍ୟ ସମ୍ପାଦକ ତଥା ବିଭାଗୀୟ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ସଭାରେ ଅତିଥି କବି ଭାବେ ଡଃ ଉମେଶ ଚନ୍ଦ୍ର ମହାପାତ୍ର ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା 'କଦମ୍ବବନ' ଆବୃତ୍ତି କରିବା ସହ ତାଙ୍କ ବକ୍ତବ୍ୟରେ ମଣିଷ ଜୀବନରେ ସାହିତ୍ୟର ମହତ୍ତ୍ୱ ସମ୍ପର୍କରେ ଖୁବ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ସାହିତ୍ୟ କିପରି ମଣିଷ ତିଆରି କରେ ଓ ମଣିଷତ୍ୱକୁ ବଞ୍ଚାଇ ରଖେ କବି ତାହା ସେ ଖୁବ୍ ସୁନ୍ଦର ଭାବେ ବୁଝାଇଥିଲେ। ତାହାସହିତ ଛାତ୍ରଛାତ୍ରୀମାନଙ୍କୁ ଲେଖନୀ ଚାଳନା ପୂର୍ବରୁ ଅଧିକରୁ ଅଧିକ ପଢ଼ିବା ପାଇଁ ଉପଦେଶ ଦେଇଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ସ୍ୱାଗତ ଭାଷଣ ଏବଂ ଛାତ୍ର ସମ୍ପାଦିକା ଆଶାଜ୍ୟୋତି ଦାସ ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବପ୍ରତିଭା ସ୍ୱାଗତ କୁମାର ସାହୁ 'ଶବ୍ଦଗଙ୍ଗା' ସମ୍ପର୍କରେ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ସହଯୋଗୀ ସମ୍ପାଦିକା ଲିପ୍ସା ମେହେର ଧନ୍ୟବାଦ ଅର୍ପଣ କରିଥିବାବେଳେ ସହ-ସମ୍ପାଦକ ଜଗନ୍ନାଥ ମେହେର ଯାନ୍ତ୍ରିକ ସହଯୋଗ କରିଥିଲେ।

# ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବେ ଯୁଯୋମୁରାର ୪ ଛାତ୍ରଛାତ୍ରୀ

**ସମ୍ବଲପୁର, ୧୬।୧ (ସମିସ) :** ଆସନ୍ତା ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଞ୍ଚି ଠାରେ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ। ଏହାର ଅଣ୍ଡର-୧୭ ବୟସ ବର୍ଗର ବାଳକ ଓ ବାଳିକା ଓଡ଼ିଶାରୁ



ମୋଟ ୪୦ଜଣ ପ୍ରତିଯୋଗୀ ହକି ଖେଳ ପାଇଁ ମନୋନୀତ ହୋଇଛନ୍ତି। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲା ଯୁଯୋମୁରାରୁ ୨ ଜଣ ଛାତ୍ର ଏବଂ ୨ ଜଣ ଛାତ୍ରୀ ଏହି ଦଳରେ ସାମିଲ ହୋଇଛନ୍ତି। ସେମାନେ ହେଲେ ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଯୁଯୋମୁରା +୨ ଦ୍ୱିତୀୟ ବର୍ଷ କଳା ଛାତ୍ର ଅନୁକରଣ ଡୁଙ୍ଗ ଡୁଙ୍ଗ, ସରକାରୀ ଉଚ୍ଚ ବିଦ୍ୟାଳୟ, ଯୁଯୋମୁରା ଅଷ୍ଟମ ଶ୍ରେଣୀ ଛାତ୍ର ରିତେଶ ମିର୍ଦ୍ଧା, ବାଳିକା ଉଚ୍ଚ ବିଦ୍ୟାଳୟ, ଯୁଯୋମୁରା ଦଶମ ଶ୍ରେଣୀ ଛାତ୍ରୀ ଦୁଲାରୀ କୁଜୁର ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଯୁଯୋମୁରା ନବମ ଶ୍ରେଣୀ ଛାତ୍ରୀ ମିନାକ୍ଷୀ ମାଝୀ। ସମସ୍ତ ପୁଅ ଝିଅ ସହିଦ ମାଧୋ ସିଂହ ହକି ଏକାଡେମୀର ଖେଳାଳି ହୋଇଥିବାବେଳେ ଯୁଯୋମୁରାସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ରରେ ହକି କୋଚ୍ ବିମଳ ଜୋଜୋ ଏବଂ କୁଲଦୀପ ମିଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନେ ପ୍ରଶିକ୍ଷଣ ନେଉଛନ୍ତି। ପ୍ରକାଶ ଥାଉ କି ଆଗରୁ ଅନୁକରଣ ଡୁଙ୍ଗଡୁଙ୍ଗ ୨୦୨୪ରେ ମଧ୍ୟ ଜାତୀୟ ଖେଳରେ ଭାଗ ନେଇଥିଲେ ଏବଂ ୨୦୨୫ରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଟିମ୍ ମ୍ୟାନେଜର ଅବନୀ କୁମୁରା ସମସ୍ତ ମ୍ୟାଚ୍ ପରିଚାଳନା କରିଥିବାବେଳେ ଆଗକୁ ମଧ୍ୟ ନିଜ କାର୍ଯ୍ୟ ଜାରିରଖିବେ ବୋଲି ପ୍ରକାଶ କରିଛନ୍ତି। ସହିଦ ମାଧୋ ସିଂହ ହକି ଏକାଡେମୀର ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ଏହି ଅଣ୍ଡର-୧୭ ବର୍ଗ ଓଡ଼ିଶା ହକି ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ମାନଙ୍କୁ ଶୁଭକାମନା ଜଣାଇଛନ୍ତି।

ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ସକାଶେ ରାଜ୍ୟ ହକି ଦଳରେ ଉପରୋକ୍ତ ଯୁଯୋମୁରାର ୪ ଜଣ ଛାତ୍ରଛାତ୍ରୀଙ୍କ ବ୍ୟତୀତ ସମ୍ବଲପୁର ଟାଉନ ସରକାରୀ ହାଇସ୍କୁଲର ପ୍ରିୟଙ୍କା ମିଞ୍ଜ, ସରକାରୀ ଏସଏସଡି ଗାର୍ଲସ ହାଇସ୍କୁଲର ସୀମା ନାଏକ ଏବଂ ଓଏଭି ବାମରାର ସ୍ୱନ୍ଦନ ପଟେଲ ସାମିଲ ହୋଇଥିବା ସୂଚନା ମିଳିଛି।

# ପଣ୍ଡକିମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ

**ରେଢ଼ାଖୋଲ, ୧୬।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତସ୍ଥିତ ପଣ୍ଡକିମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ଉତ୍ସବରେ ବିଦ୍ୟାଳୟର ସଭାପତି ତଥା ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ବେହେରା ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ବିରୋଧି ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇ ବିଦ୍ୟାଳୟର ଉତ୍ତରୋତ୍ତର କାମନା କରି ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ଗୋଷ୍ଠୀଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଶରତ କୁମାର ପ୍ରଧାନ, କଦଳୀଗଡ଼ ପଞ୍ଚାୟତ ସରପଞ୍ଚ ସରୋଜ ସେଠୀ, କଦଳୀଗଡ଼ ପଞ୍ଚାୟତ ସମିତି ସଭ୍ୟା ସଜନୀ ବେହେରା, ରୌପ୍ୟ କମିଟିର ସଭାପତି ଗୋପବନ୍ଧୁ ପ୍ରଧାନ, ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ। ତା ସହିତ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପ୍ରଧାନ ବିଦ୍ୟାଳୟରେ ଶୌଚାଳୟ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଅନିଲ ମେହେର



ମଞ୍ଚ ପରିଚାଳନା କରିଥିଲେ। ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୩ରୁ ସମ୍ବଲପୁରରେ ସିକେ ନାଇଡୁ ଟ୍ରଫି

**ସମ୍ବଲପୁର, ୧୬।୧ (ସମିସ):** ଆସନ୍ତା ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ୍‌ରେ ବିସିସିଆଇ ଡୋମେଷ୍ଟିକ୍ ସିଜନ୍ ୨୦୨୫-୨୬ ଅନ୍ତର୍ଗତ 'ଅଲ୍ ଇଣ୍ଡିଆ ଯୁ-୨୩ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫି ମ୍ୟାଚ୍' ଆୟୋଜନ କରାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଜିଲ୍ଲା କ୍ରୀଡ଼ା ସଂଘ (ଡିଏଏ) ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍‌ରେ ଓଡ଼ିଶା ଯୁ-୨୩ ଏବଂ ହରିଆଣା ଯୁ-୨୩ ଦଳ ଖେଳିବେ ବୋଲି ଡିଏଏ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଓ କ୍ରିକେଟ୍ ସମ୍ପାଦକ ଅଭିନାଶ ନନ୍ଦ ଜଣାଇଛନ୍ତି। ଓଡ଼ିଶା ଓ ହରିଆଣା ଦଳ ସମ୍ବଲପୁରରେ ପହଞ୍ଚି ଆସନ୍ତା ୨୧ ତାରିଖ ପଡ଼ିଆରେ ଅଭ୍ୟାସ କରିବେ ବୋଲି ଜଣାପଡ଼ିଛି।

# ଘରକୁ ଫେରିଲେ ମୃତ ଘୋଷିତ କମ୍ପନ

**ଡୁଙ୍ଗୁରିପାଲି, ୧୬।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବାଗର୍ଡି ପରିବାରର ଜଣେ ମୃତ ଘୋଷିତ ବ୍ୟକ୍ତି ଘରକୁ ଜୀବିତ ଫେରିଛନ୍ତି। କମ୍ପନ ବଗର୍ତି(୫୮) ନାମକ ଏହି ବ୍ୟକ୍ତି ଜଣକ ନିଜ ଗାଁର କିଛି ଲୋକଙ୍କ ସହ ବର୍ଷେ ପୂର୍ବେ କାମ କରିବାକୁ ତେଲେଙ୍ଗାନା ଯାଇଥିଲେ। ୨ ଦିନ ପରେ ସହଯାତ୍ରୀଙ୍କଠାରୁ ଅଲଗା ହୋଇ ନିଖୋଜ ହୋଇଯାଇଥିବା ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏହାପରେ ହ୍ୱାଇଁ ନରେନ୍ଦ୍ର ପାଣ୍ଡେ ତେଲେଙ୍ଗାନା ସିକନ୍ଦରାବାଦ ଜିଲା ମହୁଲ ଥାନା କସୁରରେ ପହଞ୍ଚି ଖୋଜାଖୋଜି କରିଥିଲେ। ନ ପାଇବାକରୁ କମ୍ପନଙ୍କ ଫଟୋ ସହ ମୋବାଇଲ ନମ୍ବର ଦେଇ ଯୋଗାଯୋଗ



କରିବାକୁ ସେହି ଅଞ୍ଚଳରେ ଲିଫଲେଟ୍ ମାରିଥିଲେ। ୩ ଦିନ ପରେ ନରେନ୍ଦ୍ରଙ୍କୁ ଏକ ରକ୍ତାକ୍ତ ଫଟୋ ଆସିଥିଲା। କମ୍ପନଙ୍କୁ ଆମ୍ବୁଲାନ୍ସରେ ଆର୍‌ବିଏମ୍ ଡାକ୍ତରଖାନାରେ ରଖାଯାଇଥିବା ସୂଚନା ଦିଆଯାଇଥିଲା। ଏହାପରେ ଘର ଲୋକେ ସେଠାରେ ପହଞ୍ଚିଥିଲେ। ତେବେ କମ୍ପନଙ୍କ ମୃତଦେହ ଦେଖିବାକୁ ଆର୍‌ବିଏମ୍ ଡାକ୍ତରଖାନା ୨ଲକ୍ଷ ୨୦ ହଜାର ଟଙ୍କା ଦାବି କରିଥିଲା। ସେହିପରି ଆମ୍ବୁଲାନ୍ସରେ ଘର ଘରକୁ ନେଲେ ଅତିରିକ୍ତ ୭୦ ହଜାର ଦେବାକୁ କୁହାଯାଇଥିଲା। ଏତେ ଟଙ୍କା ଦେବାକୁ ଅସମର୍ଥ ଦର୍ଶାଇ ପରିବାର ଲୋକେ ସେହି ମାସ ୧୨ରେ ଫେରି ଆସିଥିଲେ। ୧୩ ତାରିଖରେ ଶୁଦ୍ଧିକ୍ରିୟା ହୋଇଥିଲେ। ଏବେ ସେ ଘରକୁ ଫେରିବା ପରେ ପରିବାର ଲୋକେ ଯେତିକି ଆନନ୍ଦ ଉତ୍ସାହ ସେତିକି ଆଶ୍ଚର୍ଯ୍ୟ ମଧ୍ୟ। ସବୁଠୁ ବଡ଼ କଥା ହେଲା କମ୍ପନଙ୍କ ସ୍ତ୍ରୀଙ୍କ ଆନନ୍ଦ କହିଲେ ନ ସରେ। ସ୍ୱାମୀଙ୍କୁ ଦେଖି ସେ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଦିନେ ମୃତ ଘୋଷିତ ହୋଇଥିବା କମ୍ପନ ସଶରୀରରେ ଘରକୁ ଫେରିବେ ବୋଲି ଏହା କେହି କେବେ ଭାବି ନ ଥିଲେ। ତେବେ କସୁରର ଏକ ବିହନ କମ୍ପାନୀ ମାଲିକ କମ୍ପନଙ୍କୁ ଏକ ହାତ ଲେଖା ଦେଇ ତେଲେଙ୍ଗାନାରୁ ଭୁବନେଶ୍ୱର ପଠାଇଥିଲେ। ଭୁବନେଶ୍ୱରରୁ ତାଙ୍କୁ ଜଣେ ବ୍ୟକ୍ତି ଭୁବନେଶ୍ୱର-ବଲାଙ୍ଗିର ଇଣ୍ଟରସିଟିରେ ବଲାଙ୍ଗିରରେ ଛାଡ଼ିଥିଲେ। କମ୍ପନଙ୍କୁ ଦେଖି ଘର ଲୋକ ଏବେ ଭାବବିହ୍ୱଳ ହୋଇ ପଡ଼ିଛନ୍ତି।

# ସିରିଡି ସାଇ ହିନ୍ଦୀ ଭଜନ ମୁକ୍ତିଲାଭ

**ରେଢ଼ାଖୋଲ, ୧୬।୧(ସମିସ):** ଆଦ୍ୟାଶା ମ୍ୟୁଜିକ ପକ୍ଷରୁ ନିର୍ମିତ ସିରିଡି ସାଇ ହିନ୍ଦୀ ଭଜନକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପ୍ରେସ କ୍ଲବ୍‌ର ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ମାନେ ଭଜନର ପରିବେଷଣ ଶୈଳୀକୁ ଭକ୍ତିପ୍ରବଣ ଓ ସ୍ୱାଗତ ଯୋଗ୍ୟ ବୋଲି ପ୍ରକାଶ କରିଥିଲେ। ଆଦ୍ୟାଶା ମ୍ୟୁଜିକର ପ୍ରଯୋଜିକା ରଶ୍ମିତା ରାଉତ ଭଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏସ୍ କୁମାର ଟିମ୍ ସଙ୍ଗୀତ ପରିବେଷଣ କରିଥିଲେ। ଭଜନକୁ ସରୋଜ କୁମାର ରାଉତ ରଚନା ଏବଂ ନିର୍ଦ୍ଦେଶନା ପ୍ରଦାନ କରିଛନ୍ତି।



# ଭୀମଭୋଇ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ରେଢ଼ାଖୋଲ, ୧୬।୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ଯୁକ୍ତ୨ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରି ଛାତ୍ରୀମାନେ ସର୍ବଦା ସଜାଗ ରହିବା ସକାଶେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅରୁଣ କୁମାର ଶାସିନୀ ଓ ପ୍ରାଧ୍ୟାପିକା ମମତା ମହାପାତ୍ର ଯୋଗଦେଇ ଛାତ୍ରୀଙ୍କ ଆତ୍ମରକ୍ଷା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ନିରୂପମା ଦେହୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା




ବେଳେ ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିଠାରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ମାଷ୍ଟର ଟ୍ରେନର ପାୟଲ ତାଣ୍ଡି ଓ ପ୍ରିୟଦର୍ଶନୀ ପ୍ରଧାନ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିବେ।

# ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

**ସମ୍ବଲପୁର, ୧୬।୧ (ସମିସ)**

ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁରଠାରେ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର ଦୁଇଦିନିଆ ତୃତୀୟ ବାର୍ଷିକ ଉତ୍ସବ ଆଜି ପୂର୍ବାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନକରି ଆଲୋଚନାଚକ୍ରର ପତ୍ର ପାଠକ ଏବଂ ଇତିହାସ କଂଗ୍ରେସର ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ପ୍ରଭାତ ମଲ୍ଲିକ ଓଡ଼ିଶାର ସାମୁହିକ ପ୍ରଗତିରେ ପଶ୍ଚିମ ଓଡ଼ିଶାର ଅବଦାନ ଉପରେ ଆଲୋକପାତ କରି କହିଥିଲେ ଯେ, ଆଜି ବି ଐତିହାସିକମାନଙ୍କୁ ଏଠାରେ ଖୋଜିବାକୁ ବାକି ରହିଯାଇଛି। କଂଗ୍ରେସର ସଭାପତି ପ୍ରଫେସର ଗୌରୀଶଙ୍କର ପଟେଲ ପଶ୍ଚିମ ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ନଦୀ ସଭ୍ୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଉମାଶଙ୍କର ଦାଶ ଇତିହାସର ଆବଶ୍ୟକତା, ବିଶେଷତଃ ଆଞ୍ଚଳିକ ଇତିହାସର ଅନାଲୋଚିତ ଅଧ୍ୟାୟମାନଙ୍କ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପତିତପାବନ ମିଶ୍ର ପଶ୍ଚିମ ଓଡ଼ିଶାର ମହାନ ଐତିହ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଇତିହାସ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ବାବା ମିଶ୍ର ଆଞ୍ଚଳିକ ଅନୁଷ୍ଠାନ ଗଠନର ପରିକଳ୍ପନା ଓ ଆବଶ୍ୟକତା ସମ୍ବନ୍ଧରେ ନିଜ ମତାମତ ପ୍ରଦାନ କରିଥିଲେ। ସମ୍ପାଦକ ଡଃ ସାକିର୍ ହୁସେନ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସର ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଆଇକ୍ୟୁଏସି ତରଫରୁ ସମସ୍ତ ଗବେଷକ ଓ ଆଲୋଚକମାନଙ୍କୁ ସ୍ୱାଗତ ଜଣାଇଥିଲେ। ଆଲୋଚନାଚକ୍ରରେ ପଶ୍ଚିମ ଓଡ଼ିଶାର ଅନାଲୋଚିତ ଶତାଧିକ ଗବେଷଣା ପତ୍ର ପାଠ ପାଇଁ ଗବେଷକମାନେ ଏକତ୍ରିତ ହୋଇଛନ୍ତି।



ଉଦ୍‌ଘାଟନୀ ଉତ୍ସବକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ପରିଚାଳନା କରିଥିବାବେଳେ ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀମାନଙ୍କ ଦ୍ୱାରା ଏକ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆରମ୍ଭ କରି ସ୍ନାତକ ଓ ସ୍ନାତକୋତ୍ତର ମହାବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ରେଢ଼ାଖୋଲ, ୧୬।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ରେଢ଼ାଖୋଲ




ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ପରିଷଦ ଅଞ୍ଚଳର ଅଧ୍ୟକ୍ଷ ଶିବରାମ ସାହୁ ଉପସ୍ଥିତ ରହିଥିଲେ। ସମ୍ବଲପୁର ଜିଲ୍ଲା ପାଠ୍ୟକ୍ରମ ସଂଯୋଜକ ତଥା ନବ ଜୀବନ ଶିକ୍ଷା ସଂସଦ ସଭ୍ୟ ଗୋପିନାଥ ଖିଲାରୀ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଭୀମଭୋଇ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼ ମନୋରଞ୍ଜନ ମହନ୍ତ ବର୍ତ୍ତମାନ ସମାଜ ପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରାସଙ୍ଗିକତା ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଶିକ୍ଷା ଅନୁଷ୍ଠାନର ସମ୍ପାଦକ ସୁନନ୍ଦ ପ୍ରଧାନ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ ବିଦ୍ୟାଳୟ ଅଧ୍ୟକ୍ଷା ବାର୍ଷିକ ବିବରଣୀ ପଠନ କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ବାର୍ଷିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧାନମେରା ସାହିରୁ ବୋମା ଓ ଖଣ୍ଡା ଜବତ; ୪ ଗିରଫ



ବ୍ରହ୍ମପୁର,୧୬ ।୧(ସମିସ): ବଡ଼ବଜାର ଥାନା ପୁଲିସ ଧାନମେରା ସାହି ସ୍ଥିତ ଜଣେ ବ୍ୟକ୍ତିଙ୍କ ଘରୁ ବୋମା ଓ ଖଣ୍ଡା ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧାନମେରା ସାହିର ଯୋଗେଶ କୁମାର ଗୌଡ଼ ଓରଫ ମୁଣ୍ଡା(୩୭), ଜିତେଶ ଦଳବେହେରା (୨୦), ଗଣେଶ ନାୟକ(୨୧) ଓ ପାଣିଗ୍ରାହୀପେଣ୍ଠର ମୁନା ସେଠୀ(୩୧)। ଗୁରୁବାର ରାତିରେ ବଡ଼ବଜାର ଥାନା ଏସ୍‌ଆଇ ସସ୍ମିତା ବେହେରା ଓ ତାଙ୍କ ଟିମ୍ ଧାନମେରା ସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କିଛି ବ୍ୟକ୍ତି ବୋମା ଓ ମାରଣାସ୍ତ୍ର ସହ ଯୋଗେଶଙ୍କ ଘରେ ଏକତ୍ରିତ ହୋଇଥିବା ଖବର ପାଇଁ ଚଢ଼ଉ କରି ୪ଜଣଙ୍କୁ ଗିରଫ କରିଥିଲେ। ପୁଲିସ ସେମାନଙ୍କ ନିକଟରୁ ୩ଟି ବୋମା ଓ ୫ଟି ଖଣ୍ଡା ଜବତ କରିଥିଲା। ତେବେ ଏହି ସମୟରେ ଉକ୍ତ ଘରେ ଥିବା କିଛି ମହିଳା ପୁଲିସକୁ ବିରୋଧ କରିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଛି। ପଚରାଉଚରା ବେଳେ ଅଭିଯୁକ୍ତମାନେ ସଫେଇ ସୁପରଭାଇଜର ଅମିତ ମୁଖୀଙ୍କୁ ଯେଉଁମାନେ ଆକ୍ରମଣ କରିଛନ୍ତି ତାଙ୍କୁ ଆକ୍ରମଣ କରିବାକୁ ଯୋଜନା କରୁଥିଲେ ବୋଲି ପୁଲିସ ନିକଟରେ ସ୍ୱୀକାର କରିଛନ୍ତି।

**ପୁଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ନେଇ ମାମଲା ରୁଜୁ**

## ବିଜେଡି ଯୁବ ନେତାଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

# ୩ କଂଗ୍ରେସ କର୍ମୀ ଗିରଫ

ବ୍ରହ୍ମପୁର,୧୬ ।୧(ସମିସ): ବିଜେଡି ଯୁବନେତା ଅମିତ୍ ମୁଖୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୩ କଂଗ୍ରେସ କର୍ମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଧାନମେରା ସାହିର ଭିକି ନାୟକ, ସୁରଜ ନାୟକ, ନରେଶ ନନ୍ଦ। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା ଓ ସ୍କୁଟି ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଗୁରୁବାର ସକାଳେ ନୂଆ ବସ୍‌ଷ୍ଟାଣ୍ଡ କାଳୀମନ୍ଦିର ନିକଟରେ ଥିବା କାର୍ଗିଲ ପଡ଼ିଆଠାରେ ଅମିତ୍ ଡ୍ୟୁଟିରେ ଥିବାବେଳେ ୬ ଜଣ ଯୁବକ ପହଞ୍ଚି ସଂଘବଦ୍ଧ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ପଠାଇଥିଲେ। ଅମିତଙ୍କ ସ୍ତ୍ରୀ ତୁଳସୀ ମୁଖୀଙ୍କ ଏତଲା କ୍ରମେ ବୈଦ୍ୟନାଥପୁର ପୁଲିସ ଏକ ମାମଲା (ନଂ.୨୨/୨୬) ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଥିବା ଜଣାପଡ଼ିଛି।



# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୨୦ବର୍ଷ ଜେଲ୍

● ପୀଡ଼ିତାଙ୍କୁ ୧୦.୫ ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର,୧୬ ।୧(ସମିସ): ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ଛାତ୍ରୀ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ପୀଡ଼ିତାଙ୍କୁ ୧୦.୫ଲକ୍ଷ ଟଙ୍କା ସହାୟତା ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ପୋଲସରା ଅଞ୍ଚଳର ନିରଞ୍ଜନ ଶବର (୩୦)। ନିରଞ୍ଜନଙ୍କୁ ୨୦ବର୍ଷ ଜେଲଦଣ୍ଡ ସହିତ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅତିରିକ୍ତ ୬ମାସ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ' ପୋଲସରା ଅଞ୍ଚଳର ଜନୈକା ନାବାଳିକା ବାପା ଓ ମା'ଙ୍କ ଦେହାନ୍ତ ପରେ ବ୍ରହ୍ମପୁରରେ ବଡ଼ବାପାଙ୍କ ଘରେ ରହି ପଢୁଥିଲେ। ୨୦୨୪ ଜୁନ ୧୫ରେ ପୋଖରୀକୁ ଯାଉଥିବା ବେଳେ ତାଙ୍କୁ ନିରଞ୍ଜନ ବଳାତ୍କାର କରିଥିଲେ। ଦୀର୍ଘମାସ ପର୍ଯ୍ୟନ୍ତ ଭୟଭୀତ କରି ବଳାତ୍କାର କରି ଆସୁଥିବାବେଳେ ଶେଷରେ ବାଧ ହୋଇ ସେ ଥାନାରେ ଅଭିଯୋଗ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ମିଳନ ପ୍ରଧାନ ଅଭିଯୁକ୍ତ ନିରଞ୍ଜନକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ୭ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।

# କାଠ ଫାଳିଆରେ ଯୁବକକୁ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୧୬ ।୧(ସମିସ): କାଠ ଫାଳିଆରେ ଯୁବକକୁ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଲୋଚାପଡ଼ା ବଡ଼ସାହିର ଅମ୍ବିକା ସାହୁ (୩୯)। ଲୋଚାପଡ଼ା ବଡ଼ସାହି ନିବାସୀ ନାରାୟଣ ସାହୁ (୩୦) ଗତ ସନ୍ଧ୍ୟାରେ ସାହିରେ ଥିବାବେଳେ ଅମ୍ବିକାଙ୍କ ସହ କୌଣସି ଏକ କଥାକୁ ନେଇ ଆଲୋଚନା ଚାଲିଥିଲା। ପରେ ହଠାତ୍ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ନାରାୟଣଙ୍କୁ ଅମ୍ବିକା ଆକ୍ରମଣ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅମ୍ବିକାକୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ଆଇ ଅଭିଷେକ ପାଣ୍ଡବ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଅସଦାଚରଣ; ଜଣେ ଗିରଫ

ବ୍ରହ୍ମପୁର,୧୬ ।୧(ସମିସ): ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ପ୍ରେମନଗର ଅଞ୍ଚଳର ମଙ୍ଗଳା ପଟ୍ଟନାୟକ (୨୬)। ସୂଚନାଯୋଗ୍ୟ ଯେ, ପ୍ରେମନଗର ଅଞ୍ଚଳରେ ରହୁଥିବା ଜନୈକା ମହିଳା (୪୦) ଗତକାଲି ସନ୍ଧ୍ୟାରେ ଘରେ ଏକା ଥିବାବେଳେ ମଙ୍ଗଳା ତାଙ୍କ ଘରେ ପଶି ଅସଦାଚରଣ ସହ ମାରପିଟ କରିଥିଲେ। ଏପରିକି ଦୁଷ୍କର୍ମ ଉଦ୍ୟମ କରିଥିବାବେଳେ ମହିଳା ଜଣକ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଙ୍ଗଳାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଭାରୋତ୍ତୋଳନ ଚୟନ ଶିବିର

ବ୍ରହ୍ମପୁର,୧୬ ।୧(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମଠାରେ ପ୍ରଥମ ରାଜ୍ୟ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା (ଭାରୋତ୍ତୋଳନ) ଖେଳାଳୀ ଚୟନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଭୟ ପୁରଷ ଓ ମହିଳା ବର୍ଗରେ ୧୬ଟି କ୍ରୀଡ଼ା ବର୍ଗରେ ୧୪ଟି ଜିଲ୍ଲାରୁ ୯୩ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥୀ ହାଂସଦା, ଉପସ୍ଥିତ କାର୍ଜୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତପନ କୁମାର ସାମଲ, ରାଜ୍ୟ ଭାରତ୍ତୋଳନ ସଂଘର ସଭାପତି ଇ.ଚିତ୍ତରଞ୍ଜନ ସ୍ୱାଇଁ, ଅନ୍ତରୀଣ ସମ୍ପାଦକ ଗୋପାଳ କୃଷ୍ଣ ଦାସ, ଅଲମ୍ପିଆନ କେ.ରବିକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗ୍ୟ ବିବେଚିତ କ୍ରୀଡ଼ାବିତ ଜାତୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ତନ୍ମଧ୍ୟରୁ କ୍ରୀଡ଼ାବିତ ବଛାଯାଇ ଛତିଶଗଡ଼ ବସ୍ତର ଜିଲ୍ଲାଠାରେ ଅନୁଷ୍ଠିତ ଜାତୀୟ ଜନଜାତି କ୍ରୀଡ଼ାରେ ନିଜର ପ୍ରତିଭା ପ୍ରତିପାଦନ କରିବାକୁ ସୁଯୋଗ ମିଳିବ।

# +୨ ସାର୍ଟିଫିକେଟ ଓ ମାର୍କସିଟ୍ ଯାଞ୍ଚ ଫି' ବୃଦ୍ଧି; ଏଆଇଡିଏସ୍‌ଓର ବିରୋଧ

ବ୍ରହ୍ମପୁର,୧୬ ।୧(ସମିସ): +୨ ସାର୍ଟିଫିକେଟ ଓ ମାର୍କ ସିଟ ଯାଞ୍ଚ ଫିସ୍ ବୃଦ୍ଧି ନିଷ୍ପତ୍ତି ଅବିଳମ୍ବେ ପ୍ରତ୍ୟାହାର କରିବା ଦାବିରେ ଏଆଇଡ଼ିଏସସ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ ଉପସଚିବଙ୍କ ଜରିଆରେ ଉଚ୍ଚ ମାଧ୍ୟମିକ ପରିଷଦ ଅଧ୍ୟକ୍ଷଙ୍କୁ ଦାବିପତ୍ର




ପ୍ରଦାନ ସହ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଆଇଡ଼ିଏସଓ ପକ୍ଷରୁ କୁହାଯାଇଛି ଯେ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ୧୨ଜାନୁଆରୀ ଏକ ବିଜ୍ଞପ୍ତି ମାଧ୍ୟମରେ +୨ ସାର୍ଟିଫିକେଟ ଓ ମାର୍କ ସିଟ ଯାଞ୍ଚ ଫିସ୍ ୧୦୦ ଟଙ୍କାରୁ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଫିସ ବୃଦ୍ଧିକୁ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ଦୃଢ ବିରୋଧ କରାଯାଇଛି। ବିକ୍ଷୋଭ ବେଳେ ଏଆଇଡିଏସଓ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ଉପସଭାପତି ପପୁନସାହୁଙ୍କ ସମେତ କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ, ବାମିଆ ଉଗ୍ରସାଣ୍ଡି ଆଦି ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

● ଏମ୍‌କେସିଜି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ବିରଳ ଅସ୍ତ୍ରୋପଚାର

# ଯୋଡ଼ା ହେଲା କଟା ଲିଙ୍ଗ

ବ୍ରହ୍ମପୁର,୧୬।୧(ସମିସ): ସ୍ଥାନୀୟ ଏମକେସିଜି ମେଡିକଲରେ ଏକ ବିରଳ ଓ ସଫଳ ଅସ୍ତ୍ରୋପଚାର କରାଯାଇଛି। ଯୁବକଙ୍କ ଲିଙ୍ଗକୁ କେହି ଦୁର୍ବୃତ୍ତ କାଟି ଦେଇଥିବାବେଳେ ଏମ୍‌କେସିଜି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ପୃଥ୍ୱୀରାଜ ସିଂଙ୍କ ତତ୍ତ୍ୱାବଧାନରେ ଏହାକୁ ଯୋଡ଼ା ଯାଇଛି। ଅପରେସନରେ ସହକାରୀ ପ୍ରଫେସର ତନ୍ମୟ ମହାପାତ୍ର, ଡ଼ା ଲିପ୍ସା ସ୍ୱାଇଁ, ଡ଼ା ପ୍ରେମପ୍ରକାଶ, ଡ଼ା ଜ୍ୟୋତିଷୀ, ଡ଼ା ଭାନୁ, ନିଶ୍ଚେତକ ବିଭାଗ ଡ଼ାକ୍ତର ସଞ୍ଜୀବ ପାତ୍ର, ଡ଼ା ନିବେଦିତା ସାହୁ, ଡ଼ା ବିପିନ ବିହାରୀ ମଲ୍ଲିକଙ୍କ ସମେତ ବହୁ ନର୍ସିଂ ଅଫିସର ଓ ପାରା ମେଡିକାଲ କର୍ମଚାରୀ ସହଯୋଗ କରିଥିଲେ।

# ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ




ବ୍ରହ୍ମପୁର,୧୬ ।୧(ସମିସ): ପୁରୁଣା ବ୍ରହ୍ମପୁର ସରକାରୀ ପୌର ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା କୁମାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ୧୯୭୪ ମସିହା ମାଟ୍ରିକ୍ ଛାତ୍ର ସଂସଦର ସଭାପତି ଅକ୍ଷୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏ ନାରାୟଣ ରେଡ୍ଡୀ ସମ୍ମାନିତ ଅତିଥି, ଛାତ୍ର ସଂସଦ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ, ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଆବାହକ ନିରଞ୍ଜନ ମହାପାତ୍ର ଏବଂ ଉପଦେଷ୍ଟା ମହେନ୍ଦ୍ର କୁମାର ଅଗ୍ରୱାଲ ମଞ୍ଚାସିନ ହୋଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ପାଢୀ ଏବଂ ସୌମ୍ୟା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ନମ୍ରତା ରାଣୀ ସିଂ, ଗିରିଜା ଶଙ୍କର ପଣ୍ଡା, ଲୋପାମୁଦ୍ରା ପଟ୍ଟନାୟକ, ପରମେଶ୍ୱର ପାଣିଗ୍ରାହୀ, ଗୀତାଞ୍ଜଳି ଦେବି, ସୁଶାନ୍ତ କୁମାର ମିଶ୍ର, ସୁଜାତା ସେଠୀ, ଟୁକୁନୀ ବଡ଼ ମୁଣ୍ଡି, ଭାରତୀ ସେଠୀ ପ୍ରମୁଖଙ୍କ ସମେତ ଅବିଭାବକ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

● ପୀତବାସ ହତ୍ୟା ମାମଲା

# ୬ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

ବ୍ରହ୍ମପୁର,୧୬ ।୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୬ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଏସଡିଜେଏମ ଖାରଜ କରିଦେଇଛନ୍ତି। ପୁଲିସ ପକ୍ଷରୁ ପ୍ରାଥମିକ ଚାର୍ଜସିଟ ଦାଖଲ ପରେ କର୍ପୋରେଟର ମଳୟ ବିଷୋୟୀ, ଜୟପୁର ଫାର୍ମହାଉସ ମାଲିକ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ ଓ ଦୁଇ ବିହାରୀ ଯୁବକ କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶୱାନଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। ମଙ୍ଗଳବାର ଏସଡ଼ିଜେଏମଙ୍କ କୋର୍ଟରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳେ ଜାମିନ ଆବେଦନକୁ ସ୍ୱତନ୍ତ୍ର ପିପି କାଳୀଚରଣ ମିଶ୍ର ଦୃଢ଼ ବିରୋଧ କରିଥିଲେ। ଆସନ୍ତା ୧୯ ରେ ଏହି ମାମଲାର କମିଟମେଣ୍ଟ ହେବ।

**୧୯ ତାରିଖରେ କମିଟ୍‌ମେଣ୍ଟ**

ସୂଚନା ଥାଉ କି, ଗତ ୨୦୨୫ ଅକ୍ଟୋବର ୬ କୁମାର ପୂର୍ଣ୍ଣିମା ରାତିରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କ ବୈକୁଣ୍ଠନଗର ବାସଭବନ ନିକଟରେ ୨ଜଣ ମୁଖାଧାରୀ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଥିଲେ। ପୁଲିସ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ୧୫ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବାବେଳେ ପିଣ୍ଟୁ ଫୁଲବାଣୀ ଜେଲରେ ବନ୍ଦୀ ଅଛନ୍ତି। ଏଣୁ ନିଜ ମହକିଲ ତଥା କର୍ପୋରେଟର ମଳୟ ବିଶୋୟୀଙ୍କୁ ଜେଲରେ ସ୍ୱତନ୍ତ୍ର ଭାବେ ସାକ୍ଷାତ କରିବା ପାଇଁ ଏସଡ଼ିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ କରିଛନ୍ତି ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ।

# ବନ୍ଧୁକ ଜବତ; ଜଣେ ଗିରଫ

ବେଲଗୁଣ୍ଠା,୧୬ ।୧(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଲଣ୍ଡେଇ ହିଲ୍‌ରେ ଘରେ ବନ୍ଧୁକ ରଖିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ଲଣ୍ଡେଇ ହିଲ୍‌ର ମନୋଜ ନାଇକ (୨୪)। ଭଞ୍ଜନଗର ଏସ୍‌ଡିପିଓ ଡ. ଦୀପକ୍ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବେଲଗୁଣ୍ଠା ଥାନା ଇନ୍ସପେକ୍ଟର୍ ଅଭୟ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମନୋଜଙ୍କ ଘରେ ଚଢ଼ଉ କରି ବନ୍ଧୁକ ଜବତ କରିବା ଜବତ ସହ ମନୋଜକୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ନଂ.୨୦/୨୬ ରେ ଏକ ମାମଲା ରୁଜୁ କରାଯାଇଥିବା ବେଲଗୁଣ୍ଠା ଥାନା ତଦନ୍ତକାରି ଅଧିକାରୀ ଏସ୍‌ଆଇ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।



# ରୋଟାରୀ କ୍ଲବ୍ ଅଫ୍ ବ୍ରହ୍ମପୁର ସେଣ୍ଟ୍ରାଲ ପକ୍ଷରୁ ସାମାଜିକ ସଚେତନତା



ବ୍ରହ୍ମପୁର,୧୬ ।୧(ସମିସ): ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲ ପକ୍ଷରୁ ସରକାରୀ ପଲିଟେକ୍‌ନିକ ପରିସରରେ ସାମାଜିକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ତନୁଜା ଦାସ ଏଥିରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଡ଼ାକ୍ତର ଶର୍ମିଷ୍ଠା ପ୍ରିୟଦର୍ଶିନି ଯୋଗଦେଇ ଯୁବପିଢ଼ିଙ୍କ ସମସସ୍ୟା ଓ ଏହାର ସମାଧାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାଧନାକର୍ମୀ ଭାବେ ରୂପକ କୁମାରୀ ପଣ୍ଡା ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କିତ ଉପଦେଶ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୁକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶିବ ପ୍ରସାଦ ଦାସ କିରଣ ବାଳା ପଟ୍ଟନାୟକ, ସୁଶ୍ରୀ ସୁସ୍ମିତା ସହଯୋଗ କରିଥିଲେ।

# ସର୍ଭେ ଓ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମଧ୍ୟରେ ରହୁନି ସମନ୍ୱୟ

ବ୍ରହ୍ମପୁର,୧୬ ।୧(ସମିସ): ବିଏମ୍‌ସିକୁ ଜବରଦଖଲ ଚିନ୍ତା। ଜବରଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ସହିତ ରାଜସ୍ୱ ହାନି ଭଳି ଅନେକ ସମସ୍ୟା ସୃଷ୍ଟି ହେଉଛି। ସେପଟେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଜରିଆରେ ଜବରଦଖଲ ମୁକ୍ତ କରାଯାଉଥିଲେ ହେଁ ନିୟମିତ ବ୍ୟବଧାନରେ ଅର୍ଥାତ୍ ଫଲୋଅପ ଆକ୍ସନ ହେଉନାହିଁ। ଫଳରେ ଜବରଦଖଲ ହ୍ରାସ ପରିବର୍ତ୍ତେ ବଢୁଛି।

ସେପଟେ ବିଭିନ୍ନ କ୍ଷେତ୍ରରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ବିଇଏମସିର ସର୍ଭେର୍ ଓ ଏନ୍‌ଫୋର୍ସର୍ମେଣ୍ଟ ସ୍କ୍ୱାଡ ମଧ୍ୟରେ ସମନ୍ୱୟ ରହୁନଥିବା ବେଳେ ପୁଲିସର ଅଭାବ ମଧ୍ୟ ଅନ୍ୟ ଏକ କାରଣ ବୋଲି ଜଣାପଡିଛି। ଯାହାକୁ ନେଇ ସହରରେ ବିଇଏମସି ପକ୍ଷରୁ ହେଉଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ପ୍ରଭାବିତ ହୋଇଛି। ଏସବୁକୁ ନେଇ ମେୟର ସଂଘମିତ୍ରା ଦଳେଇ ଏକ ସମନ୍ୱୟ ବୈଠକ






■ ସମୀକ୍ଷା କଲେ ମେୟର; ସହରକୁ ଜବରଦଖଲ ମୁକ୍ତ କରିବାକୁ ଗୁରୁତ୍ୱ
■ ଆଇନଗତ ମାମଲାରେ ଛନ୍ଦି ହୋଇଥିବା ଜମିକୁ ମୁକୁଳାଇବାକୁ ନିଆଯିବ ପଦକ୍ଷେପ
■ ନିଜସ୍ୱ ବ୍ୟବସାୟ ପାଇଁ ବ୍ୟବହାର ହୋଇପାରିବ ଟ୍ରଲି, ଭଡ଼ା କାରବାରକୁ 'ନା'

ଡାକି ସମୀକ୍ଷା କରିଛନ୍ତି। ବୈଠକରେ ମେୟରଙ୍କ ସମେତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଡେପୁଟି କମିସନର କଲ୍ୟାଣୀ ସଂଘମିତ୍ରା ଦେବୀ, ଆସିଷ୍ଟାଣ୍ଟ କମିସନର ରୋନିତ କୁମାରଙ୍କ ସମେତ ଉଭୟ ସର୍ଭେର୍ ଓ ଏନଫୋର୍ସର୍ମେଣ୍ଟ ସ୍କ୍ୱାଡର ସଦସ୍ୟ ଓ ଦାୟିତ୍ୱରେ ଥିବା ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଜବରଦଖଲ ଉଚ୍ଛେଦ ଅଭିଯାନର ସ୍ଥିତି, ସମସ୍ୟା ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦୀର୍ଘଦିନ ଧରି ପଡ଼ି ରହିଥିବା ଅଭିଯୋଗର ସମାଧାନ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ମେୟର। ସହରରେ ଜବରଦଖଲରେ ଥିବା ସରକାରୀ ଜମିକୁ ଚିହ୍ନଟ କରି କିଭଳି ମୁକ୍ତ କରାଯାଇପାରିବ ଆଲୋଚନା କରିଥିଲେ।

ଅନେକ କ୍ଷେତ୍ରରେ ବିଭାଗୀୟ ଅବହେଳା ହେଉ ଅଥବା ବ୍ୟସ୍ତତା କାରଣରୁ ଆଇନଗତ ମାମଲାରେ ଛନ୍ଦି ହୋଇପଡିଥିବା ଜମିଗୁଡିକୁ ମୁକୁଳାଇବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନ ପରାମର୍ଶଦାତାଙ୍କୁ କୁହାଯାଇଥିଲା। ସହରରେ ଏନଫୋର୍ସମେଣ୍ଟ ସ୍କ୍ୱାଡକୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରି ଅଭିଯାନକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସମଗ୍ର ସହରକୁ ୩ଟି ଜୋନରେ ବିଭକ୍ତ କରି ପୂର୍ବାହ୍ନ ଓ ଅପରାହ୍ନରେ ଦୁଇଟି ଏଭଳି ମୋଟ ୬ଟି ଟିମ ଗଠନ କରାଯାଇଥିବା ବେଳେ କର୍ମଚାରୀଙ୍କ ଅଭାବ ଯୋଗୁ ବର୍ତ୍ତମାନ ତାହା ୪ଟି ଟିମକୁ ଖସି ଆସିଥିବା ଜଣାପଡ଼ିଛି। ବେନିୟମ ପାର୍କିଂ, ରାସ୍ତା ଓ ନାଳକୁ ଜବରଦଖଲ ଓ ସରକାରୀ ଜମିର ଅକ୍ତିଆର ଆଦିକୁ ଆଦୌ ପ୍ରଶୟ ନଦେବାକୁ ମେୟର ସ୍ୱଷ୍ଟ ଭାବେ କହିଥିଲେ। ସହରର ବିଜିପୁର ସୁନାରି ବନ୍ଧ ମଧ୍ୟରେ ବେନିୟମ ଭାବେ ନିର୍ମାଣ କରାଯାଇଥିବା କଲ୍ୟାଣ ମଣ୍ଡପ, ଗୋଷାଣିନୂଆଗାଁ ରାସ୍ତାରେ ଥିବା ଗୋକୁଳଧାମ ନିକଟସ୍ଥ ସରକାରୀ ଜମିକୁ ଅକ୍ତିଆରରେ ରଖିବା ଭଳି ଦୁଇଟି ମାମଲାରେ ତୁରନ୍ତ ଆଇନଗତ ଓ ବିଭାଗୀୟ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ୱାର୍ଡରେ ଜବରଦଖଲକୁ ନେଇ ସ୍ଥାନୀୟ କର୍ପୋରରେଟର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଆସିଥିବା ଅଭିଯୋଗର ତୁରନ୍ତ ସମାଧାନ କରିବା ଉପରେ ଉଭୟ ମେୟର ଓ ଡେପୁଟି ମେୟର ଗୁରୁତ୍ୱ ଦେଇଥିଲେ। ସବୁଠାରୁ ବଡ଼କଥା ହେଲା ସହରରେ ଟ୍ରାଫିକ ସମସ୍ୟାର ଅନ୍ୟତମ କାରଣ ହେଉଛି ଦିନକୁ ଦିନ ବୃଦ୍ଧି ପାଉଥିବା ଟ୍ରଲି ବା ଠେଲା ଗାଡ଼ିର ସଂଖ୍ୟା। ରାସ୍ତାକଡ଼ରେ ଠେଲା ପକାଇ ବୁଲା ବିକାଳିମାନେ କାରବାର କରୁଥିବାରୁ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହାକୁ ଦୃଷ୍ଟିରେ ରଖି ଟ୍ରଲି ବା ଠେଲାଗାଡିର ଚଳାଚଳ ବା ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏଥିପାଇଁ ଟ୍ରଲି ଗୁଡିକୁ ବ୍ୟବସାୟୀମାନେ ନିଜସ୍ୱ କାରବାର ପାଇଁ ବ୍ୟବହାର କରିପାରିବେ କିନ୍ତୁ ଟ୍ରଲିକୁ ଭଡା ସୂତ୍ରରେ ଦେଇ 'ଟ୍ରଲି କାରବାର' କରିପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

# ଶ୍ରୀକ୍ଷେତ୍ର ସିଟି

୧୬/୧/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୩୩,୬୯୫/- ସୁନା:୦୧.୭୦୦ ଗ୍ରାମ୍ ରୁପା: ୧୭୬.୭୦୦ ଗ୍ରାମ୍



ଡିଲ୍‌ବେଳେ ମାଡ଼ିବସିଲା ପୁଲିସ

## ବ୍ରାଉନସୁଗର୍ ଜବତ; ୭ ଗିରଫ

ପୁରୀ,୧୬।୧(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ନିଶାଦ୍ରବ୍ୟ ଜବତ କରାଯାଉଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ତଥାପି ଏହା ଉପରେ ରୋକ୍ ଲାଗିପାରୁ ନାହିଁ। ଏହି କ୍ରମରେ ବ୍ରହ୍ମଗିରି ପୁଲିସକୁ ମିଳିଛି ବିଶେଷ ସଫଳତା। ଏକ ବଡ଼ ପରିମାଣର ବ୍ରାଉନସୁଗାର ଡିଲ୍ ବେଳେ ଅଚାନକ ପୁଲିସ ଚଢାଉ କରି ୧୯୧ ଗ୍ରାମ୍ ଧଳାଜହର ଜବତ କରିଥିବା ବେଳେ ୭ ଜଣଙ୍କୁ କାବୁ କରିଛି। ଜଣେ ଅଭିଯୁକ୍ତ ଖସିଯିବାକୁ ସକ୍ଷମ ହୋଇଥିବା ବେଳେ ପୁଲିସ ଗୋଟିଏ କାର୍, ଦୁଇଟି ବୁଲେଟ୍ ସହ ମୋଟ ୩ଟି ବାଇକ୍, ୧୨,୫୦୦ ଟଙ୍କା ଏବଂ ୧୦ଟି ମୋବାଇଲ



ଫୋନ୍ ଜବତ କରିଛି ବୋଲି ଶୁକ୍ରବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ବ୍ରହ୍ମଗିରି ଥାନା ଅନ୍ତର୍ଗତ ମା' ପାଦୁକେଇ ମନ୍ଦିର ମେଳଣ ପଡ଼ିଆରେ ଗୁରୁବାର ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ୭/୮ ଜଣ ଯୁବକ ବ୍ରାଉନସୁଗାର ବିକ୍ରି ନେଇ ଡିଲ୍ କରୁଥିବା ସ୍ଥାନୀୟ ପୁଲିସ ପାଖରେ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ପୁଲିସ

**ଗୋଟିଏ କାର୍, ୩ ବାଇକ୍ ଓ ୧୦ ମୋବାଇଲ ଜବତ**

କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଗୋଟିଏ କାରରେ ୫ ଜଣ ଏବଂ ୩ଟି ବାଇକ୍‌ରେ ୩ ଜଣ ଯୁବକ ସେଠାରେ ଛିଡା ହୋଇଥିବା ଦେଖିଥିଲେ। ପୁଲିସକୁ ଦେଖିବା ମାତ୍ରେ ଖସିଯିବାକୁ ଚେଷ୍ଟା କରିଥିଲେ। ହେଲେ ପୁଲିସ ୭ ଜଣଙ୍କୁ କାବୁକରିଥିବା ବେଳେ ଜଣେ ଯୁବକ ଖୋର୍ଦ୍ଧା ଜଟଣୀ ବିଶିଆପଡାର କାହ୍ନୁ ଚରଣ ପାଲଟାସିଂହ ଖସି ଯାଇଥିଲେ। ଅଭିଯୁକ୍ତଙ୍କ ଠାରୁ ୧୧୯ ଗ୍ରାମ ବ୍ରାଉନ୍ ସୁଗାର ସହିତ କାର୍, ବାଇକ୍, ଟଙ୍କା ଏବଂ ମୋବାଇଲ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ବଜାର ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ତାଳବଣିଆ ଅଞ୍ଚଳର ସୁଜିତ ନାୟକ, ନାରାୟଣ ପ୍ରଧାନ, ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର ଦୀପକ ପଣ୍ଡା, ଖୋର୍ଦ୍ଧାର ବିଭୂତି ଭୂଷଣ ପଟ୍ଟନାୟକ, ବ୍ରହ୍ମଗିରିର ଶିବପ୍ରସାଦ ସେଠୀ, ପପୁନ୍ ସୁନ୍ଦରା ଏବଂ ବିଶେଶ୍ୱର ନାୟକ। ପୂର୍ବରୁ ନାରାୟଣ ନାଁରେ ୨ଟି ମାମଲା, ଦୀପକ ନାଁରେ ୧୦ଟି ମାମଲା, ବିଶେଶ୍ୱର ନାଁରେ ୨ଟି, ଶିବ ପ୍ରସାଦ ଓ ବିଭୂତି ନାଁରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତମାନେ ଖୋର୍ଦ୍ଧାରୁ ବ୍ରାଉନ ସୁଗାର ଆଣି ପୁରୀରେ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। ତେବେ ଆଗାମୀ ଦିନରେ ଜିଲ୍ଲାକୁ ଧଳାଜହର କବଳରୁ ମୁକ୍ତ କରିବାକୁ ଚଢାଉ ସହ ଧରପଗଡ ଜାରି ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଶ୍ରୀ ସିଂ।

● ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

## ଗଣତି ମଣତିର ଏସ୍‌ଓପି ଚୂଡ଼ାନ୍ତ ହେବ

ପୁରୀ,୧୬।୧(ସମିସ): ଶନିବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ବସିବ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ପ୍ରମୁଖ ପ୍ରସଙ୍ଗ ରହିବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ମଣତିର ଏସ୍‌ଓପି। ଏଥିରେ ପ୍ରସ୍ତୁତ ଏସ୍‌ଓପି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଏହାକୁ ଚୂଡ଼ାନ୍ତ କରାଯିବ। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ସମ୍ପର୍କରେ ବୈଠକରେ ଆଲୋଚନା କରାଯିବ। ଦୀର୍ଘବର୍ଷ ହେବ ଗୁରୁକୂଳ ପ୍ରତିଷ୍ଠା ନେଇ ଆଲୋଚନା ହେଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହା ନିର୍ମାଣ ଆରମ୍ଭ ହେଉନାହିଁ। ଏହା ଉପରେ ତର୍ଜମା କରାଯିବ। ସେହିପରି ଗତ ୯ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଶ୍ରୀମନ୍ଦିରର ୨୦୨୬-୨୭ ବଜେଟ୍ ନେଇ ଆଲୋଚନା କରଯାଇଥିଲା। ସେଥିରେ ଯେଉଁ ବଜେଟ୍ ପ୍ରସ୍ତୁତ କରାଯାଇଥିଲା ତାହାକୁ ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯିବ। ଏହାପରେ ରାଜ୍ୟ ସରକାରଙ୍କୁ ଏହା ପଠାଯିବ। ଏଥିସହ ପରିଚାଳନା କମିଟି ବୈଠକରେ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇପାରେ ବୋଲି ଜଣାପଡିଛି।

■ ରଥଯାତ୍ରା ପାଇଁ ପୁଲିସର ଆଗୁଆ ପ୍ରସ୍ତୁତି

## ସାହି, ଗଳି ବୁଲି ସମୀକ୍ଷା କଲେ ଏସ୍‌ପି

ପୁରୀ,୧୬।୧(ସମିସ): ରଥଯାତ୍ରା ପାଇଁ ଆଗୁଆ ପ୍ରସ୍ତୁତ ହେଉଛି ପୁରୀ ପୁଲିସ। ରଥଯାତ୍ରା ସମୟରେ ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଆଗମନ ହେବ। ଏମିତି ବି ବର୍ଷତମାମ୍ ପୁରୀକୁ ଦେଶ ବିଦେଶରୁ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ତେଣୁ ସେମାନଙ୍କର ସୁରକ୍ଷା, ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ଯାତାୟାତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏସ୍‌ପି ପ୍ରତୀକ୍ ସିଂଙ୍କ ବିଭିନ୍ନ ସାହି, ଗଳି, ଲେନ୍ ଓ ବାଇ ଲେନ୍ ପରିଦର୍ଶନ କରି ମାଇକ୍ରୋ ଲେଭଲ୍ ସମୀକ୍ଷା କରିଛନ୍ତି। ଏହି ଅନୁଧ୍ୟାନ ସମୟରେ ଦକ୍ଷିଣଦ୍ୱାର, ଧାନକୁଟି ସାହି, ବାରାହୀ ଲେନ୍, କାମାକ୍ଷା ଛକ, ଜମ୍ବେଶ୍ୱର ମନ୍ଦିର, ହରଚଣ୍ଡୀ ସାହି, ମଣିକର୍ଣ୍ଣିକା ସାହି, ଗାଣ୍ଡୁଆ ଚଉରା ଛକ ସହିତ ସହରର ଅନେକ ଅଞ୍ଚଳ ପରିଦର୍ଶନ କରାଯାଇଥିଲା। ରଥଯାତ୍ରା ଏବଂ ସାଧାରଣ ଦିନରେ ଏହିସବୁ ଅଞ୍ଚଳ ଦେଇ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ଯାତାୟାତ ହୋଇଥାଏ। ଏହି ପରିଦର୍ଶନ ସମୟରେ ଏସ୍‌ପି ଶ୍ରୀ ସିଂ ରାସ୍ତାର ସ୍ଥିତି, ସମ୍ଭାବ୍ୟ ଟ୍ରାଫିକ ଅବରୋଧ, ଅବୈଧ ପାର୍କିଂ, ଭିଡ଼ ପ୍ରବଣ ଅଞ୍ଚଳ, ଅନ୍ଧାରୁଆ ସ୍ଥାନ, ଆଲୋକୀକରଣ ବ୍ୟବସ୍ଥା, ସିସିଟିଭି କଭରେଜ୍ ଓ ଆପାତକାଳୀନ ସ୍ଥିତିରେ ରେସ୍କ୍ୟୁ ଓ ଏକ୍‌ସେସ୍ ରୁଟ୍ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ନିକଟସ୍ଥ ଥାନାଧିକାରୀ, ସହର ଡିଭିଜନ ଅଧିକାରୀ ଓ ଫିଲ୍ଡ ଅଫିସରଙ୍କୁ ସମ୍ଭାବ୍ୟ ସମସ୍ୟା ଓ ଚ୍ୟାଲେଞ୍ଜଗୁଡ଼ିକୁ ପୂର୍ବରୁ ଚିହ୍ନଟ କରି ସମୟ ଅନୁସାରେ ପ୍ରସ୍ତୁତି ହେବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପୁରୀ ହେଉଛି ଭଗବାନ ଶ୍ରୀଜଗନ୍ନାଥଙ୍କ ଧାମ। ଏହା ସମଗ୍ର ବିଶ୍ୱର ଆସ୍ଥାର କେନ୍ଦ୍ର। ରଥଯାତ୍ରା ଓ ପର୍ଯ୍ୟଟନ ଋତୁରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସନ୍ତି। ସେମାନଙ୍କ ସୁରକ୍ଷା, ସୁବିଧା ଓ ଭଲ ଅନୁଭୂତି ନିଶ୍ଚିତ କରିବା ପୁରୀ ପୁଲିସର ପ୍ରଥମ ପ୍ରାଥମିକତା। ସେଥିପାଇଁ ସାହି, ଗଳି ଓ ବାଇ ଲେନ୍‌ରେ ମାଇକ୍ରୋ ଲେଭଲ୍ ସମୀକ୍ଷା କରାଯାଉଛି। କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ, ଅସାମାଜିକ ତତ୍ତ୍ୱ କିମ୍ବା ଆପାତକାଳୀନ ସ୍ଥିତି ଦେଖିଲେ ସଙ୍ଗେ ସଙ୍ଗେ ୧୧୨ କିମ୍ବା ନିକଟସ୍ଥ ଥାନାକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ମହିଳାମାନେ ଯେ କୌଣସି ସମସ୍ୟାରେ ନିର୍ଭୟ ଭାବେ ପୁଲିସ ସହ ଯୋଗାଯୋଗ କରିପାରିବେ। ତେବେ ଏହି ସମୀକ୍ଷା କାର୍ଯ୍ୟକ୍ରମରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଏବଂ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଅଙ୍କଲୋଜି ସମ୍ମିଳନୀ ଉଦ୍‌ଘାଟିତ

## କର୍କଟ ରୋଗ ଉପରେ ମାନସ ମନ୍ଥନ ଆରମ୍ଭ




ପୁରୀ,୧୬।୧(ସମିସ): ବିଭିନ୍ନ କାରଣରୁ ବର୍ତ୍ତମାନ ଆମ ଦେଶ ଏବଂ ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରି କି ପାନ, ଗୁଟୁଖା ଆଦି ନିଶାଦ୍ରବ୍ୟ ସେବନ ଏବଂ ଅତ୍ୟାଧୁନିକ ଜୀବନଶୈଳୀ ପାଇଁ ମୁଖଗହ୍ୱର କର୍କଟ ଓ ସ୍ତନ କର୍କଟ ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏସବୁ କର୍କଟ ରୋଗର ନୂତନ ଚିକିତ୍ସା ପଦ୍ଧତି କିପରି ରହିଛି ଏବଂ ଆଉ ନୂଆ କର୍କଟ ରୋଗ ଦେଖାଦେଇଛି କି ନାହିଁ ସେ ସମ୍ପର୍କରେ ମାନସ ମନ୍ଥନ କରିବା ଲାଗି ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ କମ୍ପ୍ରେହେନସିଭ ଅଙ୍କଲୋଜି ସମ୍ମିଳନୀ-୨୦୨୬ ଉଦ୍‌ଘାଟିତ ହୋଇଛି। ବିଶେଷକରି କ୍ୟାନ୍ସର, ସର୍ଜରୀ, କେମୋଥେରାପି ଡାକ୍ତରମାନଙ୍କ ମିଳିତ ଉଦ୍ୟମରେ କର୍କଟ ରୋଗର ଚିକିତ୍ସା ଓ ଗବେଷଣା ପାଇଁ କ୍ୟାନ୍ସର କେୟାର ଟ୍ରଷ୍ଟ ପକ୍ଷରୁ ଏହି ତିନିଦିନିଆ ସମ୍ମିଳନୀ ଆୟୋଜିତ ହୋଇଛି।

କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ତଥା ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସୁଶାନ୍ତ କୁମାର ପାଇକରାୟ, ଡା. କୃପାସିନ୍ଧୁ ପଣ୍ଡା, ଡା. ଦୀପକ କୁମାର ରାଉତରାୟ, ଡା. ରଞ୍ଜନ କୁମାର ମହାପାତ୍ର, ଡା. ସୁରେନ୍ଦ୍ର ନାଥ ସେନାପତି, ଡା. ସରୋଜ କୁମାର ଦାସ ମଜୁମଦାର, ଡା. ନିହାରିକା ପଣ୍ଡା, ଡା. ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ କହିଥିଲେ ଯେ, କ୍ୟାନ୍ସର ଆଉ ଦୁଃସାଧ୍ୟ ରୋଗ ନୁହେଁ। କର୍କଟ ରୋଗକୁ କେହି ଭୟ ନ କରି ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦେଇଥିଲେ। ନୂଆ କର୍କଟ ରୋଗ, ନୂତନ ଚିକିତ୍ସା ପଦ୍ଧତି ବିଷୟରେ ଏଥିରେ ଆଲୋକପାତ କରିଥିଲେ। ମୁଖ୍ୟ ଆୟୋଜକ ଡାକ୍ତର ପାଇକରାୟ କହିଛନ୍ତି ଯେ, କର୍କଟ ରୋଗର ସଫଳ ମୁକାବିଲା କରାଯିବା ପାଇଁ ଏଭଳି ସମ୍ମିଳନୀର ଆବଶ୍ୟକତା ରହିଥିଲା। ରାଜ୍ୟ ଓ ରାଜ୍ୟ ବାହାରର ବହୁ ବରିଷ୍ଠ ବିଶେଷଜ୍ଞ ଓ ଡାକ୍ତର ଏଥିରେ ଯୋଗ ଦେଇଛନ୍ତି। ସମସ୍ତଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହିତ ସେମାନଙ୍କ ମତାମତରୁ ଅନେକ ସୁଫଳ ମିଳିପାରିବ ବୋଲି ଡାକ୍ତର ପାଇକରାୟ ଗଣମାଧ୍ୟକୁ କହିଛନ୍ତି।

## ୧୮ ରେ ପୁରୀରେ ପହଞ୍ଚିବ ସ୍ୱର୍ଣ୍ଣ ଧନୁ

● ୧୯ରେ ଶ୍ରୀମନ୍ଦିର ପରିକ୍ରମା କରିବ

ପୁରୀ,୧୬।୧(ସମିସ): ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଅଯୋଧ୍ୟା ଯିବ ଓଡ଼ିଶାରେ ନିର୍ମିତ ସ୍ୱର୍ଣ୍ଣ ଧନୁ। ରାଉରକେଲା ସନାତନ ଜାଗରଣ ମଞ୍ଚ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ଧନୁ ସେଠାରୁ ବାହାରି ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି। ଆସନ୍ତା ୧୮ ତାରିଖ ରାତି ୮ଟାରୁ ୧୦ଟା ମଧ୍ୟରେ ଏହା ପୁରୀର ଉତ୍ତରପାର୍ଶ୍ୱ ମଠରେ ପହଞ୍ଚିବ। ଏହି ଧନୁକୁ ଭକ୍ତମାନେ ମଠ ପରିସରରେ ଦର୍ଶନ କରିବାର ସୁଯୋଗ ପାଇବେ। ଏହା ପରଦିନ ଅର୍ଥାତ୍ ୧୯ ତାରିଖ ପୂର୍ବାହ୍ନରେ ସ୍ତୋତ୍ର ପାଠ, ଭଜନ କୀର୍ତ୍ତନ ସହ ଗୋଟିପୁଅ ନୃତ୍ୟ ଭଳି ଆଡମ୍ବରପୂର୍ଣ୍ଣ ଆୟୋଜନ କରାଯିବ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମଧ୍ୟାହ୍ନରେ ଭକ୍ତମାନଙ୍କ ଗହଣରେ ଧନୁ ଶ୍ରୀମନ୍ଦିର ପରିକ୍ରମା କରିବେ। ଏହାପରେ ଏହି ଧନୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବ। ଆସନ୍ତା ୨୨ ତାରିଖରେ ଏହାକୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଚରଣରେ ଅର୍ପଣ କରାଯିବ ବୋଲି ଶୁକ୍ରବାର ଉତ୍ତର ପାର୍ଶ୍ୱ ମଠରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୮୬ କେଜି ବିଶିଷ୍ଟ ଏହି ଧନୁ ୧କେଜି ସୁନା, ଅଢେଇ କେଜି ରୁପା ସହ ତମ୍ବା, ଜିଙ୍କ ଓ ଲୁହା ମିଶ୍ରଣରେ ପ୍ରସ୍ତୁତ କରାଯାଇଛି।

ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି, ଓଡିଶାବାସୀଙ୍କ ଭକ୍ତି ଓ ଶ୍ରଦ୍ଧାର ସୂଚକ ଭାବେ ଏହି ଧନୁ ଅଯୋଧ୍ୟା ଯାତ୍ରା କରିବେ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସ୍ପର୍ଶ କରାଇ ଅଯୋଧ୍ୟା ରାମ ମନ୍ଦିର ସଂଗ୍ରହାଳୟରେ ଏହା ସ୍ଥାନିତ ହେବ। ତେଣୁ ଭବ୍ୟ ଆଡମ୍ବରରେ ପ୍ରଭୁଙ୍କ ଏହି ଧନୁକୁ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ପରିକ୍ରମା କରାଇବାର କାର୍ଯ୍ୟକ୍ରମ ରହିଛି। ଏଥିରେ ସମସ୍ତ ମଠ ମହନ୍ତ, ସନ୍ଥ, ଭକ୍ତ, ସେବାୟତବୃନ୍ଦ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଶ୍ରୀମନ୍ଦିର ସେବାୟତ ସଂଘ ସଭାପତି ଗୌରହରି ପ୍ରଧାନ କହିଛନ୍ତି, ରାଉରକେଲାରୁ ଆସୁଥିବା ଧନୁକୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି କରାଯାଇଛି। ଏଥିରେ ବହୁ ସଂଖ୍ୟାରେ ଭକ୍ତ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି।

## ବଦ୍ରି ମିଶ୍ରଙ୍କୁ କଳିଙ୍ଗ ଗୌରବ ସମ୍ମାନ

ପୁରୀ,୧୬।୧(ସମିସ): ସମାଜ ସଂସ୍କାର କ୍ଷେତ୍ରରେ ମହନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ବଦ୍ରି ମିଶ୍ରଙ୍କୁ ଭୁବନେଶ୍ୱର ସେଣ୍ଟ ଜାଭିଅର ଏଡୁକେଶନାଲ ଓ ପ୍ରଶାନ୍ତି ହସ୍‌ପିଟାଲ ପକ୍ଷରୁ କଳିଙ୍ଗ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ରେଳୱେ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ନରେନ୍ଦ୍ର ମିଶ୍ର, ମଠାଧୀଶ ରାମକୃଷ୍ଣ ଦାସ, ବିଶିଷ୍ଟ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ବିଜେପି ଉପସଭାପତି ଗୋଲକ ମହାପାତ୍ର, ସମାଜ ସଂସ୍କାରକ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବିଶିଷ୍ଟ ଅଧିବକ୍ତା ବନ ମହାନ୍ତି ଓ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବଦ୍ରିନାଥ ପଟ୍ଟନାୟକ ଶ୍ରୀ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଶ୍ରୀ ମିଶ୍ର ବୃକ୍ଷରୋପଣ, ରକ୍ତଦାନ ଓ ଶବଦାହ କରି ଓଡ଼ିଶାରେ ଜଣେ ବିଶିଷ୍ଟ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

● ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା

## ପୂର୍ବତନ ଏସିଏଫ୍ ଦୋଷୀ ସାବ୍ୟସ୍ତ

ପୁରୀ,୧୬।୧(ସମିସ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ପୁରୀର ପୂର୍ବତନ ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୁରେଶ ଚନ୍ଦ୍ର ରଥଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏସିଏଫ୍ ଶ୍ରୀ ରଥ ଏବେ ଚାକିରୀରୁ ଅବସର ନେଇ ସାରିଛନ୍ତି। କିନ୍ତୁ ସେ ପୁରୀ ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟରେ ଥିବାବେଳେ ତାଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ପିସି ଆଇନ ୧୯୮୮ ଧାରାରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସ କୋର୍ଟର ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ଶ୍ରୀ ରଥଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୩ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ପୂର୍ବତନ ଏସିଏଫ୍ ଶ୍ରୀ ରଥ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ତାଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବ।

## ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ଉଦ୍‌ଘାଟିତ



ପୁରୀ,୧୬।୧(ସମିସ): ବଡ଼ଦାଣ୍ଡସ୍ଥିତ ବଗଲା ଧର୍ମଶାଳା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଏହି ଏକ୍ସପୋକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ ଏବଂ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ଅତିଥିମାନେ ଏହି ବ୍ୟାପାର ମେଳାର ସଫଳତା ପାଇଁ ତାଙ୍କର ଶୁଭେଚ୍ଛା ଓ ସହଯୋଗ ଜଣାଇଥିଲେ। ଇଣ୍ଡିଆ ଟ୍ରେଡ୍ ଏକ୍ସପୋ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟ ସହିତ ବିଦେଶୀ ଦେଶମାନଙ୍କର ପ୍ରଦର୍ଶକମାନେ ତାଙ୍କର ବିବିଧ ଉତ୍ପାଦ ଓ ନୂତନ ଅଭିନବତା ପ୍ରଦର୍ଶନ କରୁଛନ୍ତି, ଯାହା ବ୍ୟାପାର, ସଂସ୍କୃତି ଓ ଆର୍ôଥକ ସହଯୋଗକୁ ପ୍ରୋତ୍ସାହନ ଦେଉଛି। ଏହି ଏକ୍ସପୋ ବ୍ୟବସାୟିକ ସଂଯୋଗ, ଆନ୍ତର୍ଜାତୀୟ ବ୍ୟବସାୟ ନେଟୱାର୍କିଂ, ସାଂସ୍କୃତିକ ବିନିମୟ ଓ ଗ୍ରାହକ ସମ୍ପୃକ୍ତତା ପାଇଁ ଏକ ସକ୍ରିୟ ଓ ଆକର୍ଷଣୀୟ ମଞ୍ଚ ପ୍ରଦାନ କରିବା ଉଦ୍ଦେଶ୍ୟ ରଖିଛି। ଏହି ଏକ୍ସପୋ ତା'ର ପ୍ରଦର୍ଶନୀରେ ବହୁ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି ବୋଲି କହିଛନ୍ତି ଅତିଥି। ଏହି ଆନ୍ତର୍ଜାତୀୟ ବ୍ୟାପାର ପ୍ରଦର୍ଶନୀରେ ୮୦ଟି ଷ୍ଟଲ୍ ରହିଛି, ଯେଉଁଥିରେ ଭାରତର ବିଭିନ୍ନ ରାଜ୍ୟ ସହିତ ଇରାନ ଓ ଆଫଗାନିସ୍ତାନ ଭଳି ବିଦେଶୀ ଦେଶମାନଙ୍କର ଅଗ୍ରଣୀ ପ୍ରଦର୍ଶକମାନେ ଅଂଶଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ହସ୍ତଶିଳ୍ପ, ଲାଇଫ୍ ଷ୍ଟାଇଲ ଉତ୍ପାଦ, ଉପଭୋକ୍ତା ସାମଗ୍ରୀ, ଖାଦ୍ୟ ପଦାର୍ଥ ଓ ନୂତନ ସେବାମାନଙ୍କର ପ୍ରଦର୍ଶନ ସହିତ ବ୍ୟାପାର ପ୍ରୋତ୍ସାହନ ପାଇଁ ଏକ ସଂଯୁକ୍ତ ମଞ୍ଚ ସୃଷ୍ଟି କରାଯାଇଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ହକି ଖେଳାଳି



ପୁରୀ,୧୬।୧(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ ହକି ଦଳର ଖେଳାଳୀ। ଭାରତୀୟ ଦଳର ପୂର୍ବତନ ଗୋଲ୍ କିପର ତଥା ଜୁନିୟର ଟିମ୍‌ର କୋଚ୍ ପି.ଆର୍. ଶ୍ରୀଜେଶ ଏବଂ ଅନ୍ୟ ଖେଳାଳୀମାନେ ଶୁକ୍ରବାର ପୁରୀରେ ପହଞ୍ଚିଥିଲେ। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ଏହାପରେ ମା' ବିମଳା, ମା'ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖେଳାଳୀମାନଙ୍କୁ ଠାକୁରଙ୍କ ପ୍ରସାଦ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଆନନ୍ଦିତ ଥିବା କହିଛନ୍ତି ଶ୍ରୀଜେଶ। ଭାରତୀୟ ହକି ଟିମ୍ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ଥାଉ। ଦଳ ଭଲ ଫଳାଫଳ କରୁ ଏହା ହିଁ କାମନା କରିଛୁ ବୋଲି କହିଛନ୍ତି ଶ୍ରୀଜେଶ।

● ସମଲିଙ୍ଗୀ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ

ପୁରୀ,୧୬।୧(ସମିସ): ପୁରୀ ଜିଲ୍ଲାର ଏକ ଚର୍ଚ୍ଚିତ ସମିଲିଙ୍ଗୀ ପୋକ୍ସୋ ମାମଲାରେ ପୁରୀ ଜିଲ୍ଲା ଅତିରିକ୍ତ ଦୌରଜଜ୍ ରାମନାଥ ପଣ୍ଡା ରାୟ ଶୁଣାଇଛନ୍ତି। ୨୦୧୮ ମସିହାରେ ଘଟିଥିବା ଏକ ପୋକ୍‌ସୋ ମାମଲାର ବିଚାର କରି ଶୁକ୍ରବାର ଅତିରିକ୍ତ ଦୌରାଜଜ୍ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନ ଆଦାୟ ପାଇଁ ଦଣ୍ଡିତ କରିଛନ୍ତି। ଏହି ମାମଲାର ଅଭିଯୁକ୍ତ ହେଉଛନ୍ତି ଦେବରାଜ ମଲ୍ଲିକ। ଗୌଡକେରାରେ ୨୦୧୮ ସେପ୍ଟମ୍ବର ମାସରେ ଘଟିଥିବା ଏକ ସମଲିଙ୍ଗୀ ମାମଲାର ବିଚାର କରି ଏହି ଦଣ୍ଡ ଶୁଣାଣି କରିଛନ୍ତି। ଏହି ମାମଲାରେ କୋର୍ଟ ୮ ଜଣଙ୍କ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଦୋଷୀକୁ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ ପୀଡିତାକୁ ୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନେଇ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ମଧୁସୂଦନ ଦାସ ଏହି ମାମଲା ପରିଚାଳନା କରିଥିଲେ।

ପୁରୀ କୋର୍ଟ ସ୍ଥାନାନ୍ତର ପ୍ରସଙ୍ଗ

## ରାଜନୈତିକ ଦଳର ସାହାଯ୍ୟ ଲୋଡ଼ିଲା ଓକିଲ ସଂଘ

ପୁରୀ,୧୬।୧(ସମିସ): ପୁରୀ କୋର୍ଟ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଜାରି ରହିଛି। ବାଲୁଖଣ୍ଡକୁ କୋର୍ଟ ନେବା ଲାଗି ପ୍ରଶାସନର ଉଦ୍ୟମକୁ ବିରୋଧ କରିଆସୁଛି ଓକିଲ ସଂଘ। ୧୦ ମାସରୁ ଉର୍ଦ୍ଧ୍ୱ ହେବ ଚାଲିଛି ସତ୍ୟାଗ୍ରହ। ହେଲେ ଓକିଲ ସଂଘର ଦାବିକୁ ମାନିବାକୁ ନାରାଜ ସରକାର ଓ ପ୍ରଶାସନ। ଏଭଳି ସ୍ଥିତିରେ ବିଭିନ୍ନ ରାଜନୈତିକ ଦଳର ସାହାଯ୍ୟ ଲୋଡିଛି ସଂଘ। ଶୁକ୍ରବାର ଓକିଲ ସଂଘ କାର୍ଯ୍ୟାଳୟରେ ରାଜନୈତିକ ଦଳ ସଭାପତିମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, କଂଗ୍ରେସ ଜିଲ୍ଲା ସଭାପତି ଇଂ. ରାଜେଶ୍ କୁମାର ମିଶ୍ର, ସିପିଏମ୍ ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଯୋଗଦେଇଥିଲେ। ଏଥିରେ ଆଲୋଚନା ହୋଇଥିଲା ଯେ, ବ୍ରିଟିଶ ଅମଳରୁ ଜିଲ୍ଲାପାଳ ଅଫିସ ପାଖରେ ୧୮୬୩ ମସିହାରୁ କୋର୍ଟ ତିଆରି ହୋଇଥିଲା। ଲୋକେ ଗୋଟିଏ ଜାଗାରେ କୋର୍ଟ ଆଉ କଚେରୀ କାମ ସାରି ନିଜ ଗ୍ରାମକୁ ସୁବିଧାରେ ଯାଇ ପାରୁଥିଲେ। ପରବର୍ତ୍ତୀ ସମୟରେ ସବୁ ବ୍ଲକରେ କୋର୍ଟ ହେଲା। ପୁରୀ କୋର୍ଟ କମ୍ପ୍ଲେକ୍ସ ପାଇଁ ଆବଶ୍ୟକୀୟ ଜମି ବର୍ତ୍ତମାନ କୋର୍ଟ ଥିବା ସ୍ଥାନରେ ଅଛି। ଗଞ୍ଜାମ, ଭୁବନେଶ୍ୱର, ହାଇକୋର୍ଟ ଯଦି ବର୍ତ୍ତମାନ ସ୍ଥାନରେ କେତେକ ସରକାରୀ ଅଫିସକୁ ମିଶାଇ ତିଆରି ହୋଇପାରିଲା ତେବେ ପୁରୀରେ କାହିଁକି ହେବନି? ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳକୁ ଗଲେ ସେଠାରେ ମଧୁର ଜଳ ଓ ସିଆର୍‌ଜେଡ୍ କଟକଣା ରହିଛି। ଲୋକେ ଯିବା ଆସିବାରେ ହଇରାଣ ହେବା ସହ ନିରାପତ୍ତା ଦୃଷ୍ଟିରୁ ଠିକ୍ ନୁହେଁ ବୋଲି ରାଜନୈତିକ ଦଳର ନେତୃବୃନ୍ଦ କହିଥିଲେ। ବର୍ତ୍ତମାନ କୋର୍ଟ ଥିବା ଜମି କ'ଣ ହେବ ଏବଂ କେଉଁ କାମରେ ଲାଗିବ ବୋଲି ପ୍ରଶ୍ନ ଉଠାଇଥିଲେ। କୋର୍ଟ ସ୍ଥାନାନ୍ତର ପ୍ରସଙ୍ଗ ଲୋକଙ୍କ ପାଖକୁ ନେଇ ଯିବା ସହ ବିଭିନ୍ନ ଅନୁଷ୍ଠାନ, ସଂଘ, ଜାଗା ଆଖଡା ଓ ଦଳମାନଙ୍କ ତରଫରୁ ବର୍ତ୍ତମାନ କୋର୍ଟ ଥିବା ସ୍ଥାନରେ ପୁରୀ କୋର୍ଟ କମ୍ପ୍ଲେକ୍ସ ତିଆରି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ସରକାର ନ ଶୁଣିଲେ ରାସ୍ତାରୋକୋ, ଅଫିସ କଚେରୀ ବନ୍ଦ ତା' ପରେ ପୁରୀ ବନ୍ଦ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଏଥିରେ ବାର୍ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ ରାୟଗୁରୁ, ବିଭୁଦତ୍ତ ପଟ୍ଟନାୟକ, ଭାଗବତ ପ୍ରାସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି, ଅନୀଲ ସାହୁ, ସମୀର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



## ଧାନଭର୍ତ୍ତି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ




ବଲାଙ୍ଗିର,୧୬।୧(ସମିସ): ବଲାଙ୍ଗିର ସହରରେ ଏକ ଧାନଭର୍ତ୍ତି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁବାର ରାତିରେ ଏହି ଦୁର୍ଘଟଣା ଘଟିଛି। ବଲାଙ୍ଗିର ଟାଉନ ଥାନା ପାଖରେ ଥିବା ଏକ ପେଟ୍ରୋଲ ଟ୍ୟାଙ୍କ ସାମ୍ନାରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହୋଇ ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକ ମଣ୍ଡିରୁ ଧାନ ନେଇ ଗାଡିଟି ମିଲ୍‌କୁ ଯାଉଥିଲା।

## ଲୋଇସିଂହାରେ ବାଇକ୍ ଚୋରି ଅଭିଯୋଗ

ଲୋଇସିଂହା,୧୬।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ପୁଣି ଏକ ବାଇକ୍ ଚୋରି ଅଭିଯୋଗ ହୋଇଛି। କିଛି ଦିନ ହେଲା ଏହି ଥାନା ଅଧୀନ ବିଭିନ୍ନ ଅଞ୍ଚଳରୁ ଚୋରି ଅଭିଯୋଗ ସାମ୍ନାକୁ ଆସୁଛି। ଗୁରୁବାର ରାତିରେ ଥାନାଠାରୁ ମାତ୍ର କିଛି ମିଟର ଦୂରରେ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜଣେ ବ୍ୟବସାୟୀ ନିଜ ବାଇକକୁ ସବୁଦିନ ଭଳି ଘର ନିକଟରେ ଥିବା ଏକ ପିଣ୍ଡିରେ ରଖି ଶୋଇବାକୁ ଯାଇଥିଲେ। ସକାଳୁ ଉଠି ଦେଖିବା ସମୟରେ ସେହି ସ୍ଥାନରେ ତାଙ୍କ ବାଇକଟି ନ ଥିଲା। ବହୁ ଖୋଜାଖୋଜି କରିଥିଲେ। ନ ମିଳିବାରୁ ସେ ଲୋଇସିଂହା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ମାମଲା

# ଯାତ୍ରା ଉଦ୍‌ଘାଟନ କରି ବିବାଦରେ ଫାଣ୍ଡି ଅଧିକାରୀ

ବଲାଙ୍ଗିର,୧୬।୧(ସମିସ)

ବଲାଙ୍ଗିର ସଦର ଥାନା ଅଞ୍ଚଳରେ ବିବାଦୀୟ ନିଶା ମହାରଣାଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଏବଂ ଏହି ଘଟଣାରେ ୨ ଜଣ ଆୟୋଜକ ଗିରଫ ଘଟଣା ଏକ ଭିନ୍ନ ମୋଡ ନେଇଛି। ସଦର ଥାନା ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ହିଁ ଏହି ଯାତ୍ରା ମଞ୍ଚକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ରିପୋର୍ଟ ବଳରେ ସଦର ଥାନାରେ ମାମଲା ରୁଜୁ ହୋଇଛି ଏବଂ ୨ ଜଣ ଆୟୋଜକ ଗିରଫ ହୋଇଛନ୍ତି। ଅଶ୍ଳୀଳ ନୃତ୍ୟ ଚାଲିଥିବା ବେଳେ ନିଜେ ସେ ଉପସ୍ଥିତ ରହି ତାହା ଉପଭୋଗ ମଧ୍ୟ କରିଥିଲେ। ପରେ କିନ୍ତୁ କାହିଁକି ଓ କାହା ନିର୍ଦ୍ଦେଶରେ ଲିଖିତ ରିପୋର୍ଟ କରିଥିଲେ ତାହା ଏବେ ବଡ଼ ପ୍ରଶ୍ନ। ତେବେ ଏହି ଘଟଣା ପରେ ବଲାଙ୍ଗିର ପୁଲିସ ପ୍ରତି ଲୋକଙ୍କ ପ୍ରଶ୍ନ ଉଠିଛି। ଖାକିର ଭାବମୂର୍ତ୍ତି ସ୍ୱଚ୍ଛ ରଖିବାକୁ ଜିଲ୍ଲା ପୁଲିସ ଯଥା ସମ୍ଭବ ଉଦ୍ୟମ କରିଛି। କେବଳ ଉଦ୍ୟମ କରିନି; ବରଂ ରାତିରାତି ଚନ୍ଦନଭାଟି ଫାଣ୍ଡି ଅଧିକାରୀଙ୍କୁ ବୈରାଶ ବଦଳି କରିଛି।

ଶ୍ରୀ ପଧାନ ଗତ କିଛି ଦିନ ହେଲା ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ଘେରରେ ରହିଛନ୍ତି। ଚନ୍ଦନଭାଟିରେ ଚାଲିଥିବା ଯାତ୍ରା ପେଣ୍ଡାଲରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯାଉଥିବା ନେଇ ସେ ରିପୋର୍ଟ ପ୍ରଦାନ କରିଥିଲେ। ଦୁଇ ଆୟୋଜକଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥଲେ।

- ବିବାଦୀୟ ବାବୁଙ୍କ ପାଇଁ ବଦନାମ ବଲାଙ୍ଗିର ପୁଲିସ
- ତରବରିଆ ଭାବେ ବୈରାଶର ଅଞ୍ଚଳକୁ ବଦଳି
- ପୁଲିସର ଭାବମୂର୍ତ୍ତି ସ୍ୱଚ୍ଛ ଦେଖାଇବାକୁ ଉଦ୍ୟମ
- ନିଶାଙ୍କୁ ଗିରଫ ପାଇଁ ଖୋଜୁଛି ପୁଲିସ



ଏବେ ନିଜେ ସେ ଏଥିରେ ବିବାଦୀୟ ହୋଇଛନ୍ତି। ଗତ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦନଭାଟିରେ ଯାତ୍ରା ଅନୁଷ୍ଠିତ ହୋଇଥଲା। ଏହାକୁ ନିଜେ ସେ ଉଦ୍‌ଘାଟନ କରିଥିଲେ। ଏପରିକି ୧୨ ତାରିଖରେ ଯାତ୍ରା ପେଣ୍ଡାଲରେ ଯେତେବେଳେ ନିଶା ମହାରଣା ସର୍ବସମ୍ମୁଖରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ ଶ୍ରୀ ପ୍ରଧାନ ଉପସ୍ଥିତ ରହି ଉପଭୋଗ କରିଥିଲେ। ଯାତ୍ରାକୁ ନିଜେ ଉଦଘାଟନ କରିବା ଅର୍ଥ ଏଥିପ୍ରତି ତାଙ୍କର ସମର୍ଥନ ରହିଥିଲା। ଯଦି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ସେ କାହିଁକି ଜଣକ ବାରଣ କଲେ ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେବେ ୧୨ ତାରିଖରେ ହୋଇଥିବା ଏହି କାର୍ଯ୍ୟକ୍ରମ ବିରୋଧରେ ୧୪ ତାରିଖରେ ମାମଲା ରୁଜୁ ହୋଇଥିଲା। ୧୫ ତାରିଖରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଥିଲା। ଅନ୍ୟମାନେ ଫେରାର ଅଛନ୍ତି। ନିଶା ମହାରଣାଙ୍କୁ ଗିରଫ କରିବା ପାଇଁ ସଦର ପୁଲିସର ଏକ ଟିମ୍ ଗଠନ ହୋଇଛି। ସେ ମଧ୍ୟ ଫେରାର ଅଛନ୍ତି। ଏହି ମାମଲାରୁ ଖସିଯିବା ପାଇଁ ପୁଲିସ ତାଙ୍କୁ ଜାଣିଶୁଣି ସୁଯୋଗ ଦେଉନାହିଁ ତ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଗୋଟିଏ ପଟେ ଫାଣ୍ଡି ଅଧିକାରୀ ଯାତ୍ରା ପେଣ୍ଡାଲର ଦୃଶ୍ୟ ଉପଭୋଗ କଲେ ଅନ୍ୟପଟେ ନିଜ ଚାକିରି ବଞ୍ଚାଇବା ପାଇଁ ମାମଲା ରୁଜୁ କରି ଆୟୋଜକଙ୍କୁ ଗିରଫ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଛତିଶଗଡରେ ସାହୁ ଭାଉଜଙ୍କ ଏହିଭଳି ପ୍ରଦର୍ଶନକୁ ନେଇ ମାମଲା ରୁଜୁ ହେବା ପରେ ସେଠାରେ ଉପସ୍ଥିତ ଥିବା ଜଣେ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏହି ମାମଲାରେ ଶ୍ରୀ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। କିଛି ଦିନ ପୂର୍ବରୁ ଶ୍ରୀ ପ୍ରଧାନ ଏକ ଚୋରି ମାମଲାରେ ଚୋରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ନେଇ ଶତାଧିକ ଗ୍ରାମବାସୀ ଏସ୍‌ପି ଅଫିସ ଘେରଉ କରିଥିଲେ। ଏପରିକି କିଛି ବ୍ୟକ୍ତି ତାଙ୍କୁ ଟଙ୍କା ଦେଇ ଚନ୍ଦନଭାଟିରେ ମଦ ବିକ୍ରି ହେଉଥିବା ନେଇ ମଧ୍ୟ ଅଭିଯୋଗ ଆଣିଥିଲେ। ତେବେ ଏହିଭଳି ଜଣେ ବିବାଦୀୟ ଅଧିକାରୀଙ୍କ ବିରୋଧରେ ପୁଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ ସୃଷ୍ଟି କରିଛି।

### ● ଖରିଫ ବିପଣନ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ

## ୩ ଦିନ ଭିତରେ ଟଙ୍କା ପାଇବେ ମାଣ୍ଡିଆ ଚାଷୀ



ବଲାଙ୍ଗିର,୧୬।୧(ସମିସ): ସ୍ଥାନୀୟ ଖଣ୍ଡୀୟ ବନ ଅଧିକାରୀଙ୍କ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡିଆ ବିକ୍ରିର ୩ ଦିନ ଭିତରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ପ୍ରାପ୍ୟ ପ୍ରଦାନ ପାଇଁ କୁହାଯାଇଛି।

ଚଳିତ ଖରିଫ ବିପଣନ ୨୦୨୫-୨୬ ଋତୁ ପାଇଁ ମାଣ୍ଡିଆ, ଡାଲି ଏବଂ ତୈଳବୀଜ ଜାତୀୟ ଫସଲର କ୍ରୟ ନିମନ୍ତେ ଏହି ବୈଠକ ବସିଥିଲା। ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ ପଟେଲ ଏବଂ ଟିଟିଲାଗଡ଼ ଉପ-ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହା ଶ୍ରୀ ଅନ୍ନ ଅଭିଯାନ ଓ ଅନ୍ୟ ଯୋଜନାର ତଥ୍ୟ ଉପସ୍ଥାପନ କରିଥିଲେ। ୨୧ଟି ମଣ୍ଡିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପ୍ରତି ୪,୮୮୬ ଟଙ୍କା ହିସାବରେ ବଙ୍ଗୋମୁଣ୍ଡା, ମୁରିବାହାଲ, ତୁରେଇକେଲା, ଖପ୍ରାଖୋଲ, ପାଟଣାଗଡ଼, ଟିଟିଲାଗଡ ଓ ବେଲପଡାରେ ୧୯ ତାରିଖରୁ ସାପ୍ତାହିକ ୩ ଦିନ ମଣ୍ଡି ଖୋଲାଯାଇ ୨୪,୯୫୨ କ୍ୱିଣ୍ଟାଲ୍ ମାଣ୍ଡିଆ କ୍ରୟ ପାଇଁ ସ୍ଥିର କରାଯାଇଛି। ବ୍ଲକସ୍ତରୀୟ କ୍ରୟ ସଂସ୍ଥାଗୁଡିକୁ ବ୍ଲକଗୁଡିକର ନିର୍ଦ୍ଧାରିତ ଲକ୍ଷ୍ୟ ପରିମାଣର ଏଫଏକ୍ୟୁ ମାନର ମାଣ୍ଡିଆ କ୍ରୟ କରିବା ପାଇଁ ପରାମର୍ଶ ଦିଆଯାଇଛି। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲ୍ଲାର ୭ଟି ବ୍ଲକକୁ ମାଣ୍ଡିଆ ସହିତ ଡାଲି ଓ ତୈଳ ଜାତୀୟ ଶସ୍ୟଗୁଡିକର ଉତ୍ପାଦନ ବୃଦ୍ଧି କରିବା ଦିଗରେ ଅଧିକ ପ୍ରାଧାନ୍ୟ ଦେବାକୁ ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ଜିଲ୍ଲାରେ ରପ୍ତାନୀ ମାନର ଶସ୍ୟ ଉତ୍ପାଦନ କରିବାକୁ ଆଲୋଚନା କରିଥିଲେ। ମଣ୍ଡିରେ ଚାଷୀଙ୍କ ମାଣ୍ଡିଆ ବିକ୍ରି ପାଇଁ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଆଲୋଚନା କରଯାଇଥିଲା।

### ■ ଅଲ୍ ଓଡ଼ିଶା ବ୍ୟାଡମିଣ୍ଟନ ପ୍ରତିଯୋଗିତା

## ଟିଟିଲାଗଡ଼କୁ ହରାଇ ଭୁବନେଶ୍ୱର ବିଜୟୀ




ଟିଟିଲାଗଡ଼,୧୬।୧(ସମିସ): ଟିଟିଲାଗଡ଼ ଲାୟନ୍ସ ଓ ଲିଓ କ୍ଲବ୍ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ତନ୍ମୟ ସାହୁ, ଅଭିଜିତ ମହାରଣା ଏବଂ ଟିଟିଲାଗଡ଼ର ମହମ୍ମଦ ଇରଫାନ ଓ ସରୋଜ ଭୋଇଙ୍କ ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛନ୍ତି। ଏଥିରେ ବିଧାୟକ ନବୀନ ଜୈନ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ମମତା ଗୌତମ, ପ୍ରଶାନ୍ତ ଷଡ଼ଙ୍ଗୀ, ପଙ୍କଜ ଅଗ୍ରୱାଲ, ବିନ୍ଦୁ ସାହୁ, ଈଶ୍ୱର ଜୈନ, ଲାୟନ୍ସ କ୍ଲବ ସଭାପତି ସଞ୍ଜୟ ସୋନି, ସମ୍ପାଦକ ପଙ୍କଜ ନାମଦେବ, ଯମୁନା ପ୍ରସାଦ ଗୋଏଲ, ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମ, ସୀମା ଗୋଏଲ, କ୍ଲବ ସଭାପତି ସଞ୍ଜୟ ସୋନି, ପ୍ରମୋଦ ପ୍ରଧାନ, ଗଙ୍ଗାଧର ଶର୍ମା, କ୍ଲବ ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ଲିଓ କ୍ଲବ ସଭାପତି ପ୍ରତ୍ୟୁଷ ସାହୁ, ନରେଶ ଜୈନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅସୀମ କୁଣ୍ଡୁ ମଞ୍ଚ ପରିଚାଳନା କରିଥିଲେ। ଶୈଳେଶ ଗୋଏଲ ମଞ୍ଚ ପରିଚାଳନା କରିଥିଲେ। ନୀରୋଜ ପଟ୍ଟନାୟକ ଓ ସଞ୍ଜୟ ବଂସଲ ସହଯୋଗ କରିଥିଲେ।

## ଯମୁନାରେ ମକର ମେଳା ମହୋତ୍ସବ



ମୁରିବାହାଲ, ୧୬।୧(ସମିସ): ହଳଦୀ ପଞ୍ଚାୟତ ଯମୁନା ଗ୍ରାମ ପାହାଡ ଉପରେ ମକର ମେଳା ମହୋତ୍ସବ ଓ ଷୋହଳ ପ୍ରହରି ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ରୂପେ ଆୟୋଜକ କମିଟି ସଭାପତି ନିତ୍ୟାନନ୍ଦ ମହାକୁର ଓ ତାଙ୍କ ପତ୍ନୀ ସୁଚିତା ମହାକୁର ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ରୂପେ ଦାଶରଥି ଷଡ଼ଙ୍ଗୀ, ଜପକ ଭାବେ ଦୁର୍ଯ୍ୟୋଧନ ପାଣିଗ୍ରାହୀ, ଷଡ଼ବୈଷ୍ଣବ ରୂପେ ବ୍ରଜମୋହନ ମହାକୁର, ଦେବେନ୍ଦ୍ର ପଧାନ, ନଟବର ମେର୍ଲି, ରାଏଧର ଶିକା, ଉଦ୍ଧାଧର ମହାକୁର, ଯେହେରୁ ମହାକୁର, ବସନ୍ତ ପଧାନ, ପ୍ରସନ୍ନ କର୍ମୀ ଓ ଲଳିତ ସାହୁ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ମହୋତ୍ସବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ତହସିଲଦାର ଜଗଦୀଶ କର୍ତ୍ତାମୀ, ବିଡ଼ିଓ ବାସନ୍ତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ନିରୁପମା ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

## ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ପ୍ରଦର୍ଶନୀ

ବେଲପଡା,୧୬।୧(ସମିସ): ଯୁବା ଗାଁ ର ଡିଏସପି ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ପଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସର୍ଗିଗୁଡ଼ା ସରକାରୀ ଉ.ପ୍ରା ବିଦ୍ୟାଳୟର ବିକାଶ ଥପା, ଧୁମାଭଟା ବାଣୀଶ୍ରୀ ଉଚ୍ଚ ବିଦ୍ୟାଳୟର ରାଜା ବନଗୁଲା କପାଣି ଉଚ୍ଚ ବିଦ୍ୟାଳୟର ମାନସ ରଞ୍ଜନ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଗୋପାଳ ମେହେର, ବେଲପଡା ବିଇଓ ଅବିନାଶ ମିଶ୍ର, ଚତୁର୍ଭୁଜ ମିର୍ଦ୍ଧା, ସରପଞ୍ଚ ସୁଷମା ସେଠ, କ୍ଷୀରସିନ୍ଧୁ ମଳିକ, ବିଜ୍ଞାନ ସଂଯୋଜକ ସୁଶାନ୍ତ ନାଏକ ଏବଂ ଆବାହକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ମାଧିଆପାଲିରେ ମାହେଶ୍ୱରୀ ସଂଗଠନର ଶାଖା



ବଲାଙ୍ଗିର,୧୬।୧(ସମିସ): ମାଧିଆପାଲି ପଞ୍ଚାୟତରେ ମାହେଶ୍ୱରୀ ସଂଗଠନର ଏକ ଶାଖା ଶୁଭାରମ୍ଭ ହୋଇଛି। ସଂଯୋଜକ ଭାବେ ସୂର୍ଯ୍ୟକାନ୍ତ ନାଏକ ଏବଂ ସହସଂଯୋଜକ ଭାବେ ସମୀର ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ଉପଦେଷ୍ଟା ସୁରଜ ପଟେଲ, ପରି.କଳ୍ପନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ସଭାପତି ଶୋଭନ ଅଗ୍ରୱାଲ, ସୋମେଶ ମିଶର, କରନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ଜିଲ୍ଲାର ବ୍ଲକ୍, ଏନ୍‌ଏସି ବିଜେଡି ସଭାପତିଙ୍କ ନାମ ଘୋଷଣା

ବୀରମହାରାଜପୁର,୧୬।୧(ସମିସ): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଦଳର ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ନଗର ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ଶୁକ୍ରବାର ଏ ନେଇ ଦଳ ପକ୍ଷରୁ ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଏକ ଚିଠି ପ୍ରକାଶ ପାଇଛି। ବୀରମହାରାଜପୁର ବ୍ଲକ୍ ବିଜେଡ଼ି ସଭାପତି ଭାବେ ସୁରୁନାରାୟଣ ମହାକୁର, ଉଲୁଣ୍ଡା ବ୍ଲକ୍ ପାଇଁ ଝସକେତନ ବଘାର, ବିନିକା ବ୍ଲକ୍ ପାଇଁ ଦ୍ୱାରିକାନାଥ ସାହୁ, ବିନିକା ଏନଏସି ପାଇଁ ସୋମନାଥ ମିଶ୍ର, ସୋନପୁର ପୌରାଞ୍ଚଳ ପାଇଁ ଜନ୍ମେଜୟ ପାତ୍ର, ସୋନପୁର ବ୍ଲକ୍ ପାଇଁ ଶଙ୍କର ପ୍ରସାଦ ସା, ଡୁଙ୍ଗୁଲିପାଲି ବ୍ଲକ୍ ପାଇଁ ହିମାଂଶୁ ଶେଖର ବିଶ୍ୱାଳ, ତରଭା ବ୍ଲକ୍ ପାଇଁ ହେମନ୍ତ ସାହୁ ଏବଂ ତରଭା ଏନଏସି ଲାଗି ଗଗନ କୁମାର ଅଗ୍ରୱାଲଙ୍କୁ ସଭାପତି ଭାବେ ଦଳ ପକ୍ଷରୁ ଦାୟିତ୍ୱ ଦିଆଯାଇଛି।

### ବାଟବଣା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ

# ସମୟ ସରିଲାଣି; କାମ ସରିନି

ବଲାଙ୍ଗିର,୧୬।୧(ସମିସ)

ନିର୍ମାଣ କାମ ଚାଲିଛି ଯେ ଚାଲିଛି ସରିବାର ନାଁ ନେଉନାହିଁ। କେବେ କାମ ସରିବ ଆଉ ଲୋକେ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ପାଇବେ ତାକୁ ନେଇ ଅନେଇ ବସିଛନ୍ତି। ବର୍ଷ ବର୍ଷ ଧରି ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପ କାମ ସରୁନି। କେଉଁଠି ଓଭର ହେଡ ଟ୍ୟାଙ୍କ ନିର୍ମାଣ କାମ ସଂପୂର୍ଣ୍ଣ ହୋଇନି ତ ଆଉ କେଉଁଠି ଟାଙ୍କି କାମ ସରିଯାଇଛି; କିନ୍ତୁ ପାଇପ୍ କାମ ଅଧାରେ ଅଟକିଛି। ଆଉ କେଉଁଠି କାମ ପାଇଁ ରାସ୍ତା ନଷ୍ଟ ହୋଇଛି। ରାସ୍ତା ମରାମତି ନ କରି ଠିକାଦାର ଫେରାର ହୋଇଯାଇଛନ୍ତି। ଏମିତିରେ ଗୋଟିଏ ପଟେ ବିଭାଗୀୟ ମନ୍ତ୍ରୀ କାମ କରୁ ନ ଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାରମ୍ବାର କହିଆସୁଛନ୍ତି। ସେହି ମନ୍ତ୍ରୀ ବଲାଙ୍ଗିର ଗସ୍ତରେ ବାରମ୍ବାର ଆସି ମଧ୍ୟ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

୨୦୨୨-୨୩ ଆର୍ଥିକ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୧୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଏଥିପାଇଁ ଟେଣ୍ଡର ସରିବା ପରେ ଜିଲ୍ଲା ତଥା ରାଜ୍ୟ ବାହାରର ଠିକ ସଂସ୍ଥାଗୁଡ଼ିକ କାମ ମଧ୍ୟ ଆରମ୍ଭ କରିଥିଲେ। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର ଲୋଇସିଂହା ଓ ଆଗଲପୁର ବ୍ଲକର ୧୪ଟି ପଞ୍ଚାୟତ ଅଧୀନ ୫୪ ଗାଁର ୧୩ ହଜାର ୬୪୧ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ମହାନଦୀରୁ ପାଣି ସଂଯୋଗ କରିବାର ବ୍ୟବସ୍ଥା କରାଯାଇଛି। ଏହି କାମକୁ ଏନସିସି ବା ନାଗାର୍ଜୁନ କନଷ୍ଟ୍ରକ୍ସନ କଂପାନୀ ସହିତ ଚୁକ୍ତି କରାଯାଇଛି। ୨୦୨୩ ଏପ୍ରିଲ ୨୮ ତାରିଖରେ ଚୁକ୍ତି ହୋଇଛି। ଏହି କାମକୁ ସଂପୂର୍ଣ୍ଣ କରିବା ସହ ହସ୍ତାନ୍ତର କରିବା ପାଇଁ ୨୦୨୫ ଏପ୍ରିଲ ୨୭ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ସମୟସୀମା ଭିତରେ ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏଯାଏଁ କାମ ସଂପୂର୍ଣ୍ଣ ହୋଇନାହିଁ। ଏହି ପାନୀୟ ଜଳ ପ୍ରକଳ୍ପରେ ସୋନପୁର ଜିଲ୍ଲା ମଣିଗାଁରେ ଇନଟେକ ୱେଲ ନିର୍ମାଣ କରାଯାଉଛି। ସେହିଠାରୁ ପାଣି ଆସି ଆଗଲପୁର ବ୍ଲକ ରଫାଖାଲଠାରେ ନିର୍ମାଣ ହେଉଥିବା ପାଣି ବିଶୋଧନ ପ୍ରକଳ୍ପ ୟୁନିଟରେ ପଡିବ। ସେଠାରୁ ବିଶୋଧନ ହେବା ପରେ ଲୋଇସିଂହା ଓ ଆଗଲପୁର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ଓଭରହେଡ ଟ୍ୟାଙ୍କକୁ ପାଣି ଯିବା ପରେ ସେହିଠାରୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ କରାଯିବ। ତେବେ ଏହି କାମରେ ମନ୍ଥରତା ଯୋଗୁଁ ଲୋକଙ୍କ ସମସ୍ୟା ତ ଦୂର ହୋଇନାହିଁ ଓଲଟି ଲୋକଙ୍କ ସମସ୍ୟା ଦ୍ୱଗୁଣିତ ହୋଇଛି। ଆଗଲପୁର ବଡଟିକାଠାରେ ନିର୍ମାଣାଧୀନ ଥିବା ଓଭର ହେଡ ଟ୍ୟାଙ୍କ ଅଧାରେ ପଡିରହିଛି। ଲୋଇସିଂହାରେ ତିଆରି ଓଭରହେଡ ଟ୍ୟାଙ୍କ କାମ ସଂପୂର୍ଣ୍ଣ ହୋଇଛି; କିନ୍ତୁ ତାହା ପରୀକ୍ଷା କରାଯାଇନାହିଁ। ସେହିପରି ଅନ୍ୟ ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏହାବାଦ ଗାଁଗୁଡ଼ିକରେ ପାଇପ ବିଛାଇବା ପାଇଁ ରାସ୍ତା ଖୋଳି ନଷ୍ଟ କରିଦିଆଯାଇଛି। ଏହାକୁ ସଂପୃକ୍ତ ଠିକା ସଂସ୍ଥା ଠିକ ଭାବେ ମରାମତି କରିବା କଥା; କିନ୍ତୁ ତାହା ନ କରି ଠିକାଦାର ଫେରାର ହୋଇଯାଇଛନ୍ତି। ତେବେ ଏହି କାମ ପାଇଥିବା ଠିକା ସଂସ୍ଥା ନିଜେ କରୁ ନ ଥିବା ବେଳେ ଏହି କାମ ସବୁ ବାହାର ଜିଲ୍ଲାର ପେଟି ଠିକାଦାର କରୁଛନ୍ତି। ଏହା ଫଳରେ ମନଇଚ୍ଛା କାମ କରୁଥିବା ବେଳେ କାମ ଅଧାରେ ରଖି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏହା ଫଳରେ କେବେ କାମ ସରିବ ଓ କେବେ ଲୋକେ ପାଣି ପାଇବେ ତାହା କହିବା ମୁସ୍କିଲ। ପେଟି କଣ୍ଟ୍ରାକ୍ଟରମାନେ କାମ କରୁଥିବାରୁ ଯାହା କିଛି ଅନିୟମିତତା କଲେ ମଧ୍ୟ ବିଭାଗୀୟ ତାଗିଦକୁ ଖାତିର କରୁ ନ ଥିବା ଦେଖିବାକୁ ମିଳିଛି। କାମକୁ ନେଇ ଅଭିଯୋଗ ଆଣିଲେ ପଦକ୍ଷେପ ନେବା ବଦଳରେ ବିଭାଗୀୟ ଯନ୍ତ୍ରୀମାନେ ନିଜର ଅସହାୟତା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଇଏତ କେବଳ ଲୋଇସିଂହା ଓ ଆଗଲପୁର ବ୍ଲକର ଅବସ୍ଥା। ଏହିଭଳି ଜିଲ୍ଲାର ପ୍ରାୟ ସବୁ ପ୍ରକଳ୍ପଗୁଡିକ ଅଧପନ୍ତରିଆ ହୋଇପଡିରହିଥିବା ବେଳେ ଏହି କାମକୁ ସମସୟସୀମା ଭିତରେ ସାରିବା ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ବିଜେପି ସରକାର ଆସିବା ପରେ ପାନୀୟ ଜଳ ପ୍ରକଳ୍ପ କାମରେ ଅବହେଳା କରୁଥିବା ଠିକା ସଂସ୍ଥା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଜେ ବିଭାଗୀୟ ମନ୍ତ୍ରୀ କହିଥିଲେ। ଏନେଇ ବିଧାନସଭାରେ ବାରମ୍ବାର ଉତ୍ତର ରଖୁଛନ୍ତି। ସେହି ମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହୁଥିବା ବେଳେ ୨ ବର୍ଷରେ ଏକାଧିକ ଥର ଜିଲ୍ଲା ଗସ୍ତ ମଧ୍ୟ କରିଛନ୍ତି; କିନ୍ତୁ ଦୁର୍ଭାଗ୍ୟ ଏନେଇ ସେ ନା ସମୀକ୍ଷା କରିଛନ୍ତି ନା ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ତାଗିଦ କରିଛନ୍ତି। ଏହାର ସୁଯୋଗ ନେଇ ମନଇଚ୍ଛା କାମ କରାଯାଉଥିବା ଅଭିଯୋଗ ହୋଇଛି। ତେବେ ପାନୀୟ ଜଳ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନି।



- କାମ ଛାଡି ଠିକାସଂସ୍ଥା ଫେରାର
- ଲୋକ ଅନେଇଛନ୍ତି କେବେ ସରିବ କାମ

### ● ସର୍ବଭାରତୀୟ ପାଟଣା କପ୍

## ବନାରସକୁ ହରାଇ ସେମିରେ ରାଜସ୍ଥାନ




ପାଟଣାଗଡ଼,୧୬।୧(ସମିସ): ସ୍ଥାନୀୟ ରମାଇ ହାଇସ୍କୁଲ ପଡିଆରେ ଚାଲିଥିବା ୨୧ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପୁଲ ବିର ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚ ବନାରସ ଓ ରାଜସ୍ଥାନର ମେୱାର ୧୧ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମେୱାର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧରିତ ୩୦ ଓଭରରେ ମେୱାର ୯ ୱିକେଟ ହରାଇ ୩୦୦ ରନ୍ ସଂଗ୍ରହ କରିଥିଲା।

ଜବାବରେ ବନାରସ ଦଳ ୨୫.୫ ଓଭରରେ ସମସ୍ତ ୱିକେଟ ହରାଇ ୧୬୨ ରନ୍ କରିପାରିଥିଲା। ଏହାଫଳରେ ମେୱାର ଦଳ ବିଜୟୀ ହୋଇ ପୁଲ୍ ବିରୁ ସେମିଫାଇନାଲରେ ପ୍ରବେଶ କରିଛି। ମେୱାର ଦଳର କରନ ସିଂ ରାଣାୱତ ୪୬ ବଲରେ ୯୧ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଅଭିଲାଷ ଜି ଯୋଗ ଦେଇଥିଲେ। ଅମିତ ରାଉତ ସ୍କୋରର ଥିଲେ। ଅଂଶୁମାନ ହୋତା ଓ ସରୋଜ ମାଝୀ ଧାରା ବିବରଣୀ ଦେଇଥିଲେ। ଅସିତ ପଟ୍ଟନାୟକ ଓ ପ୍ରତାପ ପାତ୍ର ରେଫରୀ ଦାୟିତ୍ୱ ତୁଲାଇଥିଲେ। ପାଟଣା କପ୍ ଆୟୋଜକ କମିଟି ସଭାପତି ମୁନା ମହାନ୍ତି, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ସମ୍ପାଦକ ରାଜେନ୍ଦ୍ର ସେଠ, ସହ ସମ୍ପାଦକ ରାଣା ଚିନ୍ଦା ପ୍ରମୁଖ ସହଯୋଗ କରିଥିଲେ।

### ■ ଅବକାରୀ ବିଭାଗ, ପୁଲିସର ମିଳିତ ଚଢ଼ଉ

## ୨୬୦ ଲିଟର ଦେଶୀମଦ, ୬୫୫୦ କେଜି ପୋଚ ନଷ୍ଟ

**ଦୁଇ ଗିରଫ, ବାଇକ ଜବତ**

କାମାକ୍ଷାନଗର/କଙ୍କଡ଼ାହାଡ଼,୧୬ ।୧(ସମିସ): କଙ୍କଡ଼ାହାଡ଼ ଥାନା ଅଞ୍ଚଳର ୩ ସ୍ଥାନରେ କାମାକ୍ଷାନଗର ଅବକାରୀ ବିଭାଗ ଓ କଙ୍କଡ଼ାହାଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ୨୬୦ ଲିଟର ଦେଶୀମଦ ଓ ୬୫୫୦ କେଜି ପୋଚ ନଷ୍ଟ କରିଛନ୍ତି । ବାଲିକୁମା, ତାରିଣୀପସି, କରଡ଼ାପାଳ ଗ୍ରାମରେ ଚଢ଼ଉ କରାଯାଇଥିଲା । ଏହି ଗ୍ରାମ ନିକଟ ଜଙ୍ଗଲରେ ଏକାଧିକ ଦେଶୀ ମଦଭାଟି ଗଢ଼ି ଉଠିଥିଲା । ଜଙ୍ଗଲରେ ମହୁଲକୁ ପଚାଇ ତାହାକୁ ଭାଟିରେ ରାନ୍ଧି ମଦ ପ୍ରସ୍ତୁତ କରାଯାଇ ଆଖପାଖ ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରାଯାଉଥିଲା । ଖବର ପାଇ ଅବକାରୀ ବିଭାଗ ଓ ପୁଲିସ ସେଠାରେ ଚଢ଼ଉ କରି ମଦଭାଟି ନଷ୍ଟ କରିଦେଇଛନ୍ତି । ଏହାସହ ପ୍ରସ୍ତୁତ ହୋଇଥିବା ଦେଶୀ ମଦ, ପୋଚ ମଧ୍ୟ ନଷ୍ଟ କରାଯାଇଛି । ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସରଞ୍ଜାମ ମଧ୍ୟ ନଷ୍ଟ କରାଯାଇଛି । ଅଭିଯୁକ୍ତ ଦେବରାଜ ବେଶ୍ରା (୩୦) ଓ ସୌନ ମୁର୍ମୁଙ୍କୁ ଗିରଫ କରାଯାଇଛି । ଦେବରାଜଙ୍କଠାରୁ ୬୦ ଲିଟର ଦେଶୀ ମଦ ଓ ବାଇକ ଜବତ କରାଯାଇଛି । ସୌନଙ୍କ ଠାରୁ ୧୦୦ ଲିଟର ଦେଶୀମଦ, ୧୫୫୦ କେଜି ପୋଚ ଜବତ କରାଯାଇଛି । ସେହିପରି ୫୦୦୦ କେଜି ପୋଚ ଓ ୧୦୦ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ଘଟଣାସ୍ଥଳରେ କେହି ନ ଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଚଢ଼ଉରେ କଙ୍କଡ଼ାହାଡ଼ ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ପ୍ରକାଶ ସାହୁ, ପରଜଙ୍ଗ ଅବକାରୀ ଥାନା ଅଧିକାରୀ ବାସନ୍ତୀ ବାକଲି, ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ, କୁଳମଣି ମହାରଣା, ଭୁବନ ଅବକାରୀ ଥାନା ଏସ୍‌ଆଇ ବୁଲୁ ପାତ୍ର, କଙ୍କଡ଼ାହାଡ଼ ଥାନା ଏଏସଆଇ ସଞ୍ଜୟ ସିଂହ, ଏସ୍‌ଆଇ ସନାତନ ବେହେରା, ପ୍ରକାଶ ରାଉତ, ହରିହର ସୋରେନ ପ୍ରମୁଖ ସାମିଲ ଥିଲେ ।

### ସାମ୍ବାଦିକତା ଓ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ନୂଆ ଅଧ୍ୟାୟ

# ଆଇଆଇଏମ୍‌ସି ଢେଙ୍କାନାଳରେ ୨ ନୂଆ ପିଜି କୋର୍ସ

ଢେଙ୍କାନାଳ,୧୬ ।୧(ସମିସ)

ସାମ୍ବାଦିକତା ଓ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ସାରା ଦେଶରେ ଖ୍ୟାତ ଆଇଆଇଏମସି ପକ୍ଷରୁ ଆଗାମୀ ଶିକ୍ଷାବର୍ଷ ପାଇଁ କେତେକ ନୂଆ ବିଷୟରେ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି । ଏହି କ୍ରମରେ ଆଇଆଇଏମସି ଢେଙ୍କାନାଳ କ୍ୟାମ୍ପସ ପାଇଁ ଦୁଇ ନୂଆ ବିଷୟରେ ପିଜି କୋର୍ସ ଖୋଲିଛି ।

ଅନୁମୋଦନ ମିଳିଥିବା କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଏବଂ ମିଡିଆ ଓ କମ୍ୟୁନିକେସନ ଗଭର୍ଣ୍ଣାନସ ସ୍ନାତକୋତ୍ତର ବିଷୟରେ ଆସନ୍ତା ଶିକ୍ଷାବର୍ଷରୁ ନାମଲେଖା ହେବା ନେଇ ଆଇଆଇଏମସି ପକ୍ଷରୁ ସୂଚନା ଦିଆଯାଇଛି । ଆଶାୟୀ ବିଦ୍ୟାର୍ଥୀମାନେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏନଟିଏ ଦ୍ୱାରା ଆୟୋଜିତ ହେଉଥିବା କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ ସିୟୁଇଟି ପିଜି ଜରିଆରେ ଆବେଦନ କରିପାରିବେ



ଏବଂ ଏନେଇ ଆବେଦନ ଆରମ୍ଭ ହୋଇସାରିଥିବା ବେଳେ ଜାନୁଆରୀ ୨୦ ଶେଷ ତାରିଖ ରହିଛି । ଏହି ଦୁଇ ନୂଆ କୋର୍ସର ଘୋଷଣା ପରିପ୍ରେକ୍ଷୀରେ ଆଇଆଇଏମସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି ଯେ ବର୍ତ୍ତମାନର ପରିବର୍ତ୍ତିତ ଆବଶ୍ୟକତା ଏବଂ ରୂପାନ୍ତରିତ ମିଡିଆ ତଥା ଯୋଗାଯୋଗ ପରିବେଶକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଦୁଇ ପିଜି କୋର୍ସ ଖୋଲାଯାଇଛି । ଯାହା ପ୍ରତିଷ୍ଠାନର ଶୈକ୍ଷିକ ବାତାବରଣକୁ ଅଧିକ ସଶକ୍ତ କରିବ । ଏହି କାର୍ଯ୍ୟକ୍ରମଗୁଡ଼ିକ ଉଚ୍ଚ ପ୍ରଭାବଶାଳୀ ବୃତ୍ତିଗତ କ୍ଷମତା ସହିତ ଦୃଢ଼ ଧାରଣାଗତ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଡିଜାଇନ କରାଯାଇଛି । ଯାହା ଛାତ୍ରଛାତ୍ରୀଙ୍କୁ ଗଣମାଧ୍ୟମ, ଯୋଗାଯୋଗ, ସାର୍ବଜନୀନ ନୀତି, ବ୍ରାଣ୍ଡିଂ ଏବଂ ଶାସନ ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିବା ନିମନ୍ତେ ପାରଙ୍ଗମ କରିବ ବୋଲି ସେ ମତ ରଖିଛନ୍ତି ।

ସୂଚନାଯୋଗ୍ୟ, ମିଡିଆ ଓ କମ୍ୟୁନିକେସନ ଗଭର୍ଣ୍ଣାନସ ପିଜି କୋର୍ସରେ ସିପିୟୁଟି-ପିଜି ପ୍ରବେଶିକା ପାଇଁ ଗଣ ଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ରାଜନୀତି ବିଜ୍ଞାନ, ଆଇନ ଏବଂ ସାମାଜିକ ବିଜ୍ଞାନ ବିଭାଗ ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ । ସମାନ ଭାବେ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ପିଜି କୋର୍ସରେ ଗଣଯୋଗାଯୋଗ ଓ ସାମ୍ବାଦିକତା, ଅର୍ଥନୀତି, ବାଣିଜ୍ୟ ଏବଂ ଅନ୍ୟାନ୍ୟ ସାଧାରଣ ଷ୍ଟ୍ରିମର ବିଦ୍ୟାର୍ଥୀମାନେ ଆବେଦନ କରିପାରିବେ । ଏଥିପାଇଁ ବିଦ୍ୟାର୍ଥୀମାନେ ଯୁକ୍ତତିନିରେ ଅତିକମରେ ୫୫ ପ୍ରତିଶତ ମାର୍କ ରଖିଥିବା ଜରୁରୀ । ଆଇଆଇଏମସିର ଆନ୍ୟାନ୍ୟ ପିଜି ଓ ପିଜି ଡିପ୍ଲୋମା କୋର୍ସ ପାଇଁ ମଧ୍ୟ ଆଶାୟୀ ବିଦ୍ୟାର୍ଥୀମାନେ ଅନଲାଇନରେ ଏନଟିଏ ୱେବସାଇଟକୁ ଯାଇ ସିପିୟୁଟି-୨୦୨୬ରେ ଆବେଦନ କରିପାରିବେ ବୋଲି କୁହାଯାଇଛି ।

## ହିନ୍ଦୋଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଖଜୁରିଆକଟା,୧୬ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ କହିଲେ, ସମାଜର ଭବିଷ୍ୟତ ଛାତ୍ରସମାଜ ଉପରେ ନିର୍ଭରଶୀଳ । ତେଣୁ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ଓ ଅଧ୍ୟବସାୟ ବଳରେ ଜ୍ଞାନାର୍ଜନ କରି ସମାଜକୁ ସମୃଦ୍ଧ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ହିନ୍ଦୋଳ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାସ କୁମାର ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷା ବିକାଶର ଚାବିକାଠି । ତେଣୁ ନିଜକୁ ଶିକ୍ଷିତ କରିପାରିଲେ ସମାଜର ପ୍ରକୃତ ସେବା କରିବା ପାଇଁ ସକ୍ଷମ ହୋଇପାରିବା ବୋଲି ମାର୍ଗଦର୍ଶନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ପତି, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ବାର୍ଷିକ ଉତ୍ସବର ଉପଦେଷ୍ଟା ତଥା ଇଂରାଜୀ ବିଭାଗ ଅଧ୍ୟାପକ ଦିଲୀପ କୁମାର ଗଡ଼ନାୟକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତର ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଉତ୍ସବର ସହଉପଦେଷ୍ଟା ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କଟକସ୍ଥିତ ସଙ୍ଗୀତ ନବରଙ୍ଗର କଳାକାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ।

## କଙ୍କଡ଼ାହାଡ଼ ବ୍ଲକସ୍ତରୀୟ ମହୋତ୍ସବ

କଙ୍କଡାହାଡ଼,୧୬ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଛି । ବିଡିଓ ଯଶୋବନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ବ୍ଲକର କାର୍ଯ୍ୟକ୍ରମ ଜିଲ୍ଲା ମହୋତ୍ସବକୁ ପ୍ରଚାର ପ୍ରସାର କରିବା ଏବଂ ଘରେ ଘରେ ପହଞ୍ଚାଇବା ପାଇଁ ଜିଲ୍ଲା ମହୋତ୍ସବ ପୂର୍ବରୁ ବ୍ଲକ ସ୍ତରରେ ମହୋତ୍ସବ ଅନୁଷ୍ଠିତ ହେଉଛି । କପିଳାସଠାରୁ କଙ୍କଡ଼ାହାଡ଼ ପହଞ୍ଚିଥିବା ମଶାଲକୁ ଆଜି କଙ୍କଡ଼ାହାଡ଼ସ୍ଥିତ ରାମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଅଣାଯାଇଥିଲା । କୁନି ପ୍ରତିଭା ଓ କଳାକାରଙ୍କୁ ବିକଶିତ କରିବା ପାଇଁ ଏହି ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଆତ୍ମା ଅଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, ସହକାରୀ ନିର୍ବାହୀ




ଯନ୍ତ୍ରୀ ଶୁଭମ ସି, ସହକାରୀ ଯନ୍ତ୍ରୀ ପର୍ଶୁରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ଆଖପାଖ ଅଞ୍ଚଳର କୁନି ପ୍ରତିଭା, କଳାକାରମାନେ ନିଜ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ । ବ୍ଲକବାସୀ ଜିଲ୍ଲା ମହୋତ୍ସବରେ ସାମିଲ ହୋଇ ସଫଳ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଅନ୍ୟପଟେ ବ୍ଲକସ୍ତରୀୟ ମହୋତ୍ସବ ହେଉଥିବା ବେଳେ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଅଞ୍ଚଳବାସୀ ଜାଣିପାରି ନ ଥିବା ଅଭିଯୋଗ ହେଉଛି । କେବଳ ବ୍ଲକ କର୍ମଚାରୀଙ୍କୁ ନେଇ ବ୍ଲକ ମହୋତ୍ସବ ହେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି ।

## କିଶୋରୀ ବାଳିକାଙ୍କ ଅଣ୍ଡା ବନ୍ଦ କରିଦେଲେ

ହିନ୍ଦୋଳ,୧୬ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହିଳା ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ନିଜ ଦାୟିତ୍ୱହୀନତା ପାଇଁ ସର୍ବଦା ଚର୍ଚ୍ଚାରେ ରହିଆସିଥିବା ବେଳେ ପୁଣି ଏକ କେଳେଙ୍କାରୀ ସାମ୍ନାକୁ ଆସିଛି । ମହିଳା ଓ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଜରିଆରେ ସରକାର ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଛନ୍ତି । ସେଥିମଧ୍ୟରେ ଛତୁଆ, ଅଣ୍ଡା, ବାଦାମଲଡ଼ୁ ଆଦି ସାମିଲ ରହିଛି । ୧୪ ବର୍ଷୀୟ କିଶୋରୀ ବାଳିକାମାନଙ୍କ ପାଇଁ ମାସରେ ୧୪ଟି ଅଣ୍ଡା ଦେବା ବ୍ୟବସ୍ଥା ରହିଛି ମାତ୍ର ହିନ୍ଦୋଳ ଏନଏସି ଓ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଗତ ଡିସେମ୍ବରରୁ କିଶୋରୀଙ୍କୁ ଅଣ୍ଡା ଦିଆଯିବା ବନ୍ଦ ଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଗତ ୬ମାସ ଧରି ଅଣ୍ଡା ବାବଦ ଟଙ୍କା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ପୈଠ କରାଯାଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ହିନ୍ଦୋଳ ସିଡିପିଓ ବିଦ୍ୟୁତପ୍ରଭା ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଗଣମାଧ୍ୟମକୁ କୌଣସି ତଥ୍ୟ ଦେବାକୁ ମନା କରିଥିଲେ ।

## କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗଁଦିଆ,୧୬ ।୧(ସମିସ): ଗଁଦିଆ ବ୍ଲକ କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ରତିକାନ୍ତ ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଗନ୍ଦିଆ ବିଡିଓ ପବିତ୍ର କୁମାର ବେହେରା, ମୁଖ୍ୟବକ୍ତା ଭାବେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ଉପଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ, ସଂଗ୍ରାମ କେଶରୀ ଶତପଥୀ, ସଞ୍ଜୟ କୁମାର ସାମନ୍ତ, ବିଦ୍ୟାଧର ପରିଡ଼ା, ବୀରକିଶୋର ନାୟକ, ଯୁଗଳ କିଶୋର ଦାସ, ବୀରେନ୍ଦ୍ର କୁମାର ସାମନ୍ତ, ସିଆରସିସି ବିଜୟ କୁମାର ବାନରା ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା, ଏସଏମସି ସଭାପତି ମଳୟ କୁମାର ମଲ୍ଲିକ, ପୂର୍ବତନ ସଭାପତି ବାସୁଦେବ ଶତପଥୀ, କୋହ୍ଲିଆ ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ କଳ୍ପନା ଶତପଥୀ, ଜ୍ୟୋତ୍ସ୍ନାରାଣୀ ମିଶ୍ର, ଜାନକୀ ମୁଣ୍ଡା, ଏସ୍‌ଏମ୍‌ସି ସଭ୍ୟା ନର୍ମଦା ମଲ୍ଲିକ, ମିତା ତରାଇ, ଅଞ୍ଜଳି ତରାଇ, ଭଗବତୀ ଦାସ, ସୁଜାତା ତରାଇ ସହଯୋଗ କରିଥିଲେ । ସଭାପତି ଅନନ୍ତ ନାରାୟଣ ଶତପଥୀ ଉଦଯାପନୀ ଅଭିଭାଷଣ ରଖିଥିଲେ । ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

### କପିଳାସ ପୀଠରେ ଦୁର୍ଘଟଣା

## ଦର୍ଶନସାରି ଫେରୁଥିବା ବେଳେ କାର୍ ଓଲଟି ୬ ଆହତ



ଢେଙ୍କାନାଳ/ଗଁଦିଆ,୧୬ ।୧(ସମିସ): ଢେଙ୍କାନାଳ କପିଳାସ ପୀଠରେ ବାବା ଚନ୍ଦ୍ରଶେଖରଙ୍କୁ ଦର୍ଶନ କରି ଫେରୁଥିବାବେଳେ ବାରବାଙ୍କ ରାସ୍ତା ୧୦ ନମ୍ବର ବାଙ୍କରେ ଭାରସାମ୍ୟ ହରାଇ ଏକ କାର ଓଲଟି ପଡ଼ିଥିଲା । ଫଳରେ କାରରେ ଥିବା ୬ଜଣ ଭକ୍ତ ଆହତ ହୋଇଛନ୍ତି । ସେହି ରାସ୍ତା ଦେଇ ଯାଉଥିବା ପଥଚାରୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ନିକଟରେ ଥିବା ପୁଲିସ ଫାଣ୍ଡିକୁ ଖବର ଦେଥିଲେ । ପୁଲିସ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଦେଓଗାଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ନେଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଏଥିସହ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଆହତମାନେ ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅଞ୍ଚଳର ଗୋଟିଏ ପରିବାରର ସଦସ୍ୟ । ସେମାନଙ୍କ ମଧ୍ୟରେ ୪ ମହିଳା ଓ ୨ ପୁରୁଷ ଅଛନ୍ତି ।

## ଜାତୀୟ ସେବା ଯୋଜନା ଶିବିର ଉଦଘାଟିତ

ଢେଙ୍କାନାଳ,୧୬ ।୧(ସମିସ): ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ଶୁକ୍ରବାର ଉଦଘାଟିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଏବଂ ଡ. ଦେବରାଜ ପରିଡ଼ା ଉପସ୍ଥିତ ରହି ଏହାକୁ ଉଦଘାଟନ କରିଥିଲେ । ଶିବିରରେ ୫୦ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି । ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ତଥା ସହଯୋଗୀ ପ୍ରାଧ୍ୟାପିକା ଡ. ମଧୁସ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହେଉଛି । ଏହି ଅବସରରେ ଅଧ୍ୟକ୍ଷା ଡ. ଜେନା ଛାତ୍ରଛାତ୍ରୀଙ୍କ ଜୀବନରେ ଏନଏସଏସର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ । +୨ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ପଙ୍କଜ ବାରିକ, ଜି. ଜ୍ୟୋତିରେଖା, ଏନ. ସ୍ୱାତିଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଏହି ଅବସରରେ ପୋଷ୍ୟ ଗ୍ରାମ ଶିମିଳିଆରେ ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ସଚେତନତା, ଚାରାରୋପଣ, ଶିକ୍ଷା ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସହ ଗ୍ରାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି ।




## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖଜୁରିଆକଟା,୧୬ ।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି କମଣ୍ଡଳୀର ସ୍ୱର୍ଗତ ବାଲି ବେହେରାଙ୍କ ପୁଅ ବ୍ରହ୍ମା ବେହେରାଙ୍କ (୪୮)ଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି । କମଣ୍ଡଳୀ ଗ୍ରାମ ନିକଟରେ ଥିବା ଅନୁଗୋଳ ଖଲାରୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୧୦ଏକର ଜମିକୁ ବ୍ରହ୍ମା ଭଗଚାଷ କରିବା ସହ ଜମି ଭିତରେ ଏକ କୁଡ଼ିଆ କରି ଜଗାରଖା କରନ୍ତି । ରାତିରେ ମଧ୍ୟ ସେଠାରେ ଶୁଅନ୍ତି । ଗୁରୁବାର ରାତିରେ ଖାଇପିଇ ଶୋଇବାକୁ କୁଡ଼ିଆକୁ ଯାଇଥିଲେ । ତେବେ ସକାଳେ ବହୁସମୟ ଧରି ସେ ନ ଉଠିବାରୁ ପରିବାର ଓ ଜମିମାଲିକ ପହଞ୍ଚି ଏକ ରଶି ସାହାଯ୍ୟରେ ସେ ଝୁଲୁଥିବା ଦେଖିବାକୁ ପାଇଥିଲେ । ପୁଲିସ ଓ ପରିବାର ଲୋକେ ବ୍ରାହ୍ମାଙ୍କୁ ଉଦ୍ଧାରକରି ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି । ଏ ନେଇ ହିନ୍ଦୋଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୁଲିସ କହିଛି । ବ୍ରହ୍ମାଙ୍କ ବାପା ଓ ଭାଇଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଘରେ ତାଙ୍କ ସ୍ତ୍ରୀ ଓ ପିଲାଛୁଆ ଅଛନ୍ତି ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଶାରଳା କ୍ଲବ୍ ବିଜୟୀ



ଢେଙ୍କାନାଳ,୧୬ ।୧(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମରେ ଶାରଳା କ୍ଲବ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛ । ୨ୟ ମ୍ୟାଚ୍ ସିଆରିଆ କ୍ଲବ୍ ଏବଂ ଶାରଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶାରଳା କ୍ଲବ୍ ୨-୧ ଗୋଲରେ ବିଜୟୀ ହୋଇଛି । ରେଫରୀ ଅନିଲ୍ ନନ୍ଦ, ଅମୂଲ୍ୟ ସାମଲ ଓ ମନୋଜ ସେଠୀ ଖେଳ ପରିଚାଳନା କରିଥିଲେ । ସ୍ୱରୂପ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ୨୨ ତାରିଖ ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ପରିଚାଳକ ମହିଉଦ୍ଦିନ ଖାଁ ସୂଚନା ଦେଇଛନ୍ତି ।

### ସର୍ବଭାରତୀୟ ବୀର ବେନୁ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ

ପରଜଙ୍ଗ,୧୬ ।୧(ସମିସ)

ପରଜଙ୍ଗ ମିନି ଷ୍ଟାଡିୟମରେ ଉର୍ଜା ଟ୍ରଷ୍ଟ ଏବଂ ପରଜଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ବୀର ବେନୁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି । କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଛତିଶଗଡ଼ ଫରେଷ୍ଟ ଏକାଦଶ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା । ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି ।

ଛତିଶଗଡ଼ ଟସ୍ ଜିତି ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା । ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ୧୨.୨ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ




କରିନେଇଥିଲା । ମୁଖ୍ୟଅତିଥି ଭାବେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ସାଆନ୍ଦା ବିଜେପି ମଣ୍ଡଳର ସଭାପତି ସୁଧୀର କୁମାର ବିଶ୍ୱାଳ, ଉର୍ଜା ଟ୍ରଷ୍ଟ ସଭାପତି ଦୀପକ କୁମାର ଗୋଛାୟତ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଷ୍ଟେଟବ୍ୟାଙ୍କ ମ୍ୟାନେଜର ସତ୍ୟାନନ୍ଦ ବେହେରା, ଭାରତ ମସଲାର ବିତରକ କ୍ଷୀରୋଦ କୁମାର ସାହୁ ଉପସ୍ଥିତ ଥିଲେ ।

ଶନିବାର ରାଇଜିଂ ଷ୍ଟୁଡେଣ୍ଟ ସହ ଝାଡ଼ଖଣ୍ଡ ଦଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହେବ । ଆଶୁତୋଷ ପାଣି ଓ ଅଭିଷେକ ସାହୁ ଖେଳ ପରିଚାଳନା କରିଥିବା ବେଳେ ପ୍ରେମାନନ୍ଦ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ । ଆନନ୍ଦ ଭରଦ୍ୱାଜ ମ୍ୟାନ ଅଫ ଦି ମ୍ୟାଚ, ରାମଚରଣ ବେହେରା ବେଷ୍ଟ ବ୍ୟାଟର, ଆୟୁଷ କ୍ରିଷ୍ଟୋଫେର ବେଷ୍ଟ ବୋଲର ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

## ଶିଶୁ ଉଦ୍ୟାନ ପାଇଁ ୧୦ ଲକ୍ଷ ମଞ୍ଜୁର



ଢେଙ୍କାନାଳ,୧୬ ।୧(ସମିସ): ସ୍ଥାନୀୟ ୱାର୍ଡ ନମ୍ବର-୩ ମଧୁବନରେ ପ୍ରସ୍ତାବିତ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ଉନ୍ନତୀକରଣ ନିମନ୍ତେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଅବସରରେ ପୌରାଧ୍ୟକ୍ଷା ପାତ୍ର ପ୍ରସ୍ତାବିତ ଶିଶୁ ଉଦ୍ୟାନର ସମୀକ୍ଷା କରିଥିଲେ । ୱାର୍ଡ ନଂ ୩ର ଅନିମେଷ ରାଉତ, ସନ୍ତୋଷ ବେହେରା, ବିଜୁ ନନ୍ଦ, ଡ. ସତ୍ୟଜିତ ମିଶ୍ର, ଜୁବୁ ନନ୍ଦ, ମୁନା ତ୍ରିପାଠୀ, ସାମ୍ବାଦିକ ଆଶୁତୋଷ ରାଉତ ପ୍ରମୁଖ ଉପସ୍ଥିତ ରହି ପୌରାଧ୍ୟକ୍ଷାଙ୍କୁ ପାର୍କର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଓ ପାର୍କ ଜମିରେ ହେଇଥିବା ଅବୈଧ ନିର୍ମାଣ ହଟାଇ ଜବରଦଖଲମୁକ୍ତ କରିବାକୁ ଅନୁରୋଧ କରିଥିଲେ ।

ସକାଳ THE SAKALA



## କଳିଙ୍ଗ ଆବାସିକ ବିଦ୍ୟାଳୟର ମୁଖପତ୍ର 'ସ୍ୱର୍ଣ୍ଣ ଓଡ଼ିଶା' ଲୋକାର୍ପିତ



ଡେରାବିଶ,୧୬।୧(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ସ୍ୱର୍ଣ୍ଣ ଓଡ଼ିଶା'ର ୧୧ତମ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧାପକ ବିରୁପାକ୍ଷ ରାୟ, ମୁଖ୍ୟବକ୍ତା ପ୍ରବଚକ ଶରତ ଚନ୍ଦ୍ର ରଥ ଯୋଗ ଦେଇଥିଲେ। ପରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବୟତ୍ରୀ ସସ୍ମିତା ପଣ୍ଡା, ସରସ୍ୱତୀ ପଣ୍ଡା ଓ ଧ୍ରୁବ ଚରଣ ପାଢ଼ୀ ପାଠୋତ୍ସବକୁ ସଂଯୋଜନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଅବସରପ୍ରାପ୍ତ ଆୟୁକ୍ତ ଦାଶରଥି ଶତପଥି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ, ମୁଖ୍ୟବକ୍ତା ହୃଷିକେଶ ରଥ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରମୋଦ ପ୍ରତାପ, କଳିଙ୍ଗ ଆବାସିକ ବିଦ୍ୟଳୟର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି, ଅନୀଲ ଦାଶ ଯୋଗଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ମୁଖପତ୍ର 'ସ୍ୱର୍ଣ୍ଣ ଓଡ଼ିଶା' ଲୋକାର୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଶିବପ୍ରସାଦ ସାହୁ, ଶାନ୍ତନୁ ନାୟକ, ମନୋଜ ପୋଥାଳ, ଅବିନାଶ ପଲେଇ, ପ୍ରଫୁଲ୍ଲ ଦାସ, ସବ୍ୟସାଚୀ ମିଶ୍ର, ଅଜୟ ନାୟକ ପରିଚାଳନା କରିଥିଲେ।

## ରଘୁଦେଇପୁର ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ପଞ୍ଚୁପାଣ୍ଡବ,୧୬।୧(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ଜୟପ୍ରକାଶ ସ୍ୱାଇଁଙ୍କ ପୌରୋହିତ୍ୟରେ ପ୍ରଥମେ ମାପ ଯନ୍ତ୍ର ଓ ଧାନ ମାନ ଯନ୍ତ୍ରକୁ ପୂଜା କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। କଟକ କେନ୍ଦ୍ର ସମବାୟ ସମିତି ନିର୍ଦ୍ଦେଶକ ସରୋଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ନହଙ୍ଗ ସମବାୟ ସମିତି ଅଧ୍ୟକ୍ଷ ଭାଗୀରଥି ସାହୁ, ଗୋଲରାହାଟ ସମବାୟ ସମିତି ଅଧ୍ୟକ୍ଷ ଖୁର୍ସିଦ୍ ଆଲାମ ଖାଁ, ଏଆର୍‌ସିଏସ ଯୋଗେନ୍ଦ୍ର ବିଶ୍ୱାଳ, ଡିଆରସିଏସ ପ୍ରଭାକର ନାୟକ, ଚାଷୀ ମହାସଂଘ ସଭାପତି ପଣ୍ଡିତ ଶରତ ମିଶ୍ର ଯୋଗ ଦେଇଥିଲେ। ଚାଷୀ କୃଷ୍ଣଚନ୍ଦ୍ର ସାହୁ, ଖଗେଶ୍ୱର ସିଂ, ଗଙ୍ଗାଧର ମଲ୍ଲିକ, କୈଳାସ ସାହୁ, ନିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଟାର୍ଗେଟ ଆସିବା ପରେ ସୋମ, ବୁଧ ଓ ଶନିବାର ଧାନ କ୍ରୟ କରାଯିବ ବୋଲି ସମ୍ପାଦକ କହିଛନ୍ତି। ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ, ସହସମ୍ପାଦକ ଉମେଶ ବିଶ୍ୱାଳ, ଧୂଳି ସେଠୀ ସହଯୋଗ କରିଥିଲେ।

## ରେଳ ଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବଇଣ୍ଡା,୧୬।୧(ସମିସ): ତାଳଚେର-ସମ୍ବଲପୁର ରେଳପଥର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡା ନିକଟ ରେଳଧାରଣାରୁ ଶୁକ୍ରବାର ବଇଣ୍ଡା ରେଳବାଇ ଫାଣ୍ଡି ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣାପଡ଼ିନଥିବା ବେଳେ ବୟସ ୪୫ ବର୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି। ମୃତଦେହ ରେଳ ଧାରଣାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଳବାଇ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରେଳଫାଟକରେ ଲୋକେ ଅତିଷ୍ଠ: ବଢୁଛି ଅସନ୍ତୋଷ

ତାଳଚେର,୧୬।୧(ସମିସ)

ତାଳଚେର ବାଇପାସ୍ ଛକରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଳଫାଟକ ରହିଛି। ଅଧିକାଂଶ ସମୟରେ ଏହି ଫାଟକ ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ମୁଖ୍ୟରାସ୍ତାରେ କୋର୍ଟ, କଚେରି, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫରେଷ୍ଟ ଅଫିସ୍, ପ୍ରାଣୀ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ



ଛୋଟବଡ଼ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କର୍ମଚାରୀମାନେ ଦୈନନ୍ଦିନ ଯାତାୟାତ କରନ୍ତି। ହେଲେ ଫାଟକ ବନ୍ଦ ରହୁଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀମାନେ ମଧ୍ୟ ସ୍କୁଲ, କଲେଜ ପହଞ୍ଚିବାରେ ବିଳମ୍ବ ହେଉଛି। ଏପରିକି, ଜରୁରୀ ଗାଡ଼ି ଯଥା- ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଦୀର୍ଘ ସମୟ ସେଠାରେ ଅଟକୁଥିବା ଲକ୍ଷ୍ୟ କରାଯାଇଛି। ଫାଟକର ଉଭୟ ପାର୍ଶ୍ୱର୍ରେ ଶହଶହ ଗାଡ଼ି ଅଟକି ରହୁଛି।

ଏ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଲୋକଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ୍ୟ ଏହି ସମସ୍ୟା ସମାଧାନ ଦିଗରେ ନା ଏମସିଏଲ ନା ସ୍ଥାନୀୟ ପ୍ରଶାସନ କେହି ହେଲେ କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟର ବିଷୟ ହୋଇଛି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୬।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପରୁଣା ପୋସଲ ଉଚ୍ଚ ବିଦ୍ୟାଳୟର ଜଗନ୍ନାଥ ଇକୋ କ୍ଲବ ଆନୁକୂଲ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଆଧାରିତ ବାସ୍ତବ ଓ ସଚେତନତାଧର୍ମୀ ବହୁବିଧ କାର୍ଯ୍ୟାବଳୀକୁ ସମ୍ପାଦିତ କରୁଥିବା ପରିବେଶ ଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରର ଆର୍ଥିକ ସହାୟତା ସାଙ୍ଗକୁ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫର ବୈଷୟିକ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ ପ୍ଲାଷ୍ଟିକ ସମ୍ପର୍କିତ ଲିଖିତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତତ୍‌ପରେ ଛାତ୍ରଛାତ୍ରୀ ନିକଟସ୍ଥ ଗ୍ରାମଗୁଡିକ ପରିକ୍ରମା କରି ଗ୍ରାମବାସୀଙ୍କୁ ଲିଫ୍‌ଲେଟ୍ ଜରିଆରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ବିଦ୍ୟାଳୟ ନିକଟରେ ଥିବା ବଜାରର ଏଣେତେଣେ ପଡିଥିବା ପ୍ଲାଷ୍ଟିକ ଆବର୍ଜନାଗୁଡିକୁ ସଫେଇ କରା ।ଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ନମିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ପଳସୁଧାସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଶାଖା ପରିଚାଳକ ଶଶୀଭୂଷଣ ବାରିକ ମୁଖ୍ୟଅତିଥି, ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ କୃତି ପ୍ରଧାନଶିକ୍ଷକ ଅତୁଳ ବିକ୍ରମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଇଜ୍ ପ୍ରତିଯୋଗିତାର ସଫଳ ୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଅଶୋକ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

ଇକୋକ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ଶିଶିର କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ସାହୁ ଓ ଶିକ୍ଷକ ଜ୍ୟୋତିରଞ୍ଜନ ଦାଶ ଏବଂ ଅନ୍ୟସମସ୍ତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଗଣ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆନ୍ତରିକ ସହଯୋଗ କରିଥିଲେ।

## ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଛାତ୍ର ରାହୁଲଙ୍କ କୃତିତ୍ୱ

ଡେରାବିଶ, ୧୬।୧(ସମିସ):୬୯ତମ ଜାତୀୟ ଭଲିବଲ ହିମାଚଳ ପ୍ରଦେଶର ପନ୍ଥାସାହିବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର ରାହୁଲ ସ୍ୱାଇଁ ଖେଳିବା ପାଇଁ ସୁଯୋଗ ପାଇ ବିଦ୍ୟାଳୟ ଓ ଡେରାବିଶ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷୟିତ୍ରୀ ସୀମାରାଣୀ ନାୟକ ଓ ସୁଶ୍ରୀ ସଙ୍ଗିତା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବଳିଷ୍ଠ ପ୍ରଶିକ୍ଷଣ ଦ୍ୱାରା ଏହି କୃତିତ୍ୱ ହାସଲ କରିଛି ବୋଲି ରାହୁଲ ପ୍ରକାଶ କରିଛନ୍ତି। ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡଃ କାନନବାଳା ନାୟକ ସମ୍ବର୍ଦ୍ଧିତ କରିଛନ୍ତି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ



ରାଜନଗର,୧୬।୧(ସମିସ): ମହିଁଷାସୁର ପଞ୍ଚାୟତ ବାଘୁଆ ଗ୍ରାମର ସ୍ୱର୍ଗତ ଚନ୍ଦ୍ରମଣି ପ୍ରଧାନଙ୍କ ସ୍ତ୍ରୀ ସୁମିତ୍ରା ପ୍ରଧାନ(୮୦)ଙ୍କ ଦେହାନ୍ତ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଧର୍ମ ପରାୟଣା, ସ୍ନେହି ଓ ମେଳାପୀ ମହିଳା ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବଡପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ଅଶୋକ ମହାନ୍ତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ବିଜେପିର କାଦୁଅପଡା ମଣ୍ଡଳ ସଭାପତିଙ୍କ ପରଲୋକ



ଜଗତସିଂହପୁର,୧୬।୧(ସମିସ): ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କାଦୁଅପଡା ମଣ୍ଡଳ ସଭାପତି ବିଧୁଭୂଷଣ ସାହୁଙ୍କର ୪୬ ବୟସରେ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଶ୍ରୀ ସାହୁ କଟକ ବଡ଼ ମେଡିକାଲରେ ରକ୍ତ କର୍କଟରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ବଳରାମପୁର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମୃତ୍ୟୁ କବର ପାଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଚିତ୍ତ ରଞ୍ଜନ ପଣ୍ଡା, କାଳିକୀଙ୍କର ମହାନ୍ତି, ନିହାର ପତି, ଲିଙ୍ଗରାଜ ଲେଙ୍କା, ହୃଷିକେଶ ନନ୍ଦ ପ୍ରଭୃତି ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥଲେ। ପରେ ତାଙ୍କ ସବାଧାରକୁ ପୁରୀ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା।

## ଅବ୍ୟବସ୍ଥାରେ ଉଦ୍‌ଯାପିତ କଲେଜ କ୍ରୀଡ଼ା



ନାଉଗାଁ,୧୬।୧(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହବିଦ୍ୟାଳୟର ୩୮ତମ କ୍ରୀଡା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଦେଖିବାକୁ ମିଳିଛି ଘୋର ଅବ୍ୟବସ୍ଥା। ଗତ ଦୁଇ ଦିନ ଧରି ଘୋର ଅବ୍ୟବସ୍ଥା ଘେରରେ ଅନୁଷ୍ଠିତ ହେଉଥିବା ବାର୍ଷିକ କ୍ରୀଡ଼ା ଉତ୍ସବର ଆଜି ଉଦ୍‌ଯାପନୀ ସମାରୋହରେ ଦେଖିବାକୁ ମିଳିଥିଲା ଏପରି ଦୃଶ୍ୟ। ତେବେ ଏହି କ୍ରୀଡା ଉତ୍ସବରେ ନାଁ ରହିଥିଲା ଅତିଥିମାନଙ୍କ ପାଇଁ ବସିବା ପାଇଁ ସ୍ଥାନ। ଯାହାକି ଦୀର୍ଘ ସମୟ ଧରି ଛାତ୍ରଛାତ୍ରୀ ଓ ମାନ୍ୟଗଣ ଅତିଥି ମାନେ ଖରାରେ ବସି ରହିଥିବର ଦେଖିବା ଅନ୍ୟପଟେ କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସଭାରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ରୂପେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦର ସଭ୍ୟା ଅମିତା ସ୍ୱାଇଁ, ଉକ୍ତ ମହାବିଦ୍ୟାଳୟର ଅଧାପକ ଜ୍ୟୋତିପ୍ରକାଶ ଲେଙ୍କା ଓ କ୍ରୀଡା ପରିଚାଳକ ଭାବେ ଚୌଧୁରୀ ଦିନେଶ ଦାସ, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ରହିଥିବା ଦେଖାଯାଇଛି।

● ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ୟୁନାଇଟେଡ ଇଲେଭେନ ଫାଇନାଲ୍‌କୁ ଉନ୍ନୀତ

ରାଜନଗର, ୧୬।୧(ସମିସ): ବଡ଼ପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ ସେମିଫାଇନାଲରେ ନିମପୁର ସ୍ପୋର୍ଟ୍ସ କ୍ଲବକୁ ୯୯ ରନରେ ହରାଇ ବ୍ରହ୍ମପୁରର ୟୁନାଇଟେଡ ଇଲେଭେନ ଫାଇନାଲ୍‌ରେ ପ୍ରବେଶ କରିଛି। ଆସନ୍ତା ୧୯ ତାରିଖ ଫାଇନାଲରେ ୟୁନାଇଟେଡ ଇଲେଭେନ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ଲବ୍‌କୁ ଭେଟିବ। ଆଜି ଟସ ଜିତି ବ୍ରହ୍ମପୁର ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୨୨୧ ରନ୍ କରିଥିଲା। ଜବାବରେ ନିମପୁର ୧୬.୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୧୨୨ ରନ କରି ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ କୋଇଲିପୁର ସେବା ସମବାୟ ସମିତି ସମ୍ପାଦକ ଘନଶ୍ୟାମ ଜେନା, ଅଧାପିକା ଭଗବତୀ ରାଉତ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପଲିଶ୍ରୀ ଯୁବକ ସଂଘର ତପନ ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ, ରାଜୀବ ସ୍ୱାଇଁ ଓ ଅଧାପକ ସଶଧର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ସମାଜସେବୀ ଏକାଦଶୀ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୧୬।୧(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ଅଳଭା ଗ୍ରାମର ସମାଜସେବୀ ତଥା ଠାକୁର ଅଭିରାମ ପରମହଂସ ଦେବଙ୍କ ଦୀକ୍ଷିତ ଏକାଦଶୀ ପାତ୍ରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

ଅମୂଲ୍ୟ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ, ସମ୍ବଲପୁର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପାତ୍ର, ପୁରୀ ଜିଲ୍ଲା ମେଡିକାଲ ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ରାଜ୍ୟ ବିଧାନସଭା ଟ୍ରେଜେରୀ ଅଫିସର ବାଣୀ ଅର୍ଚ୍ଚନା ନାୟକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଜ୍ଞାନରଞ୍ଜନ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାସ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ମନୋଜ ପରିଡା, ପ୍ରଫେସର ବୈକୁଣ୍ଠ ରାଉଳ, ରାଜନଗର କଂଗ୍ରେସ ପ୍ରାର୍ଥୀ ଅଶୋକ ପ୍ରତିହାରୀ, ନଗର ବିଜେଡି ସଭାପତି ବୁଡ଼ା ଲେଙ୍କା, ବରିଷ୍ଠ କଂଗ୍ରେସ ନେତା ମଳୟ ଦାସ, ବରିଷ୍ଠ ବିଜେପି ନେତା ମିଟୁ ମନୋଜ ନାୟକ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀ, ପଟ୍ଟାମୁଣ୍ଡାଇ ଦଳିତ ସଂଘ ସଭାପତି କଳ୍ପତରୁ ମଲିକ, ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ପାତ୍ର, ଦିଲ୍ଲୀପ ପାତ୍ର, ତପନ ପାତ୍ର, ବିପିନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ ବାଳିକା ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ଡେରାବିଶ,୧୬।୧(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୁଭଦ୍ରା ମହତାବ ମହାବିଦ୍ୟାଳୟ ଅଧ୍ୟକ୍ଷା ଡା. ସୁପ୍ରଭା ପରିଡ଼ା, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ଅଚ୍ୟୁତାନନ୍ଦ ନାୟକ, ସମ୍ମାନିତ ଅତିଥି ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ହରିଅଙ୍କ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଶରତ ଜେନା, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ସିଆରସିସି ସ୍ୱର୍ଣ୍ଣମଲକ୍ଷ୍ମୀ ସ୍ୱାଇଁ, ମନୋଜ ନାୟକ, ପ୍ରଶାନ୍ତ ଶତପଥୀ, ଶିକ୍ଷକ ପ୍ରଶାନ୍ତ ମଣ୍ଡଳ, ମହେନ୍ଦ୍ର ସାହୁ, ରଘୁନାଥ ଶତପଥୀ, ପ୍ରତାପ ଶତପଥୀ ଓ ବିଜୟ ପରିଡ଼ା ଉପସ୍ଥିତ ରହି କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଲୋକନାଥ ମିଶ୍ର, ଅଶୋକ ଲେଙ୍କା, ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ନାୟକ, ନିରୁପମା କାନୁନ୍‌ଗୋ, ନିବେଦିତା ସ୍ୱାଇଁ, ପ୍ରଣତୀ ମହାନ୍ତି ଓ କ୍ରୀଡ଼ା ଶିକ୍ଷୟିତ୍ରୀ ପଙ୍କଜିନୀ ଲେଙ୍କା ପରିଚାଳନା କରିଥିଲେ।

ବ୍ଲକ୍ କାର୍ଯ୍ୟାଳୟ ପାଖରେ ସରକାରୀ ଯୋଜନା ଅପହଞ୍ଚ

# ସ୍ୱାମୀ ମୃତ୍ୟୁ ପରେ ବେସାହାରା ମାଆଝିଅ

ମହାକାଳପଡ଼ା,୧୬।୧( ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଅନତିଦୂର ମହାକାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଚଡାଇଗୁଆଁ ଗ୍ରାମରେ ସରକାରୀ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ନ ଥିବାର ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ବ୍ଲକ ମୁଖ୍ୟାଳୟ ପାଖରେ ଥିବା ସତ୍ତ୍ୱେ ଏଠାରେ ଏମିତି ଗୋଟିଏ ପରିବାର ରହିଛି, ଯେଉଁଠି ଉଜ୍ଜଳା ଗ୍ୟାସ ସଂଯୋଗ ତ ଦୂରର କଥା, ବିଦ୍ୟୁତ୍ ଆଲୋକ ବି ଆଜି ପର୍ଯ୍ୟନ୍ତ ଅପହଞ୍ଚ ରହିଛି। ମୁଣ୍ଡ ଗୁଞ୍ଜିବାକୁ ଚାଳ ନାହିଁ, ଶୋଇବାକୁ ବିଛଣା ନାହିଁ। ହାଡ଼ଭଙ୍ଗା ଶୀତରେ ସ୍ୱେଟର ନ ଥିବାବେଳେ କମ୍ବଳ ଖଣ୍ଡେ ମଧ୍ୟ ସେମାନଙ୍କ



ପାଇଁ ସାତସପନ। ଏଭଳି ଅବସ୍ଥାରେ ଚଡାଇଗୁଆଁ ଗ୍ରାମର ପ୍ରମୋଦ ଦାସ ଓରଫ ହଗୁରା (୭୦)ଙ୍କ ମୃତ୍ୟୁ ପରେ ପତ୍ନୀ ସୁଶାନ୍ତୀ ଦାସ (୬୦) ଓ ଏକମାତ୍ର କନ୍ୟା ସନ୍ତାନ +୨ ପଢୁଆ ଲକ୍ଷ୍ମୀପ୍ରିୟା ଦାସ (୧୮) ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି।

ମଜୁରି କରି ପରିବାର ପୋଷଣ କରୁଥିବା ପ୍ରମୋଦ ଗତ କିଛିଦିନ ପୂର୍ବେ ପଡ଼ିଯାଇ ଆହତ ହୋଇଥିଲେ। ଅର୍ଥାଭାବରୁ ଚିକିତ୍ସା ପାଇଁ ମେଡିକାଲ ଯିବା ସମ୍ଭବ ନ ହେବାରୁ ସେ ଘରେ ପଡ଼ି ରହିଥିଲେ। ଭୟଙ୍କର ଶୀତରେ ଅବସ୍ଥା ଗୁରୁତର ହୋଇ ସେ କୋଲାପ୍ସ ହୋଇ ମୃତ୍ୟୁବରଣ କରିଥିବା ପଡ଼ୋଶୀ କହିଛନ୍ତି। ଖବର ସଂଗ୍ରହ ସମୟରେ ତାଙ୍କ ଘର ଭିତରକୁ ପ୍ରବେଶ କରିବା ପରେ ପଡ଼ୋଶୀଙ୍କ ଅଭିଯୋଗରେ ସତ୍ୟତା ଥିବା ପ୍ରତୀତ ହୋଇଛି। ଏ ନେଇ ଖବର ପ୍ରକାଶ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଘ ତରଫରୁ ଜରୁରିକାଳୀନ ଭିତ୍ତିରେ ପରିବାରକୁ କମ୍ବଳ, ପାଲ ଓ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ବାପାଙ୍କ ଶେଷକୃତ୍ୟ ପାଇଁ ସାହିପଡ଼ିଶା ଓ ଗ୍ରାମବାସୀ ସହାୟତା କରିଥିଲେ। ତେବେ ଆର୍ଥିକ ସମ୍ବଳ ନ ଥିବା କାରଣରୁ ଶୁଦ୍ଧିକ୍ରିୟା କିପରି କରାଯିବ, ସେ ଚିନ୍ତା ଏବେ କଅଁଳ ବୟସରେ ଲକ୍ଷ୍ମୀପ୍ରିୟାଙ୍କୁ ଅସ୍ଥିର କରିଦେଇଛି। ଖେଳିବା ବୁଲିବା ବୟସରେ ଜୀବନର ଭାର ତାଙ୍କ କାନ୍ଧରେ ପଡ଼ିଛି।

ଏ ନେଇ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ରେଡକ୍ରସ ପାଣ୍ଠିରୁ ପ୍ରମୋଦ ଦାସଙ୍କ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ସହାୟତା ପ୍ରଦାନ କରିବା ସହ ସରକାରୀ ଯୋଜନା କିପରି ବେସାହାରା ମାଆଝିଅଙ୍କ ନିକଟରେ ପହଞ୍ଚିପାରିବ, ସେ ନେଇ ତ୍ୱରିତ ଓ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଜଗତସିଂହପୁରରେ ଧାନ ମଣ୍ଡି ଉଦ୍‌ଘାଟିତ

ଜଗତସିଂହପୁର,୧୬।୧(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଆଳିପିଙ୍ଗଳ ଠାରେ ଥିବା ଗୋପାଳଜୀଉ ଧାନ ମଣ୍ଡିରେ ଚଳିତ ଖରିଫ ଋତୁ ପାଇଁ ଧାନକ୍ରୟ ବ୍ୟବସ୍ଥାର ଉଦ୍‌ଘାଟନ ହୋଇଯାଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ, ଡିଆରସିଏସ ପ୍ରଭାସ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ଜିଲ୍ଲାରେ ସମସ୍ତ ଧାନ ମଣ୍ଡିରେ ଶାନ୍ତି ଶୃଙ୍ଖଳାର ସହ ବିନା କଟନୀ ଛଟନୀରେ ସୁରୁଖୁରୁରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥର ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରିବା ପାଇଁ ପ୍ରାଧାନ୍ୟ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ପାକ୍ସ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ଦମ୍ପତିଙ୍କୁ ଠେଙ୍ଗାରେ ଆକ୍ରମଣ

ବଇଣ୍ଡା,୧୬।୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଖାଲପାଳ ଗ୍ରାମର ଟୁନି ପ୍ରଧାନ ଓ ତାଙ୍କ ସ୍ୱାମୀ ମିଥୁନ ପ୍ରଧାନଙ୍କୁ ସେହି ଗ୍ରାମର ବାଇଧର ପ୍ରଧାନ ଠେଙ୍ଗାରେ ଆକ୍ରମଣ କରିଥିବା ଗୁରୁବାର ଟୁନି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଟୁନି ଓ ମିଥୁନ ଘରେ ଥିବାବେଳେ ବାଇଧର ଠେଙ୍ଗା ଧରି ଯାଇ ଉଭୟଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



**ସିଟି କଟକ**

# ୩୫ ସିକ୍ୟୁରିଟି ସଂସ୍ଥାକୁ ପୁଲିସ ନୋଟିସ୍

- ପଞ୍ଜିକୃତ ସଂସ୍ଥା ନାଁ ସାର୍ବଜନୀନ କଲା କମିସନରେଟ୍ ପୁଲିସ
- ୧୫ ଦିନ ମଧ୍ୟରେ ଜୋରଦାର ହେବ ଧରପଗଡ଼

**କଟକ,୧୬ ।୧(ସମିସ):** କମିସନରେଟ୍ ପୁଲିସ ଚଳିତ ମାସରୁ ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହିକ୍ରମରେ ସହରରେ ଥିବା ସିକ୍ୟୁରିଟି ଏଜେନ୍ସି ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯାଉଛି। ଯେଉଁ ଘରୋଇ ସିକ୍ୟୁରିଟି ଏଜେନ୍ସି କମିସନରେଟ୍ ପୁଲିସ କାର୍ଯ୍ୟାଳୟର ପଞ୍ଜିକୃତ ହୋଇ ନଥିବେ ସେମାନେ କୌଣସି ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ନିୟୋଜନ କରି ପାରିବେ ନାହିଁ। ଏହା ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ଏବେ ସହରରେ ୩୫ଟି ସିକ୍ୟୁରିଟି ଏଜେନ୍ସି ପୁଲିସ ନିକଟରେ ପଞ୍ଜିକୃତ କରି ସାର୍ଟିଫିକେଟ୍ ତଥା ଅନୁମତିପତ୍ର ପାଇଛନ୍ତି। ସେମାନେ ୨୦୨୬ ବର୍ଷରେ ନୂତନ ପଞ୍ଜୀକରଣ କରିବାକୁ ନୋଟିସ୍ ଜାରି ହୋଇଛି।

କଟକରେ ବହୁ ସଂସ୍ଥା ପୁଲିସ କମିସନରେଟ୍‌ରେ ପଞ୍ଜୀକରଣ ନକରି ବେଆଇନ୍ ଭାବେ ସଂସ୍ଥା ଚଳାଇଛନ୍ତି। ତାହାକୁ ୨୦୨୬ ବର୍ଷର ପ୍ରଥମ ମାସରେ ସ୍ଥାନୀୟ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଏ ବାବଦରେ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭିନ୍ନ ଥାନାଞ୍ଚଳରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଓ ସମ୍ପୃକ୍ତ ସିକ୍ୟୁରିଟି ସଂସ୍ଥାର ବୈଧତାକୁ ଯାଞ୍ଚ କରାଯାଉଛି। ଏହି ପ୍ରକ୍ରିୟା ୨ମାସ ପର୍ଯ୍ୟନ୍ତ ଚାଲିବ। ଅଣପଞ୍ଜିକୃତ ସିକ୍ୟୁରିଟି ଗାର୍ଡ ଧରାପଡ଼ିଲେ, ସମ୍ପୃକ୍ତ ସଂସ୍ଥା ତଥା ଏଜେନ୍ସି ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ଏ ସମ୍ପର୍କରେ କମିସନରେଟ୍ ପୁଲିସ ବିଜ୍ଞପ୍ତି ପ୍ରକାଶ କରିଥିଲା। ଯେଉଁମାନେ ଏହି ବିଜ୍ଞପ୍ତି ଅନୁଯାୟୀ ନିଜ ସିକ୍ୟୁରିଟି ସଂସ୍ଥାର ପଞ୍ଜୀକରଣ କରିଛନ୍ତି, ସେମାନେ ନିଜ ସଂସ୍ଥାକୁ ଚଳାଇ ପାରିବେ। ଯେଉଁମାନେ ଏହି ନିୟମ ମାନିନାହାନ୍ତି, ସେମାନଙ୍କୁ ଗିରଫ କରାଯିବ ବୋଲି ଏଡିସିପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, କବଚକ୍ ରୋକେଗେ ସିକ୍ୟୁରିଟି ଆଣ୍ଡ ମ୍ୟାନ୍ ପାୱାର୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍, ଟୁଇନ୍ ସିଟି ସିକ୍ୟୁରିଟି ଏଜେନ୍ସି, ଜେପି ସରତା ସିକ୍ୟୁରିଟି ଆଣ୍ଡ କନ୍‌ସଲ୍‌ଟାନ୍ସି, ମଞ୍ଜୁ ସର୍ଭିସ, ଏଭରେଷ୍ଟ ହ୍ୟୁମାନ୍ ରିସୋର୍ସେସ୍ କନ୍‌ସଲ୍‌ଟାନ୍ସି, ନରେନ୍ଦ୍ର ସିଂ ସିକ୍ୟୁରିଟି ଏଜେନ୍ସି, ଭୁପେନ୍ଦ୍ର ସିଂ ସିକ୍ୟୁରିଟି ଏଜେନ୍ସି, ଶୈଳେନ୍ଦ୍ର ସିଂ ସିକ୍ୟୁରିଟି ଏଜେନ୍ସି, କଳିଙ୍ଗ ୱାରିୟର୍ସ ସିକ୍ୟୁରିଟି ଏଜେନ୍ସି, କୋମ୍ପାଡ୍ ଆଡଭେନଚର୍ ଟ୍ରେନିଂ ଆଣ୍ଡ ସିକ୍ୟୁରିଟି ସର୍ଭିସ୍, ଆଦ୍ୟୁକ୍ ସିକ୍ୟୁରିଟି ଆଣ୍ଡ ଏଚ୍‌ଆର୍ ସଲ୍ୟୁସନ୍, ମା'ବନଦୁର୍ଗା ସିକ୍ୟୁରିଟି ସର୍ଭିସ୍, ସିକ୍ୟୁରିଟି ଆଣ୍ଡ ଡିଟେକ୍ଟିଭ୍ ସର୍ଭିସ, ପର୍‌ଫେକ୍ଟ ଭିଜନ୍ ସିକ୍ୟୁରିଟି ସର୍ଭିସ୍, ଜଗବନ୍ଧୁ ସିକ୍ୟୁରିଟି ଏଜେନ୍ସି, ରାଜ୍‌ବିର୍ କନ୍‌ସଲ୍‌ଟାନ୍ସି, ଆଉଟ୍ ପୋଷ୍ଟ ସିକ୍ୟୁରିଟି ଆଣ୍ଡ ସର୍ଭିସ୍, ସ୍ୟାଡୋସି ସିକ୍ୟୁରିଟି ଏଜେନ୍ସି, ଏସ୍. ଆଣ୍ଡ ପ୍ରୋଟେକସନ୍ ସଲ୍ୟୁସନ୍, ଶ୍ରୀ ବର୍‌ଫିନ୍ ସିକ୍ୟୁରିଟି ସର୍ଭିସ୍, ଜିଏସ୍‌ଏସ୍ ଆଣ୍ଡ ଇଣ୍ଟେଲଜେନ୍ସି ବିଗ୍ରେଡ୍, ଜେଡ୍ ପ୍ଲସ୍ ସିକ୍ୟୁରିଟି, ଦୟାଲ୍ ସିକ୍ୟୁରିଟି ଏଜେନ୍ସି, ଷ୍ଟିଲ୍‌ୱାର୍ଟ ପିପୁଲ୍ ସର୍ଭିସ୍, ଆଚିଭର୍ ହଣ୍ଟର୍ ସଲ୍ୟୁସନ୍, ବିଶ୍ୱେଶ୍ୱର ରାଉତ ଏଜେନ୍ସି, ନିରାକାର ସିକ୍ୟୁରିଟି ଏଜେନ୍ସି, ଅନିଲ୍ ସିଂ ସିକ୍ୟୁରିଟି ଏଜେନ୍ସି, ଯୋଗେଶ ମୈତ୍ରି ସିକ୍ୟୁରିଟି ଏଜେନ୍ସି ସହିତ ଆଉ ୫ଟି ଏଜେନ୍ସି କମିସନରେଟ୍ ପୁଲିସ ନିକଟରେ ପଞ୍ଜୀକରଣ କରାଇଛନ୍ତି। ସହରରେ ୧୫୦ରୁ ଅଧିକ ସିକ୍ୟୁରିଟି ଏଜେନ୍ସି ସିକ୍ୟୁରିଟି ନିଯୁକ୍ତ କରିଥିବା ପୁଲିସ ଜାଣିବାକୁ ପାଇଛି। ବିଭିନ୍ନ ସମୟରେ ଏହି ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟରତ ଗାର୍ଡମାନେ ଅସାଧୁ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ବେଆଇନ୍ ଓ ଅଣପଞ୍ଜିକୃତ ସଂସ୍ଥା ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି। ଥାନାୱାରୀ ଆଇଆଇସିଙ୍କ ନେତୃତ୍ୱରେ ଏହି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ଜଣାପଡ଼ିଛି।

## କମଲଜିତ ଦାସ କଟକର ନୂତନ ଅତିରିକ୍ତ ଜିଲ୍ଲାପାଳ



**କଟକ,୧୬।୧(ସମିସ):** ପୂର୍ବାହ୍ନରେ ଓଡ଼ିଶା ପ୍ରଶାସନିକ ସେବା ୨୦୦୬ ବ୍ୟାଚର ଅଧିକାରୀ କମଲଜିତ୍ ଦାସ କଟକର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଶ୍ରୀ ଦାସଙ୍କ କଟକ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି। ପୂର୍ବରୁ ସେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ରହି ଷ୍ଟାର୍ଟ ଅପ ପ୍ରକଳ୍ପଗୁଡ଼ିକର ତଦାରଖ କରିଆସୁଥିଲେ। ତତ୍ ପୂର୍ବରୁ ସେ କଟକ ସଦର ଉପଜିଲ୍ଲାପାଳ ଭାବେ ମଧ୍ୟ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆଜି ସେ ଶିବ ଟୋପୋଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂଧ୍ୟାରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ସମେତ ଉଭୟ ଅତିରିକ୍ତ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

- ଅପରେସନ 'ଜୀବନ ରକ୍ଷା'

## ୮ ଦିନରେ ୪୪ ଲକ୍ଷ ଟଙ୍କା ଜରିମାନା ଆଦାୟ

**କଟକ,୧୬ ।୧(ସମିସ):** ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ଏବଂ ଜନସାଧାରଣଙ୍କୁ ସଚେତନ କରିବା ପାଇଁ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ପକ୍ଷରୁ 'ଅପରେସନ ଜୀବନ ରକ୍ଷା' ଅଭିଯାନ ଜୋରଦାର ଚାଲିଛି। ବରିଷ୍ଠ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ କଟକ, ପୁରୀ, ଖୋର୍ଦ୍ଧା ସମେତ ୭ଟି ଜିଲ୍ଲାରେ ବ୍ୟାପକ ଚଢ଼ଉ କରାଯାଉଛି। ଜାନୁଆରୀ ୧୫ରେ ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାରେ ବ୍ୟାପକ ଯାଞ୍ଚ କରାଯାଇଥିଲା। ମୋଟ ୧,୫୭୮ ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୩୪ଟି ବସ, ୧୭ ଭାରୀଯାନ ଯାଞ୍ଚ କରାଯାଇ ମୋଟ ୮ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ସମୟରେ ବିଶେଷ କରି ଓଭରଲୋଡିଂ, ସୁରକ୍ଷା ଉପକରଣର ଅଭାବ ଏବଂ ଗାଡ଼ିର କାଗଜପତ୍ର ଯାଞ୍ଚ ଉପରେ ଧ୍ୟାନ ଦିଆଯାଇଥିଲା। ଜାନୁଆରୀ ୭ ତାରିଖରୁ ୧୫ ତାରିଖ ମଧ୍ୟରେ ମୋଟ ୧୦,୯୧୬ ଗାଡ଼ି ଯାଞ୍ଚ କରାଯାଇଥିବା ବେଳେ ୪୪ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ଆଗାମୀ ଦିନରେ ମଧ୍ୟ ଏହି "ଅପରେସନ ଜୀବନ ରକ୍ଷା' ଜାରି ରହିବ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦେଶୀ ମଦ ଜବତ; ୩ ଗିରଫ

**କଟକ,୧୬ ।୧(ସମିସ):** ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଶୁକ୍ରବାର ଭିନ୍ନ ଭିନ୍ନ ସ୍ଥାନରେ ଚଢଉ କରି ୩ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ପାଖରୁ ୧ ହଜାର ୨୦ ଲିଟର ଦେଶୀ ମଦ ସହିତ ୨ଟି ଗାଡି ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ। ଶୁକ୍ରବାର ପୂର୍ବାହ୍ନରେ ଢେଙ୍କାନାଳ ପଟୁ ବିପୁଳ ପରିମାଣର ନିଶାଦ୍ରବ୍ୟ କଟକ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଫ୍ଲାଇଂ ସ୍କ୍ୱାଡ ଖୁଣ୍ଟୁଣୀ ଟୋଲଗେଟ ନିକଟରେ ଏକ ବୋଲେରୋ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ପ୍ରାୟ ୯ ଶହ ଲିଟର ଦେଶୀ ମଦ ଢେଙ୍କାନାଳରୁ କଟକ ଅଣାଯାଉଥିଲା। ଆଠଗଡ ଖୁଣ୍ଟୁଣୀ ଥାନା ଭୋଗରା ଗାଁର ସଞ୍ଜୟ କୁମାର ସାହୁ(୪୫) ଓ ରବୀନ୍ଦ୍ର ସାହୁ(୫୪)କୁ ଗିରଫ କରାଯାଇଛି। ସେହିପରି ବାଙ୍କୀ ନାଦୁଆପଡା ବ୍ରିଜ ନିକଟରେ ଅବକାରୀ ଟିମର ଯାଞ୍ଚ ସମୟରେ ଆଉ ଜଣେ ନିଶା ବେପାରୀ ଧରାପଡିଛି। ସେ ହେଉଛି ବାଙ୍କୀ ମାଳବିହାରପୁର ଗାଁର ଗଗନ ସେଠୀ(୩୫)। ସେ ଏକ ସ୍କୁଟିରେ ଦେଶୀ ମଦ ଚାଲାଣ କରୁଥିଲା। ତା' ନିକଟରୁ ୧୨୦ ଲିଟର ଦେଶୀ ମଦ ସହିତ ଚାଲାଣରେ ବ୍ୟବହୃତ ସ୍କୁଟି ଗାଡିକୁ ଜବତ କରାଯାଇଛି। ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଅତ୍ୟାଧୁନିକ ବ୍ୟାଡ୍‌ମିଣ୍ଟନ କୋର୍ଟ ଉଦ୍‌ଘାଟିତ



କଟକ,୧୬।୧(ସମିସ): କଟକ ସହରର କ୍ରୀଡ଼ା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଏକ ନୂତନ ସଫଳତା ଯୋଡ଼ି ହୋଇଛି। ସହରର ପ୍ରତିଷ୍ଠିତ ଅନୁଷ୍ଠାନ ୱାଇଏମସିଏ କଟକ ପରିସରରେ ନିର୍ମିତ ଏକ ଅତ୍ୟାଧୁନିକ ଉଡେନ୍ ଫ୍ଲୋର୍ ବ୍ୟାଡମିଣ୍ଟନ କୋର୍ଟକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ବିଧାୟିକା ନିଜର ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଉଦଘାଟନ ସମୟରେ ବିଧାୟିକା କଟକର କ୍ରୀଡ଼ା ପ୍ରତିଭାଙ୍କୁ ଉପଯୁକ୍ତ ସୁଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ଏହି କୋର୍ଟ ଆଗାମୀ ଦିନରେ ଅନେକ ଦକ୍ଷ ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିଲେ। ୱାଇଏମସିଏ କର୍ମକର୍ତ୍ତା ଓ ଅନେକ କ୍ରୀଡ଼ାବିତ୍ ବିଧାୟିକାଙ୍କ ଏହି ତ୍ୱରିତ ପଦକ୍ଷେପ ପାଇଁ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଡ ରାଜବଲ୍ଲଭ ମହାନ୍ତି, ଉଦୟନାଥ ପୁରି, ସୁଜିତ ପାଣି, ଡ. ଶକ୍ତିପ୍ରକାଶ ମହାନ୍ତି, ଦିପ୍ତି ପ୍ରକାଶ ସାହୁ, ବିଚିତ୍ରାନନ୍ଦ ପ୍ରଧାନ, ଇଂ ଆଲୋକ ସାହୁ, ବ୍ଲେସନ ପାଢୀ, ସ୍ନେହାଶିଷ ଦାସ, ପୀୟୁଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଓ ଭଙ୍ଗାରୁଜା ପ୍ରସଙ୍ଗ**

## ୧୬ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରଦ୍ଦ

**କଟକ,୧୬ ।୧(ସମିସ):** ଗତ ୨୭ ଫେବୃଆରୀ ୨୦୧୮ରେ ସୋସିଆଲ ମିଡିଆରେ ମାଟ୍ରିକ ପ୍ରଶ୍ନପତ୍ର ଲିକ ହେବା ଅଭିଯୋଗରେ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଆନ୍ଦୋଳନ ତଥା ଭଙ୍ଗାରୁଜା ଘଟଣାରେ ୧୬ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରଦ୍ଦ କରିଦେଇଛନ୍ତି ହାଇକୋର୍ଟ। ତେବେ ଯେଉଁ ୫ ଜଣ ଆବେଦନକାରୀଙ୍କ ନାମ ଏଫଆଇଆରରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି (ପିଟିସନର ନମ୍ବର ୧, ୨, ୯, ୧୧ ଏବଂ ୧୬), ସେମାନଙ୍କ ବିରୋଧରେ ମାମଲା ଜାରି ରହିବ। ସେହିଭଳି ନିମ୍ନ ଅଦାଲତ ଆସନ୍ତା ୬ ମାସରେ ଏହି ମାମଲାର ବିଚାର ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା ଏବଂ ୨୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମ ପ୍ରାଥମିକ ଏତଲାରେ ନଥିଲା ଏବଂ ସେମାନଙ୍କ ବିରୋଧରେ କୌଣସି ଦୃଢ ପ୍ରମାଣ ନାହିଁ। କୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ଏଫଆଇଆରରେ ନାମ ନଥିବା ଆବେଦନକାରୀଙ୍କ ବିରୋଧରେ ଚାଲିଥିବା ମାମଲାକୁ ରଦ୍ଦ କରିଛନ୍ତି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍‌ର ଶୁଭାରମ୍ଭ

କଟକ,୧୬।୧(ସମିସ): ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ମଧ୍ୟରେ ପ୍ରାଚ୍ୟ ଶିକ୍ଷା ଓ ସଂସ୍କୃତିର ମହତ୍ତ୍ୱକୁ ପୁନଃପ୍ରତିଷ୍ଠିତ କରିବା ପାଇଁ ଶୁକ୍ରବାର ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ "ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମ୍" ପାଠ୍ୟକ୍ରମର ଲୋକାର୍ପଣ କରାଯାଇଛି। ସମଗ୍ର ଏସିଆରେ କୌଣସି ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ଅଭିନବ ପାଠ୍ୟକ୍ରମ ଖୋଲିଛି। ଏହି ପାଠ୍ୟକ୍ରମ ଅଧୀନରେ ନୀତିଶାସ୍ତ୍ର, ଦର୍ଶନ ଶାସ୍ତ୍ର, ଖଗୋଳ ବା ଜ୍ୟୋତିଷ ଶାସ୍ତ୍ର, ଭାରତୀୟ ମାନବ-ବିଜ୍ଞାନ, ବ୍ୟାକରଣ ଶାସ୍ତ୍ର, ଶିଳ୍ପ ଏବଂ ବାସ୍ତୁ ଶାସ୍ତ୍ର, ସାମଗ୍ରିକ ସ୍ୱାସ୍ଥ୍ୟ ତଥା



ନାଟ୍ୟଶାସ୍ତ୍ର ଭଳି ଆଠଟି ପ୍ରମୁଖ ବିଷୟକୁ ସ୍ଥାନିତ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଡିନ୍ ପ୍ରଫେସର ଡ. ବିପ୍ଳବ ବିଶ୍ୱାଳ ଏବଂ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ। ପ୍ରାଚୀନ ଶିକ୍ଷାର ଏହି ନୂତନ ଆଲୋକ ବିଦ୍ୟାର୍ଥୀଙ୍କୁ ନୂଆ ଦିଗଦର୍ଶନ ଦେବ ବୋଲି ଏହି ନୂତନ ପାଠ୍ୟକ୍ରମ ଫ୍ୟାକଲ୍ଟି ଅଫ୍ ଇଷ୍ଟର୍ଣ୍ଣ ନଲେଜ୍ ସିଷ୍ଟମର ଡିନ୍ ଡ. ଭରତ ଦାଶ ଆଶା ପ୍ରକଟ କରିଛନ୍ତି।

## ୧୪ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

କଟକ,୧୬ ।୧(ସମିସ): ନିଶାଦ୍ରବ୍ୟ ଚାଲାଣ ବେଳେ ଜଣେ ନିଶା ବେପାରୀକୁ ଜିଲ୍ଲା ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଏସ୍‌ସିବି ମେଡିକାଲ ସୁଇପର କଲୋନୀର ସାହିଲ ମନ୍ଦରାଜି (୨୦)। ତା ପାଖରୁ ୧୪୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଆଜି ପୂର୍ବାହ୍ନରେ ସାହିଲ୍ ଏକ ସ୍କୁଟିରେ ନିଶାଦ୍ରବ୍ୟ ଧରି ଚୌଦ୍ୱାର ଅଭିମୁଖେ ଯାଉଥିଲା। ଏହି ସୂଚନା ପାଇବା ମାତ୍ରେ ଅବକାରୀ ସ୍କ୍ୱାଡ୍ ତାର ପିଛା କରିଥିଲା। ଜଗତପୁର ଆଇବି ରୋଡ ନିକଟସ୍ଥ ତାରିଣୀ ମନ୍ଦିର ପାଖରୁ ତାକୁ ଧରିଥିଲା। ସେଠାରେ ତଲାସି ବେଳେ ଅଭିଯୁକ୍ତ ସାହିଲର ସ୍କୁଟିରୁ ଏକ ଜରିପୁଡିଆରେ ଭର୍ତ୍ତି ୧୪୦ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୭୦ ହଜାର ଟଙ୍କା ହେବ। ନିଶାଦ୍ରବ୍ୟ, ସ୍କୁଟି ଜବତ ସହ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ବାଲେଶ୍ୱର ଅଞ୍ଚଳର ଜଣେ ନିଶା ମାଫିଆ ସଂସ୍ପର୍ଶରେ ଆସି ଏହି ବେପାରରେ ଯୋଡି ହୋଇଥିଲା। କଟକ ସହର ସମେତ ଉପକଣ୍ଠରେ ସେ ବ୍ରାଉନସୁଗର ଚାଲାଣ କରୁଥିବା ତଦନ୍ତରୁ ଜଣାପଡିଛି। କୋର୍ଟ ଚାଲାଣ ପରେ ତାକୁ ଚୌଦ୍ୱାର ଜେଲ ପଠାଇ ଦିଆଯାଇଛି।



### ସଜେଇ ହେଉଛି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ

## ପରିଦର୍ଶନ କଲେ ହରିୟାଣାର ପବ୍ଲିକ୍ ଅଣ୍ଡରଟେକିଂ କମିଟି





**କଟକ,୧୬।୧(ସମିସ):** ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିଛି ହରିୟାଣାର ପବ୍ଲିକ ଅଣ୍ଡରଟେକିଂ କମିଟି। ତିନିଦିନିଆ ଓଡ଼ିଶା ଗସ୍ତରେ ଏହି କମିଟି ଆସିଥିବାବେଳେ ଏଥିରେ ୪ ଜଣ ବିଧାୟକ ଓ ତାଙ୍କ ପରିବାରର ସଦସ୍ୟ ରହିଛନ୍ତି। ଶୁକ୍ରବାର ହରିୟାଣାର ୩ଜଣ ବିଧାୟକ ଓ ତାଙ୍କ ପରିବାର ନେତାଜୀ ଜନ୍ମସ୍ଥାନ ଓ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ସଂଗ୍ରହାଳୟର କ୍ୟୁରେଟର ଅରୁନ୍ଧତୀ ମିଶ୍ର ଓ ତତ୍ତ୍ୱାବଧାରକ ଜଳନ୍ଧର କର ଏହି କମିଟିର ସଦସ୍ୟଙ୍କୁ ସଂଗ୍ରହାଳୟ, ଏଠାରେ ଥିବା ସମସ୍ତ ଗ୍ୟାଲେରୀ ଓ ନେତାଜୀଙ୍କ ସମ୍ପର୍କରେ ଅବଗତ କରାଇଥିଲେ। ସଂଗ୍ରହାଳୟ ପରିଦର୍ଶନ ପରେ ବିଧାୟକ ରାମ କୁମାର ଗୌତମ କହିଥିଲେ ଯେ, ଦେଶର ମହାନ ନେତାଙ୍କ ଜନ୍ମସ୍ଥାନ ପରିଦର୍ଶନ କରି ଧନ୍ୟ ମନେ କରୁଛୁ। ଦେଶକୁ ସ୍ୱାଧୀନ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ସେହିପରି ବିଧାୟକ ସୁନୀଲ ସାଙ୍ଗୱାନ କହିଥିଲେ ଯେ ନେତାଜୀଙ୍କ ବିଷୟରେ ସମସ୍ତଙ୍କୁ ଜଣା ହେଲେ ଏହି ସ୍ଥାନରେ ପହଁଚିଲେ ପ୍ରକୃତରେ ତାଙ୍କ ଅବଦାନ ବିଷୟରେ ଆହୁରି ଅଧିକ ଲୋକ ଜାଣି ପାରିବେ। ନେତାଜୀଙ୍କ ମାର୍ଗଦର୍ଶନରେ ଯୁବପିଢ଼ି ଅନୁପ୍ରେରିତ ହେବା ଆବଶ୍ୟକ। ବିଧାୟିକା ଶକ୍ତିରାଣୀ ଶର୍ମା କହିଥିଲେ ଯେ ପିଲାବେଳେ ନେତାଜୀଙ୍କ ବିଷୟରେ ବହିରେ କେବଳ ପଢ଼ିଛୁ। କଟକ ତାଙ୍କ ଜନ୍ମସ୍ଥାନରେ ପହଞ୍ଚି ତାଙ୍କର କକ୍ଷ ଠାରୁ ଆରମ୍ଭ କରି ସମସ୍ତ ଗ୍ୟାଲେରୀ ଓ ସାମଗ୍ରୀ ଦେଖି ଖୁବ ଖୁସି ଅନୁଭବ କରୁଛୁ ବୋଲି ସେ କହିଥିଲେ। ଆଉ ୬ ଦିନ ପରେ ନେତାଜୀ ଜୟନ୍ତୀ। ଏହି ପରିପ୍ରେକ୍ଷୀରେ ତାଙ୍କ ଅନ୍ତୁଡିଶାଳକୁ ସାଜସଜ୍ଜା କରାଯିବା ଆରମ୍ଭ ହେଲାଣି।

- ନେତାଜୀ ଜୟନ୍ତୀରେ ଆସିବେ ଉପରାଷ୍ଟ୍ରପତି
- ସଂଗ୍ରହାଳୟରେ ବଢ଼ିବ ଆଉ ଏକ ଗ୍ୟାଲେରୀ

ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ପାଳନ ହେବ ପରାକ୍ରମ ଦିବସ। ନେତାଜୀ ଜୟନ୍ତୀ ପାଇଁ ସମସ୍ତ କାର୍ଯ୍ୟ ଜୋରଦାର ଆରମ୍ଭ କରାଯାଇଛି। ଚଳିତଥର ଜୟନ୍ତୀରେ ପ୍ରଥମ କରି ଖୋଲିବ ଆଉ ଏକ ଗ୍ୟାଲେରୀ। ଏହାକୁ ଫିଲାଟେଲିକ୍ ଗ୍ୟାଲେରୀ ଭାବେ ନାମିତ କରାଯିବ। ଏହାସହ ନେତାଜୀ ଜୟନ୍ତୀରେ ଡାକ ଟିକେଟ ଉନ୍ମୋଚନ କରାଯିବ। ଜୟନ୍ତୀରେ ଅତିଥି ଭାବେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନନ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା ଓ ବିଭାଗୀୟ ମନ୍ତ୍ରୀ ଯୋଗ ଦେବେ। ଏହାସହ ଦେଶବ୍ୟାପୀ ପାଳନ କରାଯାଉଥିବା ପରାକ୍ରମ ଦିବସରେ କଟକ ସଂଗ୍ରହାଳୟରୁ ନେତାଜୀଙ୍କ ବ୍ୟବହୃତ ସାମଗ୍ରୀ ପୋର୍ଟବ୍ଲେୟାର ପଠାଯାଇଛି। ନେତାଜୀ ସଂଗ୍ରହାଳୟରେ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ ଓ ବିଭାଗୀୟ ଅଧିକାରୀ ମାନେ ଶୁକ୍ରବାର ସମୀକ୍ଷା ବୈଠକ କରିଥିଲେ ଏବଂ ଏଥିରେ ବିଭିନ୍ନ ଦିଗରେ ଆଲୋଚନା କରାଯାଇଥିବା ନେଇ ସଂଗ୍ରହାଳୟର ତତ୍ତ୍ୱାବଧାରକ ଜଳନ୍ଧର ରାଏ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ସଂଗ୍ରହାଳୟରେ ୧୨ଟି ଗ୍ୟାଲେରୀ ରହିଥିବାବେଳେ ଏବେ ଆଉ ଏକ ଗ୍ୟାଲେରୀ ଖୋଲଯାଇ ୧୩ ନଂ ଗ୍ୟାଲେରୀକୁ ବଢ଼ାଯିବ। ଡାକବିଭାଗ ପକ୍ଷରୁ ଏହି ଗ୍ୟାଲେରୀରେ ନେତାଜୀ ଓ ସ୍ୱାଧୀନ ସଂଗ୍ରାମୀ ମାନଙ୍କ ସମ୍ପର୍କିତ ଡାକଟିକେଟ ଶୋଭା ପାଇବ। ସେହିପରି ପୋର୍ଟ୍‌ବ୍ଲେୟାରଠାରେ ପାଳନ ହେବାକୁ ଥିବା ପରାକ୍ରମ ଦିବସରେ ନେତାଜୀଙ୍କ ସମ୍ପର୍କିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯିବ। ଭାରତ ସରକାର ସଂସ୍କୃତି ବିଭାଗର ମିଳିତକ୍ରମେ ନେତାଜୀଙ୍କ ସାମଗ୍ରୀ ପାଇଁ ଏକ ଚିଠି କରାଯାଇଥିଲା।

ପରେ ଏକ ଟିମ୍ ସଂଗ୍ରହାଳୟ ପରିଦର୍ଶନ କରି ଚିଠି ଆଧାରରେ ନେତାଜୀଙ୍କ ଫାଉଣ୍ଟେନ ପେନ୍, ଜୋମେଟ୍ରିକ ବକ୍ସ, ହୋମିଓପାଥୀ ଔଷଧର ସେଟ୍ ଇତ୍ୟାଦି ନେଇଛନ୍ତି। ଏହା ତିନିଦିନ ଧରି ଉକ୍ତ ସ୍ଥାନରେ ପ୍ରଦର୍ଶନ କରାଯିବ ପରେ ୨୮ ତାରିଖରେ ଏହି ସାମଗ୍ରୀ କଟକର ସଂଗ୍ରହାଳୟକୁ ଫେରିବ ବୋଲି ସୂଚନା ମିଳିଛି।

# ଜିଲ୍ଲାର ୧୪୦ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା, ବାରଣାସୀ ଯାତ୍ରା

ନବରଙ୍ଗପୁର, ୧୬।୧(ସମିସ): ନବରଙ୍ଗପୁର ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଥିଲା । ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଅଯୋଧ୍ୟା ଓ ବାରାଣାସୀ ଯାତ୍ରା ପାଇଁ ବିବେଚିତ ତୀର୍ଥଯାତ୍ରୀମାନଙ୍କୁ ନେଇ ଆଜି ୪ଟି ବସ ରାୟଗଡ଼ା ଯାତ୍ରା କରିଛି । ଏହି ଅବସରରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ତୀର୍ଥଯାତ୍ରୀ ମାନଙ୍କୁ ଉତ୍ସାହ ଓ ଶୁଭେଚ୍ଛା ଜଣାଇଥିଲେ । ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏକ ବିଶେଷ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ




ବିଭିନ୍ନ ବ୍ଲକରୁ ଆସିଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡାକ୍ତରମାନଙ୍କ ଦ୍ୱାରା ରକ୍ତଚାପ, ଶାରୀରିକ ସ୍ଥିତି ଓ ସାଧାରଣ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ, ଯାତ୍ରା ପାଇଁ ଉପଯୁକ୍ତ ମୋଟ ୧୪୦ ଜଣ ତୀର୍ଥଯାତ୍ରୀଙ୍କୁ ସୁସ୍ଥ ଘୋଷଣା କରାଯାଇଥିଲା । ସମସ୍ତ ଚିକିତ୍ସା ପ୍ରକ୍ରିୟା ସମାପ୍ତି ପରେ ୫ ଜଣ ଏସ୍କର୍ଟ ଅଫିସରଙ୍କ ସହଯୋଗରେ ତୀର୍ଥଯାତ୍ରୀ ଅଯୋଧ୍ୟା, ବାରାଣାସୀ ଅଭିମୁଖେ ଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ , ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିରାମ ହରିଜନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ସହ ସମସ୍ତ ବ୍ଲକର ସମାଜ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଗାଁକୁ ଫେରିଲେ ସୂରଜ୍ ପଣ୍ଡେଇ

ନନ୍ଦପୁର,୧୬।୧(ସମିସ): ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଅନ୍ତର୍ଗତ ୧୭ ବର୍ଷରୁ କମ୍ ବର୍ଗର କବାଡି (ପୁରୁଷ) ପ୍ରତିଯୋଗିତା ଚଳିତ ମାସ ୭ ଜାନୁଆରୀ ୨୦୨୬ ରୁ ୧୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ତେଲେଙ୍ଗାନା ରାଜ୍ୟର ଏଡୁଲ୍ଲା ବୟ୍ୟାରାମ ଠାରେ ଆୟୋଜିତ ହୋଇଥିଲା । ଓଡ଼ିଶା ଦଳ ପକ୍ଷରୁ ଖେଳି ନିଜେ ଗୌରବାନ୍ୱିତ ହେବା ସହ କୋରାପୁଟ ଜିଲ୍ଲାର ଗୌରବ ଆଣିଛନ୍ତି ନନ୍ଦପୁର ବ୍ଲକର ପୁଅ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର ସୁରଜ ପଣ୍ଡେଇ । ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଅଧୀନ ଶାରୀରିକ ଶିକ୍ଷା ସହାୟକ ନିର୍ଦ୍ଦେଶକଙ୍କ ତରଫରୁ ୧୪ ଜଣିଆ ରାଜ୍ୟ କବାଡି ଦଳ ଓ ପ୍ରତିନିଧି ମଣ୍ଡଳକୁ ଚୂଡାନ୍ତ କରାଯାଇଥିଲା । ଏହି ତାଲିକାରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ପ୍ରତିଭାଶାଳୀ କ୍ରୀଡାବିତ୍‌ମାନଙ୍କ ସହ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁରଜ୍ ପଣ୍ଡେଇ ନିଜ ସ୍ଥାନ ସୁନିଶ୍ଚିତ ସୁନିଶ୍ଚିତ କରିଥିଲେ ।



୧୭ ବର୍ଷରୁ କମ ପୁରୁଷ ବର୍ଗ କବାଡି ଦଳରେ ଚୟନ ହେବା ଜାତୀୟ ଦଳ ସହ ଖେଳି ଗତ ମଙ୍ଗଳ ବାର ନନ୍ଦପୁର ନିଜସ୍ୱ ବାସ ଭବନକୁ ଫେରିଛନ୍ତି । ସେପଟେ ଜାତୀୟ ଦଳ ସହ ଖେଳ ପ୍ରତିଯୋଗିତାରେ ସୁଯୋଗ ନେଇ ସୁରଜଙ୍କ ପରିବାରଙ୍କ ଖୁସି କହିଲେ ନ ସରେ । ସୁରଜଙ୍କ ସହ ନନ୍ଦପୁର ଗଣମାଧ୍ୟମ ପ୍ରତିଦିନ ମାନେ ଭେଟି ଶୁଭକାମନା ଜଣାଇବା ସହ ସ୍ୱାଗତ କରିଥିଲେ । ସେ କହିଛନ୍ତ, ଏଥିପାଇଁ ଏକ ବଡ ଉପଲବ୍ଧି ରହିଥିଲା । ଓଡ଼ିଶା ଦଳ ଦୁଇ ମ୍ୟାଚ୍ ଜିତିଲୁ ଓ ଦୁଇଟି ମ୍ୟାଚ୍ ରେ ପରାଜୟ ହୋଇଥିଲୁ । ହେଲେ ଆଗକୁ ଆମକୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ । ସେଥିପାଇଁ ନିୟମିତ ଅଭ୍ୟାସ ଜାରି ରହିବ ବୋଲି କହିଛନ୍ତି ସୁରଜ । ତତ୍ ସହିତ ସୁରଜ ଏହି ଉପଲବ୍ଧି ପାଇଁ କ୍ରୀଡା ଶିକ୍ଷକ ଧାନେଶ୍ୱର୍ ବାଘଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# କାୟାକଳ୍ପ ଯୋଜନାର ସ୍ଥିତି ପରଖିଲେ ରାଜ୍ୟ ଟିମ୍



କୁନ୍ଦୁରା,୧୬।୧ (ସମିସ): କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଚାଲିଥିବା କାୟାକଳ୍ପ ଯୋଜନାର ସ୍ଥିତି ପରଖିଛନ୍ତି ରାଜ୍ୟସ୍ତରର ଚାରି ଜଣିଆ ଟିମ୍ । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାସଙ୍କ ଉପସ୍ଥିତିରେ ରାଜ୍ୟରୁ ଆସିଥିବା ଆଇଏସଡିପି ସେଲର ରାଜ୍ୟ ଆରଆରଟି ଡାକ୍ତର ସୁରଜିତ ଗୋରାବଡୁ, ଇମୁନାଇଜେସନ ରାଜ୍ୟ ଆରଆଇ ଡାକ୍ତର ଅନିଲ କୁମାର ପଟ୍ଟନାୟକ, ମ୍ୟାନେଜମେଣ୍ଟ କନସଲଟାଣ୍ଟ ସୌମ୍ୟକାନ୍ତ ପାତ୍ର, କ୍ୱାଲିଟି ଏସୁରେନ୍ସ ପୂର୍ଣ୍ଣ ଚନ୍ଦ୍ର ଭୋଇ ସମସ୍ତ କାର୍ଯ୍ୟ ବୁଲି ଦେଖିଛନ୍ତି । ଏହି ଯୋଜନାରେ ଚାଲିଥିବା କାର୍ଯ୍ୟ ଗୁଡିକର ଅଗ୍ରଗତି ଦେଖିବା ସହ ଖୁସି ବ୍ୟକ୍ତ କରିଥିଲେ । କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ପ୍ରସୂତି କକ୍ଷ, ବହିର୍ବିଭାଗ, ଆୟୁର୍ବେଦ ବଗିଚା, ଔଷଧ ଭଣ୍ଡାର, ନିରାମୟ କକ୍ଷରେ ରହିଥିବା ନଥିପତ୍ର ଯାଞ୍ଚ, ଭେକ୍ସିନେସ କକ୍ଷ ଯାଞ୍ଚ କରିବା ସହ ଅନ୍ୟାନ୍ୟ ଆବଶ୍ୟକତାକୁ ନେଇ ପଚାରି ବୁଝିଥିଲେ । ଡାକ୍ତର ଏବଂ ରୋଗୀଙ୍କ ବିଷୟରେ କିଭଳି ସମ୍ପର୍କ ରହୁଛି କିଛି ସମୟ ଓପିଡି ନିକଟରେ ରହି ଅନୁଧ୍ୟାନ କରିଥିଲେ । ଓପିଡି କକ୍ଷରେ ଡାକ୍ତରଙ୍କ ଉପସ୍ଥିତି କିଭଳି ରହୁଛି ସେ ବିଷୟରେ ରହିଥିବା ଡାକ୍ତର ମାନଙ୍କୁ ପଚାରି ବୁଝିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ନିଯୁକ୍ତ ବିଶେଷଜ୍ଞ ମାନଙ୍କ ବିଷୟରେ ତଥ୍ୟ ମାଗିଥିଲେ । ଆୟୁର୍ବେଦିକ ବଗିଚାରେ ରହିଥିବା ଔଷଧୀୟ ବୃକ୍ଷ ଗୁଡିକ ଦେଖି ଦାୟିତ୍ୱରେ ରହିଥିବା ଡାକ୍ତର ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ସେଗୁଡିକର ଉପକାରିତା ବିଷୟରେ ପଚାରି ବୁଝିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ପ୍ରିୟଙ୍କର ସାବତ, ଡାକ୍ତର ଅରବିନ୍ଦ ପଣ୍ଡା, ଡାକ୍ତର ଶାଶ୍ୱତ କୁମାର, ବ୍ଲକ ପ୍ରୋଗ୍ରାମ ମେନେଜର ଦୀପାନ୍ୱିତା ପଟ୍ଟନାୟକ, ବ୍ଲକ ଆକାଉଣ୍ଟ ମେନେଜର କାଜୋଲ ତରାସିଆ ପ୍ରମୁଖ ଉପସ୍ଥିତ ରହି ରାଜ୍ୟସ୍ତରୀୟ ଟିମକୁ ସହଯୋଗ କରିଥିଲେ ।

# ରାୟଗଡ଼ା ବିଜେଡିର ବ୍ଲକ, ନଗର ସଭାପତିଙ୍କ ନାମ ଘୋଷଣା

ରାୟଗଡ଼ା,୧୬।୧,(ସମିସ): ବିଜୁ ଜନତା ଦଳ ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାୟଗଡ଼ା ସାଂଗଠନିକ ଜିଲ୍ଲା ବିଜୁ ଜନତା ଦଳର ବ୍ଲକ ଓ ନଗର ସଭାପତିଙ୍କ ନାମ ପ୍ରକାଶ ପାଇଛି । ଏହି କ୍ରମରେ ରାମନାଗୁଡା ବ୍ଲକ ପାଇଁ ବାତ୍ରୀ ମାଣ୍ଡାଙ୍ଗି, ଗୁଣପୁର ବ୍ଲକ ପାଇଁ ସୋମେଶ୍ୱର ରାଓ, ଗୁଣପୁର ପୌରାଞ୍ଚଳ ପାଇଁ ପୂର୍ଣ୍ଣଚନ୍ଦ୍ର ବାଉରୀ, ପଦ୍ମପୁର ବ୍ଲକ ପାଇଁ କରୁଣାକର ଶବର, ଚନ୍ଦ୍ରପୁର ବ୍ଲକ ପାଇଁ ମଙ୍ଗଳ ଦିବାକା, ଗୁଡାରି ବ୍ଲକ ପାଇଁ ବିଶ୍ୱନାଥ ଶବର, ଗୁଡାରି ବିଜ୍ଞାପିତ ଅଞ୍ଚଳ ପାଇଁ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ମୁନିଗୁଡା ବ୍ଲକ ପାଇଁ ରତନ ଲାଲ ଜୈନ, କୋଲନରା ବ୍ଲକ ପାଇଁ ଲକ୍ଷ୍ମଣ ପେଦାଣ୍ଟି, ବିଷମକଟକ ବ୍ଲକ ପାଇଁ ଜୟରାମ ହିକକା, କଲ୍ୟାଣସିଂହପୁର ବ୍ଲକ ପାଇଁ ସୁନ୍ଦର ରାଓ ବାଗ, ରାୟଗଡା ବ୍ଲକ ପାଇଁ ପ୍ରତାପ ପେଦାଣ୍ଟି, ରାୟଗଡା ପୌରାଞ୍ଚଳ ପାଇଁ ଭି.ବିଜୟ ସାରଧି ପଟନାୟକ ଓ କାଶିପୁର ବ୍ଲକ ପାଇଁ ରତୀକାନ୍ତ ନାୟକଙ୍କ ନାମ ବ୍ଲକ ସଭାପତି ରୂପେ ଘୋଷଣା କରାଯାଇଛି । ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏକ ପତ୍ର ମାଧ୍ୟମରେ ବ୍ଲକ ଏବଂ ନଗର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ବ୍ଲକ ସଭାପତିଙ୍କ ନାମ ଘୋଷଣା ପରେ ତୃଣମୂଳସ୍ତରରେ ବିଜେଡି ନୂଆ ସଂଗଠନକୁ ନେଇ କାର୍ଯ୍ୟ କରିବ ବୋଲି ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ପ୍ରକାଶ କରିଛନ୍ତି ।

# ଛତୁଆ ଦୁର୍ନୀତି ନେଇ ଜିଲ୍ଲା କଂଗ୍ରେସର ଉଦ୍‌ବେଗ



ରାଇଘର, ୧୬।୧ (ସମିସ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଛତୁଆ ନିର୍ମାଣ ଓ ବଣ୍ଟନରେ ଦୁର୍ନୀତି ହେଉଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ଦୁର୍ନୀତିର ଫଳରେ କୋମଳମତି ଶିଶୁ ଓ ଗର୍ଭବତୀ ପ୍ରସୂତି ମା'ମାନେ ଅତ୍ୟନ୍ତ ନିମ୍ନମାନର ଛତୁଆ ଖାଇବାକୁ ବାଧ୍ୟ ହେଉଛନ୍ତି । କିଛି ଏସଏଚଜି ଗ୍ରୁପ ଛତୁଆ ନିର୍ମାଣ ପାଇଁ ଆବେଦନ କରିଥିଲେ ଓ ଅଳ୍ପ ସମୟ ପାଇଁ କିଛି ଗ୍ରୁପକୁ କାମର ସୁଯୋଗ ମିଳିଥିଲା । କିନ୍ତୁ କ୍ରମେ ସମସ୍ତ ନୂତନ ଗ୍ରୁପକୁ ବାହାର କରାଯାଇ, ପୁଣି ସେହି ଅଭିଯୋଗ ଆସିଥିବା ପୁରୁଣା ଗ୍ରୁପ ହିଁ କାର୍ଯ୍ୟ ଚାଲୁ ରଖିଛି । ବର୍ତ୍ତମାନ ବିଜେପି ସତ୍ତାକୁ ଆସିବା ପରେ ମଧ୍ୟ ଏହି ମାମଲାରେ ସରକାର ନୀରବ ରହିଥିବା ଅଭିଯୋଗ କରିଛି କଂଗ୍ରେସ । ଯଦି ଶୀଘ୍ର ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ନଦେଇ ଠୋସ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇଛି । ଏହି ପ୍ରେସମିଟରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଭୁଜବଳ ମାଝୀ, ପୂର୍ବତନ ସାଂସଦ ଓ ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ ଉପସ୍ଥିତ ଥିଲେ ।

# ଟ୍ରକ୍ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

ରାୟଗଡ଼ା,୧୬ ।୧(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କଟୋପେଟା ସ୍ଥିତ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଆଜି ଜଣେ ଟ୍ରକ୍ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏକ ମାଲ ବୋଝେଇ ଟ୍ରକ ନୂଆପଡାରୁ କାକିନଡା ଯାଉଥିବା ବେଳେ ଗତକାଲି ରାତିରୁ ରାସ୍ତାକଡ଼ରେ ଟ୍ରକଟି ଅଟକି ରହିଥିଲା । ଆଜି ସକାଳୁ ଟ୍ରକ୍ ଡ୍ରାଇଭର ଜଣକ ଅଚେତ ଅବସ୍ଥାରେ ଟ୍ରକ୍ ତଳେ ପଡିଥିବା ଦେଖି ସ୍ଥାନୀୟ ଲୋକେ ଚାନ୍ଦିଲି ଥାନା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଚନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିଲା । ମୃତ ଟ୍ରକ୍ ଚାଳକ ଆନ୍ଧ୍ରପ୍ରଦେଶର ଜି.ତାତାଜୀ(୩୦) ବୋଲି ଜଣାପଡିଛି । ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ସେହି ଟ୍ରକରୁ ଦେଶୀ ମଦ ୪ ପ୍ୟାକେଟ୍ ମିଳିଛି । ଅତ୍ୟଧିକ ମଦ୍ୟପାନ କିମ୍ବା ହୃଦଘାତରେ ଗାଡି ଚାଳକଙ୍କ ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରୁଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି । ଏ ନେଇ ଚାନ୍ଦିଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ସଂସ୍କୃତ ଶିକ୍ଷାକୁ ନେଇ କର୍ମଶାଳା




କୋରାପୁଟ,୧୬।୧(ସମିସ): କୋରାପୁଟ ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠ ଆନୁକୂଲ୍ୟରେ ସଂସ୍କୃତ ଶିକ୍ଷାକୁ ନେଇ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ପରିସରରେ ଆୟୋଜିତ କର୍ମଶାଳାରେ ସଂସ୍କୃତ ବିଦ୍ୟାପୀଠର ଅଧ୍ୟକ୍ଷ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ କୋରାପୁଟ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା , କେନ୍ଦୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପୁରୀର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର , ଋଷିକେଶରୁ ଆସିଥିବା ବେଦ ବିଶାରଦ ସ୍ୱାମୀ ଶ୍ୟାମାନନ୍ଦ ପ୍ରମୁଖ ଉପସ୍ଥିତ ରହି ଜଗନ୍ନାଥ ସଂସ୍କୃତି ଓ ଦେବ ଭାଷା ସଂସ୍କୃତକୁ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ କିପରି ବ୍ୟାପକ ଭାବେ ପହଞ୍ଚା ଯାଇପାରିବ ଏବଂ କୋରାପୁଟ ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠ ମାଧ୍ୟମରେ ଯୋଗ ବିଜ୍ଞାନ, ପୁରହିତ କର୍ମକାଣ୍ଡର ବ୍ୟାପକ ପ୍ରସାର ପ୍ରଚାର କରିବା ସହ ଏହା ମାଧ୍ୟମରେ ଯୁବକ ଯୁବତୀ ମାନଙ୍କ କର୍ମ ସଂସ୍ଥାନ ସହ ଆର୍ଥିକ ବିକାଶ ଘଟାଇବାରେ ସହାୟତା କରିବା ସହ ସନାତନ ଧର୍ମର ପ୍ରଚାର ପ୍ରସାର ହୋଇପାରିବ ବୋଲି ପ୍ରକାଶ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକେ ସଂସ୍କୃତ ପଢିବାକୁ ଅନ୍ୟ ସ୍ଥାନ ଉପରେ ନିର୍ଭର କରି ନିରାଶ ହେଉଥିଲେ । ତାହା ଏବେ କୋରାପୁଟ ଜଗନ୍ନାଥ ମନ୍ଦିର ପରିସରରେ ମିଳିବାକୁ ଯାଉଛି । ଏଥିପାଇଁ ଅବିଭକ୍ତ କୋରାପୁଟ ସହ ପଡୋଶୀ ଆନ୍ଧ୍ର ଓ ଛତିଶଗଡ଼ବାସୀ ଖୁସି ପ୍ରକଟ କରିଛନ୍ତି । ଆଗାମୀ କିଛିଦିନ ମଧ୍ୟରେ ଏହି ସଂସ୍କୃତ ବିଦ୍ୟାପୀଠରୁ କର୍ମକାଣ୍ଡ ଓ ପୌରହିତ୍ୟ ସହ ଯୋଗ ବିଜ୍ଞାନରେ ସ୍ନାତକୋତ୍ତର, ଡିପ୍ଲୋମା ଭଳି ଏକ ବର୍ଷିଆ ପାଠ୍ୟକ୍ରମ ଆରମ୍ଭ କରାଯିବା ନେଇ ଏକ ଦୁଇଦିନିଆ କର୍ମଶାଳାର ଆୟୋଜନ କରାଯାଇଛି । ଏହି କର୍ମଶାଳା ମାଧ୍ୟମରେ ସଂସ୍କୃତ ବିଦ୍ୟାପୀଠର ଆଭିମୁଖ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବ । ପ୍ରଥମ ବର୍ଷ ଯୋଗ ବିଜ୍ଞାନ ଓ ପୌରହିତ୍ୟ ଏବଂ କର୍ମକାଣ୍ଡ ବିଷୟରେ ଶିକ୍ଷାଦାନ ଆରମ୍ଭ ହେବାକୁ ଥିବା ବେଳେ ଏହି କୋର୍ସର ଅବଧି ଏକ ବର୍ଷ ରହିବ ବୋଲି ଜଣାପଡିଛି । ଉଭୟ ପାଠ୍ୟକ୍ରମ ପାଇଁ ୨୫ଜଣ ଶିକ୍ଷାର୍ଥୀ ଆଡ଼ମିଶନ ନେଇଛନ୍ତି । ଏହି ପାଠ୍ୟକ୍ରମ ପାଇଁ ସାଧାରଣ ବର୍ଗ ଶିକ୍ଷାର୍ଥୀଙ୍କ ପାଇଁ ୭ ହଜାର ଟଙ୍କା, ଏସ୍‌ସି/ଏସ୍‌ଟି ଶିକ୍ଷାର୍ଥୀଙ୍କ ୩୫୦୦ ଟଙ୍କା ଫି ରଖାଯାଇଥିବା ବେଳେ ଦିବ୍ୟାଙ୍ଗ ଶ୍ରେଣୀର ଶିକ୍ଷାର୍ଥୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି କର୍ମଶାଳାରେ ମାଣ୍ଡିଆ ରାଣୀ ଡ. ରାଇମତି ଘେଉରିଆ, ଆୟୁର୍ବେଦିକ ବୈଦ୍ୟ ହରି ପାଙ୍ଗି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ



ପାପଡାହାଣ୍ଡି,୧୬।୧(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଶୁକ୍ରବାର ପାପଡାହାଣ୍ଡି ବ୍ଲକ୍ ଗସ୍ତ କରିଥିଲେ । ସେ ପାପଡାହାଣ୍ଡି ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିବା ସହ ତଦାରଖ କରିଥିଲେ । ଜିଲ୍ଲାପାଳଙ୍କ ସହ ପାପଡାହାଣ୍ଡି ବିଡ଼ିଓ କପିଳଦେବ ସାହୁ ଉପସ୍ଥିତ ଥିଲେ । ଏହି ସମୟରେ ସେ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦିଲି ଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ତଦାରଖ କରିଥିଲେ । କାର୍ଯ୍ୟର ଅଗ୍ରଗତି ନେଇ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ପ୍ରକଳ୍ପର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ସମୟରେ ଆରଡବ୍ଲୁଏସଏସ ଏସସି ପ୍ରତୀକ ରାଉତ, ଏସଡ଼ିଓ ବିବେକ ରଞ୍ଜନ ବେହେରା, ଜେଇ ଲିଙ୍ଗରାଜ ପଣ୍ଡା, ଟିମ୍ ଲିଡ଼ର ବିକାଶ ରଞ୍ଜନ ଦାସ ଓ ଜିଭିପିଆର କମ୍ପାନୀର ପ୍ରତୀକ ଦାସ, ସୁରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କୁନ୍ଦୁରା ବ୍ଲକ୍ ସଭାପତି ହେଲେ ବୃନ୍ଦା ମଲିକ

କୁନ୍ଦୁରା, ୧୬।୧ (ସମିସ): ବିଜୁ ଜନତା ଦଳ ତାର ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ମଜବୁତ କରିବା ପାଇଁ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଜାରି ରଖିଛି ।



ଏହି ଅବସରରେ କୁନ୍ଦୁରା ବ୍ଲକରେ ମଧ୍ୟ ଏହି ପ୍ରକ୍ରିୟା ଜରିଆରେ ବ୍ଲକ ସଭାପତି ଭାବେ ଚୟନ ଶେଷ ହୋଇଛି । ବରିଷ୍ଠ ନେତା ବୃନ୍ଦାବନ ମଲିକଙ୍କୁ ସଭାପତି ଭାବେ ସର୍ବ ସହମତି କ୍ରମେ ଚୟନ କରାଯାଇଛି । ସୂଚନା ଥାଉକି, ଶ୍ରୀ ମଲିକ ପୂର୍ବରୁ ଏକାଧିକ ଥର ବ୍ଲକ ବିଜେଡି ସଭାପତି ଦାୟିତ୍ୱ ତୁଲାଇଛନ୍ତି । ସେ କୋଟପାଡ଼ ବିଧାୟକ ପ୍ରତିନିଧି ଏବଂ ନବରଙ୍ଗପୁର ସାଂସଦ ପ୍ରତିନିଧି ଭାବେ ମଧ୍ୟ ସୁଚାରୁ ରୂପେ ନିଜ ଦାୟିତ୍ୱ ସମ୍ପନ କରିଛନ୍ତି । ଏଣୁ ପୁଣି ଥରେ ଦଳ ତାଙ୍କୁ ବ୍ଲକ ସଭାପତି ଭାବେ ଚୟନ କରିଛି ।

## ୭ଶହ ମିଟର ରାସ୍ତାକୁ ବିତିଲାଣି ୭ ମାସ

# ୯ ମାସ ହେବ ରାସ୍ତା ଖୋଳି ଛାଡ଼ି ଦେଇଛି ଆର୍‌ଏଣ୍ଡବି : ମୁରଲୀ କ୍ରିଷ୍ଣା

ନବରଙ୍ଗପୁର,୧୬।୧(ସମିସ):

ନବରଙ୍ଗପୁର ଜିଲ୍ଲା ସଦର ମହକୁମା ଅର୍ଥାତ୍ ପୌର ପରିଷଦ ଅନ୍ତର୍ଗତ ୫ନମ୍ବର୍ ୱାର୍ଡ ନୂଆଁବନ୍ଧ ସାହି ରାସ୍ତା ଅବସ୍ଥା ଅତି ଶୋଚନୀୟ । ସହର ମଧ୍ୟଭାଗ ନୂଆଁବନ୍ଧ ସାହି ଦେଇ ଯାଇଛି ଏକ ଆର୍ ଏଣ୍ଡ ବି ବିଭାଗର ରାସ୍ତା । ଯାହାକି ୨୬ ନମ୍ବର ଜାତୀୟ ରାଜପଥ ବା ସହର ମଧ୍ୟଭାଗଠାରୁ ନନ୍ଦାହାଣ୍ଡି ବ୍ଲକ୍, ତେନ୍ତୁଳିଖୁଣ୍ଟି ବ୍ଲକ୍ ଦେଇ ଇନ୍ଦ୍ରାବତୀ ଖାତୀ ଗୁଡା ଦେଇ ଇନ୍ଦ୍ରାବତୀ ଡ୍ୟାମକୁ ସଂଯୋଗ କରୁଛି । ଏହି ରାସ୍ତା ଉପରେ ସହର ତଥା ସହର ବାହାର ଶତାଧିକ ଲୋକଙ୍କ ନିର୍ଭର । କାରଣ ଏହି ରାସ୍ତା ଦେଇ ହିଁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ଜନସାଧାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ,ମହାବିଦ୍ୟାଳୟ ,ଉଚ୍ଚ ବିଦ୍ୟାଳୟ ,ଜିଲ୍ଲା ମୁଖ୍ୟ ଅଦାଲତ ସହିତ ବିଭିନ୍ନ ଜିଲ୍ଲା ସ୍ତରୀୟ ବିଭାଗୀୟ କାର୍ଯ୍ୟାଳୟକୁ ଯାଇଥାନ୍ତି । ଏଭଳି ସ୍ଥଳେ ଆର୍‌ଏଣ୍ଡବି ବିଭାଗର ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ସାଧାରଣରେ ବହୁ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ସୂଚନା ପ୍ରକାରେ ଏହି ରାସ୍ତା କାର୍ଯ୍ୟ ବିଭାଗ ପକ୍ଷରୁ ଗତ ୨୦୨୫ ଏପ୍ରିଲ ଠାରୁ ଆରମ୍ଭ କରିବା ସହିତ ସାହିର ପ୍ରତ୍ୟେକ ଘରର ମୁଖ୍ୟ ଦ୍ୱାରର ପାହାଚ ସବୁ ଭଙ୍ଗା ଯାଇ ଡ୍ରେନ ନିର୍ମାଣ କରାଯାଇଥିଲା । ସେହି ଡ୍ରେନ ନିର୍ମାଣ କାର୍ଯ୍ୟ ମଧ୍ୟ ସମୁଦାୟ ପାଖାପାଖି ୭ଶହ ମିଟର ହେବାକୁ ଥିବା ବେଳେ ବିଭାଗ ମାତ୍ର ୨୫୦ ମିଟର କାର୍ଯ୍ୟ କରି ଅଧ ପନ୍ତରିଆ ଭାବରେ ଛାଡ଼ି ଦେଇଛି । ରାସ୍ତା ମଧ୍ୟ ଖୋଳି ଛାଡ଼ି ଦିଆଯାଇଛି । ଫଳରେ ସାହି ବାସିନ୍ଦା ସହିତ ବହୁ ଜନସାଧାରଣ ଏବଂ ରୋଗୀଙ୍କ ଯିବା ଆସିବାରେ ବହୁ ଅସୁବିଧା ହେଉଛି । ଏନେଇ ବାରମ୍ବାର ବିଭାଗକୁ ଲିଖିତ ଓ ମୌଖିକ ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ ବିଭାଗ କୌଣସି କର୍ଣ୍ଣପାତ କରିଲା ନାହିଁ । ଯାହା ଫଳରେ ନିରାଶ ହୋଇ ଅନ୍ୟ କୌଣସି ଉପାୟ ନ ପାଇ ଶେଷରେ ରାସ୍ତା



ମଝିରେ ବସି ରାସ୍ତା ରୋକ କରିଥିଲେ ସାହି ବାସିନ୍ଦା ବୋଲି ୫ ନମ୍ବର୍ ୱାର୍ଡ କାଉନସିଲର ମୁରଲୀ କ୍ରିଷ୍ଣା କହିଛନ୍ତି । ସାହି ବାସିନ୍ଦାଙ୍କ ପକ୍ଷରୁ ଦୀର୍ଘ ସମୟ ରାସ୍ତାରୋକ ପରେ ଆର୍‌ଏଣ୍ଡ ବି ବିଭାଗର ଏସ୍‌ଡିଓ ଏବଂ ଯନ୍ତ୍ରୀ ମନୋରଞ୍ଜନ ସାହୁ ପହଞ୍ଚି ଏହି କାର୍ଯ୍ୟ କେବେ ଠାରୁ ସମ୍ପୂର୍ଣ୍ଣ ହୋଇସାରନ୍ତାଣି, କେବଳ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ହୋଇପାରୁ ନାହିଁ ବୋଲି କହିଥିଲେ । ଆଗାମୀ ଅଳ୍ପ ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସାହି ବାସିନ୍ଦାଙ୍କ ସହିତ କଥା ହୋଇ ବହୁ ବୁଝାସୁଝା କରିବା ସହିତ ନୂତନ ଟେଣ୍ଡରର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସରିଛି ଚଳିତ ବର୍ଷ ଫେବୃୟାରୀ ମାସ ୨୦ ତାରିଖ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଯନ୍ତ୍ରୀ ମନୋରଞ୍ଜନ ସାହୁ ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିବା କହିଛନ୍ତି ୫ନମ୍ବର୍ ୱାର୍ଡ କାଉନସିଲର ମୁରଲୀ କ୍ରିଷ୍ଣା । ଏହି ରାସ୍ତାରୋକ ସମୟରେ ସାହିର ନାରାୟଣ ପଣ୍ଡା , ଉମା ପାତ୍ର , ମଦନ ପାତ୍ର , ସାନୁଜ କୁମାର ପାତ୍ର ,ମହେଶ୍ୱର ବେବର୍ତ୍ତା, କିଶାନ, କାମେଶ୍ୱର୍ ରାଓ ଏବଂ ସିଏଚସୁରୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ସାହି ବାସିନ୍ଦା ଯୋଗ ଦେଇଥିଲେ ।

● ପଥରକୁଣ୍ଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# ପୁନରୁଦ୍ଧାର ପାଇଁ ଖର୍ଚ୍ଚହେବ ୧୦ କୋଟି



ଆନନ୍ଦପୁର,୧୬।୧(ସମିସ): ଚାଷଜମିକୁ ଜଳସେଚନ ପାଇଁ ସରକାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି; ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଆନନ୍ଦପୁର ପୌରାଞ୍ଚଳ ଶୈଳଙ୍ଗ ହୁଡ଼ି ନିକଟରେ ଥିବା ପଥରକୁଣ୍ଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବହୁବର୍ଷ ହେଲା କାମରେ ଆସୁନି। ବର୍ଷର ୮ ମାସ ପ୍ରକଳ୍ପ ଶୁଖିଲା ପଡୁଥିବାରୁ ଚାଷଜମିକୁ ପାଣି ମାଡୁନି। ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ପ୍ରାୟ ୧୦ କୋଟି (୯.୯) ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ୪୫ ବର୍ଷ ତଳେ ଶୈଳଙ୍ଗ ପାହାଡ଼ ନିକଟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପାହାଡ଼ରୁ ଖସି ଆସୁଥିବା ପାଣିକୁ ଗଚ୍ଛିତ ରଖି ଚାଷଜମିକୁ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରକଳ୍ପରେ ସ୍ଲୁଇସ୍ ଗେଟ୍ ଓ କେନାଲ ନିର୍ମାଣ ହୋଇଥିଲା। ନିର୍ମାଣ ପରଠାରୁ ଏହା କୌଣସି କାମରେ ଆସୁନାହିଁ। କମ୍ ଗଭୀର ହୋଇଥିବାରୁ ଆବଶ୍ୟକ ପାଣି ସଂରକ୍ଷିତ ରହିପାରୁ ନାହିଁ। ସ୍ଲୁଇସ୍ ଗେଟ୍ ମଧ୍ୟ ଠିକ୍‌ରେ କାମ କରୁନି। ଜାନୁଆରୀ ବେଳକୁ ପ୍ରକଳ୍ପରେ ଆଉ ପାଣି ରହୁ ନଥିବା ନେଇ ସ୍ଥାନୀୟ ବାସିନ୍ଦା ଭାଗୀରଥି ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ନିକଟରେ ଥିବା ଶୈଳଙ୍ଗ ପାହାଡ଼ରେ ବିଶ୍ୱଗୁରୁ ବାୟାବାବାଙ୍କ ସାଧନାପୀଠ ସ୍ମାରକୀରେ ବର୍ଷତମାମ ଭିଡ଼ ଦେଖିବାକୁ ମିଳୁଛି। ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଗଲେ ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ ବୋଲି ସ୍ଥାନୀୟ ଯୁବକ ସତ୍ୟନାରାୟଣ ସାହୁ କହିଛନ୍ତି। ବିଳମ୍ବରେ ହେଲେ ମଧ୍ୟ ବିଭାଗ ପକ୍ଷରୁ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି। ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସେଠୀ କହିଛନ୍ତି, ଓସିସିକୁ ବ୍ୟୟ ଅଟକଳ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୯.୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ଇତିମଧ୍ୟରେ ୪ ଥର ଟେଣ୍ଡର କରାଯାଇଥିଲେ ବି ବାତିଲ ହୋଇଯାଉଛି। ଆବେଦନ କରୁଥିବା ଠିକାଦାରମାନେ ବିଶ୍ୱବ୍ୟାଙ୍କ ନିୟମାବଳୀକୁ ପୂରା କରୁନଥିବାରୁ ଟେଣ୍ଡର ବାତିଲ ହେଉଛି। ପୁଣିଥରେ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ହେଲା ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଧାନ ବସ୍ତା ମଜୁରି ନେଇ ମଣ୍ଡିରେ ଅଚଳାବସ୍ଥା

# ଖୋଲାମେଲା ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ




ତେଲକୋଇ, ୧୬।୧(ସମିସ): ଚାଷୀଙ୍କୁ ଧାନକୁ ସୁରୁଖୁରୁରେ ଉଠାଇବା ପାଇଁ ସରକାର ପ୍ରଶାସନ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଇଥିବା ବେଳେ ଅବ୍ୟବସ୍ଥା ଯୋଗୁଁ ଧାନ ମଣ୍ଡିରେ ବ୍ୟାଘାତ ସୃଷ୍ଟି ହୋଇଛି। ଧାନ ବସ୍ତା ବୋହୁଥିବା ଶ୍ରମିକ ଓ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କ ମଧ୍ୟରେ ଧାନ ବସ୍ତା ବୋହା ମଜୁରୀକୁ ନେଇ କଥା କଟାକଟି ହୋଇଥିଲା। ଫଳରେ ବସ୍ତା ବୋହିବାକୁ

### ଧାନ ବିକ୍ରିରେ ଚାଷୀ ହଟହଟା

ଅଚଳାବସ୍ଥା ଦେଖାଦେଇଛି। ଫଳରେ ଧାନ କିଣା ଆରମ୍ଭରୁ କେନ୍ଦୁଝର ଜିଲ୍ଲାରେ ପରିସ୍ଥିତି ଅସ୍ୱାଭାବିକ ଆଡ଼କୁ ଗତି କରୁଛି। ଆଗାମୀ ଦିନରେ ଏହି ଅବ୍ୟବସ୍ଥା ଆହୁରି ଜଳ ଜଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏପଟେ ଶହ ଶହ ଚାଷୀ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସି ହଟହଟା ହେଉଛନ୍ତି। ଖୋଲାମେଲାରେ ଶହ ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଛି। ଏନେଇ ତେଲକୋଇ ସମବାୟ ସମିତିରେ ଶୁକ୍ରବାର ଧାନ କିଣାରେ ଆସିଥିବା ଶ୍ରମିକମାନେ ମଜୁରୀକୁ ନେଇ ଅସନ୍ତୁଷ୍ଟ ହେବା ସହିତ କାର୍ଯ୍ୟ ଛାଡ଼ି ଚାଲି ଯାଇଥିଲେ। ଯାହାଫଳରେ ଶୁକ୍ରବାର ସମବାୟ ସମିତିରେ ଧାନକିଣା ଠପ୍ ହୋଇପଡ଼ିଛି। ସମବାୟ ସମିତି ପରିଚାଳକ ଯେତେ ବୁଝାସୁଝା କରିବା ପରେ ମଧ୍ୟ ଶ୍ରମିକ ମାନେ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି। ତେବେ ପ୍ରକାଶ ଥାଉକି, ମଣ୍ଡିରେ ବସ୍ତା ବୋହିବାକୁ ନେଇ ଗୋଟିଏ ବସ୍ତା ପିଛା ସମିତି ଶ୍ରମିକ ମଜୁରୀ ଭାବେ ୫ ଟଙ୍କା ୫୦ ପଇସା ଦେଉଥିବା ବେଳେ ଚାଷୀ ମାନେ ବସ୍ତା ପିଛା ୧ ଟଙ୍କା ଦେବାର ସ୍ଥିର ହୋଇଥିଲା। ଏହିକ୍ରମରେ ଚଳିତ ବର୍ଷ ଧାନ କିଣା ମଧ୍ୟ ବଳବତ୍ତର ରହିଥିଲା। ଆଜି ଏହି ମଜୁରୀକୁ ନେଇ କେତେ ଜଣ ଚାଷୀ ଓ ଶ୍ରମିକଙ୍କ ମଧ୍ୟରେ ମୂଳଚାଲ ହୋଇଥିଲା। ଅଙ୍କ ଅଛିଣ୍ଡା ରହିଥିଲା। ଯାହାକୁ ନେଇ ବଚସା ସୃଷ୍ଟି ହେବା ସହିତ ମଜୁରୀ ବଢ଼ିବାକୁ ନେଇ କାର୍ଯ୍ୟ ବନ୍ଦ କରିଥିଲେ ସମୂହ ଶ୍ରମିକମାନେ। ତେବେ ଏହି ଧାନ କିଣା ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଧାନ କିଣା ପ୍ରକ୍ରିୟା କିଭଳି ସୁରୁଖୁରୁରେ ଚାଲିବ ସେନେଇ ସମିତି ପରିଚାଳକ ଯତ୍ନବାନ ହେବାକୁ ଦାବି ହୋଇଛି।

## ସ୍ୱାମୀର ମାଡ଼ରେ ସ୍ତ୍ରୀ ମୃତ; ଅଭିଯୁକ୍ତ ଗିରଫ

ତେଲକୋଇ, ୧୬।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ବନବିହାରୀପୁର ଜୁଆଙ୍ଗସାହିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀର ବିଧା ଗୋଇଠା ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମା ଜୁଆଙ୍ଗ (୩୦)। ଖବର ପାଇ ତେଲକୋଇ ପୁଲିସ ମୃତଦେହକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଅଭିଯୁକ୍ତ ହେଲା ହୃଷୀକେଶ ଜୁଆଙ୍ଗ (୩୨)। ତେବେ ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ମକର ପର୍ବ ଉପଲକ୍ଷେ ନିକଟସ୍ଥ ଅଞ୍ଚଳରେ ମେଳା ମହୋତ୍ସବ ଅନୁଷ୍ଠିତ ହେଉଥିଲା। ଗୁରୁବାର ମେଳା ଦେଖି ଯିବା ପାଇଁ ଅର୍ଥକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସନ୍ଧ୍ୟା ସମୟରେ ଅଭିଯୁକ୍ତ ସ୍ୱାମୀ ପତ୍ନୀ ପଦ୍ମାଙ୍କୁ ପିଟାମରା କରିବା ସହିତ ଘରୁ ବାହାର କରିଦେଇଥିଲା। ପଦ୍ମା ମୁମୂର୍ଷୁ ଅବସ୍ଥାରେ ଘରୁ ବାହାରି ଆସି ନିକଟସ୍ଥ ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ସକାଳେ ଗଛ ମୂଳରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ମହିଳାଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ତେଲକୋଇ ପୁଲିସ ୧୬/୨୬ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଛି।

## କୁଶଳେଶ୍ୱର ମହାବିଦ୍ୟାଳୟ ଇତିହାସ ବିଭାଗର ପାଠଚକ୍ର



ଆନନ୍ଦପୁର, ୧୬।୧ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକ ପାଠଚକ୍ର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ବିଭାଗୀୟ ମୁଖ୍ୟ ଡ.ବିଜୟ କୁମାର ସାହୁ ବରେଣ୍ୟ ଅତିଥିଙ୍କର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇତିହାସ ସମ୍ମାନ ବିଭାଗର ତୃତୀୟ ବର୍ଷ ଛାତ୍ରୀ ଶୁଭଶ୍ରୀ ସାହୁ ପାଠଚକ୍ରର ବିଷୟ "ଶ୍ରୀ ଜଗନ୍ନାଥ ସଂସ୍କୃତି' ସମ୍ପର୍କରେ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ଚେତନା ଗବେଷଣା କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଗବେଷକ ପ୍ରଦୀପ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ପ୍ରଫେସର ରମାକାନ୍ତ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଇତିହାସ ବିଭାଗର ପ୍ରାଧ୍ୟାପକ ଭବାନୀ ଶଙ୍କର ରାଉତ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସାହୁ ଜାତୀୟ ତଥା ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଭବାନୀ ପ୍ରସାଦ ବଳ, ଅମରେନ୍ଦ୍ର ମିଶ୍ର, କ୍ଷେତ୍ରବାସୀ ସୋରେନ, ଗଣେଶ ହେମ୍ବ୍ରମ, ଅଧ୍ୟାପିକା କାଦମ୍ବିନୀ ଜେନା, ଅଳକା ପାଢ଼ୀ, ଲିପିରାଣୀ ସାହୁ, ପ୍ରୀତି ପରମିତା ପୃଷ୍ଟି, ଲିପିସ୍ମିତା ସାହୁ, ଅନିତା ସା, ବିଜୟ କୁମାର ଚକ୍ର ମଙ୍ଗୁଳି ଚରଣ ସାହୁ ଉପସ୍ଥିତ ଥିଲେ। ଇତିହାସ ବିଭାଗ ଅଧ୍ୟାପକ ଦାମୋଦର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟବ୍ରତ ସାହୁ, ଲିଜାରାଣୀ ସାହୁ, ବର୍ଷାରାଣୀ ଜେନା, ଦେବସ୍ମିତା କେଶୀ, ଲିଜା ସାହୁ, ସତ୍ୟବ୍ରତ ଯେନା, ଓମପ୍ରକାଶ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସର୍ବଭାରତୀୟ ମା'ମଙ୍ଗଳା କପ୍ କ୍ରିକେଟ

ଆନନ୍ଦପୁର, ୧୬।୧ (ସମିସ): ଘସିପୁରା ବ୍ଲକ ପଡ଼ିଆଠାରେ ଚାଲିଥିବା ସର୍ବଭାରତୀୟ ମା' ମଙ୍ଗଳା କପ କ୍ରିକେଟ ଟୁର୍ନାମେଣ୍ଟରେ ଭଦ୍ରକକୁ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ଟୁକୁନା ସାହୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ଅଶୋକ କୁମାର ରାଉତ ଓ ସୁନୀଲ ସ୍ୱାଇଁ ସ୍କୋରର ଭାବେ ଖେଳରେ ସହଯୋଗ କରିଥିଲେ। ମନୋରଞ୍ଜନ ଦାଶ, ସମ୍ବିତ କୁମାର ଜେନା ଜନ୍ମେଜୟ ଦାଶ ମାନସ ସାହୁ, ଦାମୋଦର ସାହୁ, ତୋଫାନ ସାହୁ, ଚିନ୍ମୟ ନାୟକ, ରାଜେଶ ପଣ୍ଡିତ, ଉଜ୍ଜଳ ସେନାପତି, ସତ୍ୟଜିତ ଜେନା ରାଜମଙ୍ଗଲ ନାୟକ ସାହିର ଖାନ, ରାଜକିଶୋର ପେରେଇ, ବାପୁନ, ଦେବ, ବବୁଲ, ସାଇ ଶୁଭଙ୍କର ପାଢ଼ୀ, ଶୁଭଙ୍କର, ମୁନା ସୁରେଶ ସାହୁ ରମେଶ ସାହୁ, ବୁଲୁ ପଟ୍ଟନାୟକ, ତାପସ ପଢିଆରୀ ଖେଳ ପରିଚାଳନା କରିଥିଲେ।




## ବ୍ୟବସାୟୀଙ୍କ ପରଲୋକରେ ଶୋକ



ଯୋଡ଼ା, ୧୬।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୪ ନମ୍ବର ୱାର୍ଡରେ ବସବାସ କରୁଥିବା ଧର୍ମପରାୟଣ ତଥା ଜଣାଶୁଣା ବ୍ୟବସାୟୀ ଦୁଃଶାସନ ସାହୁଙ୍କ ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣ ବ୍ୟକ୍ତି, ଦୃଢ଼ ନେତୃତ୍ୱ, ମେଳାପୀ, ହୃଦୟବାନ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପ୍ରସାର ହେବା ପରେ ପାର୍ଥିବ ଶରୀର ଦର୍ଶନ ପାଇଁ ଯୋଡ଼ା ସହରର ନାମୀଦାମୀ ଲୋକଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକଙ୍କ ସୁଅ ଛୁଟିଥିଲା। ଯୋଡ଼ା ସହରର ପ୍ରସିଦ୍ଧ ଲକ୍ଷ୍ମୀପୂଜାର ଉଦ୍ୟୋକ୍ତା ଥିବାବେଳେ ତାଙ୍କ ପ୍ରଚେଷ୍ଟାରେ ଯୋଡ଼ାଠାରେ ଲକ୍ଷ୍ମୀ ମା'ଙ୍କ ଏକ ଭବ୍ୟ ମନ୍ଦିର ନିର୍ମିତ ହୋଇ ପାରିଛି। ଧନୀ ଗରିବ ସମସ୍ତ ବ୍ୟକ୍ତିଙ୍କୁ ସେ ଭଲ ପାଉଥିବା ବେଳେ ସର୍ବଦା ଲୋକଙ୍କୁ ସାହାଯ୍ୟ କରୁଥିଲେ। ଶେଷ ମୁହୂର୍ତ୍ତରେ ଭୁବନେଶ୍ୱରସ୍ଥିତ ଆପୋଲୋ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦେହ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କ ବଡ଼ପୁଅ ଯୋଡ଼ା ପୌରାଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ, ମଝିଆ ପୁଅ ବିଶିଷ୍ଟ ଶିଳ୍ପପତି ତଥା ଖଣି ମାଲିକ ଶ୍ରୀନିବାସ ସାହୁ ଓ ପରିବାରବର୍ଗ ସମସ୍ତେ ଉପସ୍ଥିତ ଥିଲେ। ଭୁବନେଶ୍ୱରରୁ ପ୍ରଥମେ ତାଙ୍କ ପାର୍ଥିବ ଶରୀରକୁ ଜନ୍ମମାଟି କାଳିକା ପ୍ରସାଦ ଗ୍ରାମକୁ ନେଇଥିଲେ। ପରେ ଯୋଡ଼ା ଅଣାଯାଇଥିଲା। ପୁଣି ଭୁବନେଶ୍ୱରଠାରେ କିଛି ସମୟ ଶେଷ ଦର୍ଶନ ପାଇଁ ରଖାଯାଇ ପୁରୀ ଅନ୍ତିମ ଯାତ୍ରା ସ୍ୱର୍ଗଦ୍ୱାର ନିମନ୍ତେ ବାହାରିଥିଲା। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ପୁତ୍ର, ପୁତ୍ରବଧୂ ନାତିନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ତରିମୂଳ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୬।୧ (ସମିସ): ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ପତି ସଭାପତିତ୍ୱରେ ଆହୂତ ବୈଠକରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦପୁର ଶରତ କୁମାର ରାଉତ, ମୁଖ୍ୟବକ୍ତା ଭାବରେ ବରିଷ୍ଠ କବି ଓ ଶିକ୍ଷାବିତ୍ ଶ୍ରୀକାନ୍ତ ପଟ୍ଟନାୟକ, ବରେଣ୍ୟ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରୈଲୋଚନ ସାହୁ, ବିଶେଷ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ, ହରିଚନ୍ଦନପୁର ପ୍ରଦୀପ କୁମାର ଚକ୍ର ଓ ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟି ସଭାପତି ରାଜୀବ ଲୋଚନ ରାଉତ ଓ ପ୍ରାକ୍ତନ ବରିଷ୍ଠ ହିନ୍ଦୀ ଶିକ୍ଷକ ନରହରି ପାଣିଗ୍ରାହୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହ ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ବ୍ରଜକିଶୋର ସାହୁ, କାଦମ୍ବିନୀ ବଳ, ଶୁଭଶ୍ରୀ ରାଉତ, କିରନଜ୍ୟୋତି ପଣ୍ଡିତ, ଧର୍ମପ୍ରିୟା ବେହେରା, ଦାଶରଥି ଦେହୁରୀ, ଦିଲ୍ଲୀପ କୁମାର ରାଉତ, ମମତା ରାଉତ, ଦୀପ୍ତିମୟୀ ସାହୁ, ରଘୁନାଥ ଟୁଡୁ, ସୁଶାନ୍ତ ରାଉତ, ପ୍ରମିଳା ଜେନା, କୁଳମଣି ବଳ ଓ ସୁଧିର କୁମାର ବଳ ସହଯୋଗ କରିଥିଲେ।

## କାଳୀ ପଡ଼ିଆରେ ମିଶନ ଶକ୍ତି ସ୍ୱଦେଶୀ ମେଳା

# ୩୦ ଜିଲ୍ଲାରୁ ୧୬୦ ଏସ୍‌ଏଚ୍‌ଜି ସାମିଲ



କେନ୍ଦୁଝର, ୧୬।୧(ସମିସ): କେନ୍ଦୁଝର କାଳୀ ପଡ଼ିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା ତଥା ସ୍ୱଦେଶୀ ମେଳା ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ ସାଂସଦ ଅନନ୍ତ ଚରଣ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ମେଳାରେ ୩୦ ଜିଲ୍ଲାର ୧୬୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିବାବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମେତ ୨୪ଟି ସରକାରୀ ବିଭାଗ ସାମିଲ ଅଛନ୍ତି। ମେଳାରେ ୧୬ଟି ପାରମ୍ପରିକ ଖାଦ୍ୟ ଷ୍ଟଲ ମୁଖ୍ୟ ଆକର୍ଷଣ ରହିଛି। ମେଳା ଆସନ୍ତା ୨୧ ପର୍ଯ୍ୟନ୍ତ ଚାଲିବ। ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ପାଇଁ ନୂତନ ବଜାର ଓ ବ୍ୟବସାୟ ସୃଷ୍ଟି କରି ଅର୍ଥନୀତିକୁ ନୂତନ ଗତି ଦେବା ଲକ୍ଷ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ୩୦ ଜିଲ୍ଲାର ପ୍ରତିନିଧିତ୍ୱ ରହିଛି।

ମେଳାକୁ ଉଦଘାଟନ କରି ସାଂସଦ ଶ୍ରୀ ନାୟକ ଅପରେସନ ସିନ୍ଦୂର ଉଦାହରଣ ଦେଇ କହିଲେ ଯେ ବିଦେଶୀ ଶକ୍ତି ଆମ ଦେଶରେ ବ୍ୟବସାୟ କରି ଆମରି ଟଙ୍କାରେ ଆମ ବିରୋଧରେ ଅସ୍ତ୍ର ପ୍ରୟୋଗ କରୁଛନ୍ତି। ତେଣୁ ଆମେ ସମସ୍ତେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ ଯାହାଦ୍ୱାରା ଦେଶ ଆତ୍ମନିର୍ଭର ହେବା ସହ ଆମ ଅର୍ଥନୀତି ସୁଦୃଢ଼ ହୋଇପାରିବ। ସାଂସଦ ଶ୍ରୀ ନାୟକ ଉପସ୍ଥିତ ମା'ମାନଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଶପଥ ପାଠ କରାଇଥିଲେ। ଉତ୍ସବରେ ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉଦଘାଟନ ସମାରୋହରେ ଜିଲ୍ଲାପାଳ ବିଶାଳ ସିଂ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଓ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବେଶ ଅନୁକୂଳ ଶିକ୍ଷା ସଚେତନତା

ଆନନ୍ଦପୁର, ୧୬।୧ (ସମିସ): ଘସିପୁରା ବ୍ଲକର ଖାଲିଆମେଣ୍ଟା ଧନେଇ ବିଦ୍ୟାପୀଠରେ ବ୍ଲକସ୍ତରୀୟ ସଶକ୍ତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ମେଧା ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପରିବେଶ ଅନୁକୂଳ ଶିକ୍ଷା ଏବଂ ଜୀବନଶୈଳୀ ସମ୍ପର୍କିତ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୋସନାମୟୀ ବରାଳ ସଭାପତିତ୍ୱ କରିଥିଲେ। ସହକାରୀ ଜିଲ୍ଲା ସହକାରୀ ଅଧିକାରୀ ପ୍ରକାଶ ବେହେରା, ବିଜେପି ନେତା ଦେବ ଜେନା, ବ୍ଲକ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା ସହକାରୀ ଅଧିକାରୀ ହାଡ଼ିବନ୍ଧୁ ସାହୁ ସରପଞ୍ଚ ବୃନ୍ଦାବନ ଜେନା ପରିଚାଳନା ସଭାପତି ବିଭୁତି ଜେନା ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଖଣି ପ୍ରଭାବିତ ୪ ପଞ୍ଚାୟତ ସହ ଚମ୍ପୁଆ ଏନ୍‌ଏସିର ବିକାଶ ଅବହେଳିତ



ଚମ୍ପୁଆ, ୧୬।୧(ସମିସ): ଖଣି ପ୍ରଭାବିତ ହେଉଥିଲେ ମଧ୍ୟ ଖଣିଜ ପାଣ୍ଠି ଅନୁଦାନରୁ ବଞ୍ଚିତ ରହିଛି ଚମ୍ପୁଆ ଏନଏସି। ଏହାସହ ଚମ୍ପୁଆ ବ୍ଲକର ଚାରି ପଞ୍ଚାୟତ ମଧ୍ୟ ଅବହେଳିତ ହୋଇ ରହିଛନ୍ତି। ମୌଳିକ ସୁବିଧା ସୁଦ୍ଧା ଏହି ଅଞ୍ଚଳକୁ ଯୋଗାଇ ଦିଆଯାଉନାହିଁ। ସ୍ଥାନୀୟ ଲୋକ ସ୍ୱର ଉଠାଇଥିବା ବେଳେ ଏନେଇ ପଞ୍ଚାୟତ ଓ ଏନଏସିକୁ ଡିଏମଏଫରେ ସାମିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏହାସହିତ ଜିଲ୍ଲାପାଳଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଖଣିଜ ସହର ଯୋଡ଼ା ଓ ବଡବିଲ ସହର

### ମିଳୁନି ଡିଏମ୍‌ଏଫ୍ ଅନୁଦାନ

ବର୍ତ୍ତମାନ ଧୂଳିଧୂଆଁର ସହର ପାଲଟି ଯାଇଥିବାବେଳେ ଏହାର ପ୍ରଭାବ ଚମ୍ପୁଆ ସହର ଉପରେ ପଡୁଛି। ୪ଟି ପଞ୍ଚାୟତର ଛାତି ଉପରେ ଯାଇଥିବା ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଟନ ଖଣିଜ ପରିବହନ ଟ୍ରକ ଓ ଟ୍ରେଲର ଯୋଗେ ପରିବହନ କରାଯାଉଛି। ବର୍ଷର ୩୬୫ ଦିନ ଏହି ପଞ୍ଚାୟତ ଓ ଏନଏସିବାସୀ ଧୂଳିଧୂଆଁରେ ପ୍ରଭାବିତ ହେଉଥିଲେ ମଧ୍ୟ ଜିଲ୍ଲା ଖଣିଜ ପାଣ୍ଠି ଅଧୀନରେ ଏହା ସାମିଲ ନ ହେବା ପରିତାପର ବିଷୟ ପାଲଟିଛି। ସୂଚନା ଅନୁସାରେ, ଖଣି ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନ ବ୍ୟବହାର କରାଯାଇ ବିଭିନ୍ନ ଆନୁଷଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟ କରାଯିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଖଣି ଦ୍ୱାରା ସୃଷ୍ଟି ହେଉଥିବା ଧୂଳି ଓ ଧୂଆଁ ଦ୍ୱାରା ଚମ୍ପୁଆ ବ୍ଲକର ପାର୍ଶଲା, ରିମୁଳି, ରଳିଆ ଓ କାଳିକାପ୍ରଶାଦ ପଞ୍ଚାୟତ ସମେତ ଚମ୍ପୁଆ ଏନଏସି ମଧ୍ୟ ପ୍ରଭାବିତ ହେଉଥିଲେ ମଧ୍ୟ ଖଣିଜ ପାଣ୍ଠି ଅଧୀନରେ ସାମିଲ ହୋଇପାରିନାହିଁ। ଅନ୍ୟ ପକ୍ଷରେ ଆକାଶ ପଥରେ ଖଣି ଅଞ୍ଚଳ ଏହି ପଞ୍ଚାୟତ ଓ ଏନଏସିଠାରୁ ୧୦ କିମି ଦୂର ହୋଇଥିବା ଏବଂ ଖଣି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣି ନଦୀ ଚମ୍ପୁଆର ଲାଇଫ ଲାଇନ କୁହାଯାଉଥିବା ବେଳେ ଏହା ମଧ୍ୟ ପ୍ରଭାବିତ ହେଉଛି। ମାତ୍ର ଏହି ପ୍ରଭାବିତ ଅଂଚଳ ଖଣିଜ ପାଣ୍ଠି ଅନୁଦାନରୁ କିପରି ବଞ୍ଚିତ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବୈତରଣୀ ବାମତଟ ବନ୍ୟାସୁରକ୍ଷା କାର୍ଯ୍ୟରେ ଅନିୟମିତତା



ହାଟଡ଼ିହୀ,୧୬।୧(ସମିସ): ବୈତରଣୀ ବାମତଟ ବନ୍ୟା ସୁରକ୍ଷା କାର୍ଯ୍ୟରେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ବଞ୍ଚୋ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିଡୋଭଠାରୁ ଶିବନାରାୟଣପୁର ପର୍ଯ୍ୟନ୍ତ ବୈତରଣୀ ନଦୀର ବାମପାର୍ଶ୍ୱରେ ପଥର ପ୍ୟାକିଂ ସହ ବନ୍ୟାସୁରକ୍ଷା ପାଚେରି ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ନିର୍ମାଣ କାର୍ଯ୍ୟଟି ଆରମ୍ଭ ପୂର୍ବରୁ ସବିଶେଷ ବିବରଣୀକୁ ନେଇ କୌଣସି ସୂଚନା ଫଳକ ଲାଗି ନଥିବା ଦେଖିବାକୁ ମିଳିଛି। ଏଥିସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ତଦାରଖ ଅଭାବ ଯୋଗୁଁ ନିର୍ମାଣ କାର୍ଯ୍ୟରେ ନିଶ୍ଚିତ ଭାବେ ଅନିୟମିତତା ହେଉଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଥର ପ୍ୟାକିଂ ଓ ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟର ମାନ ଏବଂ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣାଧୀନ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମଣ କୁମାର ମାରାଣ୍ଡିଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ କଲ୍ ଗ୍ରହଣ କରି ନଥିଲେ। ଏଭଳି ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବା ସହ ଏହାର ତଦନ୍ତ କରାଇବା ଏବଂ କାର୍ଯ୍ୟର ମାନ ଉପରେ ସଠିକ୍ ତଦାରଖ କରାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।